ଧରିତ୍ରୀ
DHARITRI

ସମ୍ବଲପୁର, ରବିବାର, ଜୁଲାଇ ୧୮/୨୦୨୧ (୧୨ ପୃଷ୍ଠା+ଛୁଟିଦିନ) | Sambalpur, Sunday, July 18/2021 | ★★

୧୭ଶ ଭାଗ ୨୧୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ₹୭/-



## ଏସି ମିଲାନରେ ଯୋଗଦେଲେ ଗିରୋଡ୍

ଫ୍ରାନ୍ସର ଭେଟେରାନ ଷ୍ଟ୍ରାଇକର ଅଲିଭର ଗିରୋଡ ଚେଲ୍‌ସି ଦଳ ପରିତ୍ୟାଗ କରି ୟୁରୋପିଆନ କପ୍ ବିଜେତା ଏସି ମିଲାନରେ ଯୋଗଦେଇଛନ୍ତି।

୧୨

୧୦

## ପ୍ରେମରେ ହାତ କାଟିଦେଇଥିଲେ ସୈଫ୍

ଅଭିନେତ୍ରୀ କରିନା କପୁରଙ୍କ ପ୍ରେମରେ ପଡ଼ିବା ପରେ ହାତ କାଟି ଦେଇଥିଲେ ଅଭିନେତା ସୈଫ୍ ଅଲ୍ଲୀ ଖାନ୍।





ତୈଳ ଦର ବୃଦ୍ଧି ପ୍ରତିବାଦରେ ଶନିବାର ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଯୁବ କଂଗ୍ରେସ ପକ୍ଷରୁ ଏକ ବାଇକ୍‌କୁ କୋକେଇରେ ରଖାଯାଇ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି ।

# ୩ ମେଗା ପାନୀୟ ଜଳ ପ୍ରକଳ୍ପକୁ କ୍ୟାବିନେଟ୍ ମଞ୍ଜୁରୀ

## ଖର୍ଚ୍ଚ ହେବ ୧୪୪୯ କୋଟି ଟଙ୍କା

ଭୁବନେଶ୍ୱର,୧୭।୭(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଭର୍ଚୁଆଲ ମାଧ୍ୟମରେ ଶନିବାର ଅନୁଷ୍ଠିତ ହୋଇଯାଇଛି ରାଜ୍ୟ କ୍ୟାବିନେଟର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ। ଏଥିରେ ୧୫ ପ୍ରସ୍ତାବକୁ ଅନୁମୋଦନ କରାଯାଇଛି। ସେଥିମଧ୍ୟରେ ରହିଛି ୩ ମେଗା ପାନୀୟ ଜଳ ପ୍ରକଳ୍ପକୁ ମଞ୍ଜୁରୀ। ରାଜ୍ୟ ସରକାର ଗ୍ରାମାଞ୍ଚଳରେ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବାକୁ ପ୍ରାଥମିକତା ଦେଇ ଆସୁଛନ୍ତି। ଏଥିପାଇଁ ସରକାର ଓଡ଼ିଶା ଖଣିଜ ଅଞ୍ଚଳ ଉନ୍ନୟନ ନିଗମ (ଓଏମ୍‌ବିଏଡିସି), ଜିଲା ଖଣିଜ ଫାଉଣ୍ଡେଶନ (ଡିଏମ୍‌ଏଫ୍) ଏବଂ ଜଳ ଜୀବନ ମିଶନ(ଜେଜେଏମ୍) ଜରିଆରେ ସୁନ୍ଦରଗଡ଼, କଟକ ଜିଲା ପାଇଁ ୧୪୪୯ କୋଟି ଟଙ୍କାର ୩ ମେଗା ପାନୀୟ ଜଳ ପ୍ରକଳ୍ପକୁ କ୍ୟାବିନେଟ ଅନୁମୋଦନ କରିଛି। ଏହି ପ୍ରକଳ୍ପ ଦ୍ୱାରା ୩ ଜିଲାର ୧୪ ବ୍ଲକ ଅଧୀନ ୮୭୮ ଗ୍ରାମର ୯ ଲକ୍ଷ ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦିଆଯିବ। ୨ ବର୍ଷ ମଧ୍ୟରେ ଉକ୍ତ ପ୍ରକଳ୍ପ କାର୍ଯ୍ୟକାରୀ କରିବାକୁ ଲକ୍ଷ୍ୟ ରଖାଯାଇଛି।

ଓଏମ୍‌ବିଏଡିସି ଯୋଜନାରେ ସୁନ୍ଦରଗଡ଼ ଜିଲାରେ ଗୋଟିଏ ବୃହତ୍ ଗ୍ରାମ୍ୟ ପାନୀୟ ଜଳ ପ୍ରକଳ୍ପକୁ କାର୍ଯ୍ୟକାରୀ କରାଯିବ। ଏହାର ଟେଣ୍ଡରକୁ କ୍ୟାବିନେଟ ଅନୁମୋଦନ କରିଛି। ଏହି ପ୍ରକଳ୍ପ ଦ୍ୱାରା ଜିଲାର ୪ ବ୍ଲକ ଅଧୀନ ୪୯ ପଞ୍ଚାୟତର ୧୯୫ ଗ୍ରାମରେ ରହୁଥିବା ପ୍ରାୟ ୨,୫୯,୬୧୭ ଲୋକଙ୍କୁ ନିରାପଦ ପାନୀୟ ଜଳ ଯୋଗାଇ ଦିଆଯିବ। ☞ପୃଷ୍ଠା-୪

## ଓସ୍ୱାନ ପାଇଁ ୩୩୨ କୋଟି

ଭୁବନେଶ୍ୱର,୧୭।୭(ବ୍ୟୁରୋ)

ରାଜ୍ୟ ସରକାର ଓଡ଼ିଶା ଷ୍ଟେଟ୍ ୱାଇଡ୍ ଏରିଆ ନେଟ୍‌ୱାର୍କ(ଓସ୍ୱାନ)କୁ ଅପ୍‌ଗ୍ରେଡ୍ କରିବେ। ୩୩୨.୦୯ କୋଟି ଟଙ୍କାର ଏହି ଅପଗ୍ରେଡେଶନ ପ୍ରକଳ୍ପକୁ ଶନିବାର ରାଜ୍ୟ କ୍ୟାବିନେଟ ବୈଠକରେ ଅନୁମୋଦନ କରାଯାଇଛି।

ରାଜ୍ୟକୁ ଏକ ମୌଳିକ ସୂଚନା ପ୍ରଯୁକ୍ତି ବିଦ୍ୟା ଭିତ୍ତିଭୂମି ଯୋଗାଇଦେବା ପାଇଁ ଓସ୍ୱାନ ଏକ ଉଚ୍ଚାଭିଳାଷୀ ପ୍ରକଳ୍ପ, ଯାହା ତଥ୍ୟ, ଭିଡିଓ ଏବଂ ଭଏସ୍ ଟ୍ରାଫିକ ପରିବହନ ପାଇଁ ବ୍ୟବହାର କରାଯାଇଥାଏ। ରାଜ୍ୟ ମଧ୍ୟରେ ଆନ୍ତଃ ବିଭାଗୀୟ ଯୋଗାଯୋଗ ତଥା ତଥ୍ୟ ବଣ୍ଟନକୁ ଏହା ସହଜ ☞ପୃଷ୍ଠା-୪

## ପୁଣି ୩୦ ପଇସା ବଢ଼ିଲା ପେଟ୍ରୋଲ



ଭୁବନେଶ୍ୱର/ନୂଆଦିଲ୍ଲୀ,୧୭।୭

ଦିନକର ବିରତି ପରେ ପୁଣି ଥରେ ପେଟ୍ରୋଲ ଦର ବଢ଼ିଛି। ମହାମାରୀ ବେଳେ ତେଲ ଦର ବୃଦ୍ଧିକୁ ନେଇ ଦେଶବ୍ୟାପୀ ବିକ୍ଷୋଭ ଚାଲିଥିବା ବେଳେ ଶନିବାର ପେଟ୍ରୋଲ ୩୦ ପଇସା ବଢ଼ିଛି। ଫଳରେ ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୨.୬୬ ଟଙ୍କା ଛୁଇଁଛି। ଗତ ୧୧ ସପ୍ତାହ ମଧ୍ୟରେ ଭୁବନେଶ୍ୱରରେ ପେଟ୍ରୋଲ ଉପରେ ୧୧.୫୪ ଟଙ୍କା ଏବଂ ଡିଜେଲ ୯.୯୭ ଟଙ୍କା ବୃଦ୍ଧି ଘଟିଲାଣି ବୋଲି ଉତ୍କଳ ପେଟ୍ରୋଲିୟମ ଡିଲର ଆସୋସିଏଶନ ପକ୍ଷରୁ ସୂଚନା ଦିଆଯାଇଛି।

ଦେଶର ପ୍ରମୁଖ ତୈଳ ବିପଣନ କମ୍ପାନୀ ଇଣ୍ଡିଆନ ଅଏଲ କର୍ପୋରେଶନ ଲିମିଟେଡ୍ (ଆଇଓସିଏଲ୍) ର ସୂଚନା ଅନୁସାରେ ଶନିବାର ଭୁବନେଶ୍ୱରରେ ପେଟ୍ରୋଲ ୩୦ ପଇସା ବଢ଼ିଥିବା ବେଳେ ଡିଜେଲ ଦର ସ୍ଥିର ରହିଛି। ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**କଟକଣା କ୍ଷତି କଲା**

# ୨୬ରୁ ସ୍କୁଲ ଖୋଲିବ

## ଦଶମ, ଦ୍ୱାଦଶ ଶ୍ରେଣୀ ପାଠ ପଢ଼ାଯିବ

ଭୁବନେଶ୍ୱର, ୧୭।୭(ବ୍ୟୁରୋ)

କରୋନା କଟକଣା ଭିତରେ ସ୍କୁଲ ଖୋଲିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଆସନ୍ତା ୨୬ ତାରିଖରୁ ଦଶମ ଓ ଦ୍ୱାଦଶ ପିଲା ଶ୍ରେଣୀଗୃହରେ ବସି ପାଠପଢ଼ିବେ। ଏନେଇ ବିଦ୍ୟାଳୟ ଓ ଗଣଶିକ୍ଷା ସଚିବ ସତ୍ୟବ୍ରତ ସାହୁ ଶନିବାର ସୂଚନା ଦେଇଛନ୍ତି। ଏଥିସହ ସ୍କୁଲ ଖୋଲିବା ନେଇ ବିଭାଗ ପକ୍ଷରୁ କୋଭିଡ୍ ନିୟମାନୁଯାୟୀ ବିସ୍ତୃତ ମାର୍ଗଦର୍ଶିକା ଜାରି କରାଯାଇଛି। ଏହା ସମସ୍ତ ସରକାରୀ ଓ ଘରୋଇ ବିଦ୍ୟାଳୟ ପାଇଁ ଲାଗୁ ହେବ ବୋଲି ସେ କହିଛନ୍ତି। ସକାଳ ୧୦ଟାରୁ ଅପରାହ୍ନ ୧ଟା ୩୦ ଯାଏ ପାଠପଢ଼ା ଚାଲିବ। ଖେଳଛୁଟି ହେବ ନାହିଁ। ପିଲା ଘରେ ଯାଇ ଖାଇପାରିବେ। ରବିବାର ଓ ସମସ୍ତ ସରକାରୀ ଛୁଟି ଦିନରେ ସ୍କୁଲ ବନ୍ଦ ରହିବ। ଯେଉଁ ସ୍କୁଲରେ ମାଟ୍ରିକ ପରୀକ୍ଷା ସେଣ୍ଟର ହେଉଛି, ସେଠାରେ ପରୀକ୍ଷା ପରେ ଖୋଲିବ। ସ୍କୁଲକୁ ଆସିବା ପିଲାଙ୍କ ପାଇଁ ଇଚ୍ଛାଧୀନ ରହିବ। ପିଲାମାନେ ଅଭିଭାବକଙ୍କ ସହ ଆଲୋଚନା କରି ସ୍କୁଲକୁ ଆସିପାରିବେ। ସ୍କୁଲ ଖୋଲିବା ନିଷ୍ପତ୍ତି ସ୍ଥଳ ବିଶେଷରେ ଜିଲାପାଳଙ୍କ ଉପରେ ନ୍ୟସ୍ତ ରହିବ। ଯଦି କେଉଁଠି କରୋନା ସଂକ୍ରମଣ ବଢ଼ିବ, ସେଠାରେ ଜିଲାପାଳ ପଦକ୍ଷେପ ନେଇପାରିବେ। ତେବେ ଅନ୍ୟ ଶ୍ରେଣୀଗୁଡ଼ିକରେ ପୂର୍ବପରି ଅନ୍‌ଲାଇନ ପାଠପଢ଼ା ଚାଲୁ ରହିବ ବୋଲି ସଚିବ ସାହୁ କହିଛନ୍ତି।

ସେ କହିଛନ୍ତି, ଦଶମ ଓ ଦ୍ୱାଦଶ ଶ୍ରେଣୀର ଛାତ୍ରୀଛାତ୍ରମାନେ ବିଭିନ୍ନ ସର୍ବଭାରତୀୟ ପରୀକ୍ଷା ଯଥା ଜେଇଇ/ଏନ୍‌ଇଇଟି/ସିଏଲ୍‌ଏଟି ଆଦିର ପ୍ରସ୍ତୁତି ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିପରି ଦଶମ ଓ ଦ୍ୱାଦଶ ବୋର୍ଡ ପରୀକ୍ଷା ପାଇଁ ପାଠପଢ଼ାର ଆବଶ୍ୟକତା ରହିଛି। ଅନ୍‌ଲାଇନ ଶିକ୍ଷାଦାନର ବ୍ୟବସ୍ଥା ହୋଇଥିଲେ ମଧ୍ୟ ଓଡ଼ିଶାର ସବୁ ଅଞ୍ଚଳରେ ଏହି ଶିକ୍ଷାଦାନ ବ୍ୟବସ୍ଥା ପହଞ୍ଚିବା କଷ୍ଟକର ହୋଇପଡୁଛି। ଆମେ ଅନ୍‌ଲାଇନ୍ ପାଠପଢ଼ା ମାଧ୍ୟମରେ ମାତ୍ର ୪୦% ପିଲାଙ୍କ ପାଖରେ ପହଞ୍ଚିପାରିଛୁ। ଗତବର୍ଷ ଏହି ପିଲାମାନେ ୧୫୦ଦିନ ଶିକ୍ଷାଦାନ ଦିବସ ହରାଇ ସାରିଛନ୍ତି। ତେଣୁ ବିଭିନ୍ନ ଦିଗକୁ ଦୃଷ୍ଟିରେ ରଖି ସରକାର ଦଶମ ଓ ଦ୍ୱାଦଶ ଶ୍ରେଣୀ ଖୋଲିବା ପାଇଁ ନିଷ୍ପତ୍ତି ନେଇଛନ୍ତି।

- ପୂର୍ବାହ୍ନ ୧୦ରୁ ଅପରାହ୍ନ ୧ଟା ୩୦ ପର୍ଯ୍ୟନ୍ତ ପାଠପଢ଼ା
- ସ୍କୁଲ ଆସିବା ପିଲାଙ୍କ ଇଚ୍ଛାଧୀନ ରହିବ
- ଜିଲାପାଳ ନେଇପାରିବେ ନିଷ୍ପତ୍ତି
- ସବୁ ଶିକ୍ଷକଙ୍କୁ ପ୍ରାଥମିକ ଭିତ୍ତିରେ ଟିକାଦାନ
- ଅଗଷ୍ଟ ୧୬ରୁ ନବମ, ସେପ୍ଟେମ୍ବର ୧୫ ପରେ ଖୋଲିପାରେ ଏକାଦଶ

ପିଲାମାନେ ହ୍ରାସ ହୋଇଥିବା ୭୦% ସିଲାବସ୍ ପଢ଼ି ବୋର୍ଡ ପରୀକ୍ଷା ପାଇଁ ପ୍ରସ୍ତୁତ ହେବେ। ସ୍କୁଲ ଖୋଲିବାର ଏକ ସପ୍ତାହ ପୂର୍ବରୁ ବିଦ୍ୟାଳୟକୁ ପରିଷ୍କାର ପରିଚ୍ଛନ୍ନ କରାଯିବ ଏବଂ ପିଲାଙ୍କର ବସିବା ପାଇଁ କୋଭିଡ୍ ନିର୍ଦ୍ଦେଶାବଳୀ ଅନୁସାରେ ନିର୍ଦ୍ଦିଷ୍ଟ ସ୍ଥାନ ନିରୂପଣ କରାଯିବ। ଶିକ୍ଷକମାନଙ୍କୁ ପ୍ରାଥମିକତା ଭିତ୍ତିରେ ଟିକାଦାନ କରାଯିବ। ଏ ସଂକ୍ରାନ୍ତରେ ସମସ୍ତ ଜିଲା ଶିକ୍ଷାଧିକାରୀଙ୍କୁ ☞ପୃଷ୍ଠା-୪

## ସିବିଏସ୍‌ଇ ଢାଞ୍ଚାରେ ନବମ, ଦଶମ ପରୀକ୍ଷା

ଭୁବନେଶ୍ୱର, ୧୭।୭(ବ୍ୟୁରୋ)

ଏଣିକି କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍‌ଇ) ଢାଞ୍ଚାରେ ନବମ ଓ ଦଶମ ପିଲାଙ୍କ ପରୀକ୍ଷା ହେବ। ଏଭଳି ପନ୍ଥା ଆପଣାଇଛି ରାଜ୍ୟ ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ)। ରାଜ୍ୟରେ ଯଦି କୋଭିଡ୍ କଟକଣା କିମ୍ବା ଅନ୍ୟ କୌଣସି କାରଣରୁ ବିଦ୍ୟାଳୟ ବନ୍ଦ ରୁହେ, ତେବେ ପରିଷଦ ପକ୍ଷରୁ ନବମ ଓ ଦଶମ ଶ୍ରେଣୀ ପାଇଁ ଏହି ବ୍ୟବସ୍ଥା ଅନୁସାରେ ପରୀକ୍ଷା କରାଯିବ। ଶିକ୍ଷାବର୍ଷ-୨୦୨୧ ଜୁଲାଇରୁ ଆରମ୍ଭ ହୋଇ ୨୦୨୨ ଏପ୍ରିଲରେ ଶେଷ ହେବ। ଏହି ସମୟରେ ସିବିଏସ୍‌ଇ ଭଳି ୪ଟି ଫର୍ମେଟିଭ୍ ଆସେସମେଣ୍ଟ ଓ ୨ଟି ସମେଟିଭ୍ ଆସେସମେଣ୍ଟ ହେବ। ୪ଟି ଫର୍ମେଟିଭ୍ ଆସେସ୍‌ମେଣ୍ଟ ସେପ୍ଟେମ୍ବର ଦ୍ୱିତୀୟ ସପ୍ତାହ, ନଭେମ୍ବର ପ୍ରଥମ ସପ୍ତାହ, ଜାନୁୟାରୀ ଦ୍ୱିତୀୟ ଓ ମାର୍ଚ୍ଚ ଦ୍ୱିତୀୟ ସପ୍ତାହରେ ଅନୁଷ୍ଠିତ ହେବ। ଏହି ପରୀକ୍ଷା ଶ୍ରେଣୀ ☞ପୃଷ୍ଠା-୪

# ଅକ୍ଟୋବରରୁ ୟୁଜି, ପିଜି ପ୍ରଥମବର୍ଷ ପାଠପଢ଼ା

ଭୁବନେଶ୍ୱର, ୧୭।୭(ବ୍ୟୁରୋ)

କରୋନା ସଙ୍କଟ ଭିତରେ କଲେଜ ଓ ବିଶ୍ୱବିଦ୍ୟାଳୟରେ ପାଠପଢ଼ା ଆରମ୍ଭ ହେବ। ଏନେଇ ୟୁଜିସି ୨୦୨୧-୨୨ ଶିକ୍ଷାବର୍ଷ ପାଇଁ ଗାଇଡ୍‌ଲାଇନ୍ ଜାରି କରିବା ସହ ଅପ୍‌ଡେଟ୍ ଏକାଡେମିକ କ୍ୟାଲେଣ୍ଡର ମଧ୍ୟ ପ୍ରକାଶ କରିଛି। ନୂତନ ଶିକ୍ଷାବର୍ଷରେ ନାମ ଲେଖା ଓ ପରୀକ୍ଷା ତାରିଖ ମଧ୍ୟ ଘୋଷଣା କରାଯାଇଛି। ଅଣ୍ଡର ଗ୍ରାଜୁଏଟ(ୟୁଜି) ଓ ପୋଷ୍ଟ ଗ୍ରାଜୁଏଟ୍ (ପିଜି) ପାଠ୍ୟକ୍ରମରେ ନାମଲେଖା ସେପ୍ଟେମ୍ବର ୩୦ ସୁଦ୍ଧା ସରିବ। ଅକ୍ଟୋବର ୧ରୁ ପାଠପଢ଼ା ଆରମ୍ଭ ହେବ। ଏଥିପାଇଁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଯଥାଶୀଘ୍ର ବ୍ୟବସ୍ଥା କରିବାକୁ ୟୁଜିସି କହିଛି। ସ୍ଥାନୀୟ ଅଞ୍ଚଳର ସଂକ୍ରମଣ ସ୍ଥିତିକୁ ଦେଖି କ୍ଲାସ ଅନ୍‌ଲାଇନ୍ କିମ୍ବା ଅଫ୍‌ଲାଇନରେ ଆରମ୍ଭ କରାଯାଇପାରିବ। ଜୁଲାଇ ୩୧ ପୂର୍ବରୁ ଯୁକ୍ତ୨ ପରୀକ୍ଷା ଫଳ ପ୍ରକାଶ ପାଇବ। ଯଦି ଯୁକ୍ତ୨ ପରୀକ୍ଷା ଫଳ ପ୍ରକାଶନରେ ବିଳମ୍ବ ହୁଏ, ତେବେ ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକ ଅକ୍ଟୋବର ୧୮ରୁ ନୂଆ ଶିକ୍ଷାବର୍ଷ ଆରମ୍ଭ କରିପାରନ୍ତି ବୋଲି ଗାଇଡ୍‌ଲାଇନ୍‌ରେ ଉଲ୍ଲେଖ କରାଯାଇଛି।

ସେହିପରି ଶେଷବର୍ଷ ପରୀକ୍ଷା ଅଗଷ୍ଟ ୩୧ ସୁଦ୍ଧା ସାରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହା ବ୍ୟତୀତ ସେପ୍ଟେମ୍ବର ୩୦ ସୁଦ୍ଧା ନାମଲେଖା ପ୍ରକ୍ରିୟା ଶେଷ କରିବାକୁ କୁହାଯାଇଥିବାବେଳେ ଅକ୍ଟୋବର ୩୧ ତାରିଖ ସୁଦ୍ଧା ବଳକା ସିଟ୍ ପାଇଁ

**ଗାଇଡ୍‌ଲାଇନ୍ ଜାରି କଲା ୟୁଜିସି**

ନାମଲେଖା ସାରିବାକୁ କୁହାଯାଇଛି। କରୋନା ସଂକ୍ରମଣ ପାଇଁ ଦେଶର ଏକାଧିକ କଲେଜ ଓ ବିଶ୍ୱବିଦ୍ୟାଳୟ ୨୦୨୦-୨୧ ଶିକ୍ଷାବର୍ଷ ଶେଷ ପରୀକ୍ଷା ଏଯାଏ କରିନାହାନ୍ତି। ତେବେ ୟୁଜିସି ଶେଷବର୍ଷ ପରୀକ୍ଷାକୁ ଯେମିତି ହେଲେ ଆୟୋଜନ କରିବାକୁ କହିଛି। ଏହି ପରୀକ୍ଷା ଉଭୟ ଅଫ୍‌ଲାଇନ କିମ୍ବା ଅନ୍‌ଲାଇନରେ କରାଯାଇପାରିବ। ପରୀକ୍ଷା ସମୟରେ ସମସ୍ତେ କୋଭିଡ୍ ଗାଇଡ୍‌ଲାଇନ ପାଳନ କରିବାକୁ ବାଧ୍ୟତାମୂଳକ କରାଯାଇଛି।

# ଖରା, ପବନରେ ମିଳାଇଯିବ ପ୍ଲାଷ୍ଟିକ୍

ବେଜିଂ, ୧୭।୭

ପରିବେଶ ପ୍ରଦୂଷଣର ପ୍ରମୁଖ କାରଣ ପାଲଟିଛି ପ୍ଲାଷ୍ଟିକ୍ ସାମଗ୍ରୀର ବହୁଳ ବ୍ୟବହାର। ନଷ୍ଟ ହେବା ପାଇଁ ଶହ ଶହ ବର୍ଷ ଲାଗିଯାଉଥିବାରୁ ପ୍ଲାଷ୍ଟିକ୍ ବର୍ଜ୍ୟ ସମଗ୍ର ଜୀବଜଗତକୁ ବିପଦମୁହଁକୁ ଠେଲି ଦେଇଛି। ଏହା ଭିତରେ ପ୍ଲାଷ୍ଟିକ୍ ୱେଷ୍ଟେଜ୍ ବିରୋଧୀ ଲଢ଼େଇକୁ ଦମ୍ଭ ଦେଇଛି ବୈଜ୍ଞାନିକଙ୍କ ନୂଆ ଉଦ୍ଭାବନ। ଚାଇନା ଗବେଷକମାନେ ପରିବେଶ ଅନୁକୂଳ ପ୍ଲାଷ୍ଟିକ୍ ମ୍ୟାଟେରିଆଲ ବିକାଶ କରିଛନ୍ତି, ଯାହା କି ସୂର୍ଯ୍ୟାଲୋକ ଏପରି କି ପବନରେ ମଧ୍ୟ ନଷ୍ଟ ହୋଇପାରିବ। ଭୂପୃଷ୍ଠରେ ପ୍ଲାଷ୍ଟିକ୍ ଆବର୍ଜନା କମାଇବାରେ ବୈଜ୍ଞାନିକଙ୍କ ଏହି ନୂଆ ଉଦ୍ଭାବନ ପରିବେଶ ସୁରକ୍ଷା ଦିଗରେ ବଡ଼ ଭୂମିକା

**ବୈଜ୍ଞାନିକଙ୍କ ନୂଆ ଉଦ୍ଭାବନ**



ନିଭାଇବ ବୋଲି ଆଶା ଉଜ୍ଜ୍ୱଳ ହୋଇଛି।

ପ୍ଲାଷ୍ଟିକ ବିପଦରୁ ମୁକୁଳିବାକୁ ଦିଗ ମିଳିଛି। ପୃଥିବୀ ଉପରେ ପ୍ଲାଷ୍ଟିକ୍ ବର୍ଜ୍ୟର ପ୍ରଭାବ କମ୍ କରିବାକୁ ଚାଇନାର ହୁଆଜୋଙ୍ଗ୍ ୟୁନିଭର୍ସିଟି ଅଫ୍ ସାଇନ୍ସ ଆଣ୍ଡ ଟେକ୍ନୋଲୋଜିର ବୈଜ୍ଞାନିକମାନେ ରାସ୍ତା ଖୋଜି ପାଇଛନ୍ତି। ଏଭଳି ଏକ ମ୍ୟାଟେରିଆଲ ବିକଶିତ ହୋଇଛି, ଯେଉଁଥିରୁ ତିଆରି ହେଉଥିବା ପ୍ଲାଷ୍ଟିକ୍ ସାମଗ୍ରୀ ବ୍ୟବହାର ପରେ ଫିଙ୍ଗିବା ଫଳରେ ତାହା ସପ୍ତାହେ ମଧ୍ୟରେ ସୂର୍ଯ୍ୟାଲୋକ ଓ ଅମ୍ଳଜାନ ସଂସ୍ପର୍ଶରେ ଆସି ବାଷ୍ପୀଭୂତ ବା ମିଳେଇ ଯାଇପାରିବ। ଉନ୍ନତ କେମିକାଲ ସେନ୍‌ସର ଉପରେ ଗବେଷଣାବେଳେ ଗବେଷକମାନେ ଏକ ପଲିମର(ଏକାଧିକ ମନୋମରରୁ ଗଠିତ) ଫିଲ୍ମ ପ୍ରସ୍ତୁତ କରିଛନ୍ତି, ଯାହାକି ପିଏଚ୍ ସ୍ତର ଅନୁସାରେ ନିଜର ରଙ୍ଗ ପରିବର୍ତ୍ତନ କରିପାରିବ। ଏହି ପଦାର୍ଥର ସ୍ୱତନ୍ତ୍ର ଆଣବିକ ଗଠନ ତଥା ମନୋମର (ଏକ ପ୍ରକାର କ୍ଷୁଦ୍ର ଅଣୁ) ମଧ୍ୟରେ ଥିବା ରସାୟନିକ ଶୃଙ୍ଖଳ ଯୋଗୁ ଲାଲ୍ ରଙ୍ଗର ପଲିମର ଫିଲ୍ମ ଖରା ସଂସ୍ପର୍ଶରେ ଆସିବା ପରେ ଏହା ମଧ୍ୟରେ ଥିବା ମଲିକ୍ୟୁଲାର ବଣ୍ଡ୍ ଭାଙ୍ଗିଯିବ ଏବଂ ତାହା ଧୀରେ ଧୀରେ ମିଳେଇବାକୁ ଲାଗିବ। ଖରା ଓ ଅମ୍ଳଜାନ ସଂସ୍ପର୍ଶରେ ରହିବା ପରେ ସପ୍ତାହେ ମଧ୍ୟରେ ତାହା ନଷ୍ଟ ☞ପୃଷ୍ଠା-୪



**ୟୁପିରେ କାଉଡ଼ିଆ ଯାତ୍ରା ବାତିଲ**

କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ଉତ୍ତରପ୍ରଦେଶ ସରକାର ରାଜ୍ୟରେ କାଉଡ଼ିଆ ଯାତ୍ରାକୁ ଶନିବାର ବାତିଲ କରିଛନ୍ତି। କାଉଡ଼ିଆ ଯାତ୍ରାର ନିଷ୍ପତ୍ତିର ପୁନର୍ବିଚାର କରିବା ପାଇଁ ଶୁକ୍ରବାର ସୁପ୍ରିମକୋର୍ଟ ଯୋଗୀ ଆଦିତ୍ୟନାଥ ସରକାରଙ୍କୁ ପରାମର୍ଶ ଦେଇଥିଲେ। ସୋମବାର ସୁଦ୍ଧା ସରକାର ନିଷ୍ପତ୍ତି ନ ନେଲେ କୋର୍ଟ ନିର୍ଦ୍ଦେଶନାମା ଜାରି କରିବେ ବୋଲି କହିଥିଲେ। ପୂର୍ବରୁ ଉତ୍ତରାଖଣ୍ଡ ସରକାର ଏହି ଯାତ୍ରାକୁ ବାତିଲ କରିଥିଲେ।

## ସଂକ୍ଷେପରେ

### ଇସ୍‌ଲାମାବାଦରେ ଆଫଗାନ ରାଷ୍ଟ୍ରଦୂତଙ୍କ ଝିଅ ଅପହୃତ

**କାବୁଲ, ୧୭।୭:** ପାକିସ୍ତାନରେ ଆଫଗାନିସ୍ତାନର ରାଷ୍ଟ୍ରଦୂତ ଥିବା ନାଜିବୁଲ୍ଲା ଅଲିଖିଲ୍‌ଙ୍କ ଝିଅଙ୍କୁ ଶୁକ୍ରବାର ଇସ୍‌ଲାମାବାଦରୁ କେତେଜଣ ଦୁର୍ବୃତ୍ତ ଅପହରଣ କରିନେଇ ନିର୍ଯାତନା ଦେଇଥିବା ଅଭିଯୋଗ ହୋଇଛି। ଆଫଗାନିସ୍ତାନ ବହିର୍ବ୍ୟାପାର ମନ୍ତ୍ରଣାଳୟର ସୂଚନା ଅନୁଯାୟୀ ସିଲ୍‌ସିଲା ଅଲିଖିଲ୍ (୨୬) ଜିନା ସୁପର ମାର୍କେଟରୁ ଘରକୁ ଫେରୁଥିବାବେଳେ ତାଙ୍କୁ ଅପହରଣ କରାଯାଇଥିଲା। ଅପହରଣକାରୀମାନେ ଛାଡ଼ିବା ପରେ ସିଲ୍‌ସିଲାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏଭଳି ଜଘନ୍ୟ କାର୍ଯ୍ୟକୁ ଆଫଗାନ୍ ସରକାର ନିନ୍ଦା କରିବା ସହ ପାକିସ୍ତାନରେ ଥିବା ସେମାନଙ୍କ କୂଟନୀତିଜ୍ଞ ଓ ପରିବାର ସଦସ୍ୟମାନଙ୍କ ସୁରକ୍ଷା ଏବଂ ନିରାପତ୍ତାକୁ ନେଇ ଚିନ୍ତାବ୍ୟକ୍ତ କରିଛନ୍ତି। ଅନ୍ତର୍ଜାତୀୟ ଚୁକ୍ତି ଓ ପ୍ରତିବଦ୍ଧତା ଅନୁଯାୟୀ କୂଟନୀତିଜ୍ଞ ଏବଂ ସେମାନଙ୍କ ପରିବାର ସଦସ୍ୟଙ୍କ ସୁରକ୍ଷା ସୁନିଶ୍ଚିତ କରିବା ଲାଗି ପାକିସ୍ତାନ ସରକାର ତୁରନ୍ତ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ଆଫଗାନିସ୍ତାନ ଆହ୍ୱାନ ଦେଇଛି।

### ହେଲିକପ୍ଟର ଦୁର୍ଘଟଣାଗ୍ରସ୍ତ



**ଭୋପାଳ, ୧୭।୭:** ମଧ୍ୟପ୍ରଦେଶର ସାଗର ସହରରେ ଶନିବାର ଅପରାହ୍ଣରେ ଏକ ପ୍ରଶିକ୍ଷଣ ହେଲିକପ୍ଟର ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ କେହି ମୃତାହତ ହୋଇନାହାନ୍ତି। ତାଲିମ ନେଉଥିବା ପାଇଲଟ ଜଣକ ସୁରକ୍ଷିତ ରହିଥିବା ଜଣାପଡ଼ିଛି। ସାଗରର ଧନା ଅଞ୍ଚଳରେ ଥିବା ଚିମ୍‌ସ ଆଭିଏଶନ ଏକାଡେମୀରେ ଏହି ଦୁର୍ଘଟଣା ହୋଇଛି। ଘଟଣାସ୍ଥଳକୁ ଏକ ତଦନ୍ତକାରୀ ଟିମ୍ ପଠାଯାଇଥିବା ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ କହିଛନ୍ତି।

### ଚତୁର୍ଥ ଥର ରାଷ୍ଟ୍ରପତି ହେଲେ ଅସାଦ



**ଡମାସକସ୍, ୧୭।୭:** ଯୁଦ୍ଧ ପ୍ରଭାବିତ ସିରିଆର ରାଷ୍ଟ୍ରପତି ଭାବେ ଚତୁର୍ଥ ଥର ପାଇଁ ଶନିବାର ଶପଥ ଗ୍ରହଣ କରିଛନ୍ତି ବଶାର ଅଲ୍ ଅସାଦ। ଗତ ମେ'ରେ ହୋଇଥିବା ନିର୍ବାଚନକୁ ବିରୋଧୀ ଦଳ ଓ ପାଶ୍ଚାତ୍ୟ ଦେଶଗୁଡ଼ିକ ବେଆଇନ ବୋଲି ଦର୍ଶାଇଥିଲେ ହେଁ ଆସନ୍ତା ୭ ବର୍ଷ ପାଇଁ ଅସାଦ ରାଷ୍ଟ୍ରପତି ରହିବେ। ୨୦୦୦ ମସିହାଠାରୁ କ୍ଷମତା ରହିବା ସତ୍ତ୍ୱେ ଅସାଦଙ୍କ ସମୟରେ ସିରିଆ ୧୦ ବର୍ଷ ହେଲା ଯୁଦ୍ଧରେ ନଷ୍ଟଭ୍ରଷ୍ଟ ହୋଇଛି ଏବଂ ଅର୍ଥନୀତି ଭୁଶୁଡ଼ି ପଡ଼ିଛି। ଜାତିସଂଘର ଆକଳନ ଅନୁସାରେ ଦେଶର ୮୦ ପ୍ରତିଶତରୁ ଅଧିକ ଲୋକ ଉତ୍କଟ ଦାରିଦ୍ର୍ୟର ସମ୍ମୁଖୀନ ହେଉଛନ୍ତି।



# ଅନୁପମଙ୍କ ୫୧୯ତମ ଫିଲ୍ମ

ବଲିଉଡ଼ର ବରିଷ୍ଠ ଅଭିନେତା ଅନୁପମ ଖେର ତାଙ୍କର ୫୧୯ ତମ ଫିଲ୍ମ କରିବାକୁ ଯାଉଛନ୍ତି । ପ୍ରାୟ ୩୬ ହଜାର ଫୁଟ ଉଚ୍ଚ ଆଟ୍‌ଲାଣ୍ଟିକ ମହାସାଗର ଉପରେ ଏରୋପ୍ଲେନରେ ଯାତ୍ରା କରିବାବେଳେ ସେ ଏହି ଘୋଷଣା କରିଛନ୍ତି। ଏହାର ଏକ ଭିଡିଓ ସେ ସୋସିଆଲ ମିଡିଆରେ ଶେୟାର କରିଛନ୍ତି। ଆଟଲାଣ୍ଟିକ ମହାସାଗର ଉପରୁ ଏପରି ଘୋଷଣା କରିବା କଥା ସେ କେବେ ଭାବି ନ ଥିଲି ବୋଲି କହିଛନ୍ତି। ଖୁବ୍‌ଶୀଘ୍ର ଫିଲ୍ମ ବାବଦରେ ସମସ୍ତ ତଥ୍ୟ ଦେବେ ବୋଲି ସେ ପ୍ରକାଶ କରିଛନ୍ତି। ୧୯୮୪ରେ ମୁଭି 'ସାରାଂଶ'ରୁ ବଲିଉଡରେ ଡେବ୍ୟୁ କରିଥିବା ଅନୁପମ ୩୭ ବର୍ଷ ହେଲା ଅଭିନୟର ଯାତ୍ରା ଜାରି ରଖିଛନ୍ତି।

# ଆସାମରେ ଡ୍ରଗ୍ସ ପୋଡ଼ା ଅଭିଯାନ



ଆସାମରେ ଦୁଇ ମାସ ମଧ୍ୟରେ ଜବତ ହୋଇଥିବା ୧୭୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ମୂଲ୍ୟର ନିଶାଦ୍ରବ୍ୟକୁ ନଷ୍ଟ କରାଯିବ। ଏଥିପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଦୁଇଦିନିଆ ନିଶାଦ୍ରବ୍ୟ ପୋଡ଼ା ଅଭିଯାନ ଆରମ୍ଭ ହୋଇଛି। ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା ଶନିବାର ଦୁଇଟି ସ୍ଥାନରେ ନିଶାଦ୍ରବ୍ୟରେ ନିଆଁ ଲଗାଇଛନ୍ତି। ଶନିବାର ଦିଫୁ ଓ ଗୋଲାଘାଟରେ ନିଶାଦ୍ରବ୍ୟ ପୋଡ଼ାଯାଇଥିବାବେଳେ ରବିବାର ନାଗାଁଓ ଏବଂ ହୋଜାଇରେ ପୋଡ଼ାଯିବା ପାଇଁ ସ୍ଥିର ହୋଇଛି। ଦୁଇ ମାସରେ ଯେତିକି ନିଶାଦ୍ରବ୍ୟ ଧରାପଡ଼ିଛି ତାହା ରାଜ୍ୟରେ କାରବାର ହେଉଥିବା ମୋଟ ଡ୍ରଗ୍ସର ୨୦ରୁ ୩୦ ପ୍ରତିଶତ । ରାଜ୍ୟରେ ୨ରୁ ୩ ହଜାର କୋଟି ଟଙ୍କାର ନିଶା ଚୋରା କାରବାର ହେଉଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି।

# ଦୈନିକ ସଂକ୍ରମଣ ଲକ୍ଷେ ଛୁଇଁବ

## ଅଗଷ୍ଟରେ ତୃତୀୟ ଲହର: ଆଇସିଏମ୍ଆର୍ ବୈଜ୍ଞାନିକ

**ନୂଆଦିଲ୍ଲୀ, ୧୭।୭**

ଭାରତରେ ଅଗଷ୍ଟ ଶେଷ ବେଳକୁ କୋଭିଡ୍ ସଂକ୍ରମଣର ତୃତୀୟ ଲହର ଦେଖାଦେବ। ସେହି ସମୟରେ ଦୈନିକ ସଂକ୍ରମଣ ୧ ଲକ୍ଷ ଛୁଇଁବା ସମ୍ଭାବନା ରହିଛି ବୋଲି ଇଣ୍ଡିଆନ କାଉନ୍‌ସିଲ୍ ଅଫ୍ ମେଡିକାଲ ରିସର୍ଚ୍ଚ (ଆଇସିଏମ୍ଆର୍)ର ବରିଷ୍ଠ ବୈଜ୍ଞାନିକ ସୂଚନା ଦେଇଛନ୍ତି। ବର୍ତ୍ତମାନ ସ୍ଥିତିରେ ଯଦି ଭୂତାଣୁର ଅଧିକ ସଂକ୍ରାମକ ନୂଆ ରୂପ ସୃଷ୍ଟି ନ ହୁଏ ତେବେ ପ୍ରଥମ ଲହର ଭଳି ସ୍ଥିତି ରହିବ ବୋଲି ଆଇସିଏମ୍ଆର୍‌ରେ ମହାମାରୀ ଓ ସଂକ୍ରାମକ ରୋଗ ବିଭାଗ ମୁଖ୍ୟ ଥିବା ପ୍ରଫେସର ସମିରନ୍ ପଣ୍ଡା କହିଛନ୍ତି। ଯଦି ଭୂତାଣୁ ନୂଆ ରୂପ ନିଏ, ତେବେ ସ୍ଥିତି ଖରାପ ହୋଇପାରେ ବୋଲି ସେ ସତର୍କ କରାଇଛନ୍ତି। ଟିକାକରଣ ହାର କମ୍ ରହିବା ସହ କଟକଣା କୋହଳ କରାଗଲେ ସଂକ୍ରମଣ ବଢ଼ିବା ନେଇ ଆଇସିଏମ୍ଆର୍ ଏବଂ ଇମ୍ପେରିଆଲ କଲେଜ ଲଣ୍ଡନର ଗାଣିତିକ ମଡେଲ୍‌ରୁ ସୂଚନା ମିଳୁଛି। ତେବେ ଏହା ଦ୍ୱିତୀୟ ଲହର ଭଳି ଗୁରୁତର ହେବନାହିଁ ବୋଲି ଡ. ପଣ୍ଡା କହିଛନ୍ତି।

ଦେଶରେ କରୋନା ସଂକ୍ରମଣ କମିବାରେ ଲାଗିଛି। ଦୈନିକ ସଂକ୍ରମଣ ଶନିବାର ୩୮,୦୭୯କୁ ହ୍ରାସ ପାଇଛି। ଏହାକୁ ମିଶାଇ ମୋଟ ସଂକ୍ରମିତଙ୍କ ସଂଖ୍ୟା ୩,୧୦,୬୪,୯୦୮ରେ ପହଞ୍ଚିଛି। ସେହିପରି ଗତ ୨୪ ଘଣ୍ଟାରେ ୫୬୦ ଜଣଙ୍କ ମୃତ୍ୟୁ ଘଟିଛି।



ରାଜସ୍ଥାନର ଜୟପୁରସ୍ଥିତ ଏକ ଟିକା କେନ୍ଦ୍ରରେ ଶନିବାର ପ୍ରବଳ ଭିଡ଼।

# ବିଶ୍ୱରେ ୧୮୮.୯ ନିୟୁତ ମାମଲା

**ୱାଶିଂଟନ, ୧୭।୭**



ସାରା ବିଶ୍ୱରେ କୋଭିଡ୍-୧୯ ମାମଲା ସଂଖ୍ୟା ୧୮୮.୯ ନିୟୁତ ଅତିକ୍ରମ କରିଛି। ମୃତ୍ୟୁସଂଖ୍ୟା ୪୦.୭ ଲକ୍ଷ ଟପିଥିବାବେଳେ ବର୍ତ୍ତମାନ ସୁଦ୍ଧା ୩୫୬ କୋଟିରୁ ଊର୍ଦ୍ଧ୍ୱ ଟିକା ଦିଆଗଲାଣି। ଆମେରିକାରେ ସଂକ୍ରମଣ ସର୍ବାଧିକ ରହିଛି। ଏଠାରେ ସଂକ୍ରମିତଙ୍କ ସଂଖ୍ୟା ୩୩,୪୦,୫୧,୦୨୩ ହୋଇଥିବାବେଳେ ୬,୦୮,୮୦୯ ଜଣଙ୍କ ମୃତ୍ୟୁ ଘଟିଛି। ସେଠାରେ ଟିକା ନେଇ ନ ଥିବା ଲୋକଙ୍କ ମଧ୍ୟରେ ସଂକ୍ରମଣ ପୁଣିଥରେ ବଢ଼ିବାରେ ଲାଗିଛି। ସେହିପରି ବ୍ରିଟେନରେ ମଧ୍ୟ ଦୈନିକ ସଂକ୍ରମଣ ୫୦ ହଜାର ଅତିକ୍ରମ କରିଛି। ୩,୧୦,୨୬,୮୨୯ ସଂକ୍ରମଣ ସହ ଭାରତ ଦ୍ୱିତୀୟ ସ୍ଥାନରେ ଥିବାବେଳେ ଏହା ପଛକୁ ବ୍ରାଜିଲ, ଫ୍ରାନ୍ସ, ରୁଷିଆ, ତୁର୍କୀ ଓ ବ୍ରିଟେନ ରହିଛି। ଅନ୍ୟପକ୍ଷରେ ମୃତ୍ୟୁସଂଖ୍ୟାରେ ବ୍ରାଜିଲ ଦ୍ୱିତୀୟ ସ୍ଥାନରେ ଅଛି। ସେଠାରେ ୫,୪୦,୩୯୮ ଜଣଙ୍କର କୋଭିଡ୍‌ରେ ମୃତ୍ୟୁ ହେଲାଣି।

# ଇସ୍ତଫା ଦେବେନି ୟେଦୁରପ୍ପା

**ନୂଆଦିଲ୍ଲୀ, ୧୭।୭**



କର୍ନାଟକ ମୁଖ୍ୟମନ୍ତ୍ରୀ ବି.ଏସ୍. ୟେଦୁରପ୍ପା ଇସ୍ତଫା ଦେବା ନେଇ ଚର୍ଚ୍ଚା ଜୋର୍ ଧରିଥିବାବେଳେ ସେ ଏହାକୁ ଏକ ଗୁଜବ କହି ଖଣ୍ଡନ କରିଛନ୍ତି। କର୍ନାଟକ ସରକାରରେ ନେତୃତ୍ୱ ପରିବର୍ତ୍ତନ ହେବନାହିଁ ବୋଲି ସେ କହିଛନ୍ତି। ଶୁକ୍ରବାର ୟେଦୁରପ୍ପା ହଠାତ୍ ନୂଆଦିଲ୍ଲୀରେ ପହଞ୍ଚି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟିଥିଲେ। ଉପର ଭଦ୍ରା ପ୍ରୋଜେକ୍ଟକୁ ଜାତୀୟ ପ୍ରକଳ୍ପ ଘୋଷଣା କରିବା ଲାଗି ସେ ପ୍ରଧାନମନ୍ତ୍ରୀଙ୍କୁ ଅନୁରୋଧ କରିବା ସହ ବେଙ୍ଗାଲୁରୁ ପେରିଫେରାଲ ରିଙ୍ଗ୍ ରୋଡ୍ ପ୍ରକଳ୍ପ ପାଇଁ ୬,୦୦୦ କୋଟି ଟଙ୍କା ଆର୍ଥିକ ସହାୟତା ମାଗିଥିଲେ। ଏହା ବ୍ୟତୀତ ମେକେଡାଟୁ ପ୍ରକଳ୍ପ ଏବଂ ଆମେରିକା ବାଣିଜ୍ୟିକ ଦୂତାବାସ ସ୍ଥାପନ ପ୍ରସଙ୍ଗରେ ମଧ୍ୟ ଆଲୋଚନା ହୋଇଥିଲା। ସେ ଇସ୍ତଫା ଦେଇ ନ ଥିବା ଗଣମାଧ୍ୟମକୁ କହିଛନ୍ତି।

ଶନିବାର ୟେଦୁରପ୍ପା ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଏବଂ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କୁ ଭେଟିଥିଲେ। ଦଳରେ ବିଭିନ୍ନ ନେତାଙ୍କଠାରୁ ବିଦ୍ରୋହର ସମ୍ମୁଖୀନ ହୋଇଥିବା ୟେଦୁରପ୍ପା ପ୍ରଧାନମନ୍ତ୍ରୀଙ୍କୁ ଭେଟିବା ପରେ ସେ ଇସ୍ତଫା ଦେବା ନେଇ ଚର୍ଚ୍ଚା ଆରମ୍ଭ ହୋଇଯାଇଥିଲା। ମୋଦିଙ୍କୁ ଭେଟିବା ବେଳେ ସେ ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ଇସ୍ତଫା ଦେଇପାରନ୍ତି ବୋଲି ଏକ ସୂତ୍ରରୁ କୁହାଯାଇଥିଲା। ଯଦି ଦଳ ୟେଦୁରପ୍ପାଙ୍କୁ ହଟାଇବା ପାଇଁ ନିଷ୍ପତ୍ତି ନିଏ ତେବେ ଜୁଲାଇ ୨୬ରେ ତାଙ୍କ ଶାସନକୁ ଦୁଇବର୍ଷ ପୂରଣ ହେଉଥିବାରୁ ସେହିଦିନ ତାଙ୍କୁ ବଦଳାଯାଇପାରେ ବୋଲି ମଧ୍ୟ ଖବର ପ୍ରକାଶ ପାଇଥିଲା।

# ମୋଦିଙ୍କୁ ଭେଟିଲେ ପାୱାର



**ନୂଆଦିଲ୍ଲୀ, ୧୭।୭**

### ନୂଆ ସହଯୋଗ ମନ୍ତ୍ରଣାଳୟକୁ ନେଇ ପ୍ରଶ୍ନ ଉଠାଇଲେ

ପାର୍ଲାମେଣ୍ଟର ମୌସୁମୀ ଅଧିବେଶନର ଦୁଇଦିନ ପୂର୍ବରୁ ରାଜ୍ୟ ସଭା ସଦସ୍ୟ ତଥା ଏନ୍‌ସିପି ଅଧ୍ୟକ୍ଷ ଶରଦ ପାୱାର ଶନିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ସମବାୟ ବ୍ୟାଙ୍କଗୁଡ଼ିକ ଉପରେ ରିଜର୍ଭ ବ୍ୟାଙ୍କର ଅତ୍ୟଧିକ ନିୟନ୍ତ୍ରଣକୁ ନେଇ ଆଶଙ୍କା ବ୍ୟକ୍ତ କରିଛନ୍ତି। ବ୍ୟାଙ୍କିଙ୍ଗ ନିୟାମକ ଆଇନରେ କେତେକ ସଂଶୋଧନ ଯୋଗୁ ସମବାୟ ବ୍ୟାଙ୍କଗୁଡ଼ିକୁ ନିୟନ୍ତ୍ରଣ କରିବା ଲାଗି ଆର୍‌ବିଆଇକୁ ଅଧିକ କ୍ଷମତା ମିଳିବା ଅସାମ୍ବିଧାନିକ ବୋଲି ପାୱାର କହିଛନ୍ତି। ଦୀର୍ଘ ୫୦ ମିନିଟ୍‌ର ଆଲୋଚନା ମଧ୍ୟରେ ଏନ୍‌ସିପି ନେତା କୃଷକ ପ୍ରସଙ୍ଗ ଏବଂ ଅମିତ ଶାହାଙ୍କ ନେତୃତ୍ୱରେ ଗଠିତ ସହଯୋଗ ମନ୍ତ୍ରଣାଳୟକୁ ନେଇ ଚିନ୍ତାବ୍ୟକ୍ତ କରିଥିଲେ। ସମବାୟ ବ୍ୟାଙ୍କିଙ୍ଗ୍ ସେକ୍ଟର ରାଜ୍ୟ ପ୍ରସଙ୍ଗ। ଏଥିରେ କେନ୍ଦ୍ର ସରକାରଙ୍କ ହସ୍ତକ୍ଷେପ ଉଦ୍ୟମ ସମ୍ବିଧାନର ଉଲ୍ଲଂଘନ ହେବ ବୋଲି ପାୱାର ସୁପ୍ରିମକୋର୍ଟର ଏକ ରାୟର ଉଦାହରଣ ଦେଇ କହିଥିଲେ।

ଅନ୍ୟପକ୍ଷରେ ପ୍ରଧାନମନ୍ତ୍ରୀଙ୍କୁ ଭେଟିବା ସମ୍ପର୍କରେ ଟୁଇଟ୍ କରି ପାୱାର ଜଣାଇଛନ୍ତି, ବିଭିନ୍ନ ଜାତୀୟ ସ୍ୱାର୍ଥକୁ ନେଇ ଆଲୋଚନା ହୋଇଛି। ୨୦୨୨ ରାଷ୍ଟ୍ରପତି ନିର୍ବାଚନରେ ପାୱାର ବିରୋଧୀ ଦଳରୁ ପ୍ରାର୍ଥୀ ହେବା ନେଇ ଚର୍ଚ୍ଚା ହେଉଥିଲାବେଳେ ସେ ଏହାକୁ ଖଣ୍ଡନ କରିଛନ୍ତି।

# ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନ କଲେ ପ୍ରଧାନମନ୍ତ୍ରୀ

**ନୂଆଦିଲ୍ଲୀ, ୧୭।୭(ପିଆଇବି)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭିଡିଓ କନ୍‌ଫରେନ୍ସିଂ ଜରିଆରେ ଶୁକ୍ରବାର ଗୁଜରାଟରେ ବିଭିନ୍ନ ରେଳ ପ୍ରକଳ୍ପ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ଗୁଜରାଟ ସାଇନ୍ସ ସିଟିଠାରେ ଆକ୍ୱାଟିକ୍ସ ଓ ରୋବୋଟିକ୍ସ ଗ୍ୟାଲେରି ଏବଂ ଏକ ପ୍ରାକୃତିକ ଉଦ୍ୟାନକୁ ମଧ୍ୟ ଲୋକାର୍ପିତ କରିଛନ୍ତି। ଗାନ୍ଧୀନଗର କ୍ୟାପିଟାଲ-ବାରାଣସୀ ସୁପରଫାଷ୍ଟ ଏକ୍ସପ୍ରେସ ଓ ଗାନ୍ଧୀନଗର କ୍ୟାପିଟାଲ ଓ ଭେରେଠା ମଧ୍ୟରେ ମେମୁ ସେବା ଉଦ୍‌ଘାଟିତ ହୋଇଛି। ଏହି ଅବସରରେ ପ୍ରଧାନମନ୍ତ୍ରୀ କହିଥିଲେ, କେବଳ କଂକ୍ରିଟ ଢାଞ୍ଚା ନୁହେଁ ବରଂ ନିଜସ୍ୱ ଚରିତ୍ର ଥିବା ଭିତ୍ତିଭୂମି ନିର୍ମାଣ ଦେଶର ଲକ୍ଷ୍ୟ। ପିଲାମାନଙ୍କର ପ୍ରାକୃତିକ ବିକାଶ ପାଇଁ ମନୋରଞ୍ଜନ ସହିତ ଅଧ୍ୟୟନ ଓ ସୃଜନଶୀଳତା ପାଇଁ ଅବସର ସୃଷ୍ଟି କରାଯିବା ଆବଶ୍ୟକ। ସାଇନ୍ସ ସିଟି ଏପରି ଏକ ପ୍ରକଳ୍ପ ଯେଉଁଥିରେ ଆମୋଦପ୍ରମୋଦ ସହିତ ସୃଜନଶୀଳତାର ମିଶ୍ରଣ ରହିଛି। ଏହି ଆକ୍ୱାଟିକ୍ସ ଏସିଆର ସବୁଠୁ ବଡ଼ ଆକ୍ୱାରିୟମ ମଧ୍ୟରୁ ଅନ୍ୟତମ ଏବଂ ସାରା ବିଶ୍ୱର ସାମୁଦ୍ରିକ ଜୈବ ବିବିଧତାର ଦୃଶ୍ୟ ଗୋଟିଏ ସ୍ଥାନରେ ଦେଖିବା ଏକ ଅଦ୍ଭୁତ ଅନୁଭବ ପ୍ରଦାନ କରିବ।

ସେହିପରି ରୋବୋଟିକ୍ସ ଗ୍ୟାଲେରି ଯୁବକମାନଙ୍କୁ ରୋବୋଟିକ୍ସ କ୍ଷେତ୍ରରେ କାମ କରିବା ଲାଗି ଅନୁପ୍ରାଣିତ କରିବ। ପ୍ରଧାନମନ୍ତ୍ରୀ ଆହୁରି କହିଥିଲେ, ଭାରତୀୟ ରେଳପଥରେ ସୁଧାର ଅଣାଯିବାର ଆବଶ୍ୟକତା ରହିଛି। ସାରା ଦେଶର ପ୍ରମୁଖ ରେଳ ଷ୍ଟେଶନଗୁଡ଼ିକର ଆଧୁନିକୀକରଣ କରାଯାଉଛି। ୱଡ଼ନଗର ମଧ୍ୟ ଏହି ସମ୍ପ୍ରସାରଣର ଅଂଶବିଶେଷ ପାଲଟିଛି। ଏହି ନୂଆ ବ୍ରଡ୍ ଗେଜ ଲାଇନର ନିର୍ମାଣ ସହିତ ୱଡ଼ନଗର-ମୋଢେରା-ପାଟନ ଐତିହ୍ୟ ସର୍କିଟ୍ ଉନ୍ନତ ରେଳ ସେବା ସହ ଯୋଡ଼ି ହୋଇପାରିଛି। ଆଧୁନିକତା, ଗରିବ, କୃଷକ ଓ ମଧ୍ୟମବର୍ଗଙ୍କ କଲ୍ୟାଣ ମାଧ୍ୟମରେ ନୂତନ ଭାରତର ବିକାଶ ଆଗକୁ ବଢ଼ିବ ବୋଲି ମୋଦି କହିଥିଲେ।




ଗୁଜରାଟର ୱଡ଼ନଗର ରେଳ ଷ୍ଟେଶନର ଆଧୁନିକୀକରଣ କରାଯାଇଛି।

# ଦେଶଦ୍ରୋହ ମାମଲା ବିରୋଧରେ ଚାଷୀଙ୍କ ବିକ୍ଷୋଭ

**ସିର୍ସା, ୧୭।୭**

ଦେଶଦ୍ରୋହ ମାମଲାରେ ଗିରଫ ଚାଷୀମାନଙ୍କୁ ତୁରନ୍ତ ଛାଡ଼ିଦେବା ଦାବିରେ ହରିୟାଣାର ସିର୍ସା ଜିଲାରେ ଶନିବାର ବହୁସଂଖ୍ୟାରେ କୃଷକ ବିକ୍ଷୋଭ ପ୍ରଦର୍ଶନ କରିବା ସହ ପୋଲିସ ବ୍ୟାରିକେଡ୍‌କୁ ଭାଙ୍ଗିଦେଇଥିଲେ। କୃଷି ଆଇନକୁ ବିରୋଧ କରି ଗତ ୧୧ ତାରିଖରେ ଚାଷୀମାନେ ବିକ୍ଷୋଭ କରୁଥିବାବେଳେ ଭାଜପା ନେତା ତଥା ହରିୟାଣା ବିଧାନସଭାର ଉପବାଚସ୍ପତି ରଣବୀର ଗଙ୍ଗୱାଙ୍କ ଉପରେ ଆକ୍ରମଣ ହୋଇଥିଲା। ଏହି ଘଟଣାରେ ପୋଲିସ ଗୁରୁବାର ୫ ଜଣ କୃଷକଙ୍କୁ ଗିରଫ କରିବା ସହ ସେମାନଙ୍କ ବିରୋଧରେ ଦେଶଦ୍ରୋହ ମାମଲା ଲଗାଇଥିଲା। ଶତାଧିକ ଚାଷୀଙ୍କ ବିରୋଧରେ ଦେଶଦ୍ରୋହ ମାମଲା ରୁଜୁ ହୋଇଛି। ବିବାଦୀୟ କୃଷି ଆଇନ ବିରୋଧରେ ଗତବର୍ଷ ନଭେମ୍ବରରୁ ଚାଷୀ ଆନ୍ଦୋଳନ ଚଳାଇଥିବାବେଳେ ପ୍ରଥମ ଥର ପାଇଁ ଅଭିଯୁକ୍ତଙ୍କ ବିରୋଧରେ ଦେଶଦ୍ରୋହ ମାମଲା ଆଣି ସେମାନଙ୍କୁ ଗିରଫ କରାଯାଇଛି।

# ଆମେରିକାରେ ମଙ୍କିପକ୍ସ

**ୱାଶିଂଟନ୍, ୧୭।୭**

ପ୍ରାୟ ଦୁଇ ଦଶନ୍ଧି ମଧ୍ୟରେ ଆମେରିକାରେ ଜଣେ ବ୍ୟକ୍ତିଙ୍କଠାରେ ବିରଳ ମଙ୍କିପକ୍ସ ଭୂତାଣୁ ଚିହ୍ନଟ ହୋଇଛି। କିଛି ଦିନ ତଳେ ସେ ନାଇଜେରିଆରୁ ଫେରିଥିଲେ। ଡଲାସ୍‌ରେ ତାଙ୍କୁ ଆଇସୋଲେଶନରେ ରଖାଯାଇଛି। ସଂକ୍ରମଣ ବଢ଼ିବା ଆଶଙ୍କା ଥିବାରୁ ତାଙ୍କ ସଂସ୍ପର୍ଶରେ ଆସିଥିବା ଲୋକଙ୍କ ସହ ଯୋଗାଯୋଗ କରାଯାଇଛି। ୨୦୦୩ରେ ଆମେରିକାରେ ମଙ୍କିପକ୍ସ ସଂକ୍ରମଣ ଚିନ୍ତାର କାରଣ ପାଲଟିଥିଲା। କରୋନା ଭଳି କାଶ, ଛିଙ୍କ ଆଦିରୁ ଏହି ଭୂତାଣୁ ଜଣଙ୍କଠାରୁ ଅନ୍ୟ ଜଣଙ୍କୁ ବ୍ୟାପିଥାଏ। ସାଧାରଣତଃ ଏହା ପ୍ରାଣୀମାନଙ୍କଠାରେ ଦେଖାଯାଏ। କିନ୍ତୁ ଏହା ମଣିଷକୁ ମଧ୍ୟ ସଂକ୍ରମିତ କରିପାରେ। ବିଶେଷକରି ପଶ୍ଚିମ ଆଫ୍ରିକାରେ ମଙ୍କିପକ୍ସ ସଂକ୍ରମଣ ଦେଖାଯାଇଥାଏ।

# ଜର୍ମାନୀ, ବେଲ୍‌ଜିୟମ୍ ବନ୍ୟା ମୃତ୍ୟୁସଂଖ୍ୟା ୧୫୭

**ୱାସେନ୍‌ବର୍ଗ, ୧୭।୭**

### ୧୫ ମିନିଟ୍‌ରେ ସବୁ ବୁଡ଼ିଯାଇଥିଲା

ଜର୍ମାନୀ ଓ ବେଲ୍‌ଜିୟମରେ ପ୍ରଳୟଙ୍କରୀ ବନ୍ୟାରେ ମୃତ୍ୟୁସଂଖ୍ୟା ୧୫୭କୁ ବୃଦ୍ଧି ପାଇଛି। ପଶ୍ଚିମ ଜର୍ମାନୀରେ ୧୩୩ ଜଣଙ୍କ ଜୀବନ ଯାଇଛି। ଏହା ଅର୍ଦ୍ଧଶତାବ୍ଦୀ ମଧ୍ୟରେ ଜର୍ମାନୀରେ ସବୁଠୁ ଭୟାବହ ପ୍ରାକୃତିକ ବିପର୍ଯ୍ୟୟ ବୋଲି କୁହାଯାଉଛି। ଉଦ୍ଧାର କାର୍ଯ୍ୟ ଜାରି ରହିଥିବାବେଳେ ଏବେ ବି ଶତାଧିକ ନିଖୋଜ ଅଛନ୍ତି।

ଜର୍ମାନୀରେ ଏଭଳି ବନ୍ୟା କେବେ ଆସି ନ ଥିଲା। ମାତ୍ର ୧୫ ମିନିଟରେ ସବୁକିଛି ବୁଡ଼ିଯାଇଥିଲା ବୋଲି ଜଣେ ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ବିଭିନ୍ନ ସ୍ଥାନରେ ରାସ୍ତା ଓ ଘରଦ୍ୱାର ବୁଡ଼ିଯାଇଥିଲା। କେଉଁଠି କାର ଭାସିଯାଇଥିଲା ତ ପୁଣି କେଉଁଠି ଓଲଟି ପଡ଼ିଥିବା ଦେଖାଯାଇଥିଲା। କେତେକ ଜିଲା ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇଯାଇଛି। ଉଦ୍ଧାର କାର୍ଯ୍ୟ ଜାରି ରହିଥିବାରୁ ମୃତ୍ୟୁସଂଖ୍ୟା ବଢ଼ିପାରେ ବୋଲି ରେଇନଲାଣ୍ଡ-ପାଲାଟିନେଟ୍‌ର ଇଣ୍ଟେରିଅର ମନ୍ତ୍ରୀ ରୋଗର୍ ଲେୱେଣ୍ଟଜ୍ କହିଛନ୍ତି।



# ନ୍ୟାୟପାଳିକା ଉପରେ ଦେଶବାସୀଙ୍କ ଭରସା

**ନୂଆଦିଲ୍ଲୀ, ୧୭।୭**

### ବିବାଦ ସମାଧାନରେ ମଧ୍ୟସ୍ଥତାକୁ ସିଜେଆଇଙ୍କ ଗୁରୁତ୍ୱ

ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ର ଭାରତର ବିଚାର ବ୍ୟବସ୍ଥା ଉପରେ ଦେଶବାସୀଙ୍କ ଭରସା ରହିଛି। ସେମାନେ କୋର୍ଟରୁ ନ୍ୟାୟ ପାଇବା ନେଇ ଦୃଢ଼ ନିଶ୍ଚିତ ବୋଲି ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଏନ୍.ଭି. ରମାନା ଶନିବାର କହିଛନ୍ତି। ଯେତେବେଳେ ଦେଶରେ କିଛି ଭୁଲ୍ କାର୍ଯ୍ୟ ହୁଏ, ସେତେବେଳେ ସର୍ବବୃହତ୍ ଗଣତନ୍ତ୍ରର ଅଭିଭାବକ ଭାବେ ସୁପ୍ରିମକୋର୍ଟ ଜନସାଧାରଣଙ୍କ ପାଖରେ ଛିଡ଼ାହେବ ବୋଲି ସେମାନଙ୍କର ବିଶ୍ୱାସ ରହିଥିବା ଜଷ୍ଟିସ ରମାନା କହିଛନ୍ତି। ଭାରତ-ସିଙ୍ଗାପୁର ମଧ୍ୟସ୍ଥତା ସମିଟ୍‌ରେ ଉଦ୍‌ବୋଧନ ଦେଇ ସିଜେଆଇ କହିଥିଲେ, ଭାରତ ବହୁ ଧର୍ମ, ଭାଷା, ସଂସ୍କୃତିର ଦେଶ ଯେଉଁଠି ବିବିଧତା ମଧ୍ୟରେ ଏକତା ରହିଛି। ଭାରତରେ ଆଇନର ଶାସନ ଚାଲେ ଏବଂ ନ୍ୟାୟପାଳିକା ଉପରେ ସମସ୍ତଙ୍କର ପୂରା ଭରସା ରହିଥିବା ସିଜେଆଇ କହିଥିଲେ।



ସିଜେଆଇ ଏନ୍.ଭି. ରମାନା

ଦେଶର ବିଭିନ୍ନ ଅଦାଲତରେ ୪.୫ କୋଟି ମାମଲା ବିଚାର ଅପେକ୍ଷାରେ ରହିଥିବା ଖବର ଅତିରଞ୍ଜିତ। ତେବେ ବିଚାର ପ୍ରକ୍ରିୟାରେ ବିଳମ୍ବର ଅନ୍ୟତମ କାରଣ ବିଳାସପୂର୍ଣ୍ଣ ମାମଲା ବୋଲି ଜଷ୍ଟିସ୍ ରମାନା କହିଥିଲେ। ରାଜନୈତିକ, ଅର୍ଥନୈତିକ, ସାମାଜିକ, ସାଂସ୍କୃତିକ ଏବଂ ଧର୍ମୀୟ ଆଦି ବିଭିନ୍ନ କାରଣରୁ ସମାଜରେ ବିବାଦ ଦେଖାଦେଇଥାଏ, ଯାହାକୁ ଏଡ଼ାଇ ଦିଆଯାଇପାରିବ ନାହିଁ। ତେବେ ବିବାଦର ସମାଧାନ ପାଇଁ ଏକ ବ୍ୟବସ୍ଥାର ବିକାଶ କରାଯିବା ଆବଶ୍ୟକ। ସଅଳ ମଧ୍ୟସ୍ଥତା ଉଦ୍ୟମ ବିବାଦ ସମାଧାନର ଏକ ଭଲ ମାଧ୍ୟମ ବୋଲି ମହାଭାରତର ଉଦାହରଣ ଦେଇ ସିଜେଆଇ କହିଥିଲେ। ବ୍ରିଟିଶ ଶାସନ ପୂର୍ବରୁ ଭାରତୀୟ ଲୋକାଚାରରେ ମଧ୍ୟସ୍ଥତା ଗଭୀର ଭାବରେ ଜଡ଼ିତ ତଥା ବହୁ ପ୍ରଚଳିତ ଥିଲା। ବିବାଦ ସମାଧାନ ଦିଗରେ ବିଭିନ୍ନ ପ୍ରକାର ମଧ୍ୟସ୍ଥତା ଚଳି ଆସୁଥିଲା। ଅଧିକାଂଶ ଏସୀୟ ଦେଶରେ ଏଭଳି ଆପୋସ ସମାଧାନ ପରମ୍ପରା ଦୀର୍ଘଦିନ ଧରି ଚାଲିଥିବା ସିଜେଆଇ କହିଛନ୍ତି ।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧୯,୦୫,୯୨,୩୩୨ | ୪୦,୯୫,୮୩୧ | ୧୭,୩୬,୮୨,୩୭୨ |
| ଭାରତ | ୩,୧୧,୦୨,୭୬୬ | ୪,୧୩,୬୦୦ | ୩,୦୨,୫୮,୮୧୨ |
| ଓଡ଼ିଶା | ୯,୫୨,୧୧୧ | ୪୯୯୨(+୫୩) | ୯,୨୨,୯୨୬ |

ଶନିବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର

## ସଂକ୍ଷେପରେ

### ୧୬ ରୁଟ୍‌ରେ 'ମୋ ବସ୍'
### ସକାଳ ୭ରୁ ସନ୍ଧ୍ୟା ୬ ଯାଏ ମିଳିବ ସେବା

**ଭୁବନେଶ୍ୱର, ୧୭।୭ (ବ୍ୟୁରୋ):** ଲକ୍‌ଡାଉନ୍ କଟକଣା କୋହଳ ହେବା ପରେ ରାଜ୍ୟ ସରକାର ବସ୍ ଚଳାଚଳ ପାଇଁ ଅନୁମତି ପ୍ରଦାନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଆସନ୍ତା ସୋମବାରଠାରୁ 'ମୋ ବସ୍' ଚଳାଚଳ ସ୍ୱାଭାବିକ ହେବ ବୋଲି କ୍ରୁଟ୍ ପକ୍ଷରୁ ଶନିବାର ସୂଚନା ଦିଆଯାଇଛି। ସକାଳ ୭ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ମୋ ବସ୍ ୧୬ଟି ରୁଟ୍‌ରେ ଚାଲିବ। ତେବେ ଖୁବ୍‌ଶୀଘ୍ର ଅଧିକ ରୁଟ୍‌ରେ ବସ୍ ଚଳାଚଳ କରିବ ବୋଲି କ୍ରୁଟ୍ ମହାପ୍ରବନ୍ଧକ ଦିପ୍ତୀ ମହାପାତ୍ର କହିଛନ୍ତି। ସେହିପରି ସୋମବାରରୁ ଶୁକ୍ରବାର ପର୍ଯ୍ୟନ୍ତ ନିୟମିତ ବସ୍ ଚଳାଚଳ କରିବ। ଶନି ଓ ରବିବାର ଶଟ୍‌ଡାଉନ୍ ରହୁଥିବାରୁ ଏହି ଦୁଇଦିନ ବସ୍ ଚାଲିବ ନାହିଁ। କୌଣସି ଯାତ୍ରୀ ବସ୍‌ରେ ଠିଆହୋଇ ଯାତ୍ରା କରିପାରିବେ ନାହିଁ। ସେହିପରି ଯାତ୍ରୀମାନେ ମାସ୍କ ଲଗାଇବା ବାଧ୍ୟତାମୂଳକ ଥିବାବେଳେ ନିଜ ସହିତ ସାନିଟାଇଜର ରଖିବାକୁ ମଧ୍ୟ କୁହାଯାଇଛି। ବସ୍‌କୁ ନିୟମିତ ଭାବେ ସାନିଟାଇଜ୍ କରିବା ସହ କର୍ମଚାରୀ ତଥା ଯାତ୍ରୀଙ୍କ ସୁରକ୍ଷାକୁ ଦୃଷ୍ଟି ଦିଆଯାଇଛି। ତେବେ ରାଜ୍ୟ ବାହାରୁ ଆସୁଥିବା ଯାତ୍ରୀମାଙ୍କ ପାଇଁ ମୋ ବସ୍ ପକ୍ଷରୁ ସ୍ୱତନ୍ତ୍ର ଶଟଲ୍ ବସ୍ ସେବା ପୂର୍ବପରି ମିଳିବ। ବିମାନବନ୍ଦର ଓ ରେଳଷ୍ଟେଶନରୁ ଏହି ସ୍ୱତନ୍ତ୍ର ସେବା ଜାରି ରହିବ ବୋଲି ସୂଚନା ଦିଆଯାଇଛି।

### ବନ୍ଦ ହେଲା ହୀରାକୁଦ ଡ୍ୟାମ୍ ଗେଟ୍

**ସମ୍ବଲପୁର, ୧୭।୭(ବ୍ୟୁରୋ):** ହୀରାକୁଦ ଜଳଭଣ୍ଡାରକୁ ଜଳ ପ୍ରବେଶ ହ୍ରାସ ଯୋଗୁ ଜଳସ୍ତର ହ୍ରାସ ପାଇଛି। ଏଥିଯୋଗୁ ବନ୍ଧ କର୍ତ୍ତୃପକ୍ଷ ଶନିବାର ଡ୍ୟାମ୍‌ର ସମସ୍ତ ସ୍ଲୁଇସ୍ ଗେଟ୍ ବନ୍ଦ କରିଛନ୍ତି। ବର୍ତ୍ତମାନ ଜଳଭଣ୍ଡାରର ଜଳସ୍ତର ୬୦୬.୫୮ ଫୁଟ୍ ରହିଛି। ଗତ ୧୧ ତାରିଖରେ ହୀରାକୁଦ ଜଳଭଣ୍ଡାରରୁ ଚଳିତବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନ ହୋଇଥିଲା। ପୂର୍ବାହ୍ନ ୧୧ଟାରେ ପୂଜାର୍ଚ୍ଚନା ପରେ ଡ୍ୟାମ୍‌ର ୨ଟି ଗେଟ୍ ଖୋଲାଯାଇଥିଲା। ତେବେ ନିୟମିତ ଭାବରେ ଜଳଭଣ୍ଡାରକୁ ଜଳ ପ୍ରବେଶ ହ୍ରାସ ପାଇବାରୁ ଡ୍ୟାମ୍‌ର ସମସ୍ତ ସ୍ଲୁଇସ ଗେଟ୍ ବନ୍ଦ କରିଦିଆଯାଇଛି।

### ଲକ୍ଷ୍ମୀଧରଙ୍କୁ 'ବିପ୍ଲବୀ ଚକ୍ରଧର ବେହେରା ସ୍ମୃତି ସମ୍ମାନ'

**ଭୁବନେଶ୍ୱର, ୧୭।୭(ବ୍ୟୁରୋ):** କନିକା ପ୍ରଜାମଣ୍ଡଳ ଆନ୍ଦୋଳନ ନେତା ତଥା ପୂର୍ବତନ ବିଧାୟକ ବିପ୍ଳବୀ ଚକ୍ରଧର ବେହେରାଙ୍କ ୧୨୭ତମ ଜୟନ୍ତୀ ପାଳିତ ହୋଇଯାଇଛି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ରାଜଭବନଛକସ୍ଥିତ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ସେଠାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଭାଗୀୟ ଶାସନ ସଚିବ ଡ. ସୁରେଶ ଚନ୍ଦ୍ର ଦଳେଇ, ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ, ପ୍ରତ୍ନତତ୍ତ୍ୱ ବିଭାଗ ଉପନିର୍ଦ୍ଦେଶକ ଅଶ୍ୱିନୀ କୁମାର ଶତପଥୀ, ବିଧାୟକ ସୁରେଶ କୁମାର ରାଉତରାୟ, ଅନନ୍ତ ନାରାୟଣ ଜେନା, ସୁଶାନ୍ତ କୁମାର ରାଉତ, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ବରିଷ୍ଠ ସ୍ତମ୍ଭକାର ତଥା ବିପ୍ଳବୀ ଚକ୍ରଧର ସ୍ମୃତି ସଂସଦ ଆବାହକ ଡ. ଗୌରହରି ଦାସ, ସମ୍ପାଦକ ନରହରି ସେଠୀ, ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର କର୍ମକର୍ତ୍ତା ପ୍ରମୁଖ ଯୋଗଦେଇ ସ୍ୱର୍ଗତ ବେହେରାଙ୍କ ତ୍ୟାଗ, ସଂଘର୍ଷର ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ବିଭାଗର ଅନୁଶାସନ ସଚିବ ଲକ୍ଷ୍ମୀଧର ବେହେରାଙ୍କୁ ସ୍ମୃତି 'ବିପ୍ଳବୀ ଚକ୍ରଧର ବେହେରା ସ୍ମୃତି ସମ୍ମାନ' ପ୍ରଦାନ କରାଯାଇଥିଲା। ସେହିପରି ସାମାଜିକକର୍ମୀ ସନାତନ ବେହେରା, ଲକ୍ଷ୍ମୀଧର ମହାଭୋଇ, କୁଶ ନାଏକ, ଅଜିତାଭ ଘୋଷଙ୍କୁ ସମ୍ମାନିତ କରାଯାଇଥିଲା।


ନାକଚଣା ଦ୍ୱାର ସମ୍ମୁଖ ଶରଧାବାଲିରେ ତିନିରଥ।

# ଦକ୍ଷିଣମୋଡ଼ ହେଲା ତିନି ରଥ

**ପୁରୀ ଅଫିସ, ୧୭।୭**

ଭଉଣୀ ଭାଇଙ୍କୁ ସାଥିରେ ଧରି ନବଦିନାତ୍ମକ ଯାତ୍ରାରେ ଆସିଥିବା ମହାପ୍ରଭୁ ଶ୍ରୀଜଗନ୍ନାଥ ଏବେ ଜନ୍ମବେଦିରେ ଲୀଳା କରୁଛନ୍ତି। ଆଡ଼ପ ମଣ୍ଡପରେ ଲୀଳାଖେଳା ସାରି ବାହୁଡ଼ା ଯାତ୍ରାରେ ଶ୍ରୀମନ୍ଦିରକୁ ବାହୁଡ଼ିବେ ଚତୁର୍ଦ୍ଧାବିଗ୍ରହ। ଏଥିପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ଶ୍ରୀଗୁଣ୍ଡିଚା ମନ୍ଦିର ମୁଖ୍ୟଦ୍ୱାର ସମ୍ମୁଖରେ ଥିବା ତିନିରଥକୁ ଶନିବାର ଦକ୍ଷିଣମୋଡ଼ କରାଯାଇଛି। ପରେ ନାକଚଣା ଦ୍ୱାର ସମ୍ମୁଖ ଶରଧାବାଲିକୁ ନିଆଯାଇଛି।

ପୂର୍ବାହ୍ନ ୧୧ଟା ୫୫ ମିନିଟ୍‌ରେ ମହାପ୍ରଭୁଙ୍କ ଆଜ୍ଞାମାଳ ଅଣାଯାଇ ପ୍ରଥମେ ତାଳଧ୍ୱଜ ରଥରେ ଲାଗିକରାଯାଇଥିଲା। ଏହାପରେ ରଥ ଦକ୍ଷିଣମୋଡ଼ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ସେବାୟତ ଓ ପୋଲିସ କର୍ମଚାରୀ ମିଶି ରଥ ଟାଣିଥିଲେ। ପରମ୍ପରା ଅନୁଯାୟୀ, ପ୍ରଥମେ ଦର୍ପଦଳନ ରଥକୁ ଦକ୍ଷିଣମୋଡ଼ କରାଯାଇଥିଲା। ମଧ୍ୟାହ୍ନ ୧୨ଟା ୧୫ରେ ଦର୍ପଦଳନ ରଥ ଟଣା ଆରମ୍ଭ ହୋଇଥିବାବେଳେ ଅପରାହ୍ନ ୩ଟାରେ ନାକଚଣା ଦ୍ୱାର ସମ୍ମୁଖ ଶରଧାବାଲିରେ ଲାଗିଥିଲା। ଏହାପରେ ତାଳଧ୍ୱଜ ଓ ଶେଷରେ ନନ୍ଦିଘୋଷ ରଥକୁ ଦକ୍ଷିଣମୋଡ଼ କରାଯାଇଥିଲା। ସନ୍ଧ୍ୟା ପ୍ରାୟ ୭ଟାରେ ରଥ ଦକ୍ଷିଣମୋଡ଼ ପ୍ରକ୍ରିୟା ସରିଥିଲା। ଶ୍ରଦ୍ଧାଳୁମାନେ ଶୃଙ୍ଖଳିତ ଭାବେ ବ୍ୟାରିକେଡ୍ ବାହାରେ ରହି ଏହା ଦେଖିଥିଲେ। ଅନ୍ୟପକ୍ଷରେ ଆଜ୍ଞାମାଳ ବିଜେ ପରେ ମଧ୍ୟାହ୍ନ ୧୨ଟା ୨୫ରେ ଭୋଗମଣ୍ଡପ ପୂଜା, ଅପରାହ୍ନ ୨ଟା ୨୫ରେ ମହାପ୍ରଭୁଙ୍କ ନୂଆଲୁଗାଲାଗି ବେଶ, ୨ଟା ୩୫ରେ ମଧ୍ୟାହ୍ନ ଧୂପ, ୫ଟାରେ ଦ୍ୱିତୀୟ ଭୋଗମଣ୍ଡପ ପୂଜା ଏବଂ ସନ୍ଧ୍ୟା ୬ଟାରେ ସନ୍ଧ୍ୟା ଆଳତି ଶେଷ ହୋଇ ଥିଲା। ସେହିପରି ପରବର୍ତ୍ତୀ ନୀତିକାନ୍ତି ନିର୍ଦ୍ଧାରିତ ସମୟରେ ସମ୍ପନ୍ନ ହୋଇଥିଲା। ଆସନ୍ତା ୨୦ତାରିଖ ବାହୁଡ଼ା ଯାତ୍ରାରେ ଚତୁର୍ଦ୍ଧାବିଗ୍ରହ ନାକଚଣା ଦ୍ୱାର ଦେଇ ରଥରେ ବିଜେକରି ଶ୍ରୀମନ୍ଦିରକୁ ବାହୁଡ଼ିବେ। ଏଥିଲାଗି ପୂର୍ବରୁ ତିନି ରଥର ଯାଞ୍ଚ ସହ ମରାମତି ସରିଛି।

# ଅଗଷ୍ଟ ୨୨ ସୁଦ୍ଧା ମାଟ୍ରିକ ପରୀକ୍ଷାଫଳ

**ଭୁବନେଶ୍ୱର,୧୭।୭(ବ୍ୟୁରୋ)**

**ବିନା ମାସ୍କରେ ପରୀକ୍ଷା ମନା**
- ସ୍ୱତନ୍ତ୍ର ମାର୍ଗଦର୍ଶିକା ଜାରି
- ଅଗଷ୍ଟ ୧୦ରୁ ୧୫ ମୂଲ୍ୟାୟନ
- ମୂଲ୍ୟାୟନ କେନ୍ଦ୍ରରେ ବି କୋଭିଡ୍ ନିୟମ ପାଳନ ହେବ

ଆସନ୍ତା ୩୦ ତାରିଖରୁ ଅଗଷ୍ଟ ୫ ପର୍ଯ୍ୟନ୍ତ ମାଟ୍ରିକ ଅଫ୍‌ଲାଇନ ପରୀକ୍ଷା ଅନୁଷ୍ଠିତ ହେବ। ଜିଲା ଓ ବ୍ଲକ ସ୍ତରରେ ପରୀକ୍ଷା କେନ୍ଦ୍ର ହେବ। ଅଗଷ୍ଟ ୧୦ରୁ ୧୫ ମଧ୍ୟରେ ପରୀକ୍ଷା ଖାତା ମୂଲ୍ୟାୟନ ଓ ୨୨ ମଧ୍ୟରେ ଫଳ ପ୍ରକାଶ କରାଯିବ। ଏଥିପାଇଁ ସବୁପ୍ରକାର ବ୍ୟବସ୍ଥା କରାଯାଇଥିବାବେଳେ ରାଜ୍ୟ ସରକାର ସ୍ୱତନ୍ତ୍ର ମାର୍ଗଦର୍ଶିକା ଜାରି କରିଛନ୍ତି। ବିନା ମାସ୍କରେ ଛାତ୍ରୀଛାତ୍ର ମାଟ୍ରିକ ଅଫ୍‌ଲାଇନ୍ ପରୀକ୍ଷା ଦେଇପାରିବେ ନାହିଁ। ତେଣୁ ଅଭିଭାବକମାନେ ସେମାନଙ୍କ ପିଲାଙ୍କୁ ମାସ୍କ ପିନ୍ଧାଇ ପରୀକ୍ଷା କେନ୍ଦ୍ରକୁ ପଠାଇବାକୁ ଶୁକ୍ରବାର ବିଦ୍ୟାଳୟ ଓ ଗଣଶିକ୍ଷା ସଚିବ ସତ୍ୟବ୍ରତ ସାହୁ ପରାମର୍ଶ ଦେଇଛନ୍ତି। କୋଭିଡ୍ ଗାଇଡ୍‌ଲାଇନ୍‌ରେ ମାଟ୍ରିକ ପରୀକ୍ଷା ହେବ। ପରୀକ୍ଷା ଆରମ୍ଭରୁ ଓ ସରିବା ପରେ କେନ୍ଦ୍ରକୁ ସାନିଟାଇଜ୍ କରାଯିବ। ପ୍ରତି ପରୀକ୍ଷା କେନ୍ଦ୍ରରେ ଗୋଟିଏ ଲେଖାଏ ଆଇସୋଲେଶନ କେନ୍ଦ୍ର ରହିବ। ଏହାକୁ ଜରୁରିକାଳୀନ ସ୍ଥିତିରେ ବ୍ୟବହାର କରାଯିବ। ଛାତ୍ରୀଛାତ୍ରଙ୍କ ମାସ୍କ, ଥର୍ମାଲ ସ୍କ୍ରିନିଂ ଓ ସାନିଟାଇଜର ବାଧ୍ୟତାମୂଳକ କରାଯାଇଛି। ପରୀକ୍ଷା ପରିଚାଳନା ଦାୟିତ୍ୱରେ ଥିବା ସମସ୍ତଙ୍କର କୋଭିଡ୍ ଟେଷ୍ଟ କରାଯିବ। ପରୀକ୍ଷା ଆରମ୍ଭର ୪୮ ଘଣ୍ଟା ପୂର୍ବରୁ କୋଭିଡ୍ ଟେଷ୍ଟ ହେବ। ପରୀକ୍ଷା କେନ୍ଦ୍ରରେ କୋଭିଡ୍ ନିୟମ ପାଳନର ତଦାରଖ ପାଇଁ ବ୍ଲକ ଓ ଜିଲା ସ୍ତରରେ କୋଭିଡ୍ ସ୍କ୍ୱାଡ୍ ଗଠନ କରାଯିବ। ଏହାର ନେତୃତ୍ୱ ଜିଲାପାଳ ନେବେ। ଏହି ସ୍କ୍ୱାଡ୍ କୋଭିଡ୍ ନିୟମ ଠିକ୍ ଭାବେ ପାଳନ ହେଉଛି କି ନାହିଁ ତଦାରଖ କରିବେ। ସେହିପରି ମୂଲ୍ୟାୟନ କେନ୍ଦ୍ରରେ ମଧ୍ୟ କୋଭିଡ୍ ନିୟମାବଳୀ ପାଳନ କରାଯିବ। ସମସ୍ତ କର୍ମଚାରୀଙ୍କ ଥର୍ମାଲ ସ୍କ୍ରିନିଂ, ହ୍ୟାଣ୍ଡ ସାନିଟାଇଜ୍ ଓ ମାସ୍କ ପିନ୍ଧିବା ବାଧ୍ୟତାମୂଳକ ହେବ ବୋଲି ସଚିବ ସାହୁ କହିଛନ୍ତି।

ଚଳିତବର୍ଷ କରୋନା ଯୋଗୁ ବିନା ପରୀକ୍ଷାରେ ମାଟ୍ରିକ ରେଜଲ୍ଟ ପ୍ରକାଶ ପାଇଥିଲା। କିନ୍ତୁ ମୂଲ୍ୟାୟନକୁ ନେଇ କେତେଜଣ ଛାତ୍ରୀଛାତ୍ର ଓ ଅଭିଭାବକ ଅସନ୍ତୁଷ୍ଟ ପ୍ରକାଶ କରିବା ସହ ଆନ୍ଦୋଳନକୁ ଓହ୍ଲାଇଥିଲେ। ଏହାପରେ ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ପକ୍ଷରୁ ଏହି ସ୍ୱତନ୍ତ୍ର ଅଫ୍‌ଲାଇନ ମାଟ୍ରିକ ପରୀକ୍ଷାର ବ୍ୟବସ୍ଥା ହୋଇଛି। ଏଥିପାଇଁ ୧୫,୧୧୫ ଜଣ ଛାତ୍ରୀଛାତ୍ର ଫର୍ମ ପୂରଣ କରିଛନ୍ତି। ଗଞ୍ଜାମରୁ ସର୍ବାଧିକ ୧,୩୧୫, ସେହିପରି ପୁରୀରୁ ୧,୧୧୯, ଅନୁଗୋଳ, ବାଲେଶ୍ୱର, ଭଦ୍ରକ, ବଲାଙ୍ଗୀର, ଯାଜପୁର, କଟକ, ଖୋର୍ଦ୍ଧା, କୋରାପୁଟ, ମୟୂରଭଞ୍ଜ ଓ ସୁନ୍ଦରଗଡ଼ ଜିଲାରୁ ୫୦୦ରୁ ୧୦୦୦ ଭିତରେ ଛାତ୍ରୀଛାତ୍ର ପରୀକ୍ଷା ଦେବା ପାଇଁ ଆବେଦନ କରିଛନ୍ତି। ବାକି ୧୮ ଜିଲାରୁ ୫୦୦ରୁ କମ୍ ଏବଂ ଦେବଗଡ଼ ଜିଲାରେ ସର୍ବନିମ୍ନ ୮୫ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେବାକୁ ଫର୍ମ ପୂରଣ କରିଛନ୍ତି।

# ୨ ଶିଶୁଙ୍କୁ କୂଅକୁ ଠେଲି ମା'ଙ୍କ ଆତ୍ମହତ୍ୟା ଉଦ୍ୟମ

**ରାଇକିଆ,୧୭।୭(ଡି.ଏନ୍.ଏ.)**

**ପାରିବାରିକ କଳହର କରୁଣ ପରିଣତି**

କନ୍ଧମାଳ ଜିଲା ରାଇକିଆ ଥାନା ଅଞ୍ଚଳରେ ଶୁକ୍ରବାର ଏକ ଅଭାବନୀୟ ଘଟଣା ଘଟିଛି। ପାରିବାରିକ କଳହକୁ କେନ୍ଦ୍ର କରି ନିଜର ୫ ବର୍ଷର ପୁଅ ଓ ୯ ବର୍ଷର ଝିଅକୁ କୂଅ ଭିତରକୁ ଠେଲି ହତ୍ୟା କରିଛନ୍ତି ମା'। ପରେ ନିଜେ କୂଅକୁ ଡେଇଁ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। କିନ୍ତୁ ସୌଭାଗ୍ୟକ୍ରମେ ସେ ବଞ୍ଚିଯାଇଛନ୍ତି। ରାଇକିଆ ଖ୍ରୀଷ୍ଟିଆନ୍ ସାହିରେ ରହୁଥିବା ଏମ୍. ରାଜେଶ ପାତ୍ର ଏବଂ ତାଙ୍କ ସ୍ତ୍ରୀ ଭାଗ୍ୟଲକ୍ଷ୍ମୀଙ୍କ ମଧ୍ୟରେ ଦୀର୍ଘ ଦିନ ହେଲା ପାରିବାରିକ କଳହ ଲାଗି ରହିଥିଲା। ଶୁକ୍ରବାର ପୁଣି କୌଣସି କଥାକୁ ନେଇ ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏଥିରେ ଭାଗ୍ୟଲକ୍ଷ୍ମୀ ରାଗିଯାଇ ପୁଅ ଓ ଝିଅକୁ ଡାକି ନେଇ ରାଇକିଆ ନିକଟସ୍ଥ ଅଲିମାହା ଅଞ୍ଚଳର ଏକ କୂଅ ଭିତରକୁ ଠେଲି ଦେଇଥିଲେ। ପରେ ନିଜେ କୂଅକୁ ଡେଇଁ ଆତ୍ମହତ୍ୟା ଉଦ୍ୟମ କରିଥିଲେ ମଧ୍ୟ ବର୍ତ୍ତି ଯାଇଥିଲେ। ରାତିଯାଏ ଭାଗ୍ୟଲକ୍ଷ୍ମୀ ପିଲାଙ୍କ ସହ ଘରକୁ ନ ଫେରିବାରୁ ପରିବାର ଲୋକେ ଚାରିଆଡ଼େ ଖୋଜାଖୋଜି କରିଥିଲେ ମଧ୍ୟ ସେମାନଙ୍କ ପତ୍ତା ମିଳିନଥିଲା। ଖବର ପାଇ ଶନିବାର ସକାଳେ ଅଗ୍ନିଶମ ବାହିନୀର କର୍ମଚାରୀମାନେ ଉକ୍ତ କୂଅରୁ ଦୁଇ ପିଲାଙ୍କୁ ବାହାର କରି ରାଇକିଆ ମେଡିକାଲ ନେଇଥିଲେ। ସେଠାରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟପଟେ ଭାଗ୍ୟଲକ୍ଷ୍ମୀ ମାନସିକ ଓ ଶାରୀରିକ ନିର୍ଯାତନାର ଶିକାର ହୋଇ ଆସୁଥିଲେ। ଏଥିରେ ଅସହ୍ୟ ହୋଇ ସେ ଏଭଳି ପଦକ୍ଷେପ ନେଇଥିବା ତାଙ୍କ ଭାଇ ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ରାଇକିଆ ପୋଲିସ ନଂ. ୭୧/୨୧ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ତଦନ୍ତ ପରେ ପ୍ରକୃତ ଘଟଣା ଜଣାପଡ଼ିବ ବୋଲି ଥାନାଧିକାରୀ ଶ୍ରୀକାନ୍ତ ଖମାରୀ କହିଛନ୍ତି।

# କ୍ୟାବିନେଟ ନିଷ୍ପତ୍ତି: ସିଇଟି ହେବ ଓୟୁଟିଆର୍

**ଭୁବନେଶ୍ୱର,୧୭।୭(ବ୍ୟୁରୋ)**

**ଓଡ଼ିଶା ବେସାମରିକ ସେବା ନିୟମାବଳୀ-୧୯୯୨ ସଂଶୋଧନ ହେବ**

କଲେଜ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜି(ସିଇଟି)ଭୁବନେଶ୍ୱରକୁ ଏକ ଅନୁବନ୍ଧିତ, ଏକକ ବିଶ୍ୱବିଦ୍ୟାଳୟରେ ପରିଣତ କରି ଓଡ଼ିଶା ଟେକ୍ନୋଲୋଜି ଏବଂ ରିସର୍ଚ୍ଚ ବିଶ୍ୱବିଦ୍ୟାଳୟ(ଓୟୁଟିଆର)ରେ ପରିଣତ କରାଯିବ। ଏ ନେଇ ଶନିବାର ନୂତନ ଓୟୁଟିଆର ଚିଠା ବିଲ୍‌କୁ ରାଜ୍ୟ କ୍ୟାବିନେଟ ଅନୁମୋଦନ କରିଛି। ଏହାଦ୍ୱାରା ଓୟୁଟିଆର ସ୍ନାତକ, ସ୍ନାତକୋତ୍ତର ଏବଂ ପିଏଚ୍‌ଡି ଶିକ୍ଷା କ୍ଷେତ୍ରରେ ନୂତନ ସୁଯୋଗ ପ୍ରଦାନ କରିବାରେ ସକ୍ଷମ ହେବ। ଏହି ବିଶ୍ୱବିଦ୍ୟାଳୟ ଇଞ୍ଜିନିୟରିଂ, ବିଜ୍ଞାନ ଓ ଟେକ୍ନୋଲୋଜି କ୍ଷେତ୍ରରେ ବିଶେଷ ସହାୟକ ହେବ। ସିଇଟିକୁ ବିଶ୍ୱବିଦ୍ୟାଳୟରେ ପରିଣତ କରିବା ଦ୍ୱାରା ରାଜ୍ୟ, ଦେଶ ଏବଂ ବିଦେଶର ଅନ୍ୟ ବିଶ୍ୱବିଦ୍ୟାଳୟଗୁଡ଼ିକ ସହିତ ଉଚ୍ଚଶିକ୍ଷା ଏବଂ ଅନୁସନ୍ଧାନ ପାଇଁ ନୂତନ ଦ୍ୱାର ଉନ୍ମୁକ୍ତ ହୋଇପାରିବ।

ଗ୍ରୁପ୍-ସି କର୍ମଚାରୀଙ୍କ ପଦୋନ୍ନତିକୁ ସରଳ କରିବା ସକାଶେ ଓଡ଼ିଶା ବେସାମରିକ ସେବା (ପଦୋନ୍ନତି ପାଇଁ ମାନଦଣ୍ଡ) ନିୟମାବଳୀ-୧୯୯୨କୁ ସଂଶୋଧନ କରାଯିବ। ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ କ୍ୟାବିନେଟ ଅନୁମୋଦନ କରିଛି। ଉକ୍ତ ନିୟମାବଳୀ ଅନୁଯାୟୀ ଗ୍ରୁପ୍-ସି କର୍ମଚାରୀଙ୍କ ୫ ବର୍ଷର ସିସିଆର, କାର୍ଯ୍ୟଦକ୍ଷତା ଯାଞ୍ଚ କରି ପଦୋନ୍ନତି ଦିଆଯାଇଥାଏ। ଅନେକ ସମୟରେ କର୍ମଚାରୀମାନଙ୍କ ସିସିଆର ଅଭାବ ତଥା ବୈଷୟିକ ଅସୁବିଧା କାରଣରୁ ସମୀକ୍ଷା କର୍ତ୍ତୃପକ୍ଷ, ରିପୋର୍ଟିଂ କର୍ତ୍ତୃପକ୍ଷଙ୍କ ଦ୍ୱାରା ରେକର୍ଡିଂ ନ ହେବା କାରଣରୁ କର୍ମଚାରୀମାନେ ପଦୋନ୍ନତି ପାଇପାରୁ ନାହାନ୍ତି। ଏହି ଅସୁବିଧାକୁ ଦୂର କରିବା ପାଇଁ ଉକ୍ତ ନିୟମରେ ସଂଶୋଧନ କରାଯିବ। ଏହାଦ୍ୱାରା ପଦୋନ୍ନତି ପାଇଁ ଉଚ୍ଚ ଅଧିକାରୀଙ୍କ ଦ୍ୱାରା ସିସିଆର ଆବଶ୍ୟକ ହେବ ନାହିଁ। ଯେଉଁ ଅଧିକାରୀମାନଙ୍କ ପାଖରେ ବର୍ଷକ ପାଇଁ କାର୍ଯ୍ୟ କରୁଛନ୍ତି ସେହି ଅଧିକାରୀ ଉଚ୍ଚ ଦାୟିତ୍ୱ ବହନ ପାଇଁ ଗ୍ରୁପ୍-ସି କର୍ମଚାରୀ ଫିଟ୍ କି ନୁହନ୍ତି ସେ ନେଇ ଏଚ୍‌ଆରଏମ୍‌ଏସ୍ ସିଷ୍ଟମ୍‌ରେ ତାହାକୁ ରେକର୍ଡ କରିବେ। ଏହାକୁ ନେଇ ଡିପିସି ପଦୋନ୍ନତି ପାଇଁ ବିଚାର କରିବ।

# ଏସ୍ଏସ୍‌ସି ଜରିଆରେ ପୂରଣ ହେବ ଗ୍ରାମସେବକ ପଦବୀ

**ଭୁବନେଶ୍ୱର,୧୭।୭(ବ୍ୟୁରୋ)**

**କୋହଳ ହେଲା ବୟସ ସୀମା**

ଗ୍ରାମସେବକମାନଙ୍କୁ ଜିଲାପାଳ ନିଯୁକ୍ତି ଦେବେ ନାହିଁ। ଏଣିକି ଷ୍ଟାଫ୍ ସିଲେକ୍ସନ କମିଶନ (ଏସ୍ଏସ୍‌ସି) ଜରିଆରେ ଖାଲି ପଦବୀ ପୂରଣ ହେବ। ଓଡ଼ିଶା ପଞ୍ଚାୟତ ନିର୍ବାହୀ ଅଧିକାରୀ (ନିଯୁକ୍ତି ଓ ସେବା ସର୍ତ୍ତାବଳୀ) ନିୟମାବଳୀ ୨୦୨୧ କାର୍ଯ୍ୟକାରୀ ହେବ। ପଞ୍ଚାୟତିରାଜ ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ ଅନୁମୋଦନ କରିଛି।

ଏହି ନୂତନ ନିୟମାବଳୀ ଅନୁଯାୟୀ ଖାଲିଥିବା ପଞ୍ଚାୟତ ନିର୍ବାହୀ ଅଧିକାରୀ ପଦବୀ ନିମନ୍ତେ ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ ମାଧ୍ୟମରେ ପ୍ରତ୍ୟକ୍ଷ ନିଯୁକ୍ତି ପରୀକ୍ଷା କରାଯାଇ ପୂରଣ କରାଯିବ। ଗ୍ରାମ ରୋଜଗାର ସେବକମାନଙ୍କର ବୟସ ସୀମା କୋହଳ କରାଯାଇଛି। ସେମାନେ ୪୫ ବର୍ଷ ପର୍ଯ୍ୟନ୍ତ ପ୍ରତିଯୋଗିତାମୂଳକ ପରୀକ୍ଷା ଦେଇପାରିବେ। ଏହାଛଡ଼ା ଗ୍ରାମ ରୋଜଗାର ସେବକମାନଙ୍କୁ ପ୍ରତିବର୍ଷ ଚାକିରି ପାଇଁ ୧ ପ୍ରତିଶତ ହିସାବରେ ସର୍ବାଧିକ ୧୫% ପର୍ଯ୍ୟନ୍ତ ନମ୍ବର ଦିଆଯାଇ ଷ୍ଟାଫ୍ ସିଲେକ୍ସନ କମିଶନଙ୍କ ଦ୍ୱାରା ଯୋଗ୍ୟ ତାଲିକା ପ୍ରସ୍ତୁତ କରାଯିବ। ଗ୍ରାମସେବକମାନଙ୍କ ନିଯୁକ୍ତି ଓ ସେବା ସର୍ତ୍ତାବଳୀ ପାଇଁ ଓଡ଼ିଶା ଗ୍ରାମସେବକ (ନିଯୁକ୍ତି ଓ ସେବା ସର୍ତ୍ତାବଳୀ) ନିୟମାବଳୀ ୨୦୦୮ ଓ ସଂଶୋଧିତ ନିୟମାବଳୀ ୨୦୨୧ ଏବଂ ୨୦୧୩ ପ୍ରଣୟନ ହୋଇଥିଲା। ପ୍ରଚଳିତ ନିୟମ ଅନୁସାରେ ଗ୍ରାମ ପଞ୍ଚାୟତରେ କାର୍ଯ୍ୟରତ ୫ ବର୍ଷ ଅଭିଜ୍ଞତା ଥିବା ଗ୍ରାମ ରୋଜଗାର ସେବକମାନଙ୍କୁ ୩୦% ଖାଲି ପଦବୀରେ ଚୟନ ପ୍ରକ୍ରିୟା ଦ୍ୱାରା କରାଯାଉଥିବା ବେଳେ ୭୦ ପ୍ରତିଶତ ଖାଲି ପଦବୀରେ ଜିଲାପାଳଙ୍କ ଦ୍ୱାରା ପ୍ରତ୍ୟକ୍ଷ ନିଯୁକ୍ତି କରାଯାଉଛି। ଉଚ୍ଚ ମାଧ୍ୟମିକ ସ୍କୁଲ ପରୀକ୍ଷାରେ ରଖିଥିବା ନମ୍ବର ଆଧାରରେ ଚୟନ କରାଯାଉଛି। ତେବେ ଏହି ନିଯୁକ୍ତିକୁ ନେଇ ଅନେକ ବିବାଦ ଦେଖାଦେଉଛି। ଏହି ବିବାଦୀୟ ପରିସ୍ଥିତିକୁ ଏଡ଼ାଇବାକୁ ଓଡ଼ିଶା ପଞ୍ଚାୟତ ନିର୍ବାହୀ ଅଧିକାରୀ (ନିଯୁକ୍ତି ଓ ସେବା ସର୍ତ୍ତବଳୀ) ନିୟମାବଳୀ ୨୦୨୧ ପ୍ରଣୟନ ନିମନ୍ତେ ପ୍ରସ୍ତାବ ଅଣାଯାଇଛି। ପଞ୍ଚାୟତିରାଜ ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ କ୍ୟାବିନେଟ ଅନୁମୋଦନ କରିଛି। ଏଥିସହିତ ରାଜ୍ୟ କ୍ୟାବିନେଟ ଓଡ଼ିଶା ଅଧସ୍ତନ ପରିସଂଖ୍ୟାନ ଓ ଅର୍ଥନୀତି ସେବା ନିୟମ ପ୍ରସ୍ତାବକୁ ଅନୁମୋଦନ କରିଛି। ଏହାଦ୍ୱାରା ଓଡ଼ିଶା ଅଧସ୍ତନ ପରିସଂଖ୍ୟାନ ଓ ଅର୍ଥନୀତି ସେବା ଅଧୀନରେ ଥିବା ଅଧିକାରୀଙ୍କ କାର୍ଯ୍ୟଦକ୍ଷତା ବୃଦ୍ଧି କରିବା ଦିଗରେ ସହାୟକ ହେବ।




# କ୍ରୀଡ଼ାମନ୍ତ୍ରୀଙ୍କ ଗସ୍ତକୁ ବିରୋଧ କଲେ ବିଧାୟକ

**ଉମରକୋଟ/ରାଇଘର, ୧୭।୭(ସ୍ୱ.ପ୍ର./ଡି.ଏନ୍.ଏ.)**

ରାଜ୍ୟ କ୍ରୀଡ଼ା, ଯୁବବ୍ୟାପାର ମନ୍ତ୍ରୀ ତଥା ବିଜେଡିର ନବରଙ୍ଗପୁର ଜିଲା ପର୍ଯ୍ୟବେକ୍ଷକ ତୁଷାରକାନ୍ତି ବେହେରା ୩ ଦିନିଆ ନବରଙ୍ଗପୁର ଜିଲା ଗସ୍ତରେ ଆସି ଶନିବାର ଉମରକୋଟରେ ପହଞ୍ଚିଥିଲେ। ତେବେ ମନ୍ତ୍ରୀଙ୍କ ଗସ୍ତକୁ ବିରୋଧ କରିଛି ଭାଜପା। ଉମରକୋଟ ନୂତନ ବସ୍‌ଷ୍ଟାଣ୍ଡ ନିକଟରେ ଭାଜପା କର୍ମୀମାନେ ମନ୍ତ୍ରୀଙ୍କୁ କଳାପତାକା ଦେଖାଇଥିଲେ। ଏହାକୁ ନେଇ ଉଭୟ ଭାଜପା ଏବଂ ବିଜେଡି କର୍ମୀଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ଏହି ଘଟଣାରେ ପୋଲିସ ୩ ଭାଜପା କର୍ମୀଙ୍କୁ ଉମରକୋଟ ଥାନାରେ ଅଟକ ରଖିଛି। ସେହିପରି ରାଇଘରଠାରେ ମଧ୍ୟ ମନ୍ତ୍ରୀଙ୍କୁ କଳାପତାକା ଦେଖାଇ ଆଉ ୨ ଭାଜପା କର୍ମୀ ଅଟକଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ ଏକ ଖବରଦାତା ସମ୍ମିଳନୀରେ ଅଭିଯୋଗ କରିଛନ୍ତି ଯେ, ମନ୍ତ୍ରୀଙ୍କ ଗସ୍ତବେଳେ ତାଙ୍କୁ ଅପମାନ କରାଯାଇଛି। ତାଙ୍କ ଅଭିଯୋଗ ହେଲା, ଉମରକୋଟ ମିନି ଷ୍ଟାଡିୟମଠାରେ ଶନିବାର ଏକ ଶିଳାନ୍ୟାସ କାର୍ଯ୍ୟକ୍ରମ ରହିଥିଲା। ଏଥିରେ ତାଙ୍କୁ ଉମରକୋଟ ପୌରାଧ୍ୟକ୍ଷଙ୍କ ବ୍ୟତୀତ ଅନ୍ୟ କେହି ଯୋଗାଯୋଗ କରି ନ ଥିଲେ। ଏମିତିକି ମନ୍ତ୍ରୀଙ୍କ ଗସ୍ତ ସୂଚୀ ତାଙ୍କୁ ଦିଆଯାଇ ନ ଥିଲା। ପୌରାଧ୍ୟକ୍ଷଙ୍କ ମାଧ୍ୟମରେ ପାଇଥିବା ଖବର ଅନୁଯାୟୀ ସେ ପୂର୍ବାହ୍ନ ୧୦ଟାରେ କାର୍ଯ୍ୟକ୍ରମ ସ୍ଥଳରେ ପହଞ୍ଚିଥିଲେ। ସେଠାରେ ୪୦ମିନିଟ୍ ଅପେକ୍ଷାକରି ମନ୍ତ୍ରୀ ନ ପହଞ୍ଚିବାରୁ ଫେରିଥିଲେ। ମନ୍ତ୍ରୀ ତାଙ୍କ ନିର୍ଦ୍ଧାରିତ ଗସ୍ତ ସମୟ ପୂର୍ବାହ୍ନ ୧୧ଟାରେ ପହଞ୍ଚିଥିଲେ। ମନ୍ତ୍ରୀ ପହଞ୍ଚିବା ପରେ ତାଙ୍କୁ କାହିଁକି ସୂଚନା ଦିଆଗଲା ନାହିଁ ବୋଲି ବିଧାୟକ ଗଣ୍ଡ ପ୍ରଶ୍ନ କରିଛନ୍ତି। ଏହା ଏକ ଅସାମ୍ବିଧାନିକ କାର୍ଯ୍ୟ ଓ ସ୍ଥାନୀୟ ବିଧାୟକଙ୍କ ପ୍ରତି ଅପମାନ ବୋଲି ସେ କହିଛନ୍ତି। ସେହିପରି ଭାଜପା କର୍ମୀଙ୍କୁ ଅଟକ ଘଟଣାର ପ୍ରତିବାଦ କରି ବିଧାୟକ ଦଳୀୟ କର୍ମୀଙ୍କ ସହ ଉମରକୋଟ ଥାନା ସମ୍ମୁଖରେ ଧାରଣାରେ ବସିଛନ୍ତି। ଅଟକ କର୍ମୀଙ୍କୁ ଥାନାରୁ ନ ଛାଡ଼ିବା ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ସେ କହିଛନ୍ତି। ଅପରପକ୍ଷରେ କଳାପତାକା ପ୍ରଦର୍ଶନର ପ୍ରତିବାଦ କରି ବିଜୁ ଛାତ୍ର ଜନତା ଦଳର ସଭାପତି ସୁଧାଂଶୁ ଦାସଙ୍କ ନେତୃତ୍ୱରେ ଦଳୀୟ କର୍ମୀ ଉମରକୋଟ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଖବର ଲେଖାହେବା ପର୍ଯ୍ୟନ୍ତ ବିଧାୟକ ଧାରଣାରୁ ହଟି ନ ଥିଲେ।


ଉମରକୋଟ ବିଧାୟକ ଦଳୀୟ କର୍ମୀଙ୍କ ସହ ଥାନା ଆଗରେ ଧରଣାରେ ବସିଛନ୍ତି।

**ଆଜିର ମନ୍ତବ୍ୟ**

ବେଆଇନ ଅସ୍ତ୍ରଶସ୍ତ୍ର ଓ ନିଶା କାରବାର, ଅନୁପ୍ରବେଶ, ଚୋରା ଚାଲାଣ ଆଦି ରୋକିବାକୁ ୨୦୨୨ ପୂର୍ବରୁ ଅସୁରକ୍ଷିତ ଥିବା ୭,୫୦୦ ଲମ୍ବ ପରିବ୍ୟାପ୍ତ ଭାରତର ସୀମାକୁ ସିଲ୍ କରିଦିଆଯିବ। **-ଅମିତ ଶାହା, ସ୍ୱରାଷ୍ଟ୍ର ମନ୍ତ୍ରୀ**

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................

ବୟସ:..................................

ଜନ୍ମ ତାରିଖ: ..............................



ଲୋଲୋ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କଡ଼ାକର ଫୁଲ ନାହିଁ କାହାଣକର ଗୁମାନ।**

ସାମାନ୍ୟ ସୁନା ଟିକକର ଗହଣା ପିନ୍ଧି ଅନ୍ୟ ଆଗରେ ନିଜକୁ ଦେଖେଇ ହେବାରେ ଲାଭ କିଛି ମିଳି ନ ଥାଏ। ନିଃସ୍ୱ ବ୍ୟକ୍ତିଙ୍କ ପକ୍ଷେ ଏପରି ଫୁଲାଣିଆ ଭାବଭଙ୍ଗୀ ଶୋଭା ପାଇ ନ ଥାଏ। ସାମାନ୍ୟ ଅଳଙ୍କାର ଟିକେ ପିନ୍ଧି ଅନ୍ୟ ଆଗରେ ଫୁଲେଇ ହୋଇ ନିଜର ଆତ୍ମବଡ଼ିମା ଦେଖେଇ ହେଉଥିବା ମହିଳା ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**କାଉ ଖାଏ ପଣସ, ବଗ ମୁଣ୍ଡରେ ଅଠା।**

ଧୂର୍ତ୍ତ ବ୍ୟକ୍ତିଙ୍କ କାର୍ଯ୍ୟକଳାପକୁ କେହି ସହଜରେ ଜାଣିପାରି ନ ଥାନ୍ତି। ଲୁଟି ମାରି ଖାଇ ସବୁ ଦୋଷ ନିରୀହ ବ୍ୟକ୍ତି ମୁଣ୍ଡରେ ଲଦି ଦେଇଥାନ୍ତି। ଫଳସ୍ୱରୂପ କିଛି ନ କରି ମଧ୍ୟ ସରଳ ନିଷ୍ପାପ ବ୍ୟକ୍ତି ଅଯଥାରେ ଦଣ୍ଡିତ ହୋଇଥାନ୍ତି। ନେବା ଲୋକର ପତ୍ତା ନ ଥିବା ସ୍ଥଳେ ନିରୀହ ଲୋକକୁ ଦଣ୍ଡ ଦିଆଯିବା ଅମାନବିକତାର ପରିଚୟ ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ପ୍ରଥମ ପୃଷ୍ଠାରୁ...

### ୩ ମେଗା ପାନୀୟ ଜଳ ...

ସେଥିରୁ ବିସ୍ରା ବ୍ଲକର ୧୨ ପଞ୍ଚାୟତର ୬୨ ଗ୍ରାମର ପ୍ରାୟ ୬୩,୧୩୮ ଜଣ, ଲାଠିକଟା ବ୍ଲକ ୧୭ ପଞ୍ଚାୟତର ୭୦ ଗ୍ରାମର ପ୍ରାୟ ୧,୦୪, ୯୩୦ ଜଣ ଲୋକ, ଲହୁଣିପଡ଼ା ବ୍ଲକ ଅଧୀନ ୭ ପଞ୍ଚାୟତ ଅନ୍ତର୍ଗତ ୭୦ ଗ୍ରାମର ପ୍ରାୟ ୩୪,୯୧୭ ଜଣ ଲୋକ ଓ ବଣାଇ ବ୍ଲକ ୧୩ ପଞ୍ଚାୟତର ୯୩ ଗ୍ରାମର ପ୍ରାୟ ୫୬ ହଜାର ଲୋକ ଏହି ପ୍ରକଳ୍ପ ଦ୍ୱାରା ଉପକୃତ ହେବେ। ଏହି ପ୍ରକଳ୍ପ କାର୍ଯ୍ୟ ଆସନ୍ତା ୨୪ ମାସ ମଧ୍ୟରେ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି। ଉକ୍ତ ପ୍ରକଳ୍ପ ପାଇଁ ୩୮୮ କୋଟି ୮୧ ଲକ୍ଷ ୮୭ ହଜାର ୩୮୦ ଟଙ୍କା ବ୍ୟୟ ବରାଦ କରାଯାଇଛି। ଅନ୍ୟ ଏକ ମେଗା ପାନୀୟ ଜଳ ପ୍ରକଳ୍ପ ମାଧ୍ୟମରେ ସୁନ୍ଦରଗଡ ଜିଲାର ୬ ବ୍ଲକ ୮୪ ପଞ୍ଚାୟତ ୪୨୧ ଗ୍ରାମର ୩,୭୮,୭୯୦ ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦିଆଯିବ। ସେଥିମଧ୍ୟରୁ ବାଲିଶଙ୍କରା ବ୍ଲକର ୧୯ ପଞ୍ଚାୟତ ଅନ୍ତର୍ଗତ ୮୫ ଗ୍ରାମରେ ପ୍ରାୟ ୮୭,୯୮୦ ଜଣ ଲୋକ, ଲେଫ୍ରିପଡ଼ା ବ୍ଲକ ଅଧୀରେ ନ ଥିବା ୧୩ ପଞ୍ଚାୟତ ଅନ୍ତର୍ଗତ ୭୬ ଗ୍ରାମର ପ୍ରାୟ ୪୮,୯୨୫ ଜଣ, ଟାଙ୍ଗରପାଳି ବ୍ଲକ ୧୩ ପଞ୍ଚାୟତର ୭୩ ଗ୍ରାମର ପ୍ରାୟ ୬୩,୬୭୩ ଜଣ, ସୁନ୍ଦରଗଡ ବ୍ଲକ ୧୬ ପଞ୍ଚାୟତର ୮୫ ଗ୍ରାମର ୭୧,୦୮୨, ବରଗାଁ ବ୍ଲକ ୯ ପଞ୍ଚାୟତର ୪୨ ଗ୍ରାମର ପ୍ରାୟ ୪୪,୮୫୫ ଏବଂ ସବ୍‌ଡେଗା ବ୍ଲକ ୧୪ ପଞ୍ଚାୟତର ୬୦ ଗ୍ରାମର ପ୍ରାୟ ୬୨,୨୭୫ ଜଣ ଲୋକ ଏହି ପାନୀୟ ଜଳ ପ୍ରକଳ୍ପ ଦ୍ୱାରା ଉପକୃତ ହେବେ। ଏହି ପ୍ରକଳ୍ପ ପାଇଁ ଖର୍ଚ୍ଚ ହେବାକୁ ଥିବା ୭୮୬ କୋଟି ୬୬ ଲକ୍ଷ ୫୫ ହଜାର ୩୮୦ ଟଙ୍କାର ସର୍ବନିମ୍ନ ଟେଣ୍ଡରକୁ କ୍ୟାବିନେଟ ଅନୁମୋଦନ କରିଛି। ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ୨ ବର୍ଷ ମଧ୍ୟରେ ଶେଷ ହେବ।

ରାଜ୍ୟ ସରକାର ଜଳ ଜୀବନ ମିଶନ ଯୋଜନାରେ କଟକ ଜିଲାରେ ଗୋଟିଏ ବୃହତ୍ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ଜରିଆରେ ପାନୀୟ ଜଳ ଯୋଗାଇଦେବାକୁ ନିଷ୍ପତ୍ତି ନେଇଛନ୍ତି। ଜିଲାର ୪ ବ୍ଲକ ଅଧୀନ ୫୬ ପଞ୍ଚାୟତର ୨୬୨ ଗ୍ରାମରେ ବାସ କରୁଥିବା ପ୍ରାୟ ୨,୬୧, ୯୭୮ ଜଣଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦିଆଯିବ। ସେଥିରୁ ଆଠଗଡ଼ ବ୍ଲକ ୧୮୬ ଗ୍ରାମର ପ୍ରାୟ ୧,୪୫,୬୫୨, ତିଗିରିଆ ବ୍ଲକର ୪୮ ଗ୍ରାମର ୭୫,୭୩୫, ବାଙ୍କୀ ବ୍ଲକର ୨୪ ଗ୍ରାମର ୩୪,୪୭୦ ଜଣ ଓ ଟାଙ୍ଗୀ-ଚୌଦ୍ୱାର ବ୍ଲକ ଗୋଟିଏ ପଞ୍ଚାୟତର ୪ ଗ୍ରାମର ପ୍ରାୟ ୬,୧୨୧ ଜଣ ଲୋକ ପାନୀୟ ଜଳ ପ୍ରକଳ୍ପ ଦ୍ୱାରା ଉପକୃତ ହୋଇପାରିବେ। ଏହି ପ୍ରକଳ୍ପ ପାଇଁ ୨୭୫ କୋଟି ୩୯ ଲକ୍ଷ ୮୩ ହଜାର ୯୬୦ ଟଙ୍କା ବ୍ୟୟ କରାଯିବ। ୨୪ ମାସ ମଧ୍ୟରେ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି। ପଞ୍ଚାୟତିରାଜ ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ କ୍ୟାବିନେଟ ଅନୁମୋଦନ କରିଛି।

ଅନ୍ୟପକ୍ଷରେ କେନ୍ଦୁଝର ଜିଲାର ଯୋଡ଼ା ଏବଂ ଚମ୍ପୁଆ ସହର ଜଳ ଯୋଗାଣ ପ୍ରକଳ୍ପକୁ କ୍ୟାବିନେଟ ମୋହର ମାରିଛି। ଜଳ ନିଗମ (ୱାଟ୍‌କୋ) ମାଧ୍ୟମରେ ଉକ୍ତ ଦୁଇ ସହରକୁ ଡ୍ରିଙ୍କ ଫ୍ରମ୍ ଟ୍ୟାପ ଯୋଗେ ପାନୀୟ ଜଳ ଯୋଗାଇ ଦିଆଯିବ। ଯୋଡ଼ା ସହର ପାଇଁ ୧୯.୫୧ ନିୟୁତ କ୍ଷମତା ବିଶିଷ୍ଟ ଇନ୍‌ଟେକ୍ ୱେଲ୍, ୫ଟି ଜଳଭଣ୍ଡାର ଯୋଗେ ୭୦ କିଲୋମିଟର ପାନୀୟ ଜଳ ଯୋଗାଇ ଦିଆଯିବ। ସେହିପରି ଚମ୍ପୁଆ ସହରକୁ ୩ ଜଳଭଣ୍ଡାର ଜରିଆରେ ୧୬.୫ କିଲୋମିଟରକୁ ପାନୀୟ ଜଳ ଯୋଗାଇ ଦିଆଯିବ। ଉକ୍ତ ଦୁଇ ସହର ପାନୀୟ ଜଳ ପ୍ରକଳ୍ପ ପାଇଁ ୧୦୩.୮୫ କୋଟି ଟଙ୍କା ବ୍ୟୟ କରାଯିବ। ୨୦୨୧ ସେପ୍ଟେମ୍ବର ପହିଲାରୁ କାର୍ଯ୍ୟ ଆରମ୍ଭ ହୋଇ ୨୦୨୩ ଅଗଷ୍ଟ ୩୧ ସୁଦ୍ଧା ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି। ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ କ୍ୟାବିନେଟ ଅନୁମୋଦନ କରିଛି।

### ଓସ୍ୱାନ ପାଇଁ ...

କରିଥାଏ। ଏହି ଅପଗ୍ରେଡେଶନ ଦ୍ୱାରା ପୁରୁଣା ଉପକରଣ ବଦଳାଯିବ। ଏହାଦ୍ୱାରା ରାଜ୍ୟ ମୁଖ୍ୟ କାର୍ଯ୍ୟାଳୟ ସହ ୩୦ ଜିଲା ମୁଖ୍ୟାଳୟ ଏବଂ ୩୧୪ ବ୍ଲକ ମୁଖ୍ୟାଳୟର ବ୍ୟାଣ୍ଡୱିଡଥ୍ ବୃଦ୍ଧି, ଲୋଡ୍ ବଣ୍ଟନ ଓ ସଂଯୋଗର ଉଚ୍ଚ ଉପଲବ୍ଧତା ପାଇଁ ସେକେଣ୍ଡାରି ବ୍ୟାଣ୍ଡୱିଡଥ୍ ଯୋଗାଇ ଦେବା ଯୋଜନା ରହିଛି।

### ସିବିଏସ୍ଇ ଢାଞ୍ଚାରେ ନବମ, ...

ଶିକ୍ଷକ ବା ବିଷୟ ଶିକ୍ଷକଙ୍କ ଦ୍ୱାରା ବିଦ୍ୟାଳୟ ସ୍ତରରେ କରାଯିବ। ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ନବମ ଓ ଦଶମ ଶ୍ରେଣୀ ପାଇଁ ପ୍ରଶ୍ନପତ୍ର ପ୍ରସ୍ତୁତି ଓ ପରିଚାଳନା କରାଯିବ। କୌଣସି ପରିସ୍ଥିତିରେ ଯଦି ଫାଇନାଲ ପରୀକ୍ଷା ନ ହୁଏ ତେବେ ଆସେସମେଣ୍ଟ ଟେଷ୍ଟ ଆଧାରରେ ମୂଲ୍ୟାଙ୍କନ ହେବ। ଛାତ୍ରୀଛାତ୍ର ଓ ଅଭିଭାବକଙ୍କ ଅବଗତି ନିମନ୍ତେ ପରିଷଦ ପକ୍ଷରୁ ଏ ନେଇ ମାର୍ଗଦର୍ଶିକା ଜାରି କରାଯାଇଛି।

ପ୍ରଥମଥର ପାଇଁ କୋଭିଡ୍ କଟକଣାକୁ ଦୃଷ୍ଟିରେ ରଖି ପରିଷଦ ପକ୍ଷରୁ ନବମ ଓ ଦଶମ ଶ୍ରେଣୀ ପାଇଁ ନିରନ୍ତର ଓ ବ୍ୟାପକ ମୂଲ୍ୟାୟନ (କଣ୍ଟିନିୟସ ଆଣ୍ଡ୍ କମ୍ପ୍ରେହେନ୍‌ସିଭ୍ ଇଭାଲୁଏଶନ୍) ବ୍ୟବସ୍ଥା କରାଯାଇଛି। ତେଣୁ ଅଭିଭାବକ ଓ ଛାତ୍ରୀଛାତ୍ରମାନେ ସବୁ ପରୀକ୍ଷାକୁ ଗୁରୁତ୍ୱ ଦିଅନ୍ତୁ ବୋଲି ପରିଷଦ ପରାମର୍ଶ ଦେଇଛି। କୋଭିଡ୍ ପରିସ୍ଥିତିକୁ ଅନୁଧ୍ୟାନ କରି ଆଗାମୀ ଦିନରେ ମାଟ୍ରିକ ପରୀକ୍ଷା ଦିଗରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସଚିବ ସତ୍ୟବ୍ରତ ସାହୁ କହିଛନ୍ତି। ସେହିଭଳି ଯୁକ୍ତ୨ ପିଲାଙ୍କ ପାଇଁ କଣ୍ଟିନିୟସ ଆସେସ୍‌ମେଣ୍ଟ ପଦ୍ଧତି ଆପଣାଇବାକୁ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ଯୋଜନା ରହିଛି। ଏସବୁ ଭିତରେ ଜୁଲାଇ ୩୧ ସୁଦ୍ଧା ଯୁକ୍ତ୨ ପରୀକ୍ଷା ଫଳ ପ୍ରକାଶ ପାଇବ ବୋଲି ଜଣାପଡ଼ିଛି।

### ପୁଣି ୩୦ ପଇସା ବଢ଼ିଲା...

ଏଠାରେ ପେଟ୍ରୋଲ ଲିଟର ପିଛା ୧୦୨.୬୬ ଟଙ୍କା ଏବଂ ଡିଜେଲ ୯୭.୯୫ ଟଙ୍କାରେ ବିକ୍ରି ହେଉଛି। ସେହିଭଳି କଟକ ସହରରେ ପେଟ୍ରୋଲ ଲିଟର ପିଛା ୧୦୨.୯୯ ଟଙ୍କା ଏବଂ ଡିଜେଲ ୯୮.୨୬ ଟଙ୍କାରେ କାରବାର ହେଉଛି। ଏହି ଦରବୃଦ୍ଧି ଫଳରେ ସାରା ରାଜ୍ୟରେ ପେଟ୍ରୋଲ ଲିଟର ପିଛା ପ୍ରାୟ ୧୦୩ ଟଙ୍କାରେ ପହଞ୍ଚିଛି। ସେହିଭଳି ବଲାଙ୍ଗୀର, ଗଜପତି, କଳାହାଣ୍ଡି, କୋରାପୁଟ, ରାୟଗଡ଼ା, ନୂଆପଡ଼ା, ନବରଙ୍ଗପୁର ଓ ମାଲକାନଗିରି ଭଳି ୮ ଜିଲାରେ ଡିଜେଲ ଦର ମଧ୍ୟ ୧୦୧ ଟଙ୍କା ଉପରେ ବିକ୍ରି ହେଉଛି।

ଅପରପକ୍ଷରେ ନୂଆଦିଲ୍ଲୀରେ ପେଟ୍ରୋଲ ୩୦ ପଇସା ବୃଦ୍ଧି ଘଟିଥିବା ବେଳେ ଡିଜେଲ ଦର ଅପରିବର୍ତ୍ତିତ ରହିଛି। ଫଳରେ ସେଠାରେ ପେଟ୍ରୋଲ ଲିଟର ପିଛା ୧୦୧.୮୪ ଟଙ୍କା ଏବଂ ଡିଜେଲ ୮୯.୮୭ ଟଙ୍କାରେ ପହଞ୍ଚିଛି। ମେ' ୪ ଠାରୁ ଦିଲ୍ଲୀରେ ପେଟ୍ରୋଲ ଉପରେ ୧୧.୪୪ ଟଙ୍କା ଏବଂ ଡିଜେଲ ୯.୧୪ ଟଙ୍କା ବୃଦ୍ଧି ପାଇଥିବା ସହ ପେଟ୍ରୋଲ ୪୧ ଥର ଓ ଡିଜେଲ ୩୭ ଥର ବଢ଼ିଥିବା ତୈଳ କମ୍ପାନୀଗୁଡିକ ସୂଚନା ଦେଇଛନ୍ତି।

ଦେଶର ଅନ୍ୟ ପ୍ରମୁଖ ମେଟ୍ରୋ ସହର ଚେନ୍ନାଇ, କୋଲକାତା ଏବଂ ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ଯଥାକ୍ରମେ ୧୦୨.୪୯ ଟଙ୍କା, ୧୦୨.୦୮ ଟଙ୍କା ଏବଂ ୧୦୭.୮୩ ଟଙ୍କାରେ ପହଞ୍ଚିଛି। ସେହିଭଳି ଏହିସବୁ ମେଟ୍ରୋ ସହରରେ ଡିଜେଲ ଦର ଯଥାକ୍ରମେ ୯୪.୩୯ ଟଙ୍କା, ୯୩.୦୨ ଟଙ୍କା ଏବଂ ୯୭.୪୫ ଟଙ୍କାରେ ବିକ୍ରି କରାଯାଉଛି। ଏହି ଦର ବୃଦ୍ଧି ଫଳରେ ଦେଶର ୨୪ ପ୍ରମୁଖ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ପେଟ୍ରୋଲ ମୂଲ୍ୟ ୧୦୦ ଟଙ୍କା ଉପରେ ଥିବା ବେଳେ ୩ ରାଜ୍ୟରେ ଡିଜେଲ ମଧ୍ୟ ୧୦୦ ଟଙ୍କାରେ ବିକ୍ରି ହେଉଛି।

### ଖରା, ପବନରେ ...

ହୋଇଯିବ ଏବଂ ଏହାଦ୍ୱାରା ପରିବେଶ ଉପରେ କୌଣସି କୁପ୍ରଭାବ ପଡ଼ିବ ନାହିଁ ବୋଲି ଏହି ଗବେଷକ ଟିମ୍ ଦାବି କରିଛି। ସାଧାରଣତଃ ପ୍ଲାଷ୍ଟିକ୍ ମଧ୍ୟରେ ଥିବା ବଣ୍ଡ୍‌କୁ ଭାଙ୍ଗିବା ସହଜ ହୋଇ ନ ଥାଏ। ଏ ସବୁ ପ୍ରକ୍ରିୟାରେ ସକିନିକ୍ ଏସିଡ୍ ନିର୍ଗତ ହେବ ବୋଲି ଜଣାପଡ଼ିଛି। ଏହି ଉତ୍ପାଦକୁ ଫାର୍ମାସ୍ୟୁଟିକାଲ କିମ୍ବା ଖାଦ୍ୟ ପ୍ରସ୍ତୁତି ବ୍ୟବସାୟରେ ପୁନଃ ବ୍ୟବହାର କରାଯାଇପାରିବ।

ଅନ୍ୟପକ୍ଷରେ ସ୍ୱତନ୍ତ୍ର ମଲିକ୍ୟୁଲାର ଷ୍ଟ୍ରକଚର ବା ଆଣବିକ ଗଠନ ଯୋଗୁ ଛାଇ ଜାଗାରେ ରଖାଯିବାକୁ ଥିବାରୁ ଏହା ସୋଡା ବୋତଲ ବା ଶପିଂ ବ୍ୟାଗ୍ ନିର୍ମାଣରେ ପ୍ରଯୁଜ୍ୟ ହୋଇ ନ ପାରେ। ତେବେ ବୈଦ୍ୟୁତିକ ଉପକରଣ, ସ୍ମାର୍ଟଫୋନ୍‌ର ବିଭିନ୍ନ ଅଂଶ ନିର୍ମାଣରେ ଏହା ଲାଗିପାରିବ। ବର୍ଷ ବର୍ଷ ଧରି ତାହାକୁ ବ୍ୟବହାର କରିହେବ ବୋଲି ଗବେଷକମାନେ ଦାବି କରିଛନ୍ତି। ଏ ଦିଗରେ ଅଧିକ ଗବେଷଣା ଜାରି ରହିଛି। ଏହି ମ୍ୟାଟେରିଆଲର ବ୍ୟବସାୟୀକରଣ କରି ଦୈନନ୍ଦିନ ଜୀବନରେ ବ୍ୟବହାର କରିବା ପାଇଁ ଆଉ କିଛି ବର୍ଷ ସମୟ ଲାଗିପାରେ।

### ୨୬ରୁ ସ୍କୁଲ...

ବିଭାଗ ତରଫରୁ ନିର୍ଦ୍ଦେଶ ଦିଆଯାଇଥିବା ସେ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଅଗଷ୍ଟରୁ ନବମ ଓ ସେପ୍ଟେମ୍ବରରେ ଏକାଦଶ ଶ୍ରେଣୀର କ୍ଲାସ୍‌ରୁମ୍ ପାଠପଢ଼ା ଆରମ୍ଭ ହୋଇପାରେ ବୋଲି ଗଣଶିକ୍ଷା ସଚିବ ସୂଚନା ଦେଇଛନ୍ତି। ଦଶମ ଓ ଦ୍ୱାଦଶ ପରେ ନବମ ପାଇଁ ଆମେ ଧ୍ୟାନ ଦେଉଛୁ। ଯଦି ସ୍ଥିତି ଠିକ୍ ରହେ, ତେବେ ଅଗଷ୍ଟ ୧୬ରୁ ନବମ ଖୋଲିବ। ସେପ୍ଟେମ୍ବର ୧୫ ପରେ ଏକାଦଶ ଶ୍ରେଣୀ ପାଠପଢ଼ା ଆରମ୍ଭ କରିବାକୁ ରାଜ୍ୟ ସରକାର ଆପାତତଃ ନିଷ୍ପତ୍ତି ନେଇଥିବା ସଚିବ ସାହୁ କହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ଆପଣ ଯେଉଁ କାମରେ ହାତ ଦେଲେ ମଧ୍ୟ ସଫଳତା ହାସଲ କରିବେ। ସହକର୍ମୀମାନଙ୍କର କୌଣସିଥିରେ ସାହାଯ୍ୟ ସହଯୋଗର ଅଭାବ ରହିବ ନାହିଁ। ଇଚ୍ଛା ନ ଥିଲେ ମଧ୍ୟ ପରିସ୍ଥିତିରେ ପଡି ଦୂରସ୍ଥାନକୁ ଯିବା ପାଇଁ ବାଧ୍ୟ ହୋଇପାରନ୍ତି। ଆନୁଷ୍ଠାନିକ କ୍ଷେତ୍ରରେ ସଫଳତା ମିଳିବ ଏବଂ ବନ୍ଧୁଗହଣରେ ସମୟ ବିତିବ।

**ବୃଷ**
କର୍ମକ୍ଷେତ୍ରରେ ଅନ୍ୟମନସ୍କ ରହିବା କାରଣରୁ ବାରମ୍ବାର ଭୁଲ୍ କରିବାକୁ ପଡ଼ିପାରେ। ପାରିବାରିକ କ୍ଷେତ୍ରରେ ଅତୀତ ଘଟଣାକୁ କେନ୍ଦ୍ରକରି ବିବାଦୀୟ ପରିସ୍ଥିତି ସୃଷ୍ଟି ହେବ। ଘରୋଇ କାମରେ ଅସମ୍ପୂର୍ଣ୍ଣ କାମକୁ ପୂର୍ଣ୍ଣାଙ୍ଗ କରିବାରେ ଜଣେ ବ୍ୟକ୍ତି ସାହାଯ୍ୟ କରିବେ। ପରିସ୍ଥିତିରେ ପଡ଼ି ଧାର କରଜ କରିବାକୁ ବାଧ୍ୟ ହୋଇପାରନ୍ତି।

**ମିଥୁନ**
ଆତ୍ମୀୟସ୍ୱଜନଙ୍କ ସହାୟତାରେ ଆଜିର କାମ ଗୁଡ଼ିକ ସବୁ ଠିକ୍‌ଠାକ୍ ହୋଇଯିବ। ପରିବାରର ଖର୍ଚ୍ଚ ପରିମାଣ ବୃଦ୍ଧି ଯୋଗୁଁ ମନରେ ସରସତା ରହିବ ନାହିଁ। କଳା, କ୍ରୀଡ଼ା ସାହିତ୍ୟ, ସାମ୍ବାଦିକତା, ରଚନାତ୍ମକ କାର୍ଯ୍ୟ କ୍ଷେତ୍ରରେ ସଫଳତା ମିଳିପାରେ। ଅନ୍ୟ ଦ୍ୱାରା ପ୍ରଭାବିତ ହୋଇ କୌଣସି ଭୁଲ୍ କରିପାରନ୍ତି।

**କର୍କଟ**
ପାରିବାରିକ ସ୍ତରରେ କୌଣସି ସମସ୍ୟା ସମ୍ବନ୍ଧରେ ଆଲୋଚନା କରି ବନ୍ଧୁଙ୍କ ପରାମର୍ଶରେ ସାନ୍ତ୍ୱନା ମିଳିବ। କିନ୍ତୁ ପ୍ରତ୍ୟେକ କ୍ଷେତ୍ରରେ ତରବରିଆ ପଦକ୍ଷେପ ନେଲେ ଅସୁବିଧାରେ ପଡ଼ିବେ। ଯେଉଁ ଜିନିଷଟିକୁ ପାଇବାକୁ ଅପେକ୍ଷା କରିଛନ୍ତି, ତାହା ସାମାନ୍ୟ ବିଳମ୍ବରେ ପାଇବେ। ଆଜି ଅଫିସ୍‌ରେ ଯୁକ୍ତିତର୍କଠାରୁ ଦୂରେଇ ରହିବା ଭଲ।

**ସିଂହ**
ଆଜିର କର୍ମକ୍ଷେତ୍ରରେ ଶୀଘ୍ର ଶୀଘ୍ର ଶେଷ କରିବାକୁ ଆଶାକରି କାର୍ଯ୍ୟର ବିଳମ୍ବତାକୁ ଲକ୍ଷ୍ୟକରି ବ୍ୟସ୍ତ ହୋଇପଡିବେ। ଘରେ ବନ୍ଧୁମିଳନ ସହିତ ଖୁସିର ଆସର ଜମିପାରେ। ପରିବାରର ବରାଦ ଅନୁସାରେ ଗୃହକୁ ସୌଖୀନ ପଦାର୍ଥ ଆଣିପାରନ୍ତି। କନ୍ୟାଙ୍କ ବିବାହ ପ୍ରସ୍ତାବ ନେଇ ଜଣେ ବ୍ୟକ୍ତି ହଠାତ୍ ଆସିପାରନ୍ତି।

**କନ୍ୟା**
ଦୀର୍ଘଦିନରୁ ମଉଳି ଯାଇଥିବା ଆଶା ପୁଣି କଅଁଳି ଉଠିବ। ନୂତନ କାର୍ଯ୍ୟାରମ୍ଭରେ ହାତ ଦେଇ କୃତକାର୍ଯ୍ୟ ହେବେ। ସାମାଜିକ ସ୍ତରରେ ସମ୍ମାନ ଲାଭ କରିବେ। ସନ୍ତାନ ହେତୁକ ଚିନ୍ତା ଦୂରହେବ। ଚିତ୍ରା ନକ୍ଷତ୍ର ବନ୍ଧୁ ଗହଣରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି।

**ତୁଳା**
ଲାଗି ରହିଥିବା ସ୍ୱାସ୍ଥ୍ୟ ସମସ୍ୟା ମନକୁ ଭାରାକ୍ରାନ୍ତ କରିବ। କୌଣସି କ୍ଷେତ୍ରରେ ତରବରିଆ ପଦକ୍ଷେପ ନେଲେ ଅସୁବିଧାରେ ପଡ଼ିବେ। କୌଣସି ସୂତ୍ରରୁ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ବନ୍ଧୁମାନଙ୍କ ସହ ଆଜିର ପ୍ରାତଃଭ୍ରମଣ ବେଶ୍ ଆନନ୍ଦଦାୟକ ହେବ।

**ବିଛା**
ଶାରୀରିକ ଅସୁସ୍ଥତା କାରଣରୁ ମାନସିକ ସ୍ଥିତି ସେତେଟା ଭଲ ରହିନପାରେ। ସ୍ଥଗିତ ରହିଥିବା କାମ ପ୍ରତି ପ୍ରତିବନ୍ଧକର ସରଳ ସମାଧାନ ହୋଇଯିବ। ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ଈର୍ଷାପର ମନୋଭାବ ନେଇ ମିତ୍ରମାନେ ପରୋକ୍ଷ ଭାବେ ଶତ୍ରୁତା ଆଚରଣ କରିବେ।

**ଧନୁ**
ଭୁଲ୍ ବୁଝାମଣା ମଧ୍ୟରେ ରହିଥିବା ପାରିବାରିକ ସ୍ଥିତିରେ ଆଂଶିକ ଉନ୍ନତି ଦେଖାଦେବ। ଆଜିର କର୍ମକ୍ଷେତ୍ରରେ ସ୍ଥଗିତ କାମ ପୂରା ଦମ୍‌ରେ କରିବାର ନିଷ୍ପତ୍ତି ନେବେ। ସାହିତ୍ୟ, କଳା, ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ। ଭଲ ସମ୍ପର୍କ ନ ଥିବା ବନ୍ଧୁମାନେ ଈର୍ଷା ପରାୟଣତାରୁ କୌଣସି କାମ ହେବାକୁ ଥିଲେ ମଧ୍ୟ ତାହା କରାଇ ଦେବେନାହିଁ।

**ମକର**
ପ୍ରିୟଜନଙ୍କ ସହାୟତାରେ ଆନୁଷ୍ଠାନିକ କାର୍ଯ୍ୟଟି ସୁରୁଖୁରୁରେ ସମ୍ପନ୍ନ ହେବ। ମିତ୍ରମାନେ ସହଯୋଗର ହାତ ବଢ଼ାଇବେ ଏବଂ ବସ୍ତ୍ରଭୂଷଣ ପ୍ରାପ୍ତି ଯୋଗ ରହିଛି। ଶ୍ରବଣା ନକ୍ଷତ୍ରର ପୁରୁଣା ସମସ୍ୟାଗୁଡ଼ିକ ତୁଟି ଯାଇଥିଲେ ମଧ୍ୟ ଆକସ୍ମିକ ଭାବେ ନୂତନ ସମସ୍ୟା ଦେଖାଦେବ। ପାରିବାରିକ ସ୍ଥିତି ଓ ପରିବହନ ପ୍ରଭୃତିରେ ସୁଫଳ ପାଇବେ।

**କୁମ୍ଭ**
କର୍ମକ୍ଷେତ୍ରରେ ଯେଉଁଥିପାଇଁ ଆଶଙ୍କା କରୁଛନ୍ତି ସେଥିରେ କିଛି ହେବ ନାହିଁ। ଆଜିର ଯାତ୍ରା ପ୍ରଶାସନ, ଆଇନ କଳା ସାହିତ୍ୟ କ୍ଷେତ୍ର ମନ୍ଦ ହେବନି। ଯାନବାହନରେ ଯିବାଆସିବା କରିବା ସମୟରେ ସତର୍କତା ଅବଲମ୍ବନ କରନ୍ତୁ। ଚେଷ୍ଟା କରୁଥିବା କାମରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ।

**ମୀନ**
ଆଜି ଦିନକ ଭିତରେ ଘର କାମ ଛାଡ଼ି ବାହାର କାମରେ ବେଶି ସମୟ କଟାଇବେ। ପରିବାରର ଖର୍ଚ୍ଚ ପରିମାଣ ବୃଦ୍ଧି ଯୋଗୁ ମନରେ ସରସତା ରହିବ ନାହିଁ। ସହାୟତା ପାଇବେ। ପ୍ରତ୍ୟେକ ପ୍ରତିବନ୍ଧକକୁ ଦୃଢ଼ତାର ସହ ସମ୍ମୁଖୀନ ହୋଇ କାମ କରିବେ। ସନ୍ତାନହେତୁକ କୌଣସି ଦ୍ୱନ୍ଦ୍ୱର ସମ୍ମୁଖୀନ ହୋଇପାରନ୍ତି।

ଆଜି ଆଷାଢ଼ ଶୁକ୍ଳ ନବମୀ ରବିବାର, ଆଡ଼ପ ମଣ୍ଡପେ ଶ୍ରୀଜୀଉଙ୍କ ନବମୀ ସାନ୍ଧ୍ୟ ଦର୍ଶନ, ଜୁଲାଇ ୧୮ ତାରିଖ, ମଣ୍ଡେଲା ଦିବସ, ରାଶିନକ୍ଷତ୍ର-ସ୍ୱାତୀ/ତୁଳା, ମେଷ ରାଶିର ଘାତବାର, ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୬।୧୩ ଗତେ ଘ.୦୯।୪୨ ମଧ୍ୟେ ଅମୃତବେଳା। ସକାଳ ଘ.୦୫।୨୧ ଗତେ ଘ.୦୬।୧୩ ମଧ୍ୟେ, ଘ.୦୧।୧୧ ଗତେ ଘ.୦୨।୦୩ ମଧ୍ୟେ ମାହେନ୍ଦ୍ରବେଳା। ଅପରାହ୍ନ ଘ.୦୪।୪୬ ଗତେ ଘ.୦୬।୨୪ ମଧ୍ୟେ ରାହୁକାଳ।



# classifieds Everyday
0674-2580101, 2549302



MATRIMONIAL

**BRIDE WANTED**

**Invited Khandayat Bride for a 29+Years Boy B.Tech V.S.S.U.T. Burla MBA from X.I.M.B Placed In TCS. Only Son, Father and Mother are retired Central and State Govt. Officers. Contact- 9437034277.** D-21079

Wanted Karan Bride for 30 years/5'11" working as Asst. Engineer (Electrical) in West Bengal Govt. Father Retd. SBI Officer, well settled in Bhubaneswar. Contact: 9437475154. D-21099

**GROOMWANTED**

ସୁନ୍ଦର କରଣ ସରକାରୀ ଚାକିରିଆ 5'1" 46 ବୟସ୍କା Divorced ନିଃସନ୍ତାନ ଝିଅଙ୍କୁ Any Caste ପୁଅ ଦରକାର। 7681044808. D-71308



real estate
REAL ESTATE

**SALE**

ଖୋର୍ଦ୍ଧାରୋଡ୍ ରେଲ୍‌ୱେ ଷ୍ଟେସନ୍‌ରୁ 1km ଦୂରତାରେ ଜଟଣୀ ହାଟ ବଜାରରେ ନିଜସ୍ୱ ମାଲିକାନାରେ ଥିବା ଘରବାରି ସ୍ଥିତିବାନ୍ 5 ଡିସିମିଲ୍ ଜାଗା ସହିତ ଦୁଇ ବଖରା ଆଜବେଷ୍ଟ ଘର ତୁରନ୍ତ ବିକ୍ରିହେବ। @ 45Lakhs Owner- 9439270333. D-70866

Bhubaneswar Smartcity area Ghangapatna Mouza 30ft. road, electricity, borewell ସହ ସ୍ଥିତିବାନ plot ପୋଜେସନ୍ ଥାଇ ମିଳୁଛି। Owner. 9090963952. D-70865

**1/2/3 BHK ready to move apartment for sale at DHPL Enclave 2 Kalarahanga and DHPL Platinum Rudrapur. Contact 9937059891.** D-20958

"Land for sale 17,400 sqft. in Gayalbank Bus stop @ Rs. 260/ per sqft. Call 8763701977". D-21076

**Ready to move commercial shops for sale at DHPL Sahoo Residency, Near Mancheswar Railway Station. Contact 9937059891.** D-21043

Hanspalaର Balianta Canal roadରେ ଘରବାରି ପ୍ଲଟ୍ ନିଅନ୍ତୁ। immediate ଘର କରନ୍ତୁ। 30' road, electricity, boundary ସରିଛି। 9437005434. D-70867

**AIIMS Hospital frontgateରୁ 300mtr 2395sqft. ଘରବାରି plot yellowzone sqft.- 2500/-, Contact: 9938447042.** D-70863

**Gated Colony gharabari advance boundarywall plot sale Gudiapokhari near KEC College with 30' road, electricity plantation. 8763887357, 9238902929.** D-70858

**"For sale of residential plot 60ft X 40ft having 25ft approach road in Badaraghunathpur mouza near Gita College, plot is very close (100mtr) to newly constructed Infosys-2 road. Price- 50Lacs. Only really interested Customers contact- 9443101191".** D-21097

**ଭୁବନେଶ୍ୱର ପଟିଆ, ରଘୁନାଥପୁର, ନଖରାପାଖରେ 1, 2, 3BHK Simplex/ Duplex ଅଛି। 8327785834, 9658122456.** D-70868

Book a individual house at Ghatikia, near CET College, Bhubaneswar. Price - 68 lakhs. Contact: 7504392698. D-71117

**Residential cum Commercial Road side Plot, Niali Road @ 750 Sft., Residential Plots with Boundary Wall, Electricity System, Homely Temple, Nakhara 7 K.M., BBSR - 12 K.M. 8249851363, 7809525452.** D-70462

Buy or Sale Property- 8984071303. 4BHK Duplex Balianta - 85,00,000/- 3BHK AIIMS - 3700 & Chandrasekharpur - 5700. Residential Land Jaanla - 900/ Pahala - 1200/ Tamando - 1500/ AIIMS - 1800/ AMRI - 2650. D-21113

**GENERAL**

**SALE**

**Only 6 months used Nipple Line drinking system for Broiler Farm for sale. 7978991126, 7008403582.** D-70461



construction

MPlanets 7008550473. Expert in Building Construction (Simplex / Duplex / Apartment) and Interior Design (Modular Kitchen / TV Unit /Wardrobe). D-21114



to-let

**2BHK fully secured ground-floor house at Lower Police Colony, Tulsipur. Contact- 8895201895.** D-21087

2BHK for rent in Ratnakarbagh, Tankapani Road, Plot No. 118 only Family. Please contact: 9953671101. D-21104

Rent 1BHK, Hall, Dining, Kitchen, fully furnished with interior, A/C, Invertor & Bed at Patia, near Big Bazaar. Contact: 7008671282, 9437636236. D-21103

3BHK apartment with two Balconies, Two toilets with Garage at Baishnav Vihar, Bomikhal, Bhubaneswar. 9238574993. D-21110

**LOST**

I, Sujata Khatua would like to inform the General Public that I have misplaced my original Sale Deeds & Patta bearing Khata No. - 631/120, Plot No. - 1142/3156, Mauja - Urali, Tahasil - Cuttack, Dist. Cuttack. If anyone finds it, Kindly contact me at - 9438395272. D-21111

**AFFIDAVIT**

By virtue of an affidavit before Notary Public, Koraput, I Sagarika Mohinimala Khora, Residence of Jodaguda, Sunabeda. My daughter ICSE Certificate & Mark Sheet my name is wrongly mentioned as Sagarika Khora instead of Sagarika Mohinimala Khora. Hence I will be known as Sagarika Mohinimala Khora for all purpose in future. Sagarika Mohinimala Khora. D-21108

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:—**
classifieddharitri@gmail.com

# ଶ୍ରେଣୀଗୃହ ପାଠପଢ଼ା ପ୍ରଭାବୀ ହେବ

କରୋନା ମହାମାରୀ ପାଇଁ ରାଜ୍ୟରେ ସମସ୍ତ ବିଦ୍ୟାଳୟ ଗତ ପ୍ରାୟ ଦେଢ଼ବର୍ଷ ହେଲା ବନ୍ଦ ରହିଛି। ଛାତ୍ରୀଛାତ୍ରଙ୍କ ପାଠପଢ଼ାରେ ବ୍ୟାଘାତ ନ ହେବା ପାଇଁ ସରକାର ଅନ୍‌ଲାଇନ୍ କ୍ଲାସ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ଅନ୍‌ଲାଇନ୍ ମାଧ୍ୟମରେ କେବଳ ୪୦ପ୍ରତିଶତ ପିଲା ପାଠ ପଢ଼ିବାକୁ ସକ୍ଷମ ହେଉଥିବାବେଳେ ବାକି ୬୦ପ୍ରତିଶତ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସବୁ ସ୍ଥାନରେ ନେଟ୍‌ୱର୍କ ବ୍ୟବସ୍ଥା ଉପଲବ୍ଧ ହୋଇପାରୁ ନ ଥିବାରୁ ପିଲାମାନେ ପାଠପଢ଼ାରୁ ବଞ୍ଚିତ ହେଉଛନ୍ତି। ଏବେ କରୋନା ସଂକ୍ରମଣ ହ୍ରାସ ପାଇବା ସହ ସ୍ଥିତି ନିୟନ୍ତ୍ରଣାଧୀନ ଥିବାରୁ ରାଜ୍ୟ ସରକାର ପିଲାଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ଶ୍ରେଣୀ ଗୃହ ଶିକ୍ଷାଦାନକୁ ବିକଳ୍ପ ଭାବେ ଗ୍ରହଣ କରିଛନ୍ତି। ଆସନ୍ତା ୨୬ ତାରିଖରୁ ରାଜ୍ୟର ସମସ୍ତ ସରକାରୀ ଓ ବେସରକାରୀ ସ୍କୁଲ ଖୋଲିବାକୁ ନିଷ୍ପତ୍ତି ନିଆଯାଇଛି। ପ୍ରଥମ ପର୍ଯ୍ୟାୟରେ ୨୬ରୁ ଦଶମ ଓ ଦ୍ୱାଦଶ ଶ୍ରେଣୀ ପିଲାଙ୍କ ପାଇଁ ସ୍କୁଲ ଖୋଲାଯିବାକୁ ଥିବାବେଳେ ଅଗଷ୍ଟ ୧୬ରୁ ନବମ ଶ୍ରେଣୀ ପିଲାଙ୍କ ପାଇଁ ସ୍କୁଲ ଖୋଲିବ। ସରକାରଙ୍କ ଏହି ନିଷ୍ପତ୍ତି ପରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି। କରୋନା ସଂକ୍ରମଣକୁ ଦେଖି ଅଭିଭାବକମାନେ ସାମାନ୍ୟ ଚିନ୍ତାରେ ଥିଲେ ସୁଦ୍ଧା ପିଲାଙ୍କ ଭବିଷ୍ୟତକୁ ଦେଖି ଏଭଳି ପଦକ୍ଷେପକୁ ସ୍ୱାଗତ କରିଛନ୍ତି। ସ୍କୁଲ ଖୋଲିବା ପ୍ରସଙ୍ଗରେ ରାଜ୍ୟର ବିଭିନ୍ନ ସ୍ଥାନରୁ ଛାତ୍ରୀଛାତ୍ର, ଅଭିଭାବକ ଏବଂ ଶିକ୍ଷୟିତ୍ରୀଶିକ୍ଷକଙ୍କ ମତକୁ ନେଇ ସ୍ୱତନ୍ତ୍ର ଉପସ୍ଥାପନା...

### ଦିନ ଗଣୁଥିଲି



ସ୍କୁଲ ନ ଯାଇ ଘରେ ପାଠ ପଢ଼ିବାକୁ ସେତେଟା ଆଗ୍ରହ ସୃଷ୍ଟି ହେଉନାହିଁ। ଗତ କିଛିଦିନ ହେବ ଅନଲାଇନ୍‌ରେ ପାଠପଢ଼ା ଆରମ୍ଭ ହୋଇଛି। ଅନେକ ସମୟରେ ନେଟ୍‌ୱର୍କ ସମସ୍ୟା ଯୋଗୁ ପାଠପଢ଼ାରେ ବହୁ ଅସୁବିଧା ଭୋଗିବାକୁ ପଡୁଛି। ବେଳେ ବେଳେ ବିରକ୍ତ ଲାଗୁଛି। କେବେ ସ୍କୁଲ ଖୋଲିବ ବୋଲି ଦିନ ଗଣି ଆସୁଥିଲି। ଯାହା ହେଉ ସରକାର ବିଦ୍ୟାଳୟ ଖୋଲିବାକୁ ନିଷ୍ପତ୍ତି ନେଲେ, ତାହାକୁ ସ୍ୱାଗତ ଜଣାଉଛି। ସ୍କୁଲରେ ପାଠ ପଢ଼ା ବେଳେ ମାସ୍କ ପିନ୍ଧିବା ସହ ସାମାଜିକ ଦୂରତା ଉପରେ ଗୁରୁତ୍ୱ ଦେବାକୁ ପଡ଼ିବ।

- ଅର୍ମିଷ୍ଟା ପ୍ରଧାନ, ୧୦ମ ଶ୍ରେଣୀ ଛାତ୍ରୀ, ଚିନ୍ତାମଣି ହାଇସ୍କୁଲ, ଦହପଡା, ବାଲେଶ୍ୱର

### ପାଠ ବୁଝିବାକୁ ସହଜ ହେବ

ସରକାର ଆମ ପାଇଁ ଅନ୍‌ଲାଇନ୍ ଶିକ୍ଷା ବ୍ୟବସ୍ଥା କାର୍ଯ୍ୟକାରୀ କରିଥିଲେ ସୁଦ୍ଧା ନେଟ୍‌ୱର୍କ ସମସ୍ୟା ଯୋଗୁ ପାଠପଢ଼ା ଠିକ୍ ଭାବେ ହୋଇପାରୁ ନାହିଁ। କେତେକ ବିଷୟ ଅନ୍‌ଲାଇନ୍ କ୍ଲାସ୍‌ରେ ମଧ୍ୟ ବୁଝିବାରେ କଷ୍ଟ ହେଉଥିଲା। ସ୍କୁଲ ଖୋଲିବା ନିଷ୍ପତ୍ତି ନିଆଯାଇଥିବାରୁ ଆମକୁ ସବୁ ବିଷୟ ଶ୍ରେଣୀରେ ଠିକ୍ ଭାବେ ବୁଝିବାରେ ସହଜ ହେବ।



- ସରିତା ବାରିକ, ଦଶମ ଶ୍ରେଣୀ ଛାତ୍ରୀ, ପୌରପାଳିକା ବାଳିକା ଉଚ୍ଚ ବିଦ୍ୟାଳୟ, ବ୍ରହ୍ମପୁର

### ସନ୍ଦେହ ଦୂର ହେବ



ଆସନ୍ତା ୨୬ ତାରିଖରୁ ସ୍କୁଲ ଖୋଲିବ ବୋଲି ରାଜ୍ୟ ସରକାର ଘୋଷଣା କରିଛନ୍ତି। ଏହା ଶୁଣି ବହୁତ ଖୁସି ଲାଗୁଛି। କରୋନା କଟକଣା ଯୋଗୁ ସ୍କୁଲ ବନ୍ଦ ରହିଥିବାରୁ ବର୍ତ୍ତମାନ ଆମେ ଅନ୍‌ଲାଇନ କ୍ଲାସରେ ପଢୁଛୁ। ଏଥିରେ ବିଭିନ୍ନ ବିଷୟରେ ସନ୍ଦେହ ରହୁଥିଲା। ଠିକ୍ ଭାବେ ଆମେ ସନ୍ଦେହ ମୋଚନ କରିପାରୁ ନ ଥିଲୁ। ଏଣିକି ସ୍କୁଲକୁ ଗଲେ ଶିକ୍ଷୟିତ୍ରୀ ଶିକ୍ଷକ ଆମକୁ ସିଧାସଳଖ ବିଭିନ୍ନ ପାଠ୍ୟ ବିଷୟ ପଢ଼ାଇବେ। ଅନ୍‌ଲାଇନ କ୍ଲାସରେ ଥିବା ସନ୍ଦେହ ଉପରେ ସେମାନଙ୍କଠାରୁ ସ୍କୁଲରେ ବୁଝି ଦୂର କରିପାରିବୁ। ସେହିପରି ସ୍କୁଲ ବନ୍ଦ ଥିବାରୁ ଦୀର୍ଘଦିନ ହେଲା ସହପାଠୀଙ୍କ ସହିତ ଭେଟ ହୋଇ ପାରିନାହିଁ। ସ୍କୁଲରେ ସମସ୍ତଙ୍କୁ ଭେଟି ପାଠପଢ଼ା ଉପରେ ଆଲୋଚନା କରିବାର ସୁଯୋଗ ମିଳିବ।

- ବିଶ୍ୱଜିତ ପଣ୍ଡା, ଦଶମ ଶ୍ରେଣୀ, ରାଣାପ୍ରତାପ ହାଇସ୍କୁଲ, ବରଗଡ଼

### ସ୍ୱାଗତଯୋଗ୍ୟ



ରାଜ୍ୟ ସରକାର ଆସନ୍ତା ୨୬ରୁ ଦଶମ ଓ ଦ୍ୱାଦଶ ଶ୍ରେଣୀ ଖୋଲିବାକୁ ଶନିବାର ନେଇଥିବା ନିଷ୍ପତ୍ତି ସ୍ୱାଗତଯୋଗ୍ୟ। ଦୀର୍ଘଦିନ ଧରି ବିଦ୍ୟାଳୟଗୁଡିକ ବନ୍ଦ ଥିବାରୁ ଛାତ୍ରୀଛାତ୍ରଙ୍କ ପ୍ରତ୍ୟକ୍ଷ ଶିକ୍ଷା ଗ୍ରହଣ ବାଧାପ୍ରାପ୍ତ ହୋଇଛି। ଅନ୍‌ଲାଇନ ଶିକ୍ଷାଦାନ ବିଶେଷ ଫଳପ୍ରଦ ହେଉନାହିଁ। ଏଥିରୁ ସବୁ ଛାତ୍ରୀଛାତ୍ର ଉପକୃତ ହୋଇପାରୁନାହାନ୍ତି। ଏହି ପରିପ୍ରେକ୍ଷୀରେ କୋଭିଡ୍ ନିୟମକୁ କଡ଼ାକଡ଼ି ଭାବେ ପାଳନ କରି ବିଦ୍ୟାଳୟଗୁଡିକରେ ଶିକ୍ଷାଦାନ ଚାଲୁ ରହିଲେ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଉଜ୍ଜ୍ୱଳ ହେବ। ଏଥିପ୍ରତି ଶିକ୍ଷା ବିଭାଗ, ବିଦ୍ୟାଳୟ ଓ ପ୍ରଧାନ ଶିକ୍ଷକମାନଙ୍କ ଗୁରୁଦାୟିତ୍ୱ ରହିଛି।

- ରବୀନ୍ଦ୍ର କୁମାର ମହାରଣା, ଅଭିଭାବକ, ମାଲକାନଗିରି

### ଉପକୃତ ହେବୁ



ସରକାରଙ୍କ ନିଷ୍ପତ୍ତି ସ୍ୱାଗତଯୋଗ୍ୟ। କରୋନା ପାଇଁ ଆମେ ପ୍ରଥମ ବର୍ଷ ପାଠରୁ ବଞ୍ଚିତ ହୋଇଥିଲୁ। ଅନ୍‌ଲାଇନ୍‌ରେ ପଢ଼ା ଯାଉଥିଲା, କିନ୍ତୁ ସମ୍ପୂର୍ଣ୍ଣ ଭାବେ ପାଠ ପଢ଼ିବା ସମ୍ଭବ ହେଉ ନ ଥିଲା। କଟକଣାକୁ ମାନି ଅଫ୍‌ଲାଇନ୍‌ରେ ପାଠପଢ଼ା ଗଲେ ଉପକୃତ ହେବୁ।

- ପ୍ରିୟାଂଶୁ ପଣ୍ଡା, ଅନୁଗୋଳ ସରକାରୀ କଲେଜ ବାଣିଜ୍ୟ ଦ୍ୱିତୀୟ ବର୍ଷ ଛାତ୍ର

### ଭୟ, ଆଶଙ୍କାରେ ରହିଛୁ



କରୋନାକୁ ନେଇ ଏବେ ବି ଭୟ ଓ ଆଶଙ୍କାରେ ରହିଛୁ। ଗୋଟିଏ ପଟେ ଆମ ଭବିଷ୍ୟତ ଏବଂ ଅନ୍ୟପଟେ ଜୀବନ ସୁରକ୍ଷା କଥା ଭାବିବାକୁ ପଡୁଛି। ଉଭୟ ଗୁରୁତ୍ୱପୂର୍ଣ୍ଣ। ସମସ୍ତ ସତର୍କତା ମୂଳକ ପଦକ୍ଷେପ ନେଇ ଶିକ୍ଷାଦାନ ଆରମ୍ଭ ହେଉ।

- ବର୍ଷା ପ୍ରିୟଦର୍ଶିନୀ, ଦଶମ ଶ୍ରେଣୀ ଛାତ୍ରୀ ଅନୁଗୋଳ

### ଖୁସି ଲାଗୁଛି



ଏତେ ଦିନ ପରେ ସ୍କୁଲ ଯିବାକୁ ସୁଯୋଗ ମିଳୁଥିବାରୁ ବହୁତ ଖୁସି ଲାଗୁଛି। ରୋଗର ଭୟ ମନରେ ଥିଲେ ମଧ୍ୟ ଦଶମ ଶ୍ରେଣୀ ଛାତ୍ର ହିସାବରେ ଭବିଷ୍ୟତ ପାଇଁ ଏହା ସ୍ୱାଗତଯୋଗ୍ୟ ପଦକ୍ଷେପ। ବିଦ୍ୟାଳୟଗୁଡ଼ିକ ପିଲାଙ୍କ ଭବିଷ୍ୟତକୁ ଉଚିତ୍ ନ୍ୟାୟ ଦେଇପାରିବେ ବୋଲି ଆଶା କରୁଛି।

- ଅନୁରାଗ ମିଶ୍ର, ସେଣ୍ଟ ଜାଭିୟର୍ସ ହାଇସ୍କୁଲ, ଯାଜପୁର ରୋଡ୍

### ପିଲାଙ୍କୁ ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଉ



କରୋନା ପାଇଁ ଦୀର୍ଘ ଦେଢ଼ବର୍ଷ ହେବ ପିଲାମାନଙ୍କ ପାଠପଢ଼ା ବାଧାପ୍ରାପ୍ତ ହୋଇଛି। ସ୍କୁଲକୁ ଯାଇ ପାଠପଢ଼ିବା ଆଉ ଅନ୍‌ଲାଇନ୍ କ୍ଲାସ୍ କରିବା ଭିତରେ ବହୁତ ଫରକ ରହିଛି। ସରକାରଙ୍କ ଏହି ନିଷ୍ପତ୍ତି ସ୍ୱାଗତଯୋଗ୍ୟ, ମାତ୍ର ସଂକ୍ରମଣ ପାଇଁ ଟିକେ ଚିନ୍ତା ଲାଗୁଛି। ସ୍କୁଲ କର୍ତ୍ତୃପକ୍ଷ ସମସ୍ତ ଗାଇଡ୍‌ଲାଇନ୍ ମାନିବା ସହ ପିଲାଙ୍କ ଉପରେ ସ୍ୱତନ୍ତ୍ର ଦୃଷ୍ଟି ଦେବା ଆବଶ୍ୟକ।

- ସୁଶାନ୍ତ ବେହେରା, ଅଭିଭାବକ, ଭୁବନେଶ୍ୱର

### ସ୍କୁଲରେ ପାଠପଢ଼ା ସ୍ୱତନ୍ତ୍ର



ସ୍କୁଲ ଖୋଲିବ ଶୁଣି ବହୁତ ଖୁସି ଲାଗୁଛି। ଅନ୍‌ଲାଇନ୍ ପାଠ ପଢ଼ାରେ ସେତେ ମଜା ନାହିଁ, ଯାହା ସ୍କୁଲରେ ପଢ଼ିବାରେ ଅଛି। ଶିକ୍ଷୟିତ୍ରୀଶିକ୍ଷକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପାଠ ପଢ଼ିବା, ପ୍ରଶ୍ନ କରିବା, ସାଙ୍ଗମାନଙ୍କ ସହ ମିଶିବାକୁ ମୁଁ ବହୁତ ମିସ୍ କରୁଥିଲି।

- ଦେବେନ୍ଦ୍ର ପ୍ରସାଦ ସେଠୀ, ଦ୍ୱାଦଶ ଶ୍ରେଣୀ ଛାତ୍ର, ଭୁବନେଶ୍ୱର

### ଅଫ୍‌ଲାଇନ ପଢ଼ା ସବୁଠୁ ଭଲ



ସରକାରଙ୍କ ନିଷ୍ପତ୍ତିରେ ମୁଁ ଖୁସି ଅଛି। ଦେଢ଼ବର୍ଷ ହେବ ଭଲ ଭାବେ ପାଠପଢ଼ା ହୋଇପାରୁ ନାହିଁ। ଏବେ ସ୍କୁଲ ଖୋଲିଲେ ସବୁ ଠିକ୍ ହେବ। ଅଫ୍‌ଲାଇନ କ୍ଲାସ୍ ହିଁ ସବୁଠାରୁ ଭଲ। କାରଣ ଏଥିରେ ଛାତ୍ରୀଛାତ୍ର ଓ ଶିକ୍ଷକଙ୍କ ମଧ୍ୟରେ ସମନ୍ୱୟ ରହିଥାଏ। ତେବେ ଆମ ସମସ୍ତଙ୍କୁ କୋଭିଡ୍ ଗାଇଡ୍‌ଲାଇନକୁ କଡ଼ାକଡ଼ି ପାଳନ କରିବାକୁ ପଡ଼ିବ।

- ରତ୍ନପ୍ରଭା ମହାନ୍ତି, ଦଶମ ଶ୍ରେଣୀ ଛାତ୍ରୀ, ଭୁବନେଶ୍ୱର

### କୋଭିଡ୍ ଗାଇଡ୍‌ଲାଇନ୍ ମାନିବା ଜରୁରୀ



ସ୍କୁଲ ଖୋଲିବା ନିଷ୍ପତ୍ତିକୁ ସ୍ୱାଗତ କରୁଛି। ସ୍କୁଲ ହେଉଛି ପିଲମାନଙ୍କ ଗୁରୁକୁଳ। ତେଣୁ ଗୁରୁକୁଳକୁ ଆସି ପଢ଼ିବା ଓ ପଢ଼ାଇବାରେ ଯେତିକି ଆନନ୍ଦ ମିଳେ, ତାହା ଇ-ଲର୍ନିଂରେ ସମ୍ଭବ ନୁହେଁ। ଶ୍ରେଣୀଗୃହରେ ପାଠପଢ଼ା ଅଧିକ ପ୍ରଭାବୀ। ତେବେ ଉଭୟ ଶିକ୍ଷକ ଓ ପିଲାମାନଙ୍କୁ ସରକାରଙ୍କ କୋଭିଡ୍ ଗାଇଡ୍ ଲାଇନ୍ ମାନିବା ସହ ମାସ୍କ ପିନ୍ଧିବା, ସାନିଟାଇଜର ବ୍ୟବହାର କରିବା ଆଦି ବିଭିନ୍ନ ଦିଗ ପ୍ରତି ଗୁରୁତ୍ୱ ଦେବାକୁ ପଡ଼ିବ। ଏହାଦ୍ୱାରା ଆମେ ସୁରକ୍ଷିତ ରହିବା ସହ ଶିକ୍ଷା ଗ୍ରହଣ କରିପାରିବା।

- ମିନତୀ ଜେନା, ଶିକ୍ଷୟିତ୍ରୀ, ଭୁବନେଶ୍ୱର

### ସତର୍କତାମୂଳକ ପଦକ୍ଷେପ ନେବାକୁ ଅନୁରୋଧ



ଦଶମ ଓ ଦ୍ୱାଦଶ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପାଠପଢ଼ା ପାଇଁ ଜୁଲାଇ ୨୬ ତାରିଖରୁ ସ୍କୁଲ ଖୋଲିବ ବୋଲି ରାଜ୍ୟ ସରକାର ଘୋଷଣା କରିଛନ୍ତି। ସରକାରଙ୍କ ଏହି ନିଷ୍ପତ୍ତିକୁ ମୁ ସ୍ୱାଗତ କରୁଛି। ଏହା ଆମ ପାଠପଢ଼ାରେ ସହାୟକ ହେବ। ପୂର୍ବରୁ ଅନ୍‌ଲାଇନ ପାଠପଢ଼ା ହେଉଥିଲେ ମଧ୍ୟ ନେଟୱର୍କ ସମସ୍ୟା ରହୁଥିଲା। ଏବେ ସେହି ସମସ୍ୟା ରହିବନି। ତେବେ ଆଗକୁ କୋଭିଡ୍ ତୃତୀୟ ଲହର ଆସିବା ନେଇ ସୂଚନା ମିଳୁଥିବାରୁ ଏହାର ମୁକାବିଲା ପାଇଁ ସତର୍କତାମୂଳକ ପଦକ୍ଷେପ ନେବା ଜରୁରୀ।

- ରାଜ ଅଭିଷେକ ନାୟକ, ଯୁକ୍ତଦୁଇ ଛାତ୍ର, ସମଲେଶ୍ୱରୀ କଲେଜ, ସମ୍ବଲପୁର

### ଦ୍ୱନ୍ଦ୍ୱ ସହଜରେ ଦୂର ହେବ



ଏବେ ସ୍କୁଲ ଖୋଲିବା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି। ଏଥିପାଇଁ ବହୁତ ଉତ୍ସାହିତ। କରୋନାର ଭୟ ରହିଛି, ହେଲେ ଅନ୍‌ଲାଇନ ପାଠପଢ଼ା ଶ୍ରେଣୀଗୃହ ପାଠପଢ଼ାଠାରୁ ସମ୍ପୂର୍ଣ୍ଣ ଭିନ୍ନ। ଶ୍ରେଣୀଗୃହରେ ଶିକ୍ଷକଙ୍କ ସହିତ ସିଧାସଳଖ ପାଠ ସମ୍ବନ୍ଧୀୟ ଆଲୋଚନା କରିହେବ। ଏଥିସହ ପାଠ ସମ୍ବନ୍ଧୀୟ ଦ୍ୱନ୍ଦ୍ୱ ସହଜରେ ଦୂର ହୋଇପାରିବ। ସେଥିଲାଗି ସ୍କୁଲ ଖୋଲିବା ନିଷ୍ପତ୍ତିରେ ମୁଁ ଖୁସି।

- ଅର୍ପିତା ପ୍ରିୟଦର୍ଶିନୀ, ଦଶମ ଛାତ୍ରୀ, କଟକ

### ସରକାର ଠିକ୍ ନିଷ୍ପତ୍ତି ନେଇଛନ୍ତି



ମହାମାରୀ ସମୟରେ ସ୍କୁଲ ଖୋଲିବା ନିଷ୍ପତ୍ତି ସରକାରଙ୍କ ପାଇଁ କଷ୍ଟସାଧ। ହେଲେ ଏହା ଠିକ୍ ନିଷ୍ପତ୍ତି। ମହାମାରୀ କାରଣରୁ ଛାତ୍ରୀଛାତ୍ରମାନେ ମାନସିକ ସ୍ତରରେ ଦୁର୍ବଳ ହୋଇପଡ଼ିଛନ୍ତି। ସେମାନଙ୍କ ମନରୁ କିଭଳି ଭାବେ କରୋନା ଭୟ ଦୂର କରାଯାଇପାରିବ ଏବଂ ପୂର୍ବଭଳି ସ୍କୁଲରେ ସୁଚାରୁରୂପେ ଶିକ୍ଷାଦାନ କରାଯାଇପାରିବ, ତାହା ଶିକ୍ଷକଙ୍କ ଉପରେ ନିର୍ଭର କରେ।

- ମହେଶ୍ୱର ଦାସ, ଶିକ୍ଷକ, କଟକ

## କୁଆଁରମୁଣ୍ଡାର ବିବାଦୀୟ ବିଡିଓଙ୍କ ବଦଳି ନିର୍ଦ୍ଦେଶ

**କୁଆଁରମୁଣ୍ଡା, ୧୭।୭(ଡିଏନଏ):** ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ବ୍ଲକ ବିଡିଓ ମେଥେଡ଼ିୟୁସ ଲାକ୍ରାଙ୍କର ଗୃହ ଓ ନଗର ଉନ୍ନୟନ ବିଭାଗକୁ ବଦଳି ହୋଇଥିବା ଶୁକ୍ରବାର ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ଅନ୍ୟ ପକ୍ଷରେ ରେଙ୍ଗାଲି ବ୍ଲକର ବିଡିଓ ବିକାଶ ଚନ୍ଦ୍ର ସାହୁଙ୍କୁ କୁଆଁରମୁଣ୍ଡା ବ୍ଲକର ବିଡିଓ ଭାବେ ବଦଳି କରାଯାଇଛି। ଦୀର୍ଘ ମାସ ହେଲା ବହୁ ବିବାଦୀୟ ଘଟଣାରେ ଛନ୍ଦି ହୋଇପଡିଥିବା ଲାକ୍ରାଙ୍କ ଅନ୍ୟ ବିଭାଗକୁ ବଦଳିକୁ ନେଇ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ନିର୍ଦ୍ଦେଶନାମାକୁ କୁଆଁରମୁଣ୍ଡାବାସୀ ସ୍ୱାଗତ କରିଛନ୍ତି। ସୂଚନାଯୋଗ୍ୟ ଯେ,ବିଡିଓ ଲାକ୍ରା ସ୍ଥାନୀୟ କୁଆଁରମୁଣ୍ଡା ପଞ୍ଚାୟତବାସିନ୍ଦା ହୋଇଥିବାରୁ ଆକ୍ରୋଶମୂଳକ ମନୋଭାବ ରଖି ସାଧାରଣ ଲୋକଙ୍କୁ ଠାରୁ ଆରମ୍ଭ କରି ଜନପ୍ରତିନିଧିମାନଙ୍କୁ ମଧ୍ୟ ବେଖାତିର କରିଚାଲିଥିଲେ ।

## ରାଜଗାଙ୍ଗପୁର କଂଗ୍ରେସର ଦସ୍ତଖତ ସଂଗ୍ରହ ଅଭିଯାନ

**ରାଜଗାଙ୍ଗପୁର, ୧୭।୭ (ଡି.ଏନ.ଏ):** ରାଜଗାଙ୍ଗପୁରରେ ଟାଉନ କଂଗ୍ରେସ ସଭାପତି ଇଫ୍ତେକାର ଅହମ୍ମଦ (ପାକା ବାବୁ) ଙ୍କ ନେତୃତ୍ୱରେ ଶନିବାର ସକାଳ ୬ଟାରୁ ୧୨ ଟା ପର୍ଯ୍ୟନ୍ତ କଂଗ୍ରେସ ନେତୃବୃନ୍ଦ ଓ କର୍ମୀବୃନ୍ଦ ସ୍ଥାନୀୟ ପେଟ୍ରୋଲ ପମ୍ପରେ ତୈଳ ଦର ବୃଦ୍ଧି ଓ ସ୍ଥାନୀୟ ଯୁବକଙ୍କ ରୋଜଗାର ନ ପାଇବା ପ୍ରତିବାଦରେ ଧାରଣାରେ ବସିଥିଲେ। ଏହି ତୈଳ ଦର ହ୍ରାସ ଓ ସ୍ଥାନୀୟ ଯୁବକଙ୍କ ରୋଜଗାର ଦାବିରେ ସାଧାରଣ ଲୋକଙ୍କ ଠାରୁ ସ୍ୱାକ୍ଷର ଗ୍ରହଣ କରାଯାଇଛି। ତାହା ରାଷ୍ଟ୍ରପତିଙ୍କୁ ପଠାଯାଇଛି। ରାଜଗାଙ୍ଗପୁର ବିଧାୟକ ଡାକ୍ତର ସି.ଏସ ରାଜନ ଏକ୍କା ଏହି ଅବସରରେ ଯୋଗଦେଇ ମୋଦି ଓ ନବୀନ ସରକାରକୁ ଦୋଷାରୋପ କରି ସାଧାରଣ ଜନତାଙ୍କୁ ହଇରାଣ କରିବା ସହିତ ତ୍ରୁଟିପୂର୍ଣ୍ଣ ନୀତି ମାନ ପ୍ରଣୟନ କରୁଛନ୍ତି ବୋଲି ବକ୍ତବ୍ୟ ରଖିଥିଲେ। ଏହି ଧାରଣା ଓ ଅଭିଯାନରେ ମୁଖ୍ୟ ଡ. ପ୍ରଫୁଲ୍ଲ ଉପାଧ୍ୟାୟ, ଦିପୁ ବିନୋଦଙ୍କ ସହ ବହୁ କଂଗ୍ରେସ କର୍ମୀମାନେ ସାମିଲ ରହିଥିଲେ।

## ପାହାଡ଼ ଉପରେ ପାଠ ପଢୁଛନ୍ତି ଛାତ୍ରୀଛାତ୍ର





ଛାତ୍ରୀଛାତ୍ରଙ୍କ ଅନ୍‌ଲାଇନ ପାଠପଢ଼ା: ଟାୱାର ନ ଥିବାରୁ ପାହାଡ଼ ଉପରେ ପଢୁଛନ୍ତି। (ବାମ) ଅନ୍‌ଲାଇନରେ ପଢିବା ସୁବିଧା ନ ହେବାରୁ ଗ୍ରୁପରେ ପିଲାମାନଙ୍କୁ ପାଠପଢାଯାଉଛି।

**ସୁନ୍ଦରଗଡ,୧୭।୭(ଡି.ଏନ.ଏ.)**

### ଡିଜିଟାଲ ଇଣ୍ଡିଆ ସ୍ଲୋଗାନ ବାଟବଣା

ସରକାରଙ୍କ ପକ୍ଷରୁ ଡିଜିଟାଲ ଇଣ୍ଡିଆର କଥା କୁହାଯାଉଥିବା ବେଳେ ସୁନ୍ଦରଗଡ଼ ଜିଲାର ବିଭିନ୍ନ ବ୍ଲକ ଅଞ୍ଚଳରେ ଆଜି ମଧ୍ୟ ମୋବାଇଲ ନେଟ୍‌ୱର୍କ ସାତସପନ ହୋଇ ରହିଯାଇଛି। ଏଭଳି ନେଟୱର୍କ ସମସ୍ୟା ଥିବାରୁ ଲୋକମାନେ ବିଭିନ୍ନ କାମପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ ବର୍ତ୍ତମାନ ମୁଖ୍ୟତଃ ଛାତ୍ରୀଛାତ୍ର ଅନ୍‌ଲାଇନ ପାଠପଢ଼ା ପାଇଁ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଜିଲାର କୁତ୍ରା ବ୍ଲକର ଉପାନ୍ତ ରଙ୍ଗମାଟି ଗ୍ରାମରେ ମୋବାଇଲ ନେଟୱାର୍କ ନ ଥିବାରୁ ପିଲାମାନେ ନିଜ ଗାଁଠାରୁ ୩ କିମି ଦୂର ପଡୋଶୀ ଝାଡ଼ଖଣ୍ଡର କାଦୋପାନି ପଞ୍ଚାୟତର ଏକ ପାହାଡ ଉପରେ ବସି ପାଠପଢୁଛନ୍ତି। ଗ୍ରାମର ସୋନି ସଙ୍ଗୀତା ଡୁଙ୍ଗଡୁଙ୍ଗ ଗ୍ରାମର ୫୦ ଜଣ ପ୍ରଥମରୁ ଅଷ୍ଟମ ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ୫/୬ଗ୍ରୁପରେ ପାଠ ପଢାଉଛନ୍ତି। ସେହିପରି ଜିଲାର ଗୁରୁଣ୍ଡିଆ ବ୍ଲକ ଅନ୍ତର୍ଗତ ତିରଲାକୁଚା ଗାଁରେ ମଧ୍ୟ ଏଭଳି ସମସ୍ୟା ଦେଖିବାକୁ ମିଳିଛି। ଏଭଳି ଘଟଣା ଡିଜିଟାଲ ଇଣ୍ଡିଆ ସ୍ଲୋଗାନର ବାସ୍ତବତାକୁ ପଦାରେ ପକାଇଛି। ତିରଲାକୁଚା ଗାଁର ଜଣେ ନବମ ଶ୍ରେଣୀ ଛାତ୍ର ଓ ଦୁଇଜଣ ଅଷ୍ଟମ ଶ୍ରେଣୀ ଛାତ୍ର ଶନିବାର ଗାଁ ଠାରୁ ୭ କିଲୋମିଟର ଦୂରରେ ଅବସ୍ଥିତ ଝାଣ୍ଡି ପାହାଡ଼ ଉପରେ ଚଢି ମୋବାଇଲରେ ପାଠ ପଢୁଥିବା ଦେଖିବାକୁ ମିଳିଛି। ତିରଲାକୁଚା ଗାଁର ନୁନୁ ମୁଣ୍ଡାରୀ ଓ ସୁଦନ ମୁଣ୍ଡାରୀଙ୍କ ପୁଅ ଅମର ମୁଣ୍ଡାରୀ ଭୁବନେଶ୍ୱର ସ୍ଥିତ ଏକ ଘରୋଇ ବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ର ହୋଇଥିବାବେଳେ ଗାନ୍ଧୁଆ ମାହାଲି ଓ କୌଶଲ୍ୟା ମାହାଲିଙ୍କ ପୁଅ ସଚିନ ମାହାଲି ଏବଂ ତେଲଙ୍ଗା ଓରାମ ଓ ବାନ୍ଧନି ଓରାମଙ୍କ ପୁଅ ଗୋପାଳ ଓରାମ ଅଷ୍ଟମ ଶ୍ରେଣୀର ଛାତ୍ର ଅଟନ୍ତି। ବର୍ତ୍ତମାନ ସେମାନଙ୍କ ୟୁଟ୍ୟୁବ କ୍ଲାସ ଚାଲିଥିବା ବେଳେ ଜୁଲାଇ ୧ରୁ ନିୟମିତ ବ୍ୟବଧାନରେ ସେମାନଙ୍କ ଅନ୍‌ଲାଇନରେ ପରୀକ୍ଷା ଅନୁଷ୍ଠିତ ହେଉଛି। ହେଲେ ଗାଁରେ ମୋବାଇଲ ନେଟୱର୍କ ଆସୁ ନ ଥିବାରୁ ଝାଣ୍ଡି ପାହାଡ଼ ଉପରେ ଚଢି ନେଟୱର୍କ ଖୋଜି ସେମାନେ ପାଠ ପଢୁଛନ୍ତି ଏବଂ ପରୀକ୍ଷା ଦେଉଛନ୍ତି। ଅନୁରୂପ ଭାବରେ ଶନିବାର ମଧ୍ୟ ସେମାନଙ୍କ ୟୁଟ୍ୟୁବ କ୍ଲାସ ଅନୁଷ୍ଠିତ ହୋଇଥିବାବେଳେ ତିନିଜଣ ଛାତ୍ର ପାହାଡ଼ ଉପରକୁ ଚଢି ନେଟୱର୍କ ଖୋଜି ପାଠ ପଢ଼ିଥିଲେ। ଏଭଳି ପାହାଡ଼କୁ ଯିବା ଦ୍ୱାରା ସେମାନଙ୍କୁ ଜଙ୍ଗଲୀ ଜନ୍ତୁର ଭୟ ରହିଥିବାବେଳେ ସେମାନଙ୍କ ଜୀବନ ପ୍ରତି ମଧ୍ୟ ବହୁ ବିପଦ ରହିଛି। ହେଲେ ନିଜର ଭାଗ୍ୟ ଭବିଷ୍ୟତର କଥା ହୋଇଥିବା ଯୋଗୁ ଜୀବନକୁ ବାଜି ଲଗାଇ ସେମାନେ ପାହାଡ଼ ଉପରକୁ ଚଢିବାକୁ ବାଧ୍ୟ ହେଉଛନ୍ତି। ଏହି ଅବସରରେ ଉକ୍ତ ତିନିଜଣ ଛାତ୍ର କହିଛନ୍ତି ଯେ, ବର୍ତ୍ତମାନ ଅନ୍‌ଲାଇନରେ ପାଠପଢ଼ା ଚାଲିଥିବା ବେଳେ ଆମ ଗାଁରେ ମୋବାଇଲ ନେଟୱର୍କ ଆସୁ ନ ଥିବା ଯୋଗୁ ଆମେ ପାଠ ପଢିବାରୁ ବଞ୍ଚିତ ହେଉଛୁ। ଯଦି ସରକାର ଆମ ଗାଁରେ ମୋବାଇଲ ନେଟୱର୍କ ଆସିବାର ବ୍ୟବସ୍ଥା କରନ୍ତେ ଆମେ ଭଲ ପାଠପଢ଼ି ଭବିଷ୍ୟତରେ ଜଣେ ଜଣେ ସୁନାଗରିକ ହୋଇପାରନ୍ତୁ ବୋଲି କହି ସରକାରଙ୍କୁ ନେହୁରା ହୋଇଛନ୍ତି।

## ରାଉରକେଲାରେ କଂଗ୍ରେସର ଦସ୍ତଖତ ସଂଗ୍ରହ ଅଭିଯାନ

**ରାଉରକେଲା, ୧୭।୭**

ପେଟ୍ରୋଲ, ଡିଜେଲ ଓ ରନ୍ଧନ ଗ୍ୟାସ୍ ସମେତ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଅହେତୁକ ଦରବୃଦ୍ଧି ବିରୋଧରେ ଶନିବାର ରାଉରକେଲାର ବିଭିନ୍ନ ପେଟ୍ରୋଲ ପମ୍ପ ସାମ୍ନାରେ ଜିଲା କଂଗ୍ରେସ ତରଫରୁ ସାଧାରଣ ଗ୍ରାହକଙ୍କ ଦସ୍ତଖତ ସଂଗ୍ରହ କରାଯାଇଥିଲା। ଜିଲା କଂଗ୍ରେସ ସଭାପତି ଜର୍ଜ ତିର୍କୀଙ୍କ ନେତୃତ୍ୱରେ ସହରର ବିଭିନ୍ନ ପେଟ୍ରୋଲ ପମ୍ପରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କଂଗ୍ରେସ ବିଧାୟକ ପ୍ରାର୍ଥୀ, ବରିଷ୍ଠ ନେତୃବୃନ୍ଦ, ବ୍ଲକ ସଭାପତି ତଥା ଛାମୁଆ ସଙ୍ଗଠନର ମୁଖିଆମାନେ ସାମିଲ ହୋଇଥିଲେ । ପୂର୍ବାହ୍ନ ସାଢେ ୯ଟାରୁ ୧୧ଟାରେ କାର୍ଯ୍ୟକ୍ରମ ଚାଲିଥିଲା। ପରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯିବାକୁ ଥିବା ସ୍ମାରକପତ୍ରରେ ପ୍ରାୟ ୫ ହଜାରରୁ ଉର୍ଦ୍ଧ୍ୱ ଗ୍ରାହକ ଦସ୍ତଖତ କରିଥିଲେ। ଏହି ସ୍ମାରକପତ୍ରକୁ ପ୍ରଦେଶ କଂଗ୍ରେସ କମିଟି ଜରିଆରେ ରାଷ୍ଟ୍ରପତିଙ୍କୁ ଜ୍ଞାପନ କରାଯିବ ବୋଲି ଜିଲା କଂଗ୍ରେସ ସଭାପତି ତିର୍କୀ ସୂଚନା ଦେଇଛନ୍ତି। ପୂର୍ବତନ ସଭାପତି ବିରେନ ସେନାପତି, କଂଗ୍ରେସ ନେତା ପ୍ରଶାନ୍ତ ସେଠୀ, ପିସିସି ସଭ୍ୟ ରାମାନନ୍ଦ ଶ୍ରୀଚନ୍ଦନ, ଇନ୍‌ଟକ ସଭାପତି ନିହାର ଦାସ, ବ୍ଲକ କଂଗ୍ରେସ ସଭାପତି ଶୈଳେନ୍ଦ୍ର ତିୱାରୀ, ଓବିସି ସେଲ୍ ଅଧ୍ୟକ୍ଷ କୈଳାସ ସାହୁ, ସେବାଦଳ ଅଧ୍ୟକ୍ଷ ବିନୋଦ ରାଉତ, ମହିଳା କଂଗ୍ରେସ ସଭାନେତ୍ରୀ ଲତା ନାୟକ, କାର୍ଯ୍ୟକାରୀ ସଭାନେତ୍ରୀ ନିରୂପମା ବଳିୟାର ସିଂ, ଲିଗାଲ ସେଲ୍ ଅଧ୍ୟକ୍ଷ ବିସ୍ମୟ ଦାସ, ଏସ୍‌ସି ସେଲ୍ ଅଧ୍ୟକ୍ଷ ବିନୋଦ ତନ୍ତୀ, ମତ୍ସ୍ୟଜୀବୀ କଂଗ୍ରେସର ସିଦ୍ଧେଶ୍ୱର ମଲ୍ଲିକ, କୃଷକ କଂଗ୍ରେସ ଜିଲା ଅଧ୍ୟକ୍ଷ ଚକ୍ରଧର ମାହାତୋ ଓ ରାଉରକେଲା ଅଧ୍ୟକ୍ଷ ମନମୋହନ ଓରାମ, ଯୁବ କଂଗ୍ରେସ ରାଜ୍ୟ ସାଧାରଣ ସମ୍ପାଦକ ଜ୍ଞାନେନ୍ଦ୍ର ଦାସ, ଛାତ୍ର କଂଗ୍ରେସ ରାଜ୍ୟ ସଂଯୋଜିକା ନାଜିଆ ପରବିନ ବିଭିନ୍ନ ସ୍ଥାନରେ କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ।



କଂଗ୍ରେସ ନେତୃବୃନ୍ଦ ଦସ୍ତଖତ ସଂଗ୍ରହ କରୁଛନ୍ତି ।

## ଦରଦାମ ବୃଦ୍ଧି ପ୍ରତିବାଦ: କଂଗ୍ରେସ ପକ୍ଷରୁ ଶୋଭାଯାତ୍ରା

**କୁତ୍ରା, ୧୭।୭(ଡି.ଏନ.ଏ)**

ଡିଜେଲ, ପେଟ୍ରୋଲ ଓ ଅତ୍ୟାବଶ୍ୟକ ଖାଦ୍ୟ ସାମଗ୍ରୀର ଦରବୃଦ୍ଧି ପ୍ରତିବାଦ କରିଛି କୁତ୍ରା ବ୍ଲକ କଂଗ୍ରେସ। ଜିଲା କଂଗ୍ରେସ ସଭାପତି ବେଣୁମାଧବ ତ୍ରିପାଠୀଙ୍କ ଅନୁମୋଦନ କ୍ରମେ କୁତ୍ରା ବ୍ଲକ କଂଗ୍ରେସ ସଭାପତି ସନ୍ତୋଷ ବେହେରା ଶନିବାର ସଭାର ଆୟୋଜନ କରିଥିଲେ। ପ୍ରଥମେ ପୂର୍ବତନ ବରିଷ୍ଠ କଂଗ୍ରେସ କର୍ମୀ ମଙ୍ଗଲୁଧର କୁଜୁର, ସେଖରିଆଯୁଦ୍ଦିନ, ପୂର୍ବତନ ବ୍ଲକ ସଭାପତି ପ୍ରଦୀପ ନାୟକଙ୍କୁ ମନେ ପକାଇ ୨ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ସଭାରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଗରିବ କୃଷି ମାରଣ ନୀତିକୁ ତୀବ୍ର ବିରୋଧ କରିଥିଲେ। ସଭା ପରେ ୧୦ ନମ୍ବର ରାଜ୍ୟ ରାଜପଥ ଉପରେ କର୍ମୀଗଣ ଲିଫଲେଟ ସହିତ ସ୍ଲୋଗାନ ଦେଇ ପରିକ୍ରମା କରିଥିଲେ। ବିଧାୟକ ଡ଼. ସିଏସ ରାଜନ ଏକ୍କା, ଆନନ୍ଦ ଏକ୍କା, ସୋଏବ ଇକ୍‌ବାଲ, ବିମ୍ବାଧର ଅମାତଙ୍କ ସହିତ ଜିଲା ପରିଷଦ ସଭ୍ୟ ଶରତ ଚନ୍ଦ୍ର ସା, ଟଙ୍କଧର ବରହିଆ ଯୋଗ ଦେଇଥିଲେ।

## ସୁନ୍ଦରଗଡ଼ରେ ପେଟ୍ରୋଲ, ଡିଜେଲ ଦରବୃଦ୍ଧି ପ୍ରତିବାଦ

**ସୁନ୍ଦରଗଡ଼, ୧୭।୭ (ଡି.ଏନ୍.ଏ)**

ପେଟ୍ରୋଲ ଓ ଡିଜେଲ ଦରବୃଦ୍ଧି ପ୍ରତିବାଦ ନେଇ କଂଗ୍ରେସ ପକ୍ଷରୁ ଶନିବାର ସୁନ୍ଦରଗଡ଼ ସହରରେ ଦସ୍ତଖତ ଅଭିଯାନ କରାଯାଇଥିଲା। ଟାଉନ କଂଗ୍ରେସ ସଭାପତି ନେପାଳ ଚନ୍ଦ୍ର ସାହୁଙ୍କ ନେତୃତ୍ୱରେ କଂଗ୍ରେସ କର୍ମୀମାନେ ସହରର ବିଭିନ୍ନ ପେଟ୍ରୋଲ ପମ୍ପ ସମ୍ମୁଖରେ ଧାରଣା ଦେଇ ଗ୍ରାହକମାନଙ୍କଠାରୁ ଦସ୍ତଖତ ସଂଗ୍ରହ କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରଦେଶ କଂଗ୍ରେସ କମିଟିର ପୂର୍ବତନ ସାଧାରଣ ସମ୍ପାଦକ ରାଜକିଶୋର ଷଡଙ୍ଗୀ, ରାଜ୍ୟ ସେବାଦଳର ସାଧାରଣ ସମ୍ପାଦକ ମୁନୁ ସରାଫ, ବରିଷ୍ଠ କଂଗ୍ରେସ ନେତା କାଳୀପଦ ସାମଲ, ସତ୍ୟନାରାୟଣ ସାହୁ, ଯୁବ କଂଗ୍ରେସ ସଭାପତି ବିଶ୍ୱଜିତ୍ ପଟ୍ଟନାୟକ, ଅଲତମାତ ହୁସେନ୍, ଆଇନଜୀବୀ କମଳ ସେନ, ତନବୀର ଆଲମ, ଶିବ ମୁଣ୍ଡା, ଦିବ୍ୟ ପଟେଲ, ବାବା ହୁସେନ୍, ବବଲୁ ବେନିଓାଲ ସମେତ ଶତାଧିକ କଂଗ୍ରେସ କର୍ମୀ ସାମିଲ ଥିଲେ।



ଦସ୍ତଖତ ସଂଗ୍ରହ ଅଭିଯାନରେ ସାମିଲ କଂଗ୍ରେସ କର୍ମକର୍ତ୍ତା।

ଧରିତ୍ରୀ
DHARITRI
ରବିବାର, ୧୮ ଜୁଲାଇ, ୨୦୨୧



ଧର୍ମ ରହିଥାଏ ନିଜକୁ ସଂକୁଚିତ କରି ତା'ର ବାହ୍ୟ ଆଙ୍ଗିକଗୁଡିକ ଉପରେ– ତା'ର ନିର୍ଦ୍ଦିଷ୍ଟ ସଂସ୍କୃତି ଭିତରେ ଓ କେତେକ ଭାବାଦର୍ଶ ଭିତରେ। କିନ୍ତୁ ଧର୍ମର ମହାନତା ଘଟେ ସେତିକି ବେଳେ, ଯେତେବେଳେ କେତେକ ଯଥାର୍ଥ ଅସାଧାରଣ ବ୍ୟକ୍ତି ସତକୁ ସତ ତାଙ୍କ ଜୀବନରେ କିଛି ଅଧ୍ୟାତ୍ମ ଉପଲବ୍ଧି ଅର୍ଜନ କରିଥାନ୍ତି। –ଶ୍ରୀମା

# କଟକଣା କ୍ଷତି କଲା



ଆକାର ପଟେଲ

ନୀତି ଆୟୋଗ କ'ଣ ଓ ଏହା କି କାମ କରେ ଏ ସମ୍ପର୍କରେ ଖୁବ୍ କମ୍ ଲୋକ ଜାଣନ୍ତି। କିନ୍ତୁ ଏହାର ମୁଖ୍ୟ ଅମିତାଭ କାନ୍ତ ଭାରତରେ ଇଜ୍ ଅଫ୍ ଡୁଇଂ ବିଜ୍‌ନେସ କିଭଳି ବୃଦ୍ଧି କରାଯାଇପାରିବ ତା'ଉପରେ ମତ ରଖିଛନ୍ତି। ସେ କହିଛନ୍ତି ଯେ, ଭାରତରେ ସାମାଜିକ ଭିତ୍ତିଭୂମି ଯଥା ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ନିବେଶ କରିବା ଲାଗି ସରକାରୀ ଏବଂ ଘରୋଇ ସହଭାଗିତା ଏକ ଭଲ ଉପାୟ। ଏହା ଅବଶ୍ୟ ଗୁରୁତ୍ୱପୂର୍ଣ୍ଣ, କାରଣ ଗତ ୫ ବର୍ଷ ମଧ୍ୟରେ ଭାରତରେ ନିଯୁକ୍ତି ସଂଖ୍ୟା ଯଥେଷ୍ଟ ହ୍ରାସପାଇଛି; ଯଦିଓ ଜନସଂଖ୍ୟା ବୃଦ୍ଧି ଘଟିଛି। ଦେଖାଯାଇଛି, ଆମେରିକାରେ ଏନ୍‌ଜିଓ କିମ୍ବା ବେସରକାରୀ ସଂସ୍ଥାଗୁଡ଼ିକ କର୍ମଚାରୀ ସଂଖ୍ୟାଦୃଷ୍ଟିରୁ ତୃତୀୟ ବୃହତ୍ କ୍ଷେତ୍ର ଭାବେ ଜଣାଶୁଣା। ଆମେରିକାର ୫୦ଟି ରାଜ୍ୟରୁ ୨୪ଟିରେ ଏନ୍‌ଜିଓଗୁଡ଼ିକ ବାସ୍ତବରେ ମାନୁଫାକ୍‌ଚରିଂର ସବୁ ଶାଖାରେ ନିଯୁକ୍ତ ଲୋକଙ୍କଠାରୁ ଅଧିକ ନିଯୁକ୍ତି ଦେଇଥାଏ। ଏଭଳି ସମାନ ପରିସ୍ଥିତି ଇଂଲଣ୍ଡରେ ବି ଦେଖାଯାଇଥାଏ। ୟୁରୋପରେ ୧୩% ଚାକିରି ଏନ୍‌ଜିଓ ସେକ୍ଟରରେ ରହିଛି ଓ ଏହି ସଂଖ୍ୟା ୨.୮ କୋଟି। କିନ୍ତୁ ଭାରତରେ ମୋଟ ଚାକିରିର ୧୦%ରୁ କମ୍ ଫର୍ମାଲ ସେକ୍ଟର ବା ଔପଚାରିକ କ୍ଷେତ୍ରରେ ରହିଛି।

ଆସନ୍ତୁ ଦେଖିବା,ମୋଦି ସରକାର ପ୍ରାଇଭେଟ୍ ସେକ୍ଟର୍‌ର ଏନ୍‌ଜିଓ କ୍ଷେତ୍ରରେ କିଭଳି ଇଜ୍ ଅଫ୍ ଡୁଇଂ ବିଜ୍‌ନେସ ବଢ଼ାଇଛନ୍ତି। ୨୦୨୦ରେ ଭାରତରେ ଏନ୍‌ଜିଓ କେଉଁ ଧାରାରେ କାମ କରିବେ ସେଥିପାଇଁ ସରକାର ଏକ ପରିବର୍ତ୍ତନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ପ୍ରଥମ ପରିବର୍ତ୍ତନ ଥିଲା, ୨୩,୦୦୦ ଏନ୍‌ଜିଓ ଗ୍ରହଣ କରୁଥିବା ଯେ କୌଣସି ପ୍ରକାର ବୈଦେଶିକ ଅନୁଦାନ ରାଶି କେବଳ ନୂଆଦିଲ୍ଲୀ ସଂସଦ ମାର୍ଗସ୍ଥିତ ଷ୍ଟେଟ୍‌ବ୍ୟାଙ୍କ ଅଫ୍ ଇଣ୍ଡିଆରେ ଗ୍ରହଣ କରିପାରିବେ। ଏଥି ସକାଶେ କେବଳ ୧,୪୮ ଏନ୍‌ଜିଓ ଦିଲ୍ଲୀରେ ପଞ୍ଜୀକୃତ ହୋଇଥିଲେ। ଆଉ ଯେଉଁ ଏନ୍‌ଜିଓଗୁଡ଼ିକ ରହିଲେ ସେମାନେ ଏହି ଶାଖାରେ ଆକାଉଣ୍ଟ ଖୋଲି ତାହାକୁ କାର୍ଯ୍ୟକାରୀ କରିବା ଲାଗି ଦିଲ୍ଲୀ ଆସିବେ; ପୁଣି କୋଭିଡ୍ ମହାମାରୀ ସମୟରେ। କିନ୍ତୁ ପ୍ରାଇଭେଟ ସେକ୍ଟରର ଅନ୍ୟ କୌଣସି କ୍ଷେତ୍ରକୁ ଏହା କରିବାକୁ କୁହାଯାଇନାହିଁ। ଅନ୍ୟପକ୍ଷରେ କର୍ପୋରେଟ୍‌ଗୁଡ଼ିକ ଭାରତରେ ଯେ କୌଣସି ବ୍ୟାଙ୍କ୍‌ରେ ବୈଦେଶିକ ଅର୍ଥ ଗ୍ରହଣ କରିବାର ପ୍ରାବଧାନ ରହିଛି। ଏହି ଏନ୍‌ଜିଓଗୁଡ଼ିକ ମଧ୍ୟରୁ ୪୬% ଏଫ୍‌ସିଆରଏ ଲାଇସେନ୍‌ସ ଥାଇ ମଧ୍ୟ ୨୦୧୮–୧୯ରେ କୌଣସି ବୈଦେଶିକ ମୁଦ୍ରା ଗ୍ରହଣ କରି ନ ଥିଲେ। ଆଉ ୪୧% ଏନ୍‌ଜିଓ ୧ କୋଟି ଟଙ୍କାରୁ କମ୍ ପାଇଥିଲେ। ଦ୍ୱିତୀୟ ପରିବର୍ତ୍ତନରେ ସରକାର କହିଥିଲେ ଯେ,ଏନ୍‌ଜିଓଗୁଡ଼ିକ ପାଇଥିବା ମୋଟ ରାଶିରୁ ୨୦% ସରକାରଙ୍କ ନିର୍ଦ୍ଧାରିତ 'ପ୍ରଶାସନିକ ବ୍ୟୟ' ବାବଦରେ ଖର୍ଚ୍ଚ କରିପାରିବେ। ଏହିସବୁ ଉପରେ ୨୦%ରୁ ବେଶି ଖର୍ଚ୍ଚ କରାଯାଇପାରିବ ନାହିଁ। ତୃତୀୟରେ, ପ୍ରାପ୍ତ ଅନୁଦାନ ରାଶିକୁ ଗୋଟିଏ ଏନ୍‌ଜିଓ ତୃଣମୂଳସ୍ତରରେ କାର୍ଯ୍ୟ କରୁଥିବା ଛୋଟ ଛୋଟ ଏନ୍‌ଜିଓଗୁଡ଼ିକୁ ପାଣ୍ଠି ଆବଣ୍ଟନରେ ଉପଯୋଗ କରିବା ଲାଗି ବାରଣ କରାଯାଇଛି। ଏହାଦ୍ୱାରା ଛୋଟ ଏନ୍‌ଜିଓଗୁଡ଼ିକ ଟଙ୍କା ପାଇବାରୁ ବଞ୍ଚିତ ହେଲେ। ଏହି ନିୟମ ପୂରା ସେକ୍ଟରକୁ କ୍ଷତି ପହଞ୍ଚାଇବ, କାରଣ ବହୁ ଅଞ୍ଚଳରେ ଏନଜିଓଗୁଡ଼ିକ ପରସ୍ପର ମଧ୍ୟରେ ପ୍ରତିଯୋଗିତା କି ସହଯୋଗ କରିବେ ନାହିଁ। ଅଶୋକ ବିଶ୍ୱବିଦ୍ୟାଳୟ ଦ୍ୱାରା କରାଯାଇଥିବା ଅନୁଧ୍ୟାନରୁ ଜଣାପଡ଼ିଛି ଯେ, ୪୧୦୭ ଛୋଟ ଏନ୍‌ଜିଓ ମଧ୍ୟରୁ ଅଧା ଯେଉଁମାନେ ୨୦୧୮–୧୯ରେ ମାତ୍ର ୭.୬ ଲକ୍ଷ ଟଙ୍କା ପାଇଥିଲେ, ସେମାନେ ଏହି ନିୟମରେ ଏବେ ସେତକ ବି ପାଇବେ ନାହିଁ। ଏହାବାଦ୍ ଅନ୍ୟସବୁ ପରିବର୍ତ୍ତନ କରାଯାଇଛି। ତେବେ ଏଥିରେ ଭାରତର କ'ଣ କ୍ଷତି ହୋଇଛି ସେ ବିଷୟରେ ଆଲୋଚନା କରିବା। ବଡ଼ କଥା ହେଉଛି କୋଭିଡ୍ ଦ୍ୱିତୀୟ ଲହର ଯେତେବେଳେ ଭାରତକୁ ପ୍ରଚଣ୍ଡ ଆଘାତ ହେଲା, ମୋଦି ସରକାର ସେହିସବୁ ଏନ୍‌ଜିଓଗୁଡ଼ିକୁ ସାହାଯ୍ୟ ପାଇଁ କହିଲେ। ବିବିସି ତା'ନ୍ୟୁଜ୍‌ନାଇଟ୍ ଶୋ'ରେ କହିଥିଲା ଯେ, ନୂଆ ନିୟମ ଯୋଗୁ ୧୦ଟି ଏନ୍‌ଜିଓ ଚିକିତ୍ସା ସହାୟତା ଯୋଗାଇବାରେ ସମସ୍ୟାର ସମ୍ମୁଖୀନ ହୋଇଥିଲେ। ଭାରତରେ ହସ୍ପିଟାଲ ଏବଂ ଚାରିଟେବଲ ଟ୍ରଷ୍ଟଗୁଡ଼ିକ ପରିବର୍ତ୍ତିତ ନିୟମ ଯୋଗୁ ବିଦେଶରୁ ଡୋନର୍‌ଙ୍କଠାରୁ କୋଭିଡ୍ ରିଲିଫ ସାମଗ୍ରୀ ପାଇପାରିଲେ ନାହିଁ। ଏହାଦ୍ୱାରା ମୁଖ୍ୟତଃ ଗ୍ରାମାଞ୍ଚଳ ପାଇଁ ଅକ୍ସିଜେନ ପ୍ଲାଣ୍ଟ ଏବଂ କନ୍‌ସେନ୍‌ଟ୍ରେଟର ପ୍ରତିଷ୍ଠା କରିବାର ଡୋନର୍‌ମାନଙ୍କ ଯୋଜନାକୁ କ୍ଷତି ପହଞ୍ଚିଲା। ଏପରି କି ଅକ୍ସିଜେନ ଅଭାବରୁ ଯେଉଁ ହସ୍ପିଟାଲରେ ଦୁଇ ଡଜନ ଲୋକଙ୍କର ମୃତ୍ୟୁ ଘଟିଥିଲା, ନିୟମ କାରଣରୁ ସେଠାକୁ ଡୋନର୍‌ମାନେ ଏକ ଅକ୍ସିଜେନ ଉତ୍ପାଦନ ପ୍ଲାଣ୍ଟ ପଠାଇ ପାରିଲେ ନାହିଁ। ଏନ୍‌ଜିଓ ନିୟମ 'ଫରେନ୍ କନ୍‌ଟ୍ରିବ୍ୟୁଶନ ରେଗୁଲେଶନ ଆକ୍ଟ'(ଏଫ୍‌ସିଆର୍‌ଏ)ରେ ବିନା ପଞ୍ଜୀକୃତରେ କୌଣସି ସଂସ୍ଥା ବୈଦେଶିକ ସାହାଯ୍ୟ ,ଏପରି କି ଔଷଧ କିମ୍ବା ଜୀବନ ରକ୍ଷାକାରୀ ଉପକରଣ ପାଇଲେ ନାହିଁ। ଏଫସିଆର୍‌ଏର ଅତି କଠୋର ନିୟମରେ ରହିଛି ଯେ, ଟ୍ରଷ୍ଟ ବା ସଂସ୍ଥା ବୈଦେଶିକ ଅନୁଦାନକୁ ଯେଉଁ କ୍ଷେତ୍ରରେ ଉପଯୋଗ କରିବାକୁ ପଞ୍ଜୀକରଣ ସମୟରେ ଚାହିଁଛି ତାହା ତା'ର ସେହି ନିର୍ଦ୍ଦିଷ୍ଟ ଲକ୍ଷ୍ୟରେ ଖର୍ଚ୍ଚ ହେବା ଦରକାର । ଅର୍ଥାତ୍, ଏନଜିଓ ନିର୍ଦ୍ଦିଷ୍ଟ ଭାବେ ଯଦି ଶିକ୍ଷା କ୍ଷେତ୍ରରେ ଅନୁଦାନ ଖର୍ଚ୍ଚ କରିବାକୁ ପଞ୍ଜୀକୃତ ହୋଇଛି , ତେବେ ତାହା ପ୍ରାପ୍ତ ଅନୁଦାନ ରାଶିକୁ ଭେଣ୍ଟିଲେଟର କିଣିବାରେ ଲଗାଇପାରିବ ନାହିଁ। ଏଭଳି କଟକଣା ମଧ୍ୟ ପ୍ରାଇଭେଟ ସେକ୍ଟରର କୌଣସି ଭାଗରେ ଲାଗୁ କରାଯାଇନାହିଁ। କଟକଣା କେବଳ ଭାରତର ଏନଜିଓଗୁଡ଼ିକ ପାଇଁ ଉଦ୍ଦିଷ୍ଟ। ଏପରି କି ଏହି କଟକଣା ଦେଶର ବହୁ କ୍ଷତି କରିଛି, ଯାହା ମହାମାରୀ ସମୟରେ ପଦାକୁ ଆସିଛି।

ଏନ୍‌ଜିଓଗୁଡ଼ିକ ଭାରତରେ କିଭଳି ସହଜରେ କାର୍ଯ୍ୟକରିବେ ତା'ଉପରେ ଯଦି ସରକାର ଗୁରୁତ୍ୱ ଦେବାକୁ ଚାହୁଁଛନ୍ତି ,ତେବେ ଏଥିପାଇଁ ଗୋଟିଏ ସହଜ ବାଟ ରହିଛି। ଏନ୍‌ଜିଓ ସେକ୍ଟର ପ୍ରତି ସରକାର ଲଗାତର ଯାହା କରିଆସୁଛନ୍ତି ତାହାକୁ ବନ୍ଦ କରିବାକୁ ପଡ଼ିବ ଓ ଅନ୍ୟ ପ୍ରାଇଭେଟ ସେକ୍ଟର ଭଳି ସ୍ୱାଧୀନ ଭାବେ କାର୍ଯ୍ୟ କରିବାକୁ ଅନୁମତି ଦେବାକୁ ହେବ। ସରକାର ଆମେରିକା, ଇଂଲଣ୍ଡ ଏବଂ ୟୁରୋପର ବ୍ୟବସ୍ଥାକୁ ଲକ୍ଷ୍ୟ କରିବା ଉଚିତ। କେଉଁଥିରେ ଅଧିକ ଲାଭ ହେବ ସେ ସମ୍ପର୍କରେ ବିଚାର କରିବା ଆବଶ୍ୟକ। ଏହାବାଦ୍ ଅର୍ଥବ୍ୟବସ୍ଥା, ନିଯୁକ୍ତି ଓ ସମାଜର ଉନ୍ନତି ପାଇଁ ଏନ୍‌ଜିଓ ସେକ୍ଟରକୁ ମଜଭୁତ କରିବାକୁ ପଡ଼ିବ।

Email:aakar.patel@gmail.com

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 4 | | | 2 | | | | | |
| | | | | 7 | 8 | 5 | | |
| 8 | 6 | 1 | | 5 | | | | |
| | 9 | 6 | | | | | | |
| | | | 7 | | 2 | | 9 | |
| | | 2 | | 1 | | | 3 | |
| | 1 | | | | | | | |
| 2 | 5 | | | | 4 | 6 | 7 | |
| | | 9 | | 8 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 2 | 6 | 9 | 1 | 4 | 8 | 5 | 7 |
| 5 | 9 | 4 | 8 | 2 | 7 | 3 | 1 | 6 |
| 1 | 7 | 8 | 3 | 5 | 6 | 2 | 9 | 4 |
| 9 | 8 | 1 | 7 | 4 | 2 | 6 | 3 | 5 |
| 4 | 6 | 7 | 5 | 3 | 9 | 1 | 2 | 8 |
| 2 | 5 | 3 | 6 | 8 | 1 | 7 | 4 | 9 |
| 7 | 4 | 5 | 1 | 6 | 3 | 9 | 8 | 2 |
| 8 | 1 | 9 | 2 | 7 | 5 | 4 | 6 | 3 |
| 6 | 3 | 2 | 4 | 9 | 8 | 5 | 7 | 1 |

ଗତକାଲିର ଉତ୍ତର

# ଶିକ୍ଷାଯନ୍ତ୍ରୀଙ୍କ ନିୟନ୍ତ୍ରଣରେ ଶିକ୍ଷା



ଡ. ଛାୟାକାନ୍ତ ଷଡ଼ଙ୍ଗୀ

ମଣିଷ ହେଉଛି ପଶୁର ବିବର୍ତ୍ତିତ ରୂପ। ଏହି ବିବର୍ତ୍ତନ ପ୍ରକ୍ରିୟାରେ ତା'ର ଚେତନାର ମଧ୍ୟ ବିକାଶ ଘଟିଛି। ଏହି ଚେତନାର ବିକାଶରେ ଶିକ୍ଷା ଏକ ବିଶେଷ ଭୂମିକା ଗ୍ରହଣ କରିଛି। ମଣିଷକୁ ଶିକ୍ଷିତ ଓ ସଂସ୍କୃତ କରିବା ପାଇଁ ଇଉରୋପରେ ରୁଷୋ, ପ୍ଲାଟୋ, ଆରିଷ୍ଟଟଲ, ଜନଲକ୍, ମେରିଆ ମଣ୍ଟେସରି, କାଣ୍ଟ, ଅଗଷ୍ଟିନ୍, ବେଟ୍ରାଣ୍ଡ ରସେଲ ପ୍ରମୁଖ ବହୁ ମନୀଷୀ ବିଭିନ୍ନ ଶିକ୍ଷା ତତ୍ତ୍ୱ ପରିବେଷଣ କରିଛନ୍ତି। ଅନୁରୂପ ଭାବରେ ଭାରତରେ ରବୀନ୍ଦ୍ରନାଥ, ଶ୍ରୀଅରବିନ୍ଦ, ସ୍ୱାମୀ ବିବେକାନନ୍ଦ, ମହାତ୍ମା ଗାନ୍ଧୀ, ରାଧାକ୍ରିଷ୍ଣନ, ଗୋପବନ୍ଧୁ ପ୍ରମୁଖ ଶିକ୍ଷା ସମ୍ପର୍କରେ ମନନ ମନ୍ଥନ ଓ ଗବେଷଣା କରି ସେମାନଙ୍କ ସିଦ୍ଧାନ୍ତ ଉପସ୍ଥାପନ କରିଛନ୍ତି। ଏମାନଙ୍କ ମଧ୍ୟରୁ ପ୍ଲାଟୋ, ଆରିଷ୍ଟଟଲ, ମଣ୍ଟେସରି, ରବୀନ୍ଦ୍ରନାଥ, ଅରବିନ୍ଦ ଓ ଗୋପବନ୍ଧୁ ପ୍ରମୁଖ ନିଜ ନିଜର ସିଦ୍ଧାନ୍ତକୁ ବିଦ୍ୟାଳୟ ଖୋଲି ପରୀକ୍ଷା ନିରୀକ୍ଷା କରିଛନ୍ତି ଓ ପ୍ରୟୋଗ କରି ସଫଳପ୍ରାୟ ହୋଇଛନ୍ତି। ଏହିମାନେ ହେଉଛନ୍ତି ପ୍ରକୃତ ଶିକ୍ଷାବିତ୍। ମାତ୍ର ଏବେ ଶିକ୍ଷା ବ୍ୟବସ୍ଥା ଏହିଭଳି ଶିକ୍ଷାବିତ୍‌ମାନଙ୍କ ଦ୍ୱାରା ନିୟନ୍ତ୍ରିତ ହେଉନାହିଁ। ଏହା ନିୟନ୍ତ୍ରିତ ହେଉଛି ଶିକ୍ଷାଯନ୍ତ୍ରୀମାନଙ୍କ ଦ୍ୱାରା। ଶିକ୍ଷାପ୍ରଣାଳୀ କିପରି ହେବା ଉଚିତ, ସେ ସମ୍ପର୍କରେ ପ୍ରଶାସନିକ ଅଧିକାରୀ ଓ ମନ୍ତ୍ରୀମାନେ ନିଷ୍ପତ୍ତି ନେଉଛନ୍ତି ଓ ଦେଶର ଶିକ୍ଷାପଦ୍ଧତିକୁ ସେମାନେ ନିୟନ୍ତ୍ରଣ କରୁଛନ୍ତି। ଏମାନେ ଶିକ୍ଷାଯନ୍ତ୍ରୀ।

ବୋଧହୁଏ ୧୯୮୭ ମସିହାରେ ବିଶିଷ୍ଟ ପ୍ରାବନ୍ଧିକ ଓ ଚିନ୍ତକ ଚିତ୍ତରଞ୍ଜନ ଦାସ ଏହି 'ଶିକ୍ଷାଯନ୍ତ୍ରୀ' ଶବ୍ଦଟି ବ୍ୟବହାର କରିଥିଲେ। ଏକ ପ୍ରବନ୍ଧରେ ଶିକ୍ଷାବିତ୍ କିଏ ଏବଂ ଶିକ୍ଷାଯନ୍ତ୍ରୀ କିଏ ଏ ସମ୍ପର୍କରେ ସେ କହିଥିଲେ, ''ଅସଲ ଶିକ୍ଷା ହୃଦୟ ଦ୍ୱାରା ଚଳେ, ଅନୁରାଗ ଦ୍ୱାରା ଚଳେ। ଶିକ୍ଷା ବିଷୟରେ ନିଜ ଭିତରେ ଏକ ବିଶ୍ୱାସ ରହିଥିଲେ ଓ ବାହାର ପରିସ୍ଥିତି ସହିତ ଅଧିକରୁ ଅଧିକ ପରିଚିତ ହେବା ସଙ୍ଗେ ସଙ୍ଗେ ଭିତରର ସେହି ବିଶ୍ୱାସ ବଢ଼ିବାରେ ଅର୍ଥାତ୍ ଦୃଢ଼ ହେବାରେ ଲାଗିଥିଲେ ମନୁଷ୍ୟ ସତେ ଅବା ସ୍ୱତଃପ୍ରବୃତ୍ତ ହୋଇ ଶିକ୍ଷାର କ୍ଷେତ୍ର ଆଡକୁ ଟାଣି ହୋଇଥାଏ। ସେହିପରି ଟାଣି ହୋଇ ଯିବାକୁ ଭିତରୁ ନିଜର ସମ୍ମତି ଦେଇପାରିଲେ ମଣିଷ ଭିତରେ ଅତ୍ୟନ୍ତ ଅଭିନବ ପ୍ରକାରର ଏକ ସାହସ ଆସିଥାଏ। ସେହି ସାହସ ହିଁ ସାରଥିର କାର୍ଯ୍ୟ କରେ। ଯେଉଁମାନେ ଏହିପରି ଭାବରେ ରଥଟିଏ ସଜ କରି ଆଗକୁ ଯିବେ ବୋଲି ବାହାରନ୍ତି, ସେମାନଙ୍କୁ ହିଁ ଶିକ୍ଷାବିତ୍ କୁହାଯାଏ। ଯନ୍ତ୍ର ଚଳଉଥିବା ଅନ୍ୟମାନେ ଯନ୍ତ୍ରୀ ହୋଇ ରହିଥାନ୍ତି। ସେମାନେ ଯନ୍ତ୍ରଟିକୁ ଅସଲ ରଥ ବୋଲି ମଣନ୍ତି।'' ଆଜି ଦେଶର ଶିକ୍ଷା ବ୍ୟବସ୍ଥା ଏହି ଶିକ୍ଷାଯନ୍ତ୍ରୀମାନଙ୍କ ଦ୍ୱାରା ନିୟନ୍ତ୍ରିତ ଓ ପରିଚାଳିତ। ଶିକ୍ଷାନୀତି ନିର୍ଦ୍ଧାରଣ କରୁଛନ୍ତି ମନ୍ତ୍ରୀ, ପ୍ରଶାସନିକ ଅଧିକାରୀ, ସାଂସଦ/ବିଧାୟକ; ଯେଉଁମାନଙ୍କର ଶିକ୍ଷା ସମ୍ପର୍କରେ ଓ ଶିଶୁ ମନସ୍ତତ୍ତ୍ୱ ସମ୍ପର୍କରେ ପର୍ଯ୍ୟାପ୍ତ ଜ୍ଞାନ ନ ଥାଏ। ଏହା ବିଶିଷ୍ଟ ଲେଖକ ବେଟ୍ରାଣ୍ଡ ରସେଲ ତାଙ୍କ ପ୍ରବନ୍ଧ, "The function of a Teacher" ରେ ସ୍ପଷ୍ଟ ଭାବରେ ଉଲ୍ଲେଖ କରିଛନ୍ତି। ତାଙ୍କରି ଭାଷାରେ The immense majority of educational institutions are hampered and Controlled by men who don't understand the work with which they are interfering. ଅର୍ଥାତ୍ ଅଧିକାଂଶ ଶିକ୍ଷାନୁଷ୍ଠାନ ଶିକ୍ଷା ସମ୍ପର୍କରେ କିଛି ନ ବୁଝି ଶିକ୍ଷାକ୍ଷେତ୍ରରେ ହସ୍ତକ୍ଷେପ କରୁଥିବା ବ୍ୟକ୍ତିମାନଙ୍କ ଦ୍ୱାରା ବାଧାପ୍ରାପ୍ତ ଓ ନିୟନ୍ତ୍ରିତ ହୁଏ। ଶିକ୍ଷା ବିଭାଗର ମନ୍ତ୍ରୀ ଶିକ୍ଷା ସମ୍ପର୍କରେ ଧୁରୀଣ ହୋଇଥିବା ଆଶା କରାଯାଏ। ମାତ୍ର ବେଳେବେଳେ ଏମିତି ହୁଏ ହଠାତ୍ ଅବକାରୀ ବିଭାଗ ବା ରାଜସ୍ୱ ବିଭାଗ ଭଳି ବିଭାଗରୁ ସେ ଶିକ୍ଷା ବିଭାଗକୁ ପଶି ଆସିଥିବେ। ସେମାନଙ୍କ ଶିକ୍ଷା ସମ୍ପର୍କରେ ଅନୁଭବ ବା ଅଭିଜ୍ଞତା ନ ଥାଏ। ପୁନଶ୍ଚ ଶିକ୍ଷାନୁଷ୍ଠାନଗୁଡିକର ପରିଚାଳନା ସମିତିରେ କୌଣସି ଶିକ୍ଷାବିତ୍ ନ ଥା'ନ୍ତି ବା କ୍ୱଚିତ୍ ଥା'ନ୍ତି। ଅଧିକାଂଶ ସଦସ୍ୟ ରାଜନୈତିକ ଦଳଗୁଡ଼ିକର ଓ ରାଜନୈତିକ ଅନୁଷ୍ଠାନର ପ୍ରତିନିଧି; ଯେଉଁମାନଙ୍କର ଶିକ୍ଷା ସହ ସମ୍ପୃକ୍ତି ନ ଥାଏ। ଯେଉଁମାନେ ଶିକ୍ଷକ ଓ ନିପୁଣ ଭାବରେ ପଢ଼ାଇ ପାରନ୍ତି ସେମାନେ ମଧ୍ୟ ଶିକ୍ଷାବିତ୍ ନୁହନ୍ତି। ପ୍ରାବନ୍ଧିକ ଚିତ୍ତରଞ୍ଜନ ଦାସଙ୍କ ଭାଷାରେ ସୁନ୍ଦର ଭଜନ ପରିବେଷଣ କରିପାରୁଥିବା ଜଣେ ବ୍ୟକ୍ତି ଭଗବାନଙ୍କ ଭକ୍ତ ନ ହୋଇପାରେ ବା ଦର୍ଶନଶାସ୍ତ୍ର ପଢ଼ାଉଥିବା ଜଣେ ଅଧ୍ୟାପକ ଦାର୍ଶନିକ ନୁହନ୍ତି। ମଣିଷ ଜଗତ ଓ ସତ୍ୟ ବିଷୟରେ ଏକ ସମଗ୍ର ଦୃଷ୍ଟି ଥିଲେ ଓ ନିଜ ପ୍ରତ୍ୟୟଗୁଡ଼ିକ ପାଖରେ ଯିଏ ଅଙ୍ଗୀକାରବଦ୍ଧ ସେ ହିଁ ଦାର୍ଶନିକ। ଠିକ୍ ସେପରି ଯେଉଁମାନେ ଶିକ୍ଷା ଓ ଶିଶୁ ମନସ୍ତତ୍ତ୍ୱ ସମ୍ପର୍କରେ ସ୍ୱତଃ ପ୍ରବୃତ୍ତ ଭାବରେ ଅଧ୍ୟୟନ କରିଥାନ୍ତି, ପରୀକ୍ଷା ନିରୀକ୍ଷା କରିଥାନ୍ତି ଓ ନିଜର ବିଶ୍ୱାସ ପାଖରେ ଅଙ୍ଗୀକାରବଦ୍ଧ ଥାନ୍ତି ସେମାନେ ହିଁ ଶିକ୍ଷାବିତ୍। ଏହି ଦୃଷ୍ଟିରୁ ବିଚାର କଲେ ଆଜିର ଶିକ୍ଷା ବ୍ୟବସ୍ଥା ଶିକ୍ଷାବିତ୍‌ମାନଙ୍କ ଦ୍ୱାରା ନିୟନ୍ତ୍ରିତ ନ ହୋଇ ଶିକ୍ଷାଯନ୍ତ୍ରୀମାନଙ୍କ ଦ୍ୱାରା ପରିଚାଳିତ ହେଉଛି।

ଶିକ୍ଷାଯନ୍ତ୍ରୀମାନେ ମୋଟା ଦରମା ପାଆନ୍ତି, ଶିକ୍ଷାନୀତି ନିର୍ଦ୍ଧାରଣ କରନ୍ତି ଓ ସ୍ୱୀକୃତି ପାଆନ୍ତି। ସେମାନେ ନିଜେ ପାଠ ପଢ଼ାନ୍ତି ନାହିଁ। ଶିକ୍ଷା ସମ୍ପର୍କରେ ସେମାନଙ୍କର କୌଣସି ଅନୁଭବ ଓ ଅଭିଜ୍ଞତା ନ ଥାଏ। ଶିକ୍ଷକମାନେ ହେଉଛନ୍ତି ଶିକ୍ଷା ଫୁଲବଗିଚାର ମାଳୀ। ମାତ୍ର ଆଜି ସେମାନଙ୍କ କୌଣସି ସିଦ୍ଧାନ୍ତ ବା ନୀତି ଶିକ୍ଷାନୁଷ୍ଠାନରେ କାର୍ଯ୍ୟ କରେ ନାହିଁ। ସେମାନେ ଶିକ୍ଷା ବଗିଚାର ମାଲିକ ବୋଲାଉଥିବା ବାବୁମାନଙ୍କ ଆଦେଶ ପାଳନ କରିବା ନିରାପଦ ମଣନ୍ତି ଓ ସେମାନେ ବି ଏକ ଯନ୍ତ୍ରରେ ପରିଣତ ହୁଅନ୍ତି। ବେଟ୍ରାଣ୍ଡ ରସେଲ ତାଙ୍କ ପ୍ରବନ୍ଧରେ ଠିକ୍ ଏହି କଥା କହିଛନ୍ତି। ତାଙ୍କ ଭାଷାରେ, ଶିକ୍ଷକମାନେ ଆଜ୍ଞାବହ ସରକାରୀ କର୍ମଚାରୀ ପାଲଟିଯାଉଛନ୍ତି, ସେହି ଉପରିସ୍ଥ ଶିକ୍ଷା ଯନ୍ତ୍ରୀମାନଙ୍କ ପାଖରେ ଯେଉଁମାନଙ୍କ ଶିକ୍ଷା ସମ୍ପର୍କରେ ଜ୍ଞାନ ନ ଥାଏ ବା ଶିଶୁମାନଙ୍କ ସହ କିଭଳି ବ୍ୟବହାର କରାଯିବା ଉଚିତ ସେ ସମ୍ପର୍କରେ ଅଭିଜ୍ଞତା ନ ଥାଏ। ଯେଉଁମାନଙ୍କର ଥାଏ କେବଳ ଜଣେ ପ୍ରଚାରକର ଦୃଷ୍ଟିଭଙ୍ଗୀ।

ଆଜି ମୁକ୍ତ ଆକାଶରେ ଅନୁଷ୍ଠିତ ରବୀନ୍ଦ୍ରନାଥଙ୍କ ଶାନ୍ତି ନିକେତନ ବା ଗୋପବନ୍ଧୁଙ୍କ ସତ୍ୟବାଦୀ ବନ ବିଦ୍ୟାଳୟ ନାହିଁ। ଆଜି ବଡ଼ ବଡ଼ କୋଠା ହେଲାଣି, ଭିତ୍ତିଭୂମିର ବିକାଶ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ ହେଲାଣି, ଶିକ୍ଷକମାନଙ୍କ ଦରମା ବଢ଼ିଲାଣି। ମାତ୍ର ପଞ୍ଚମ ଶ୍ରେଣୀର ପିଲାଟିଏ ଦୁଇଧାଡ଼ି ଶୁଦ୍ଧ ଓଡ଼ିଆ ଲେଖିପାରୁ ନାହିଁ କି ବିଏ ପଢ଼ିଥିବା ପିଲାଟିଏ ଶୁଦ୍ଧ ଇଂଲିଶ ବା ଓଡ଼ିଆରେ ଦରଖାସ୍ତଟିଏ ଲେଖିପାରୁ ନାହିଁ। ସେମାନଙ୍କ ଚେତନାର ବିକାଶ କଥା ନ କହିବା ଭଲ। ଆଜି ଯେଉଁ ଶିକ୍ଷାଯନ୍ତ୍ରୀମାନେ ଶିକ୍ଷା ବଗିଚାର ମାଲିକ ହୋଇଛନ୍ତି ସେମାନେ ନିଜେ କେବେ ଗଛଟିଏ ଲଗାଇ ନ ଥାଆନ୍ତି କି ବଢ଼ାଇ ନ ଥାଆନ୍ତି। ଏହି ପରିସ୍ଥିତିରେ ଶିକ୍ଷା ବଗିଚାରେ ଫୁଲ ଫୁଟିବ କିପରି। କେବଳ ଭିତ୍ତିଭୂମିର ବିକାଶ କଲେ ଶିକ୍ଷାର ବିକାଶ ହୁଏ ନାହିଁ। ଆଦର୍ଶ ଓ ନୀତିନିଷ୍ଠ ମଣିଷ ଗଠନ କରିବାକୁ ହେଲେ ଶିକ୍ଷାବିତ୍‌ମାନଙ୍କ ଅଙ୍ଗୀକାରବଦ୍ଧତା ଓ ସମର୍ପଣ ଭାବର ଆବଶ୍ୟକତା ରହିଛି। ଏହା ସମ୍ଭବ ହୋଇଥିଲା ଗୋପବନ୍ଧୁଙ୍କ ସତ୍ୟବାଦୀ ବନବିଦ୍ୟାଳୟରେ। ଏଣୁ ଉତ୍କଳ ଗୌରବ ମଧୁସୂଦନ ଯେତେବେଳେ ସତ୍ୟବାଦୀ ବନ ବିଦ୍ୟାଳୟ ଦେଖିଲେ ସେ ଅଭିଭୂତ ହୋଇ କହିଥିଲେ, ''ଗୋପବନ୍ଧୁ ! ଏ ବିଦ୍ୟାଳୟ ଧନରେ ଗଢ଼ା ହୋଇନାହିଁ; ରକ୍ତ, ମାଂସ ଓ ମସ୍ତିଷ୍କରେ ଗଢ଼ା ହୋଇଛି। ସତରେ ତୁମେ ସବୁ ମିଶି ଗୋଟିଏ ନାଳନ୍ଦା ଗଢ଼ିଦେଲ।'' ଏହି ଅନୁଷ୍ଠାନକୁ ଗଢ଼ିଥିଲେ ଗୋପବନ୍ଧୁ, ଗୋଦାବରୀଶ, ନୀଳକଣ୍ଠ, ଆଚାର୍ଯ୍ୟ ହରିହର ଓ ଅନନ୍ତ ମିଶ୍ରଙ୍କ ଭଳି ଶିକ୍ଷାବିତ୍। ଏଠି ଶିକ୍ଷାଯନ୍ତ୍ରୀମାନଙ୍କ କୌଣସି ପ୍ରଭାବ ନ ଥିଲା।

ଭାରତରେ ସ୍ୱାଧୀନତା ସଂଗ୍ରାମ ଚାଲିଥିବା ସମୟରୁ ଶିକ୍ଷା କ୍ଷେତ୍ରରେ ରବୀନ୍ଦ୍ରନାଥ, ମହାତ୍ମା ଗାନ୍ଧୀ, ବିବେକାନନ୍ଦ ପ୍ରମୁଖ ସ୍ୱକୀୟ ବିଚାରମାନ ଉପସ୍ଥାପିତ କରିଥିଲେ। ମାତ୍ର ସ୍ୱାଧୀନତା ପରେ ସେଗୁଡ଼ିକ ଆଉ ବିଚାରକୁ ନିଆଗଲା ନାହିଁ। ତା'ପରେ ଶିକ୍ଷା କ୍ଷେତ୍ରଟି ଯନ୍ତ୍ରୀମାନଙ୍କ ଅକ୍ତିଆରକୁ ଚାଲିଆସିଲା। ସେ ପ୍ରକ୍ରିୟା ଆଜି ପର୍ଯ୍ୟନ୍ତ ଚାଲିଛି। ଶିକ୍ଷା ବ୍ୟବସ୍ଥାକୁ ସଜାଡ଼ିବାକୁ ହେଲେ, ଶିକ୍ଷା କ୍ଷେତ୍ରରେ ମାନବିକ ମର୍ଯ୍ୟାଦା ଓ ଐଶ୍ୱର୍ଯ୍ୟଗୁଡ଼ିକୁ ଫେରାଇବାକୁ ହେଲେ ଶିକ୍ଷାଯନ୍ତ୍ରୀମାନଙ୍କୁ ପ୍ରାଧାନ୍ୟ ନ ଦେଇ ଶିକ୍ଷାବିତ୍‌ମାନଙ୍କୁ ପ୍ରାଧାନ୍ୟ ଦେବାକୁ ହେବ। ଶିକ୍ଷାକ୍ଷେତ୍ରକୁ ରାଜନୈତିକ ଚାପରୁ ସମ୍ପୂର୍ଣ୍ଣ ମୁକ୍ତ ରଖିବାକୁ ହେବ। ଶିକ୍ଷାବିତ୍‌ମାନଙ୍କ ପରାମର୍ଶ ଅନୁସାରେ ଶିକ୍ଷାନୁଷ୍ଠାନ ପରିଚାଳିତ ହେବା ଆବଶ୍ୟକ ଓ ସେଠାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ବହନ କରିବେ ସମର୍ପିତ ଓ ଅଙ୍ଗୀକାରବଦ୍ଧ ଶିକ୍ଷକ। ବିଶିଷ୍ଟ ଲେଖକ ବେଟ୍ରାଣ୍ଡ ରସେଲଙ୍କ ଭାଷାରେ The only way to prevent totalitarianism in our highly organised world is to secure a certain degree of independence for bodies performing useful public work and among such bodies teachers deserve a foremost place. ଅର୍ଥାତ୍ ସୁସଂଗଠିତ ପୃଥିବୀରେ ଏକଚ୍ଛତ୍ରବାଦକୁ ପ୍ରତିହତ କରିବା ପାଇଁ ଏକମାତ୍ର ପନ୍ଥା ହେଉଛି ଜନହିତକାରୀ କାର୍ଯ୍ୟ କରୁଥିବା ସଂସ୍ଥାଗୁଡ଼ିକ ପାଇଁ ସ୍ୱାଧୀନତା ନିଶ୍ଚିତ କରିବା ଏବଂ ସେହି ସଂସ୍ଥାଗୁଡ଼ିକରେ ଶିକ୍ଷକମାନଙ୍କ ସ୍ଥାନ ସର୍ବାଗ୍ରେ।

ପ୍ରାକ୍ତନ କଲେଜ ଅଧ୍ୟକ୍ଷ, ଟିଟିଲାଗଡ଼
ମୋ: ୭୦୦୮୩୬୯୯୨୦

# 'ନ୍ୟୁ ଶେପାର୍ଡ' ଡିଜାଇନର

ମହାକାଶକୁ ଯାତ୍ରା। ପିଲା ବେଳେ ସମସ୍ତେ ଏମିତି ବିଷୟରେ ନିଶ୍ଚିତ ପଢ଼ିଥିବେ। ତେବେ ବିଶେଷ ଭାବେ ପ୍ରଶିକ୍ଷିତ ଓ ସେ ସମ୍ବନ୍ଧରେ ଯଥେଷ୍ଟ ଜ୍ଞାନ ଆହରଣ କରିଥିବା ମହାକାଶଚାରୀମାନେ ହିଁ କେବଳ ମହାକାଶକୁ ଯାଇଥାଆନ୍ତି ବୋଲି ଧାରଣା ରହିଆସିଥିଲା। ହେଲେ ଏକବିଂଶ ଶତାବ୍ଦୀର ଦ୍ୱିତୀୟ ଦଶନ୍ଧି ପରେ ଏବେ ସାଧାରଣ ଯାତ୍ରୀ ମହାକାଶ ଯାଇପାରିବାର ରାସ୍ତା ଖୋଲିଯାଇଛି। ଅବଶ୍ୟ ବର୍ତ୍ତମାନ ସମୟରେ ଏହି ମହାକାଶ ପର୍ଯ୍ୟଟନରେ କେବଳ ଧନୀ ଲୋକମାନେ ଏହାର ସୁଯୋଗ ନେଇ ପାରିବେ। ୧୧ ଜୁଲାଇରେ ଭର୍ଜିନ୍ ଗାଲାକ୍ଟିକ୍ ପ୍ରତିଷ୍ଠାତା ରିଚାର୍ଡ ବ୍ରାନ୍‌ସନ ପ୍ରଥମ ବିଲିୟନେୟାର ଭାବେ ମହାକାଶ ଯାତ୍ରା କରିବାରେ ଇତିହାସ ରଚିଛନ୍ତି। ତାଙ୍କ ସହ ଯାଇଥିବା ଅନ୍ୟ ସହଯାତ୍ରୀଙ୍କ ମଧ୍ୟରେ ଭାରତୀୟ ବଂଶୋଦ୍ଭବ ସିରିସା ବାନ୍ଦାଲା ଥିଲେ। ସେ କଳ୍ପନା ଚାଓ୍ୱଲା ଓ ସୁନୀତା ୱିଲିୟମ୍ସଙ୍କ ପରେ ମହାକାଶ ଯିବାରେ ତୃତୀୟ ଭାରତୀୟ ବଂଶୋଦ୍ଭବ ବୋଲି ପରିଗଣିତ ହୋଇଛନ୍ତି। ସିରିସାଙ୍କ ସଫଳତାକୁ ସପ୍ତାହେ ପୂରି ନାହିଁ, ଆଉ ଜଣେ ଭାରତ ଜନ୍ମିତ ମହିଳା ସଞ୍ଜଲ ଗାଭାଣ୍ଡେ ଆମାଜନ ପ୍ରତିଷ୍ଠାତା ଜେଫ୍ ବେଜୋସ୍‌ଙ୍କ ସହ ୨୦ ଜୁଲାଇରେ ମହାକାଶକୁ ଯିବା ଲାଗି କାର୍ଯ୍ୟସୂଚୀ ସ୍ଥିର ହୋଇଥିବା ଖବର ପ୍ରକାଶ ପାଇଛି। 'ବ୍ଲୁ ଅରିଜିନ୍'ରେ ସିଷ୍ଟମ୍ ଇଞ୍ଜିନିୟର ଭାବେ କାର୍ଯ୍ୟ କରୁଥିବା ୩୦ ବର୍ଷୀୟା ସଞ୍ଜଲଙ୍କ ପିଲା ଦିନର ସ୍ୱପ୍ନ ଥିଲା ମହାକାଶଯାତ୍ରା କରନ୍ତେ କି । ଖୁବ୍ ଶୀଘ୍ର ତାଙ୍କ ଇଚ୍ଛା ପୂରଣ ହେବାକୁ ଥିବାରୁ ସେ ଉତ୍ସାହିତ ଥିବା ପ୍ରକାଶ କରିଛନ୍ତି। 'ନ୍ୟୁ ଶେପାର୍ଡ' ରକେଟ ନିର୍ମାଣରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ଯୁବ ଇଞ୍ଜିନିୟର ସଞ୍ଜଲଙ୍କ ବିଷୟରେ ଜାଣିବା ଲାଗି ଭାରତୀୟମାନେ ଆଗ୍ରହ ରଖିବା ସ୍ୱାଭାବିକ।

ବ୍ୟକ୍ତିତ୍ୱ



ସଞ୍ଜଲ ଗାଭାଣ୍ଡେ

ସଞ୍ଜଲ ମହାରାଷ୍ଟ୍ରର କଲ୍ୟାଣରେ ଜନ୍ମ ଗ୍ରହଣ କରିଥିଲେ। ତାଙ୍କ ପିତା ଅଶୋକ ଗାଭାଣ୍ଡେ କଲ୍ୟାଣ–ଡୋମ୍ବିଭ୍ଲି ମହାନଗର ନିଗମର ଅବସରପ୍ରାପ୍ତ କର୍ମଚାରୀ ହୋଇଥିବା ବେଳେ ମାତା ସୁରେଖା ହେଉଛନ୍ତି ଏମ୍‌ଟିଏନ୍‌ଏଲ୍‌ର ପୂର୍ବତନ କର୍ମଚାରୀ। ମଡେଲ ହାଇସ୍କୁଲରୁ ମାଟ୍ରିକ ଶେଷ କରିବା ପରେ ସଞ୍ଜଲ ବିର୍ଲା କଲେଜରୁ ଉଚ୍ଚ ମାଧ୍ୟମିକ ଶିକ୍ଷା ଗ୍ରହଣ କରିଥିଲେ। ସେ ମୁମ୍ବାଇ ବିଶ୍ୱବିଦ୍ୟାଳୟରୁ ମେକାନିକାଲ୍ ଇଞ୍ଜିନିୟରିଂ ପାଠ ସମାପ୍ତ କରିବା ପରେ ସ୍ନାତକୋତ୍ତର ଲାଗି ଆମେରିକାର ମିଚିଗାନ୍ ଟେକ୍ନୋଲୋଜିକାଲ ୟୁନିଭର୍ସିଟିରେ ଭର୍ତ୍ତି ହୋଇଥିଲେ। ସେହି ସମୟରେ ସେ ସ୍ନାତକୋତ୍ତର ପାଠ୍ୟକ୍ରମରେ ଏରୋସ୍ପେସ୍ ବିଷୟ ରଖି ଅଧ୍ୟୟନ କରିଥିଲେ। ତେବେ ଝିଅ ଏରୋସ୍ପେସ୍ ଭଳି କ୍ଲିଷ୍ଟ ବିଷୟ ନେଇ କାହିଁକି ପଢ଼ିଲେ ବୋଲି ତାଙ୍କୁ ସେତେବେଳେ ଅନେକେ ପ୍ରଶ୍ନ କରିଥିଲେ ବୋଲି ମାତା ସୁରେଖା କହନ୍ତି। ସତରେ ଝିଅ ଏଭଳି କଷ୍ଟକର ପାଠ ପଢ଼ି ସଫଳ ହୋଇପାରିବ ନା ନାହିଁ ସେ ନେଇ ମା'ଙ୍କ ସନ୍ଦେହ ଥିଲା। ଏବେ ଯେତେବେଳେ ଝିଅ ଏରୋସ୍ପେସ୍ ରକେଟ ଡିଜାଇନ୍ କରି ଏ ଦିଗରେ ସିଦ୍ଧିଲାଭ କରିପାରିଛି, ତାହା ଦ୍ୱାରା ପରିବାରବର୍ଗ ଗର୍ବିତ ବୋଲି ସୁରେଖା କହିଛନ୍ତି। ସଞ୍ଜଲଙ୍କ ନିଯୁକ୍ତି କ୍ୟାରିୟର ଦେଖିଲେ ସ୍ନାତକୋତ୍ତର ପରେ ସେ ୱିସ୍‌କନ୍‌ସିନ୍‌ଠାରେ 'ମର୍କ୍ୟୁରି ମରିନ୍' ଏବଂ କାଲିଫର୍ନିଆର 'ଟୟୋଟା ରେସିଂ ଡେଭଲପ୍‌ମେଣ୍ଟ'ରେ କାମ କରିବାର ସୁଯୋଗ ପାଇଥିଲେ। ସପ୍ତାହାନ୍ତ ଛୁଟି ଦିନରେ ସେ ତାଙ୍କ ସ୍ୱପ୍ନକୁ ପୂରଣ କରିବା ସକାଶେ ବିମାନ ଉଡ଼ାଣ ପ୍ରଶିକ୍ଷଣ ନେଇଥିଲେ। ୨୦୧୬ରେ କମର୍ସିଆଲ୍ ପାଇଲଟ୍ ଲାଇସେନ୍ସ ପାଇବା ପରେ ତାଙ୍କ ପ୍ରଚେଷ୍ଟାର ପ୍ରାରମ୍ଭିକ ସୋପନରେ ସେ ଉତ୍ତୀର୍ଣ୍ଣ ହୋଇଥିଲେ। ଫଳରେ ଆତ୍ମପ୍ରତ୍ୟୟ ସୃଷ୍ଟି ହେବାରୁ ସଞ୍ଜଲ ଆମେରିକୀୟ ମହାକାଶ ଗବେଷଣା ସଂସ୍ଥା ନ୍ୟାଶନାଲ ଏରୋନଟିକ୍ସ ଆଣ୍ଡ ସ୍ପେଶ୍ ଆଡ୍‌ମିନିଷ୍ଟ୍ରେଶନ (ନାସା)ରେ ଚାକିରି ପାଇଁ ଆବେଦନ କରିଥିଲେ। କିନ୍ତୁ ନାଗରିକତ୍ୱଜନିତ ସମସ୍ୟା ଯୋଗୁ ତାଙ୍କୁ ଚୟନ କରାଯାଇ ନ ଥିଲା। ଏଥିରେ ସେ ଅବଚଳିତ ହୋଇଯାଇଥିଲେ। ତଥାପି ଧୈର୍ଯ୍ୟ ନ ହରାଇ ସିଆଟିଲସ୍ଥିତ 'ବ୍ଲ୍ୟୁ ଅରିଜିନ୍' ପାଇଁ ଆବେଦନ କରିଥିଲେ। ସେହି ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାରୁ ତାଙ୍କୁ ସିଷ୍ଟମ୍ ଇଞ୍ଜିନିୟର ପଦବୀ ମିଳିଥିଲା। ନିଷ୍ଠାର ସହ କାର୍ଯ୍ୟ କରିବାରୁ ତାଙ୍କୁ ନୂଆ ପ୍ରକଳ୍ପ 'ନ୍ୟୁ ଶେପାର୍ଡ' ରକେଟ ନିର୍ମାଣ ଲାଗି ବଛାଯାଇଥିଲା। ତାଙ୍କ ସଂଘର୍ଷମୟ ଜୀବନ ଆଉ ଦୁଇ ଦିନ ପରେ ଅର୍ଥାତ୍ ୨୦ ଜୁଲାଇରେ ନୂଆ ସଫଳତା ଦେଖିବ ବୋଲି ସେ ଆଶା ରଖିଛନ୍ତି।

ନାସାରେ କାମ କରିବାର ସୁଯୋଗ ପାଇ ନ ଥିବା ଝିଅଟିଏ ପାଇଁ ଏତେ ବଡ଼ ସଫଳତା ଲୁଚି ଅପେକ୍ଷା କରିଥିଲା ବୋଲି କୁହାଯାଇପାରେ। କିନ୍ତୁ ଆଜିର ଅତ୍ୟାଧୁନିକ ଯୁଗରେ ଯେତେବେଳେ ପ୍ରତ୍ୟେକ ସଫଳ ହେବା ପାଇଁ ଏକ ଦୌଡ଼ରେ ଅଛନ୍ତି, ସେତେବେଳେ ନାରୀ ମଧ୍ୟ ପୁରୁଷ ସହ ସମକକ୍ଷ ବୋଲି ବାରମ୍ବାର ପ୍ରମାଣିତ କରିପାରୁଛି। ଲକ୍ଷ୍ୟ ହାସଲ ଦିଗରେ ସଞ୍ଜଲଙ୍କ ଦୌଡ଼କୁ ଦେଖି ସେଥିରୁ ଯୁବପିଢ଼ି ପ୍ରେରଣା ପାଇବା ଦରକାର।

–ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ଝାଡୁଦାର ଭାବେ କାମ କରୁଥିବା ଜଣେ ମହିଳା ରାଜସ୍ଥାନ ପ୍ରଶାସନିକ ସେବା (ଆର୍‌ଏଏସ୍)ରେ କୃତକାର୍ଯ୍ୟ ହେବା କିଛି କମ୍ କଥା ନୁହେଁ। ଏହି ମହିଳା ଜଣକ ହେଉଛନ୍ତି ଆଶା କନ୍ଦରା। ସେ ଏବେ ଯୋଧପୁରରେ ଡେପୁଟି କଲେକ୍ଟର ଭାବେ କାର୍ଯ୍ୟରତ। ଏହାପୂର୍ବରୁ ଆଶା ଯୋଧପୁର ନଗର ନିଗମ (ଉତ୍ତର)ରେ ସଫେଇ କର୍ମଚାରୀ ଭାବେ କାର୍ଯ୍ୟ କରିଥିଲେ। ଏବେ ସେ ଯୋଧପୁର ନଗର ନିଗମର ଏହି କାର୍ଯ୍ୟ ତଦାରଖ କରିବା ସହ ଅନ୍ୟ ବିକାଶମୂଳକ କାର୍ଯ୍ୟ କରିବାର ଦାୟିତ୍ୱ କାନ୍ଧକୁ ନେଇଛନ୍ତି। ଆଶା ଜଣେ ସିଙ୍ଗଲ୍ ମଦର। ତାଙ୍କର ଗୋଟିଏ ପୁଅ ଓ ଝିଅଟିଏ ଅଛି। ବିବାହର ୫ ବର୍ଷ ପରେ ସେ ସ୍ୱାମୀଙ୍କଠାରୁ ଅଲଗା ହୋଇ ପିଲାଙ୍କୁ ମଣିଷ କରିବା ଲାଗି ସଫେଇ କର୍ମଚାରୀ ଭାବେ କାର୍ଯ୍ୟ କରୁଥିଲେ। ଦିନରେ ହାତରେ ଝାଡୁ ଧରୁଥିଲେ ଓ ରାତିରେ ଆର୍‌ଏଏସ୍ ଲାଗି ପ୍ରସ୍ତୁତ ହୁଅନ୍ତି। କଠୋର ପରିଶ୍ରମ ଓ ନିଷ୍ଠା ବଳରେ ସେ ଆର୍‌ଏଏସ୍‌ରେ ୭୨୮ତମ ର୍‍ୟାଙ୍କ ପାଇ ଜଣେ ଅଧିକାରୀ ହେବାର ସୌଭାଗ୍ୟ ଲାଭ କରିଛନ୍ତି। ଭାରତୀୟ ପ୍ରଶାସନିକ ସେବା (ଆଇଏଏସ୍)ପାଇଁ ବୟସ ବାଧକ ହେବାରୁ ସେ ଏଥିରୁ ଓହରି ଯାଇ ଆର୍‌ଏଏସ୍ ପରୀକ୍ଷା ଦେଇଥିଲେ। ଲକ୍ଷ୍ୟ ହାସଲ କରିବାକୁ ଆତ୍ମବିଶ୍ୱାସ ରହିଲେ ତାହା ସହଜରେ ପ୍ରାପ୍ତ ହୁଏ ବୋଲି କହିଛନ୍ତି ଆଶା। ଆଶାଙ୍କ ସଫଳତା ତାଙ୍କ ସମ୍ପ୍ରଦାୟର ମହିଳାମାନଙ୍କ ପାଇଁ ଏକ ପ୍ରେରଣା।

## ଚିରନ୍ତନୀ

ମାନବ ନୟନେ ଯାହା ଶୂନ୍ୟ ବୋଲି
ହୁଅଇ ପ୍ରତୀତି,
ସୂକ୍ଷ୍ମତମ ସେହି ଶୂନ୍ୟେ ପୂରିଅଛି ଜୀବନର ଗୀତି,
କୋଟି କୋଟି ଚେତନାର ଅଣୁ ପରମାଣୁ ରସେ
ରୂପେ ରୂପେ ଏ ସୃଷ୍ଟି ବିଳସେ !
–(ସୃଜନ ବ୍ୟଥା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ପାଠକ ଶ୍ରେଷ୍ଠ ବିଚାରକ

### ଜିଏସ୍‌ଟି ଆଦାୟରେ ଅବ୍ୟବସ୍ଥା

ମହାଶୟ,

ଆମ ଦେଶରେ ସରକାର ସମସ୍ତ ବ୍ୟବସାୟ ପ୍ରତି ଗୋଟିଏ ନିୟମ ପ୍ରଚଳନ କରିଛନ୍ତି। ଦ୍ରବ୍ୟ ଏବଂ ସେବାକର (ଜିଏସ୍‌ଟି) ବସାଇ ବ୍ୟବସାୟୀ ଏବଂ ଜନସାଧାରଣଙ୍କଠାରୁ ବିପୁଳ ପରିମାଣରେ ଟିକସ ଆଦାୟ କରୁଛନ୍ତି। ଏଠାରେ ପ୍ରଶ୍ନ ଉଠେ, କୌଣସି ବ୍ୟବସାୟ ଆରମ୍ଭ ନ କରି କ'ଣ ଜଣେ ବ୍ୟକ୍ତି ଜିଏସ୍‌ଟି ଦେବା ଯୁକ୍ତିସଙ୍ଗତ ? ଆଜ୍ଞା ହଁ, ଏହା ସରକାରଙ୍କ ଏକକ ଟିକସ ବ୍ୟସ୍ଥାରେ ସମ୍ଭବ ହୋଇପାରୁଛି। କାରଣ ଜଣେ ବ୍ୟକ୍ତି ବ୍ୟବସାୟଟିଏ କରିବା ଆଗରୁ ବ୍ୟାଙ୍କ୍‌ରେ ଋଣ ଆବେଦନ କରିବାବେଳେ (ଜିଏସ୍‌ଟି ଲାଇସେନ୍ସ) କରିବାକୁ ବାଧ। ଯଦି କୌଣସି କାରଣରୁ ଉକ୍ତ ବ୍ୟକ୍ତି ବ୍ୟାଙ୍କ ଦ୍ୱାରା ଋଣ ପାଇବା ପାଇଁ ମନୋନୀତ ନ ହୁଅନ୍ତି, ତାହାଲେ ଉକ୍ତ ବ୍ୟକ୍ତି ବା ଅନୁଷ୍ଠାନ ଉପରେ ଜିଏସ୍‌ଟି ପ୍ରତିଦିନ ଅନ୍ତରରେ ବଢ଼ିଚାଲେ। ଏହା କ'ଣ ନ୍ୟାୟସଙ୍ଗତ କି ? ଏହା ଦ୍ୱାରା ସମ୍ପୃକ୍ତ ବ୍ୟକ୍ତିର ବ୍ୟବସାୟ କରିବା ଆଶା ଆଶାରେ ରହିଯାଏ। ସରକାରଙ୍କୁ ଅନୁରୋଧ, ଏହି ବ୍ୟବସ୍ଥାର ସୁପରିଚାଳନା ପ୍ରତି ଦୃଷ୍ଟି ଦେଇ ନ୍ୟାୟୋଚିତ୍ତ ପଦକ୍ଷେପ ଗ୍ରହଣ କରନ୍ତୁ।

– ଧର୍ମରାଜ ପଟ୍ଟନାୟକ, ଜୟଦୁର୍ଗା ନଗର, ଭୁବନେଶ୍ୱର

### ପରଧନଖିଆଙ୍କ ପ୍ରତି ସାବଧାନ

ପୋଲିସ ଡାଳେ ଡାଳେ ଗଲେ ଚୋର ପତ୍ରେ ପତ୍ରେ ଯାଉଛନ୍ତି। ଚୋରମାନେ ବନ୍ଧୁକ ଫୁଟାଇ, ଘରତାଡ଼ି କିମ୍ବା ବ୍ୟାଙ୍କର ଲକ୍ ତାଡ଼ିବା ପରି ଚୋରି ଉପାୟକୁ ଛାଡ଼ି ଏବେ ନୂଆ ଉପାୟରେ ଅର୍ଥୋପାର୍ଜନ କରୁଥିବାର ଲକ୍ଷ୍ୟ କରାଯାଏ। ଏହି ଚୋରମାନଙ୍କୁ ସାଇବର ଠକ ବୋଲି କୁହାଯାଉଛି। ଏମାନଙ୍କୁ ପରଧନଖିଆ କହିଲେ ଅତ୍ୟୁକ୍ତି ହେବ ନାହିଁ। ସମ୍ପୃକ୍ତ ବିଚକ୍ଷଣ ବୁଦ୍ଧି ଓ ସୂକ୍ଷ୍ମ ଚିନ୍ତାଧାରା ସମ୍ପନ୍ନ ପରଧନଖିଆମାନେ ପୋଲିସର ମୁଣ୍ଡବ୍ୟଥାର କାରଣ ସାଜିଛନ୍ତି। ସେମାନଙ୍କ ଠକାମିର ତରିକା ଭିନ୍ନ ଧରଣର। କୌଶଳକ୍ରମେ ସରଳ ନିରୀହ ବ୍ୟକ୍ତିଙ୍କର ଗୁପ୍ତ ତଥ୍ୟକୁ ସେମାନେ ହାସଲ କରିଥା'ନ୍ତି। ପରବର୍ତ୍ତୀ ଅବସ୍ଥାରେ କ୍ଷଣକ ମଧ୍ୟରେ ସେହି ବ୍ୟକ୍ତିଙ୍କର ସଞ୍ଚିତ ଧନ ସେମାନେ ଅପହରଣ କରିଥା'ନ୍ତି। ନିରୀହ ବ୍ୟକ୍ତିଟି ସେମାନଙ୍କ ଚକ୍ରବ୍ୟୂହରେ ପେଷି ହୋଇ ଆପଣାର ଗୁପ୍ତ ତଥ୍ୟ ସାଇବର ଠକଙ୍କୁ ପ୍ରଦାନ କରିଥା'ନ୍ତି। ତାପରେ ଜାଣିବା ବେଳକୁ ସବୁ ଶେଷ ହୋଇଯାଏ। ଏଣୁ ଏପରି ଅପରାଧୀଙ୍କ ପ୍ରତି ସାବଧାନ।

– ମହେଶ୍ୱର ନାୟକ, ଦୋବନ୍ଧା, କେନ୍ଦ୍ରାପଡ଼ା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ମହୁଲ ପୋଚ ନଷ୍ଟ, ଅଭିଯୁକ୍ତ ଫେରାର

ବୌଦ୍ଧ (ସ୍ୱ.ପ୍ର.): ବୌଦ୍ଧ ଅବକାରୀ ବିଭାଗ କର୍ମଚାରୀମାନେ ହରଭଙ୍ଗା ବ୍ଲକର ମଥୁରା ନିକଟ ମହାନଦୀ କୂଳରେ ମଦ ରଖାଯିବା ସ୍ଥାନରେ ଚଢ଼ାଉ କରି ବହୁ ପରିମାଣର ପୋଚ ନଷ୍ଟ କରିଛନ୍ତି । ଏହାଛଡ଼ା ମଦରନ୍ଧା ସାମଗ୍ରୀକୁ ଜବତ କରିଛନ୍ତି । ଅଭିଯୁକ୍ତମାନେ ଫେରାର ହୋଇ ଯାଇଛନ୍ତି । ଏହି ଚଢ଼ାଉରେ ଅବକାରୀ ଇନ୍ସପେକ୍ଟର ସାଗରିକା ପ୍ରଧାନ, ରମେଶ ଚନ୍ଦ୍ର ମହାନ୍ତି, ଜୟନ୍ତ ପ୍ରଧାନ, ଲୋକନାଥ ଭୋଇ, କୈଳାସ ଚନ୍ଦ୍ର ସାହୁ, ଅଞ୍ଜଳି ଅମାତ ଓ ପଞ୍ଚମୀ ବେହେରା ସାମିଲ ଥିଲେ ।

## ସଂକ୍ଷେପରେ

### ଗଞ୍ଜେଇ ସହ କାର୍ ଜବତ, ଦୁଇ ଗିରଫ

ବୌଦ୍ଧ/ବାଉଁଶୁଣୀ,୧୭।୭ (ସ୍ୱ.ପ୍ର./ଡି.ଏନ.ଏ.): ବୌଦ୍ଧ ଜିଲାର ବିଭିନ୍ନ ଥାନା ଅଞ୍ଚଳରେ ଗଞ୍ଜେଇ ଧରପଗଡ ଚାଲିଛି। ଗତ କିଛି ଦିନ ତଳେ କଣ୍ଟାମାଳ ଓ ବାଉଁଶୁଣୀ ପୋଲିସ ଗଞ୍ଜେଇ ଜବତ କରିଥିଲା । ଗତ ଶୁକ୍ରବାର ବୌଦ୍ଧ ପୋଲିସ ୧୪୦ କିଲୋ ଗଞ୍ଜେଇ ଜବତ କରିବା ସହ ଦୁଇଜଣଙ୍କୁ ଗିରଫ କରିଥିଲା । ଶନିବାର ପୁଣି ବାଉଁଶୁଣୀ ପୋଲିସ ୪୦ କିଲୋରୁ ଅଧିକ ଗଞ୍ଜେଇ ସହ ଚୋରା ଚାଲାଣରେ ବ୍ୟବହୃତ ଏକ କାରକୁ ଜବତ କରିଛି । ଏହି ଘଟଣାରେ ଦୁଇଜଣଙ୍କୁ ଗିରଫ କରାଯାଇଛି। ବାଉଁଶୁଣୀ ଥାନା ଅଧିକାରୀ ସୁବାସ ଚନ୍ଦ୍ର ରାୟଗୁରୁଙ୍କ ନିକଟରୁ ମିଳିଥିବା ସୂଚନା ମୁତାବକ ଶନିବାର ଅପରାହ୍ନ ପ୍ରାୟ ୩ଟା ସମୟରେ ବୌଦ୍ଧ ବ୍ଲକର ଜଡ଼ାପାଲ ଗ୍ରାମରୁ ସାହଜପାଲ ଆଡ଼କୁ ଏକ କାର ଯୋଗେ ଗଞ୍ଜେଇ ଚାଲାଣ ହେଉଥିବା ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ ପୋଲିସର ଏକ ଟିମ୍ ମୁଣ୍ଡିପଦର ଗ୍ରାମ ନିକଟରେ ଗାଡିକୁ ଅଟକାଇ ଯାଞ୍ଚ କରିଥିଲେ। ଗାଡି ଭିତରୁ ଦୁଇଟି ବସ୍ତାରେ ଭର୍ତ୍ତି ହୋଇଥିବା ୪୧ କିଲୋ ୨୦୦ ଗ୍ରାମ ଗଞ୍ଜେଇ ଜବତ ହୋଇଛି। ଏହି ଘଟଣାରେ ଅନୁଗୁଳ ଜିଲା ଛେଣ୍ଡିପଦା ଥାନା ଅନ୍ତର୍ଗତ ବାଗଡିଆ ଗ୍ରାମର ଅଜୟ କୁମାର ସାହୁ(୩୪) ଓ ବାମନାଳୀ ଗ୍ରାମର ଗରିଆ ମାଝି(୩୨)ଙ୍କୁ ଗିରଫ କରାଯାଇଛି। ଏ ନେଇ ବାଉଁଶୁଣୀ ଥାନାରେ ନମ୍ବର ୧୧୭/୨୧ରେ ମାମଲା ରୁଜୁ ହୋଇଛି।

### ସଜେଇ ହୋଇଛି ଅଙ୍ଗନୱାଡ଼ି କେନ୍ଦ୍ର

କର୍ଲାମୁଣ୍ଡା,୧୭।୭ (ଡି.ଏନ.ଏ.): କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଞ୍ଜା ପଞ୍ଚାୟତର ପଞ୍ଚାୟତ ପ୍ରତିନିଧିମାନଙ୍କ ଉଦ୍ୟମରେ ଶିଶୁଙ୍କୁ ଆକର୍ଷିତ କରିବା ପାଇଁ ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକ ସଜ୍ଜିତ ହୋଇଥିବା ଦେଖିବାକୁ ମିଳିଛି। ଏଥିପାଇଁ ପଞ୍ଚାୟତର ଦେଓଗାଁ, ରେଙ୍ଗାଲି, ଟକାରୁମାଲ ଓ ରିଞ୍ଜା ଠାରେ ଥିବା ୪ଟି ଅଙ୍ଗନୱାଡ଼ି କେନ୍ଦ୍ରରେ ସିଏଫ୍‌ସି ଓ ଟିଏଫ୍‌ସି ଅନୁଦାନ ରାଶିକୁ ବିନିଯୋଗ କରି ଟେଲିଭିଜନ, ପିଇବା ପାଣି, କାନ୍ଥ ଚିତ୍ର ଏବଂ ବସିବା ପାଇଁ ରଙ୍ଗୀନ ଚୌକି ଟେବୁଲର ବ୍ୟବସ୍ଥା ହୋଇଛି। ଏସବୁ ଦେଖି ଅଙ୍ଗନୱାଡ଼ି କେନ୍ଦ୍ରର କୁନି କୁନି ଶିଶୁ ( ୩ରୁ ୬ ବର୍ଷ) ଆକର୍ଷିତ ହୋଇ ନିୟମିତ ଅଙ୍ଗନୱାଡ଼ି କେନ୍ଦ୍ରକୁ ଆସିବେ ବୋଲି ସରପଞ୍ଚ ଭୋଜବନ୍ତି ସାହୁ କହିଛନ୍ତି। ରିଞ୍ଜା ଗ୍ରାମ ପଞ୍ଚାୟତର ଏଭଳି ଉଦ୍ୟମକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି।

# ଖାଲିରେ ଚାଲିଛି ଭିଜିଲାନ୍ସ ବିଭାଗ




**୩ ଏସ୍‌ପି, ୧୫ ଡିଏସ୍‌ପି, ୮୮ ଇନ୍ସପେକ୍ଟର ନାହାନ୍ତି**

କଟକ ଅଫିସ, ୧୭।୭

ରାଜ୍ୟରେ ବିଭିନ୍ନ ବିଭାଗରେ ହେଉଥିବା ଦୁର୍ନୀତିକୁ ରୋକିବା ସହ ଏଥିରେ ସମ୍ପୃକ୍ତ ବ୍ୟକ୍ତି ବିଶେଷଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଭିଜିଲାନ୍ସ ବିଭାଗର କାର୍ଯ୍ୟ। ହେଲେ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ବିଭାଗରେ ଅଧିକାରୀ ଏବଂ କର୍ମଚାରୀଙ୍କ ଘୋର ଅଭାବ ଦେଖାଦେଇଛି। ଭିଜିଲାନ୍ସ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀଙ୍କ ମୃତ୍ୟୁ ପରେ ରାଜ୍ୟ ସରକାର ନିକଟରେ ବରିଷ୍ଠ ଆଇପିଏସ୍ ଅଧିକାରୀ ଯଶୱନ୍ତ ଜେଠୱାଙ୍କୁ ଭିଜିଲାନ୍ସ ନିର୍ଦ୍ଦେଶକ ଭାବେ ଅବସ୍ଥାପିତ କରିଛନ୍ତି। ସେହିପରି ଅସିତ ପାଣିଗ୍ରାହୀଙ୍କୁ ଆଇଜି ପଦରେ ନିଯୁକ୍ତି ଦିଆଯାଇଛି। ହେଲେ ରାଜ୍ୟର ପ୍ରମୁଖ ବ୍ରହ୍ମପୁର, କଟକ ଓ ରାଉରକେଲା ଭିଜିଲାନ୍ସ ଡିଭିଜନରେ ଏସ୍‌ପି ପଦ ଖାଲି ରହିଛି। ସମ୍ବଲପୁର ଏସ୍‌ପି ସାରା ଶର୍ମାଙ୍କୁ ରାଉରକେଲାର ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଥିବାବେଳେ କଟକ ଭିଜିଲାନ୍ସ ଡିଭିଜନ ଏସ୍‌ପି ଅଭିରାମ କର ଗତମାସରେ ଅବସର ଗ୍ରହଣ କରିଥିଲେ ସୁଦ୍ଧା ତାଙ୍କ ସ୍ଥାନରେ ଏଯାବତ୍ କାହାରିକୁ ଅବସ୍ଥାପିତ କରାଯାଇ ନାହିଁ। ଗତ ଜୁନ ୨ୟ ସପ୍ତାହରୁ ଭୁବନେଶ୍ୱର ଭିଜିଲାନ୍ସ ଡିଭିଜନ ଏସ୍‌ପି ଅନୁପମା ଜେମ୍‌ସ ପ୍ରସବକାଳୀନ ଛୁଟିରେ ଯିବା ପରଠାରୁ ଅସ୍ଥାୟୀ ଭାବରେ ଅତିରିକ୍ତ ଏସ୍‌ପି ଅକ୍ଷୟ କୁମାର ମିଶ୍ର କାମ ତୁଲାଉଥିଲେ। ହେଲେ ନିକଟରେ ଆର୍.ପ୍ରକାଶଙ୍କୁ ସେଠାରେ ଏସ୍‌ପିଭାବେ ଅବସ୍ଥାପିତ କରାଯାଇଥିବା ବିଶେଷ ସୂତ୍ରରୁ ସୂଚନା ମିଳିଛି। ଅନୁରୂପଭାବେ ଗତମାସରେ ବ୍ରହ୍ମପୁର ଭିଜିଲାନ୍ସ ଡିଭିଜନ ଏସ୍‌ପି ଶାନ୍ତନୁ କୁମାର ପାଢ଼ୀ ଅବସର ଗ୍ରହଣ କରିବା ପରଠାରୁ ସେଠାରେ ମଧ୍ୟ ଏସ୍‌ପି ପଦ ଖାଲିରହିଛି। ଏକାଧିକ ଭିଜିଲାନ୍ସ ଡିଭିଜନରେ ସ୍ଥାୟୀ ଏସ୍‌ପି ନିଯୁକ୍ତି କରାଯାଉ ନ ଥିବାରୁ ସେହି ସବୁ ସ୍ଥାନରେ ଥିବା ମାମଲାଗୁଡ଼ିକର ତ୍ୱରିତ ତଦନ୍ତ ହୋଇପାରୁ ନାହିଁ। ଭିଜିଲାନ୍ସ ବିଭାଗରେ କେବଳ ଏସ୍‌ପି ନୁହନ୍ତି ୧୫ ଡିଏସ୍‌ପି ପଦ ମଧ୍ୟ ଖାଲି ପଡ଼ିଛି। ରାଜ୍ୟରେ ୬୩ ଡିଏସ୍‌ପି ପଦ ରହିଥିବାବେଳେ ୪୮ଜଣ ଡିଏସ୍‌ପି ରହିଛନ୍ତି। ଅନୁରୂପଭାବେ ୧୭୫ ଇନ୍ସପେକ୍ଟର ପଦବୀ ମଧ୍ୟରୁ ୮୮ ପଦ ଖାଲି ରହିଛି । ସେହିପରି ୩୦୯ କନଷ୍ଟେବଳ ପଦବୀ ରହିଥିବାବେଳେ ୧୦୯ ପଦ ଖାଲି ରହିଛି ।

ରାଜ୍ୟରେ ଦୁର୍ନୀତି ମାମଲା ଦିନକୁ ଦିନ ବୃଦ୍ଧି ପାଉଥିବାବେଳେ ଭିଜିଲାନ୍ସ ବିଭାଗରେ ଏତେ ସଂଖ୍ୟାରେ ବିଭିନ୍ନ ପଦବୀ ଖାଲି ପଡ଼ିବା ଘଟଣା ସମସ୍ତଙ୍କୁ ଚକିତ କରୁଛି। ଏତେ ସଂଖ୍ୟକ ପଦବୀ ଖାଲି ପଡ଼ିଥିବାବେଳେ ଭିଜିଲାନ୍ସ କିପରି କାର୍ଯ୍ୟ କରୁଥିବ ତାହା ସହଜରେ ଅନୁମେୟ। ପୂର୍ବରୁ ଭିଜିଲାନ୍ସ ବିଭାଗର ପଦବୀ ପୂରଣ ଷ୍ଟାଫ୍ ସିଲେକ୍ସନ ଜରିଆରେ ହେଉଥିଲା। ଏବେ ଏହା ରାଜ୍ୟ ପୋଲିସ ଦ୍ୱାରା କରାଯାଉଛି। ତେବେ ରାଜ୍ୟ ପୋଲିସ କ'ଣ ପାଇଁ ଏନେଇ ଗୁରୁତ୍ୱ ଦେଉ ନାହିଁ ତାହା ଜଣାପଡୁ ନାହିଁ। ଭିଜିଲାନ୍ସ ବିଭାଗର ଏପ୍ରକାରର ସ୍ଥିତିକୁ ନେଇ ପୂର୍ବତନ ପୋଲିସ ମହାନିର୍ଦ୍ଦେଶକ ତଥା ଭିଜିଲାନ୍ସ ନିର୍ଦ୍ଦେଶକ ଗୋପାଳଚନ୍ଦ୍ର ନନ୍ଦଙ୍କ ମତରେ ଭିଜିଲାନ୍ସ ବିଭାଗ ରାଜ୍ୟ ପୋଲିସ ଉପରେ ନିର୍ଭର କରିଥାଏ । ଭିଜିଲାନ୍ସ ବିଭାଗକୁ ରାଜ୍ୟ ପୋଲିସ ବିଭାଗରୁ କର୍ମଚାରୀ ଆସିଥାନ୍ତି । ରାଜ୍ୟ ପୋଲିସରେ ବୋଧ ହୁଏ କର୍ମଚାରୀ ଅଭାବ ରହିଛନ୍ତି । ଏଣୁ ସେହି ଅନୁପାତରେ ଭିଜିଲାନ୍ସ ବିଭାଗର କର୍ମଚାରୀ ମଧ୍ୟ କମ୍ ରହିଛନ୍ତି ବୋଲି ନନ୍ଦ କହିଛନ୍ତି। ଏନେଇ ଭିଜିଲାନ୍ସ ନିର୍ଦ୍ଦେଶକ ଜେଠୱାଙ୍କ ମତାମତ ନେବାକୁ ଚେଷ୍ଟା କରାଯାଇଥିଲେ ସୁଦ୍ଧା ସେ କୌଣସି ମତାମତ ଦେଇ ନାହାନ୍ତି।

# ୪ ଅମୃତଧାରା ପ୍ରକଳ୍ପ ଉଦ୍‌ଘାଟିତ



ଅମରପାଲିରେ ଅମୃତ ଧାରା ପ୍ରକଳ୍ପକୁ ମନ୍ତ୍ରୀ ପଦ୍ମନାଭ ବେହେରା ଉଦ୍‌ଘାଟନ କରୁଛନ୍ତି।

ଅମରପାଲି,୧୭।୭(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ବହଳପଦର ପଞ୍ଚାୟତର ବିଭିନ୍ନ ସ୍ଥାନରେ ବାଣିଜ୍ୟ ଓ ପରିବହନ ଏବଂ ଯୋଜନା ଓ ସଂଯୋଜନ ମନ୍ତ୍ରୀ ପଦ୍ମନାଭ ବେହେରା ୪ଟି ଅମୃତଧାରା ପ୍ରକଳ୍ପ ଉଦ୍‌ଘାଟନ କରିଛନ୍ତି। ସେଗୁଡ଼ିକ ହେଲା ବହଳପଦର ଓ ଗୌଡଗାଡରେ ଗୋଟିଏ ଲେଖାଏ ଏବଂ ଅମରପାଲିରେ ଦୁଇଟି ଅମୃତଧାରା ପ୍ରକଳ୍ପ। ଏଥିସହିତ ଓଡ଼ିଶା ମୋ ପରିବାର ସୌଜନ୍ୟ ଏବଂ ଫ୍ରେଣ୍ଡସ କ୍ଲବ ଓ ଜେମ୍ସ ଷ୍ଟାର କ୍ଲବ ମିଳିତ ଆନୁକୂଲ୍ୟରେ ଅମରପାଲିରେ ଅନୁଷ୍ଠିତ ରକ୍ତଦାନ ଶିବିରରେ ପ୍ରାୟ ୩୦ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ଚନ୍ଦ୍ରକାନ୍ତି ଦନ୍ତା, ସମିତି ସଭ୍ୟ ପୀତାମ୍ବର ସାହୁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ରଞ୍ଜିତ ରଥ,ଦୁର୍ଜନତୈଲା ସରପଞ୍ଚ ରଞ୍ଜିତ ଖେତି, ବ୍ଲକ ଯୁବ ବିଜେଡି ସଭାପତି ନାରାୟଣ ଲୁହା, ଜିଲା ଛାତ୍ର ବିଜେଡି ଉପସଭାପତି ଶୈଳରଞ୍ଜନ ବାଦି ପ୍ରମୁଖ ଉପସ୍ଥିତ ଥିଲେ। ଶିବିରକୁ ମନ୍ତ୍ରୀ ବେହେରା ଉଦ୍‌ଘାଟନ କରିଥିଲେ। ପରେ ବିଶାଳପାଲି ୟୁପି ସ୍କୁଲ ପରିସରରେ ଅନୁଷ୍ଠିତ ଚାରାରୋପଣ କାର୍ଯ୍ୟକ୍ରମରେ ସେ ମୁଖ୍ୟ ଅତିଥି ଓ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶାନ୍ତନୁ କୁମ୍ଭକାର ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ।

# ପେଟ୍ରୋଲ ପମ୍ପ ସମ୍ମୁଖରେ ଦସ୍ତଖତ ଅଭିଯାନ




ସୋନପୁରରେ କଂଗ୍ରେସ ପକ୍ଷରୁ ଅନୁଷ୍ଠିତ ଦସ୍ତଖତ ସଂଗ୍ରହ ଅଭିଯାନ କାର୍ଯ୍ୟକ୍ରମ ।

ସୋନପୁର,୧୭।୭(ନି.ପ୍ର.)

ସୋନପୁର ସବ୍‌ଜେଲ ନିକଟରେ ଥିବା ପେଟ୍ରୋଲ ପମ୍ପ ସମ୍ମୁଖରେ କଂଗ୍ରେସ ଦଳ ପକ୍ଷରୁ ଶନିବାର ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ଦସ୍ତଖତ ଅଭିଯାନ ଆରମ୍ଭ ହୋଇଛି। ପେଟ୍ରୋଲ, ଡିଜେଲ, ଇନ୍ଧନ ଗ୍ୟାସ, ଖାଇବା ତେଲ, ଡାଲି ଅତ୍ୟାବଶ୍ୟକ ସାମଗ୍ରୀର ଦର ବୃଦ୍ଧି ଓ ଧାନର ସହାୟକ ମୂଲ୍ୟ କୁଇଣ୍ଟାଲ ପ୍ରତି ୨୯୩୦ଟଙ୍କାକୁ ବୃଦ୍ଧି ଦାବିରେ ଏହି ଅଭିଯାନ ଆରମ୍ଭ ହୋଇଥିବା ଜିଲା କଂଗ୍ରେସ କମିଟି ସଭାପତି ଗୌରିଶ୍ୟାମ ପଣ୍ଡା କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଜିତେନ୍ଦ୍ର ପଟ୍ଟନାୟକ, ସୁଧୀର କୁମାର ପଣ୍ଡା, ରାଜେଶ ମିଶ୍ର ଓ ଶେଷଦେବ ମହେର ପ୍ରମୁଖ ଉପସ୍ଥିତ ଥିଲେ ।

# ସ୍ୱାମୀ ପରିତ୍ୟକ୍ତା ମହିଳାଙ୍କୁ ଥଇଥାନ



ମହିଳା ଓ ସଖୀ ୱାନ ଷ୍ଟପ ସେଣ୍ଟରର ଟିମ୍‌ର କର୍ମକର୍ତ୍ତା ।

ବୌଦ୍ଧ,୧୭।୭(ସ୍ୱ.ପ୍ର.)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ଚାରିଛକ ଅବକାରୀ କାର୍ଯ୍ୟାଳୟ ନିକଟସ୍ଥ ଦୋକାନ ବାରଣ୍ଡାରେ ଦିନ କାଟୁଥିବା ସ୍ୱାମୀ ପରିତ୍ୟକ୍ତା ମହିଳା ଓ ତାଙ୍କର ୪ ବର୍ଷର ଶିଶୁପୁତ୍ରକୁ ବୌଦ୍ଧର ସଖୀ ୱାନ ଷ୍ଟପ ସେଣ୍ଟର ଟିମ୍ ଶନିବାର ଉଦ୍ଧାର କରି ଥଇଥାନ କରିଛି । ପ୍ରକାଶ ଯେ, ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ କଙ୍କଲା ଗ୍ରାମର ଭଟିଲି ଓରଫ ସାଇବାଣୀ ଭୋକ୍ତା (୩୫) କନ୍ଧମାଳ ଜିଲା ଫିରିଙ୍ଗିଆ ଅଞ୍ଚଳରେ ବିବାହ କରିଥିଲେ । କୌଣସି କାରଣରୁ ସାଇବାଣୀ ଶ୍ୱଶୁର ଘରୁ ପଳାଇ ଆସିଥିଲେ । ହେଲେ ବାପ ଘରକୁ ଯାଇ ନ ଥିଲେ। ଦୀର୍ଘ ବର୍ଷ ହେବ ମହିଳା ଜଣକ ନିଜର ଶିଶୁପୁତ୍ରକୁ ଧରି ପ୍ରଥମେ ଚାରିଛକ ବଜାରରେ ଦୋକାନ ବାରଣ୍ଡାରେ ରହି ଆସୁଥିଲେ। ଗତ କିଛି ମାସ ହେବ ଅବକାରୀ ବିଭାଗ କାର୍ଯ୍ୟାଳୟଠାରେ ଖୋଲିଥିବା ବିଦେଶୀ ମଦ ଦୋକାନ ବାରଣ୍ଡାରେ ରହି ଆସୁଥିଲେ । ଏହି ଖବର ବୌଦ୍ଧ ସଖୀ ୱାନ ଷ୍ଟପ ସେଣ୍ଟର ଟିମ୍ ଜାଣିବା ପରେ ଶନିବାର ତାଙ୍କୁ ଉଦ୍ଧାର କରାଯାଇଛି । ଜିଲା ପ୍ରଶାସନର ସହଯୋଗରେ ଜିଲା ସମାଜ ମଙ୍ଗଳ କାର୍ଯ୍ୟାଳୟର ସୁରକ୍ଷା ଅଧିକାରୀ ଶର୍ମିଷ୍ଠା ହୋତା, ସଖୀ ୱାନ ଷ୍ଟପ ସେଣ୍ଟରର ତଦସା ମାଝୀ, ଯୁବ ଆଇନଜୀବୀ ଅମ୍ରିତ ପ୍ରଧାନ, ଏଏନଏମ ବର୍ଷାରାଣୀ ନାଏକ, ତୋଫାନ ମହାରଥୀ ଓ ପ୍ରବିଜ୍ଞା ଦାସ ପ୍ରମୁଖ ମହିଳା ଓ ଶିଶୁ ପୁତ୍ରକୁ ଉଦ୍ଧାର କରି ବୌଦ୍ଧସ୍ଥିତ ସୁଧାର ଗୃହରେ ଥଇଥାନ କରିଥିଲେ ।

# ସୌମ୍ୟଙ୍କ ପରିବାରର ୫ ଜଣଙ୍କ ବୟାନ ରେକର୍ଡ

**ଏସିଏଫ୍ ମୃତ୍ୟୁ ଘଟଣା**

ପାରଳାଖେମୁଣ୍ଡି,୧୭।୭(ଡି.ଏନ୍.ଏ.)

ଗଜପତି ଜିଲା ପାରଳାଖେମୁଣ୍ଡି ସହକାରୀ ବନ ସଂରକ୍ଷକ (ଏସିଏଫ୍) ସୌମ୍ୟରଞ୍ଜନ ମହାପାତ୍ରଙ୍କ ମୃତ୍ୟୁ ଘଟଣାର ରହସ୍ୟ ଦିନକୁ ଦିନ ଜଟିଳ ହେବାରେ ଲାଗିଛି। ଶୁକ୍ରବାର ପାରଳାଖେମୁଣ୍ଡିସ୍ଥିତ ସରକାରୀ ବାସଭବନରେ ସାଇଣ୍ଟିଫିକ ଟିମ୍ ଓ ପୋଲିସ ପହଞ୍ଚି ତଦନ୍ତ କରି ବିଭିନ୍ନ ତଥ୍ୟ ସଂଗ୍ରହ କରିଥିଲେ। ଶନିବାର ପୋଲିସ ସୌମ୍ୟଙ୍କ ପରିବାରର ୫ ଜଣଙ୍କ ବୟାନ ରେକର୍ଡ କରିଛି।

ସୌମ୍ୟଙ୍କ ସରକାରୀ ବାସଭବନରେ ଥିବା ସାମଗ୍ରୀଗୁଡିକ ପୋଲିସ ଓ ପରିବାର ଲୋକଙ୍କ ଉପସ୍ଥିତିରେ ତାଙ୍କ ଗ୍ରାମକୁ ପଠାଇ ଦିଆଯାଇଛି। ଏ ନେଇ ଅନ୍ତର୍ଜାତୀୟ ମାନବାଧିକାର ପରିଷଦର ଶାଖା ପକ୍ଷରୁ ଏକ ଦାବିପତ୍ର ମଧ୍ୟ ପାରଳାଖେମୁଣ୍ଡି ଥାନାଧିକାରୀ ବିବେକାନନ୍ଦ ସ୍ୱାଇଁଙ୍କୁ ପ୍ରଦାନ କରାଯାଇଛି।

ସୌମ୍ୟଙ୍କ ସ୍ତ୍ରୀ ବିଦ୍ୟାଭାରତୀ, ଡିଏଫ୍‌ଓ ସଂଗ୍ରାମକେଶରୀ ବେହେରା, ରୋଷେୟା ମନ୍ମଥ କୁମ୍ଭଙ୍କୁ ଶୀଘ୍ର ତଦନ୍ତ ପରିସର ଭୁକ୍ତ କରିବାକୁ ସୌମ୍ୟଙ୍କ ପରିବାର ଲୋକେ କହିଛନ୍ତି। ଡିଏଫ୍‌ଓ ଓ ବିଦ୍ୟାଭାରତୀଙ୍କ କଲ ରେକର୍ଡକୁ ଯାଞ୍ଚ କଲେ ସତ ପଦାକୁ ଆସିବ ବୋଲି ତାଙ୍କ ଓକିଲ କହିଛନ୍ତି। ପରିବାର ଲୋକଙ୍କ କହିବାନୁସାରେ, ଯେଉଁ ନୋଟପ୍ୟାଡ୍ ମିଳିଛି ସେଥିରେ ସୌମ୍ୟ ଲେଖିଛନ୍ତି, ସେ ୧୫ ତାରିଖ ପରେ ଚାପମୁକ୍ତ ହୋଇଯିବେ, ତାଙ୍କର ଅଳ୍ପଦିନରେ ଅନ୍ୟସ୍ଥାନକୁ ବଦଳି ହୋଇଗଲେ ସେ ଚାପମୁକ୍ତ ହୋଇଥାନ୍ତେ। ଘଟଣାସ୍ଥଳରୁ ଜବତ ହୋଇଥିବା ଲାପଟପ୍, କିଛି ହାତଲେଖା ଚିଠି, ଏକ ଡାଏରି, ଦୁଇଟି ଫୋନ କିଛି ଦସ୍ତାବିଜକୁ ନେଇ ତଦନ୍ତ ଚାଲିଛି। ଶୀଘ୍ର ସୌମ୍ୟଙ୍କ ସ୍ତ୍ରୀ ବିଦ୍ୟାଭାରତୀ, ଡିଏଫ୍‌ଓଙ୍କୁ ଜେରା କରାଯିବ ବୋଲି ପୋଲିସ କହିଛି। ତେବେ ତଦନ୍ତରେ ବାଧା ସୃଷ୍ଟି ହେବାର ଆଶଙ୍କା କରି ଜବତ ସାମଗ୍ରୀ ସମ୍ପର୍କରେ ଏସ୍‌ପି ତପନ କୁମାର ପଟ୍ଟନାୟକ କିଛି କହିବାକୁ ମନା କରିଛନ୍ତି।

### କଂଗ୍ରେସର ଦସ୍ତଖତ ସଂଗ୍ରହ ଅଭିଯାନ

ବରଗଡ଼ ଅଫିସ୍,୧୭।୭

ପେଟ୍ରୋଲ, ଡିଜେଲ ସହ ରନ୍ଧନ ଗ୍ୟାସ ଦରବୃଦ୍ଧିକୁ ନେଇ କଂଗ୍ରେସ ଆନ୍ଦୋଳନ ଜାରି ରଖିଛି। ଉଭୟ ରାଜ୍ୟ, କେନ୍ଦ୍ର ସରକାର ତୈଳ, ରନ୍ଧନ ଗ୍ୟାସ ଉପରୁ ଟ୍ୟାକ୍ସ ହ୍ରାସ କରି ଦର କମାଇବାକୁ ଦଳ ଦାବି କରିଛି । ଏହି କ୍ରମରେ ଶନିବାର ବରଗଡ଼ ଗାନ୍ଧୀ ଛକରେ କଂଗ୍ରେସ ପକ୍ଷରୁ ଦସ୍ତଖତ ଅଭିଯାନ ହୋଇଥିଲା । ଏଥିରେ ଜିଲା କଂଗ୍ରେସ ସଭାପତି ନିହାର ରଞ୍ଜନ ମହାନନ୍ଦ, ନିପନ ଦାଶ, ପାଣ୍ଡବ କର୍ଣ୍ଣ, ବରଗଡ଼ ବ୍ଲକ କଂଗ୍ରେସ ସଭାପତି ଅନନ୍ତ ତାଣ୍ଡି, ଯୁବ କଂଗ୍ରେସ ସଭାପତି ସୁଶାନ୍ତ ସାହୁ, ଛାତ୍ର କଂଗ୍ରେସ ଜିଲା ସଭାପତି ଗୌରବ ପତି, ଆଶିଷ ବେହେରା, ସୁବ୍ରତ ନାୟକ ପ୍ରମୁଖ ସକ୍ରିୟ ଅଂଶଗ୍ରହଣ କରିଥିଲେ ।

# କାରଖାନା ଫେରାଉଛନ୍ତି ଗରଳପାଣି

**କଳିଙ୍ଗନଗର ଶିଳ୍ପାଞ୍ଚଳରେ ଜଳ ପ୍ରଦୂଷଣ ଉତ୍କଟ**

■ ଫେନୋଲିକ୍ କମ୍ପାଉଣ୍ଡ ୧୫ ଗୁଣ, ସାଏନାଇଡ୍ ୨ ଗୁଣ ଅଧିକ

ହର୍ଷବର୍ଦ୍ଧନ ବେହେରା
ଯାଜପୁର ଅଫିସ,୧୭।୭

ଯାଜପୁର ଜିଲା କଳିଙ୍ଗନଗର ଶିଳ୍ପାଞ୍ଚଳରେ ଜଳ ପ୍ରଦୂଷଣ ଉତ୍କଟ ହୋଇଛି। ବ୍ରାହ୍ମଣୀ ଓ ଏହାର ଉପନଦୀ ଖରସ୍ରୋତାରୁ କାରଖାନାଗୁଡ଼ିକ ନିର୍ମଳ ପାଣି ନେଇ ସ୍ଥାନୀୟ ଅଞ୍ଚଳକୁ ଫେରାଉଛନ୍ତି ଗରଳ। ଏଥିଯୋଗୁ ଗଣ୍ଡାନାଳର ପାଣିରେ ଅତି ବିଷାକ୍ତ ସାଏନାଇଡ୍ ପ୍ରାୟ ୨ ଗୁଣ ଓ ଫେନୋଲିକ୍ କମ୍ପାଉଣ୍ଡ ୧୫ ଗୁଣ ଅଧିକ ରହିଛି। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଏସ୍‌ପିସିବି) ପକ୍ଷରୁ ୧।୭।୨୦୨୧ ଓ ୨।୭।୨୦୨୧ରେ କଳିଙ୍ଗନଗର ଅଞ୍ଚଳସ୍ଥିତ ବ୍ରାହ୍ମଣୀ, ଖରସ୍ରୋତା ଓ ଗଣ୍ଡାନାଳ ପାଣି ନମୁନା ପରୀକ୍ଷାରେ ଏହା ସ୍ପଷ୍ଟ ହୋଇଛି। ଏହି ମର୍ମରେ ଏସ୍‌ପିସିବିର ଚିଫ୍ ଏନ୍‌ଭାଇରନ୍‌ମେଣ୍ଟାଲ୍ ଇଞ୍ଜିନିୟରଙ୍କୁ ସେଣ୍ଟ୍ରାଲ ଲାବରେଟୋରିର ବରିଷ୍ଠ ପରିବେଶ ବୈଜ୍ଞାନିକ ୯।୭।୨୦୨୧ରେ ସୂଚିତ କରିଛନ୍ତି। ଏଭଳି ପ୍ରଦୂଷିତ ଜଳ ଯୋଗୁ ଫସଲ ନଷ୍ଟ ସହିତ ମଣିଷ ଓ ପ୍ରାଣୀ ସମ୍ପଦ ପାଇଁ ବିଶାଳ ସ୍ୱାସ୍ଥ୍ୟ ସଙ୍କଟ ସୃଷ୍ଟି ହୋଇଚାଲିଥିବା ସ୍ଥାନୀୟ ଅଞ୍ଚଳବାସୀ, ପରିବେଶ କର୍ମୀମାନେ ଅଭିଯୋଗ କରି ଆସୁଛନ୍ତି। ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲରେ ମାମଲା ଚାଲୁଛି। କିନ୍ତୁ କାରଖାନାର ପାଣି ବିଶୋଧିତ ହୋଇ ବାହାରୁଥିବା ନେଇ ରିପୋର୍ଟ ଦେଇ ଆସୁଥିବା ସରକାରୀ ଅଧିକାରୀମାନେ କିଭଳି କମ୍ପାନୀ ଖୁଣ୍ଟରେ ବନ୍ଧା ହୋଇଛନ୍ତି ତାହା ଜଳନମୁନା ପରୀକ୍ଷାରୁ ସ୍ପଷ୍ଟ ହେଉଛି।

ମିଳିଥିବା ରିପୋର୍ଟ ଅନୁସାରେ ବ୍ରାହ୍ମଣୀ ରିଭର୍ସ ପେଲେଟ ଲିମିଟେଡ୍ (ବିଆର୍‌ପିଏଲ୍), ଜିନ୍ଦଲ ଷ୍ଟେନଲେସ୍ ପ୍ରାଇଭେଟ ଲିମିଟେଡ୍(ଜେଏସ୍‌ପିଏଲ୍), ନୀଳାଚଳ ଇସ୍ପାତ ନିଗମ ଲିମିଟେଡ୍ (ଏନ୍‌ଆଇଏନ୍‌ଏଲ୍), ମେସ୍କୋ ଷ୍ଟିଲ, ଟାଟା ଷ୍ଟିଲର ବର୍ଜ୍ୟଜଳ ମିଶୁଥିବା ଗଣ୍ଡାନାଳର କୁସୁନପୁରଠାରୁ ଗତ ଜୁନ ୩୦ରେ ଜଳନମୁନା ସଂଗ୍ରହ ହୋଇଥିଲା। ଏହି ନମୁନା ପରୀକ୍ଷା ପରେ ଅନୁମତି ସୀମା (ପର୍ମିସିବୁଲ୍ ଲିମିଟ୍) ୦.୦୦୫ (ମିଲିଗ୍ରାମ/ଲିଟର)ଠାରୁ ହାରାହାରି ୦.୦୭୮ (ମିଲିଗ୍ରାମ/ଲିଟର) ଫେନୋଲିକ୍ କମ୍ପାଉଣ୍ଡ ଏବଂ ପର୍ମିସିବୁଲ୍ ଲିମିଟ୍ ୦.୦୫ (ମିଲିଗ୍ରାମ/ଲିଟର)ଠାରୁ ୦.୦୯୭(ମିଲିଗ୍ରାମ/ଲିଟର) ସାଏନାଇଡ୍ ରହିଥିବା ରିପୋର୍ଟରେ ଦର୍ଶାଯାଇଛି। ଏହାବାଦ ବ୍ରାହ୍ମଣୀ ନଦୀର କବାଟବନ୍ଧଠାରୁ ସଂଗୃହୀତ ନମୁନାରେ ଲିଟର ପିଛା ୦.୦୨୩ ମିଲିଗ୍ରାମ ଫେନୋଲିକ୍ ଏବଂ ୦.୦୩୫ ମିଲିଗ୍ରାମ ସାଏନାଇଡ୍, ଖରସ୍ରୋତା ନଦୀର ଟିସ୍କୋ ଇନ୍‌ଟେକ୍ ପଏଣ୍ଟରୁ ସଂଗୃହୀତ ଜଳ ନମୁନାରେ ୦.୦୩୨ ମିଲିଗ୍ରାମ ଫେନୋଲିକ୍ ଓ ୦.୦୪୦ ମିଲିଗ୍ରାମ ସାଏନାଇଡ୍, ଗଣ୍ଡାନାଳର ଓଳଳଠାରେ ୦.୦୨୯ ମିଲିଗ୍ରାମ ଫେନୋଲିକ୍ ଓ ୦.୦୩୦ ମିଲିଗ୍ରାମ ସାଏନାଇଡ୍ ରହିଛି। ସେହିପରି ଗଣ୍ଡାନାଳର ମାର୍ଥାପୁର ପାଖରୁ ସଂଗୃହୀତ ଜଳନମୁନାରେ ଲିଟର ପିଛା ୦.୦୪୪ ମିଲିଗ୍ରାମ ଫେନୋଲିକ୍ ଓ ୦.୦୪୫ ମିଲିଗ୍ରାମ ସାଇନାଇଡ, ଖରସ୍ରୋତା ନଦୀର ଜୋକଡିଆ ବ୍ରିଜ ନିକଟ ସଂଗୃହୀତ ପାଣିରୁ ୦.୦୩୧ ମିଲିଗ୍ରାମ ଫେନୋଲିକ୍ ଓ ୦.୦୩୩ ମିଲିଗ୍ରାମ ସାଏନାଇଡ୍ ଏବଂ ଖରସ୍ରୋତା ନଦୀ ଖଣ୍ଡିତର ନିକଟରୁ ସଂଗୃହୀତ ଜଳନମୁନାରେ ୦.୦୨୫ ମିଲିଗ୍ରାମ ଫେନୋଲିକ୍ ଓ ୦.୦୨୨ ମିଲିଗ୍ରାମ ସାଏନାଇଡ୍ ରହିଥିବା ରିପୋର୍ଟରେ ଦର୍ଶାଯାଇଛି। ତେବେ ଗଣ୍ଡାନାଳର କୁସୁନପୁରଠାରେ ଅନୁମତି ସୀମାଠାରୁ ଅଧିକ ସାଏନାଇଡ୍ ରହିଥିବାରୁ ଏସ୍‌ପିସିବି ଚିନ୍ତାବ୍ୟକ୍ତ କରିଛି। ବିଶେଷକରି ବିଆର୍‌ପିଏଲର ବର୍ଜ୍ୟପାଣି ଏଠାରେ ଅଧିକ ମିଶୁଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ଅଭିଯୋଗ ହେଉଛି। ଏନେଇ ବିଆର୍‌ପିଏଲ୍ ବିରୋଧରେ ଏନ୍‌ଜିଟିରେ ଏକ ମାମଲା ବିଚାରାଧୀନ ମଧ୍ୟ ରହିଛି। ତେବେ ଏସ୍‌ପିସିବିର ଏହି ରିପୋର୍ଟକୁ ଅବଲୋକନ କଲେ ବିଆର୍‌ପିଏଲ୍ ବାହାରକୁ ବର୍ଜ୍ୟଜଳ ଛାଡୁଥିବା ପ୍ରମାଣିତ କରୁଛି। ଏହାବାଦ କେତେକ କାରଖାନାର ବର୍ଜ୍ୟଜଳ ଚାଷଜମି ଦେଇ ଗଣ୍ଡାନାଳରେ ମିଶୁଛି।

ଅନ୍ୟପକ୍ଷେ କାରଖାନାର ବର୍ଜ୍ୟଜଳ ମିଶୁଥିବା ନଦୀ ତଟବର୍ତ୍ତୀ ଅଞ୍ଚଳରେ ଅନ୍‌ଲାଇନ ୱାଟର କ୍ୱାଲିଟି ମନିଟରିଂ ସିଷ୍ଟମ୍ ଲଗାଇବାକୁ ପୂର୍ବରୁ ହୋଇଥିବା ନିଷ୍ପତ୍ତି କେବଳ କାଗଜପତ୍ରରେ ସୀମିତ ରହିଛି। ଏ ସଂକ୍ରାନ୍ତରେ ଏସ୍‌ପିସିବି କଳିଙ୍ଗନଗର ଆଞ୍ଚଳିକ ଅଧିକାରୀ ପ୍ରମୋଦ କୁମାର ବେହେରାଙ୍କୁ ପଚାରିବାରେ, ସେ କହିଛନ୍ତି ଫେନୋଲିକ୍ ପଦାର୍ଥ ପାଇଁ କାରଖାନା ଦାୟୀ ନୁହେଁ। ସେହି ଅଞ୍ଚଳର ମାଟି, ଗଛ, ପତ୍ର ଆଦି ପ୍ରାକୃତିକ ସ୍ଥିତି ଅନୁସାରେ ଫେନୋଲିକ୍ ନିର୍ଭର କରିଥାଏ। ତେବେ ସାଏନାଇଡ୍ ଯେଉଁ ପରିମାଣରେ ବାହାରୁଛି ତାକୁ ନିୟନ୍ତ୍ରଣ କରିବାକୁ ଗଣ୍ଡାନାଳରେ ସେତିକି ପାଣି ପ୍ରଭାବିତ ହେଉନାହିଁ। କାରଖାନାରୁ ବାହାରୁଥିବା ପାଣି ବିଶୋଧନ କରି ଗଣ୍ଡାନାଳରେ ଛଡ଼ାଯାଉଛି।


**ଅତିରିକ୍ତ ଜିଲ୍ଲାପାଳ ଓ କ୍ଷମତାପନ୍ନ ପ୍ରାଧିକାରୀଙ୍କ କାର୍ଯ୍ୟାଳୟ, କଟକ**
**ବିଜ୍ଞାପନ**

ସଂଖ୍ୟା ୨୮୭/ଓ.ପି.ଆଇ.ଡି. ତା୧୬।୭।୨୦୨୧ରିଖ

କୋଭିଡ୍-19 ମହାମାରୀ ପରିସ୍ଥିତି ହେତୁ ଆଜି ପର୍ଯ୍ୟନ୍ତ ଆଶାଜନକ ସଂଖ୍ୟାରେ ଅନ୍‌ଲାଇନ ଦାବି ଦରଖାସ୍ତ ଦାଖଲ ହୋଇ ନ ଥିବା ବିଷୟ ବିଚାରକୁ ନେଇ, ହାଇ-ଟେକ୍ ଇଷ୍ଟେଟ୍ସ ଓ ପ୍ରମୋଟର୍ସ ପ୍ରାଇଭେଟ୍ ଲିମିଟେଡ୍ ଏବଂ ମେସର୍ସ ରାଜଧାନୀ ସିଷ୍ଟମ୍ ଓ ଇଷ୍ଟେଟ୍ସ ପ୍ରାଇଭେଟ୍ ଲିମିଟେଡ୍ କମ୍ପାନୀର ଜମାକାରୀମାନଙ୍କଠାରୁ ଅନ୍‌ଲାଇନ ଦାବି ଦରଖାସ୍ତ ଦାଖଲର ଶେଷ ତାରିଖ ଆଉ ଏକ ମାସ ପାଇଁ ତା20 ଜୁଲାଇ, 2021ରୁ 18 ଅଗଷ୍ଟ, 2021 (12.00 ମଧ୍ୟରାତ୍ରି) ପର୍ଯ୍ୟନ୍ତ ବୃଦ୍ଧି କରାଗଲା। ଉକ୍ତ କମ୍ପାନୀଗୁଡ଼ିକର ଯେଉଁ ଜମାକାରୀମାନେ ଏ ପର୍ଯ୍ୟନ୍ତ ସେମାନଙ୍କର ଅନ୍‌ଲାଇନ ଦାବି ଦରଖାସ୍ତ ଦାଖଲ କରିନାହାନ୍ତି ସେମାନେ ନିଜ ନିଜର ଦାବି ଦରଖାସ୍ତ ଓଡ଼ିଶା ସରକାରଙ୍କ ୱେବ୍‌ସାଇଟ୍ www.opid.odisha.gov.in ମାଧ୍ୟମରେ ତା18 ଅଗଷ୍ଟ, 2021 (12.00 ମଧ୍ୟରାତ୍ରି) କିମ୍ବା ଏହା ପୂର୍ବରୁ ଦାଖଲ କରିବାକୁ ଅନୁରୋଧ।

ସ୍ୱା./- ଅତିରିକ୍ତ ଜିଲ୍ଲାପାଳ ଓ କ୍ଷମତାପନ୍ନ ପ୍ରାଧିକାରୀ, କଟକ



**DISTRICT EDUCATION OFFICE, NUAPADA**
**MID DAY MEAL SCHEME**

No.3524/DPMU Date 13.07.21

**TENDER CALL NOTICE**

Sealed tenders are invited in the prescribed forms from the intending Individuals / Firms / Transporting Agent having valid common carrier licence for engagement of Transporting Agent under MDM Programme for transportation of foodstuff (Rice) from OSCSC Ltd. godown to School points of Nuapada District for the year 2021-22. The tender paper containing detail terms & conditions can be downloaded from the district website http//www.nuapada.nic.in. The cost of tender paper is Rs.10,000/- (Rupees ten thousand) only which is to be deposited in shape of Demand Draft / Banker Cheque in favour of District Education Officer, Nuapada and enclose in the technical bid of the tender. The cost of tender paper is non-refundable. The tender paper complete in all respect along with other required documents should be submitted in sealed cover superscripted as **"TENDER FOR UNDERTAKING TRANSPORTATION WORK UNDER M.D.M. PROGRAMME OF NUAPADA DISTRICT DURING 2021-22"** to the address of the District Education Officer, Nuapada either by Registered or Speed Post only so as to reach on or before 01.00 P.M. of 04.08.2021. The tender shall be opened on dt.04.08.2021 at 04.00 P.M. The tender received beyond the scheduled date & time and incomplete tenders shall not be taken into consideration. This office will not be responsible for any postal delay.

The undersigned reserves the right to reject any or all the tenders without assigning any reason thereof.

**Sd./- Collector, Nuapada**



**ପଞ୍ଚାୟତ ସମିତି, ମାଲକାନଗିରି**
**PANCHAYAT SAMITI, MALKANGIRI**
**Dist.: MALKANGIRI, Pin: 764048**
**Ph.No.- 06861-231219, Fax: 06861- 231219**
**E-mail: ori-bmalkangiri@nic.in**

No.2175/X-52/2021 Estt. Dt.17.07.2021

**Disengagement Notice of Sri Rajesh Kumar Samal, Ex-GPTA from contractual service**

Take Notice that you have been dis-engaged from the contractual service as GPTA vide Order No.20070 dt.05.11.2019 of Principal Secretary to Govt., PR & DW Department, Odisha, Bhubaneswar with immediate effect and you have received the disengagement order on dt.26.11.2019. Further your representation dt.05.05.2020, 22.11.2019 & 31.03.2021 submitted to Govt. in PR & DW Deptt. have been rejected on the same ground vide letter No. 16996 dt.03.11.2020 & 9327 dt.17.06.2021 of Under Secretary to Govt., PR & DW Deptt. The above letters of Govt. were affixed in front wall of your residential Quarter No.B-04 due to your absence in said quarter. As you have already been dis-engaged from contractual service, you are directed to vacate the said Quarter No.B-04 occupied at Block Colony, Malkangiri immediately.

**Sd./- Block Development Officer, Malkangiri**



idco Your power to grow ISO 9001 & 14001 Corporation | ODISHA NEW OPPORTUNITIES

**Odisha Industrial Infrastructure Development Corporation**
(A Government of Odisha Undertaking)
IDCO, IDCO Towers, Janpath, Bhubaneswar - 751022, Odisha, INDIA
+91-0674-2541525, 2540820 | Fax: 2542956 / 2541982
cmd@idco.in/ md@idco.in www.idco.in

File No. IDCO/HO-P&A/A-10257/01/2021/V-1 11568 Dt. 17.07.2021

**ADVERTISEMENT**

No. CAD-648:- Applications are invited from interested retired Officers in the rank of Chief Engineer (Civil) or above at the time of retirement having good service records and physical fitness for engagement as **Chief General Manager (P&C)** in IDCO on the basis of Resolution No.23750 dtd.27.8.2014 of General Administration Department and he will be entitled to get monthly remuneration as fixed by the Finance Department, Govt. of Odisha in their Memorandum No.7022 Dtd. 17.03.2018 in IDCO.

Eligible & interested candidates may submit their applications in the prescribed proforma with copies of the testimonials in support of their service records on or before **09.08.2021 at 5.00 P.M.** within office hours by registered post/ Speed post/courier to the Chief General Manager (P&A), IDCO, Head Office, IDCO Towers, Janpath, Bhubaneswar-751022.

The details of advertisement along with prescribed application and terms & conditions of engagement can be seen from our website **http://www.idco.in**.

**By order of CMD**
**Sd./- Chief General Manager (P&A)**
OIPR-14003/11/0043/2122

## କୁକୁଡ଼ାକୁ କେନ୍ଦ୍ର କରି ମାରପିଟ: ଦୁଇ ଆହତ

**ଲହୁଣୀପଡା,(ଡି.ଏନ.ଏ.):** ସୁନ୍ଦରଗଡ଼ ଜିଲା ଚାନ୍ଦିପୋଷ ଥାନା କୁଚେଇତା ଗ୍ରାମରେ କୁକୁଡ଼ାକୁ କେନ୍ଦ୍ରକରି ଦୁଇ ପରିବାରରେ ମାରପିଟ ହୋଇ ଦୁଇଜଣ ଆହତ ହୋଇଛନ୍ତି। ସେମାନେ ଚିକିତ୍ସିତ ହେଉଥିବା ଜଣାପଡିଛି। କୁଚେଇତା ଗ୍ରାମର ସୁଦର୍ଶନ ମାହାଲି ସେହି ଗ୍ରାମର ସାମଲ ମାହାଲିଙ୍କୁ କୁକୁଡ଼ା ରଖିବା ପାଇଁ ଦେଇଥିଲେ। ଅନେକ ଦିନ ପରେ ସେହି କୁକୁଡ଼ାର ଭାଗ ମାଗିବାରୁ ସାମଲ ମାହାଲି ଓ ତାଙ୍କ ସ୍ତ୍ରୀ ରକ୍ମଣି ଦେବେ ନାହିଁ ବୋଲି ଝଗଡ଼ା କରିଥିଲେ। ଉଭୟ ପରିବାର ମଧ୍ୟରେ ପ୍ରବଳ ଯୁକ୍ତିତର୍କ ହୋଇଥିଲା। ସାମଲ ମାହାଲି ଓ ତାଙ୍କ ସ୍ତ୍ରୀ ରକ୍ମଣି ଉଭୟ ସୁଦର୍ଶନ ମାହାଲି ଓ ତାଙ୍କ ସ୍ତ୍ରୀ ସୁନିତାଙ୍କୁ ମାଡ଼ ମାରିଥିଲେ।

## ସଂକ୍ଷେପରେ

### ଜୁଆ ଆଡ୍ଡା ଉପରେ ଚଢ଼ାଉ: ୪ ଗିରଫ

**ଝାରସୁଗୁଡ଼ା ଅଫିସ,୧୭।୭:** ଲଖନପୁର ଥାନା ପୋଲିସ୍ କୁଡାଲୋଇ ଗ୍ରାମ ମୁଣ୍ଡରେ ଥିବା କୋଲ୍‌ମାଇନିଂ ରାସ୍ତାପାର୍ଶ୍ୱ ଏକ ଜୁଆ ଆଡ୍ଡା ଉପରେ ଚଢାଉକରି ଶନିବାର ୪ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଖଇରକୁନି ଗ୍ରାମର ଗୋପରଞ୍ଜନ ବୁଢିଆ(୩୭), କିଶୋର ସାହୁ(୪୦), କାପୁଟିକିରା ଗ୍ରାମର ରାମ ପ୍ରସାଦ ସାହୁ(୫୦) ଓ କୁଡାଲୋଇ ଗ୍ରାମର ସୁବାସ ବେହେରା(୨୭)। ଏମାନଙ୍କ ନିକଟରୁ ପୋଲିସ୍ ୪୮ହଜାର ୨ଶହ ଟଙ୍କା, ତାସ୍ ଓ ପଟି ଜବତ କରିଛି। ଏନେଇ ପୋଲିସ୍ ଲଖନପୁର ଥାନା କେସ୍ ନଂ.୧୨୯/୨୧ରେ ମାମଲା ରୁଜୁକରି ତଦନ୍ତ ଚଳାଇଛି। କୋଭିଡ୍ ନିୟମ ଆଧାରରେ ଗିରଫ ଅଭିଯୁକ୍ତମାନଙ୍କୁ ପୋଲିସ ୪୧ସିଆର୍‌ପିସି ନୋଟିସ୍‌ରେ ଥାନାରୁ ଛାଡିଦେଇଥିବା ଜଣାପଡିଛି।

### ତୈଳଦର ବୃଦ୍ଧି ପ୍ରତିବାଦରେ କଂଗ୍ରେସର ବିକ୍ଷୋଭ

**ସମ୍ବଲପୁର,୧୭।୭(ବ୍ୟୁରୋ):** ପେଟ୍ରୋଲ, ଡିଜେଲ ଦର ବୃଦ୍ଧି ପ୍ରତିବାଦରେ ଶନିବାର ସମ୍ବଲପୁର ଜିଲା କଂଗ୍ରେସ କମିଟି ପକ୍ଷରୁ ସହରର ବିଭିନ୍ନ ପେଟ୍ରୋଲ ପମ୍ପ ବାହାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହାସହ ପେଟ୍ରୋଲ ପମ୍ପରେ କେନ୍ଦ୍ର ସରକାରଙ୍କ ପ୍ରଚାର ଉଦ୍ଦେଶ୍ୟରେ ଲାଗିଥିବା ପୋଷ୍ଟରକୁ ଦଳର ସଭ୍ୟମାନେ ଚିରି ପ୍ରତିବାଦ କରିଥିଲେ। ତୈଳଦର ନିୟନ୍ତ୍ରଣ ଦାବି ନେଇ ଲୋକଙ୍କ ଦସ୍ତଖତ ସଂଗ୍ରହ କରାଯାଇଥିଲା। ଜିଲା କଂଗ୍ରେସ କମିଟି ସଭାପତି ଅଶ୍ୱିନୀ ଗୁରୁଙ୍କ ନେତୃତ୍ୱରେ ଅନୁଷ୍ଠିତ ସମାବେଶରେ ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ସୁତପା ମିତ୍ର, ଜିଲା ସାଧାରଣ ସମ୍ପାଦିକା ସସ୍ମିତା ରାଣୀ ଦେହୁରି, କଂଗ୍ରେସ ନେତା ଅଶୋକ ସୋନିଙ୍କ ସହ ବହୁ ସଭ୍ୟ ସାମିଲ ଥିଲେ।

### ରିଙ୍ଗରୋଡ଼ରେ ବୃକ୍ଷ ସଂରକ୍ଷଣ ଓ ସଫେଇ ଅଭିଯାନ

**ସମ୍ବଲପୁର,୧୭।୭(ବ୍ୟୁରୋ):** ସମ୍ବଲପୁର ମହାନଦୀ ରିଙ୍ଗରୋଡର ସୌନ୍ଦର୍ଯ୍ୟ ବୃଦ୍ଧି ସହ ପରିବେଶ ସୁସ୍ଥ ରଖିବା ଲାଗି ବିଗତ ବର୍ଷରେ ବ୍ୟାପକ ବୃକ୍ଷ ରୋପଣ କରାଯାଇଥିଲା। ଏହି ଗଛଗୁଡ଼ିକର ସୁରକ୍ଷା, ଯତ୍ନ ଓ ଚତୁଃପାର୍ଶ୍ୱକୁ ପରିଷ୍କାର କରିବା ସକାଶେ ନାଗରିକମାନେ ହାତ ବଢ଼ାଇଛନ୍ତି। ପ୍ରଥମେ ଦୁଇଜଣ ନାଗରିକ ଏହି ଅଭିଯାନ ଆରମ୍ଭ କରିଥିଲେ। ଧୀରେ ଧୀରେ ଏଥିରେ ବିଭିନ୍ନ ବର୍ଗର ପରିବେଶ ପ୍ରେମୀ ସାମିଲ ହୋଇଛନ୍ତି। ଏମାନେ କୋଡ଼ି କୋଦାଳ ଧରି ନେଲସନ ମଣ୍ଡେଲା ଛକଠାରୁ ମହାତ୍ମା ଗାନ୍ଧୀ ରିଙ୍ଗରୋଡ଼ରେ ବୃକ୍ଷ ସଂରକ୍ଷଣ ଓ ସଫେଇ କରିଛନ୍ତି। ଆସନ୍ତା ଅଗଷ୍ଟ ୧୫ ସ୍ୱାଧୀନତା ଦିବସ ଅବସରରେ ରିଙ୍ଗ୍‌ରୋଡ ଡିଭାଇଡରର ଖାଲି ସ୍ଥାନରେ ବିଭିନ୍ନ କିସମର ବୃକ୍ଷ ରୋପଣ କରାଯିବ ବୋଲି କୁହାଯାଇଛି।

### ବିଦ୍ୟୁତ୍ ସମସ୍ୟା ସମାଧାନ ଦାବି: ୧୯ରୁ ଭାଜପାର ଦୁଇଦିନିଆ ଆନ୍ଦୋଳନ

**ସମ୍ବଲପୁର,୧୭।୭(ବ୍ୟୁରୋ):** କରୋନା ମହାମାରୀ ସମୟରେ ବିଦ୍ୟୁତ୍ ଶୁଳ୍କ ବୃଦ୍ଧି, ଅଘୋଷିତ ବିଦ୍ୟୁତ୍ କାଟ, ମରାମତି ନାଁରେ ଘଣ୍ଟା ଘଣ୍ଟା ବିଦ୍ୟୁତ୍ ଯୋଗାଣ ବନ୍ଦ, ଲୋଭୋଲ୍ଟେଜ ଆଦି ସମସ୍ୟା ସମାଧାନ ଦାବିରେ ସମ୍ବଲପୁର ଜିଲା ଭାଜପା ପକ୍ଷରୁ ଦୁଇଦିନିଆ ଆନ୍ଦୋଳନ କରାଯିବ। ଜୁମ ଆପ ମାଧ୍ୟମରେ ଶନିବାର ଅନୁଷ୍ଠିତ ଜିଲାସ୍ତରୀୟ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଆସନ୍ତା ୧୯ରେ ସମ୍ବଲପୁର ଜିଲାର ଚାରୋଟି ବିଧାନସଭା ନର୍ବାଚନ ମଣ୍ଡଳୀରେ ପୃଥକ୍ ଭାବେ ବିଦ୍ୟୁତ୍ ବିଭାଗୀୟ ଉପଖଣ୍ଡିୟ ଯନ୍ତ୍ରୀ ଓ ସହକାରୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଘେରାଉ କରାଯିବ। ସେହିପରି ୨୦ରେ ବୁର୍ଲାସ୍ଥିତ ପଶ୍ଚିମାଞ୍ଚଳ ବିଦ୍ୟୁତ୍ ବିଭାଗୀୟ ମୁଖ୍ୟଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ ବୋଲି କୁହାଯାଇଛି। ଭାଜପା ଜିଲା ସଭାପତି ଗିରିଶ ପଟେଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ରେଙ୍ଗାଲି ବିଧାୟକ ତଥା ରାଜ୍ୟ ଉପସଭାପତି ନାଉରୀ ନାଏକ, ରାଜ୍ୟ ସାଧାରଣ ସମ୍ପାଦକ ତଥା କୁଚିଣ୍ଡାର ପୂର୍ବତନ ବିଧାୟକ ରବି ନାରାୟଣ ନାଏକ, ଜିଲା ପରିଷଦ ଅଧକ୍ଷ ରାଧେଶ୍ୟାମ ବାରିକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦେବେନ୍ଦ୍ର ମହାପାତ୍ର, କୃଷକ ମୋର୍ଚ୍ଚା ସଭାପତି ସମୀର ରଞ୍ଜନ ବାବୁ, ଯୁବ ମୋର୍ଚ୍ଚା ସଭାପତି ଅଶ୍ୱିନୀ ମାଝି ମହିଳା ମୋର୍ଚ୍ଚା ସଭାନେତ୍ରୀ ଅନ୍ନପୂର୍ଣ୍ଣା ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

# ଫାଟକରେ ଟ୍ରେନ୍ ଇଞ୍ଜିନ ଲାଇନଚ୍ୟୁତ

## ରାଜଗାଙ୍ଗପୁରରେ ୧ଘଣ୍ଟାରୁ ଊର୍ଦ୍ଧ୍ୱ ଫାଟକ ବନ୍ଦ

**ରାଜଗାଙ୍ଗପୁର, ୧୭।୭ (ଡି.ଏନ୍.ଏ)**

ରାଜଗାଙ୍ଗପୁର ଫାଟକ ଦେଇ ଡାଲମିଆ ସିମେଣ୍ଟ ଭାରତ ଲିମିଟେଡ କାରଖାନାକୁ ୫୮ଟି ଖାଲି ଡବା ନେଇ ଯାଉଥିବା ଏକ ଟ୍ରେନ ଇଞ୍ଜିନ୍ ଶନିବାର ଦିନ ପ୍ରାୟ ୧୧ଟାରେ ଲାଇନ୍‌ଚ୍ୟୁତ ହୋଇଥିଲା। ଫଳରେ ଫାଟକ ଦୀର୍ଘ ୧ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ବନ୍ଦ ହୋଇଥିଲା। ଏହି ରାସ୍ତା ଦେଇ ଗମନାଗମନ ବାଧାପ୍ରାପ୍ତ ହୋଇଥିଲା। ୧ଘଣ୍ଟା ଧରି ସାଧାରଣ ଜନତା ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଦିନ ପ୍ରାୟ ୧୨ଟା ୧୫ ମିନିଟ ପରେ ରେଳ ଧାରଣା କ୍ଲିଅର ହେବା ପରେ ଗମନାଗମନ ସ୍ୱାଭାବିକ ହୋଇଥିଲା। ବିଭିନ୍ନ ସମୟରେ ଟ୍ରେନ୍ ଲାଇନ୍‌ଚ୍ୟୁତ ଯୋଗୁ ଏହି ଫାଟକରେ ଏଭଳି ଅବସ୍ଥା ଉପୁଜୁଥିବା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଏଠାରେ ସୂଚନାଯୋଗ୍ୟ ଯେ, ଏହି ଫାଟକଟି ରାଜଗାଙ୍ଗପୁରକୁ ୨ଭାଗ କରିଥାଏ। ଏହା ମୁମ୍ବାଇ -ହାଓଡା ରେଳପଥର ମୁଖ୍ୟ ଲାଇନ୍ ହୋଇଥିବାବେଳେ ରାଜଗାଙ୍ଗପୁର ସିମେଣ୍ଟ କାରଖାନାକୁ ମଧ୍ୟ ଟ୍ରେନ୍ ଯାଇଥାଏ। ଯାହାଦ୍ୱାରା ଏହି ଫାଟକକୁ ଅଧିକାଂଶ ସମୟରେ ଟ୍ରେନ୍ ଚାଲିବାବେଳେ ବନ୍ଦ କରାଯାଇ ଥାଏ। ସାଧାରଣ ଜନତା ଏହି ବନ୍ଦ କଷ୍ଟକୁ ଭୋଗୁଥିଲାବେଳେ ଏପରି ଟ୍ରେନ୍ ଲାଇନ୍‌ଚ୍ୟୁତ ହେବା ଦ୍ୱାରା ପୁଣି ଘଣ୍ଟାଘଣ୍ଟା ଧରି ଫାଟକ ବନ୍ଦ ରହିବା ଯୋଗୁ ଲୋକେ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। କାରଖାନାକୁ ଟ୍ରେନ୍ ଯିବା ପାଇଁ ଏକ ନୂଆ ଟ୍ରେନ ଲାଇନ ନିର୍ମିତ ହୋଇ ଗତ ୧୨ ତାରିଖରେ ଶୁଭାରମ୍ଭ ହୋଇଥିଲା। ସେହି ଦିନ ଟ୍ରେନ୍ ଡବା ଲାଇନ୍‌ଚ୍ୟୁତ ହୋଇ ଦେଢଘଣ୍ଟା କାଳ ଫାଟକ ଜାମ ହୋଇଥିଲା। ଏଭଳି ବାରମ୍ବାର ଟ୍ରେନ୍ ଲାଇନ୍‌ଚ୍ୟୁତ ଘଟଣାର ପ୍ରତିକାର କରାଯିବା ଦିଗରେ ରେଳବିଭାଗ କିମ୍ବା ପ୍ରଶାସନ ତରଫରୁ ତତ୍ପରତା ପ୍ରକାଶ ପାଉ ନ ଥିବାନେଇ ଅସନ୍ତୋଷ ପ୍ରକାଶ ପାଇଛି।



ଟ୍ରେନ୍ ଲାଇନ୍‌ଚ୍ୟୁତ ଯୋଗୁ ରାଜଗାଙ୍ଗପୁର ଫାଟକ ବନ୍ଦ ହୋଇଛି।

# ମାଡ଼ିଗଲା ଟ୍ରକ୍: ଜଣେ ମୃତ

**ଝାରସୁଗୁଡ଼ା ଅଫିସ,୧୭।୭**

ଝାରସୁଗୁଡା ସଦର ଥାନା ଅନ୍ତର୍ଗତ ୪୯ନଂ. ଜାତୀୟ ରାଜପଥ ବୁଢିପଦର ନିକଟରେ ଶନିବାର ଏକ ଟାଟା ମ୍ୟାଜିକ୍ ବାଇକ୍‌କୁ ପଛରୁ ଧକ୍କା ଦେବାଫଳରେ ବାଇକ୍ ଚାଳକ ଓ ପଛରେ ବସିଥିବା ଆରୋହୀ ରାସ୍ତାରେ ପଡିଯାଇଥିଲେ। ଏହି ସମୟରେ ପଛରୁ ଆସୁଥିବା ଏକ କୋଇଲା ବୋଝେଇ ଟ୍ରକ୍ ମାଡିଯିବାରୁ ୨ଜଣ ଗୁରୁତର ହୋଇଥିଲେ। ସେମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିବାବେଳେ ସେଠାର ଡାକ୍ତର ବାଇକ୍ ଚାଳକଙ୍କୁ ମୃତ ଘୋଷଣା କରିଥିଲେ। ସେ ହେଲେ କୁତାବଗା ଗ୍ରାମର ଶିଶୁଦେବ କଣ୍ଟା (୨୩)। ଆହତ ବାଇକ୍ ଆରୋହୀ ହେଲେ ସେହି ଗ୍ରାମର ପ୍ରକାଶ ତନ୍ତୀ(୨୨)। ମୃତକଙ୍କ ସମ୍ପର୍କୀୟ ଭାଇ ତପନ ଲୁହାଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ଝାରସୁଗୁଡା ସଦର ଥାନା କେସ୍ (ନଂ୧୨୯/୨୧)ରେ ମାମଲା ରୁଜୁକରି ତଦନ୍ତ ଚଳାଇଛି। ପୋଲିସ୍ ମୃତଦେହ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଦୁର୍ଘଟଣା ଘଟାଇଥିବା ଓଡି୨୩ କେ ୨୪୨୨ନଂ ଟାଟା ମ୍ୟାଜିକ୍, ଓଆର୍୨୩ବି ୮୨୨୨ନଂ. କୋଇଲା ବୋଝେଇ ଟ୍ରକ୍ ଓ ଓଡି୨୩ଏଚ୍ ୩୯୬୧ନଂ ବାଇକ୍‌କୁ ପୋଲିସ ଜବତ କରିଛି। ସୂଚନାଯୋଗ୍ୟ ବାଇକ୍ ଚାଳକ ବ୍ରଜରାଜନଗରରୁ ଝାରସୁଗୁଡା ଆସୁଥିବାବେଳେ ଟାଟା ମ୍ୟାଜିକ୍ ତାଙ୍କୁ ପଛରୁ ଧକ୍କା ଦେଇଥିଲା।

# ୧୯ରେ ଉଦ୍‌ଘାଟନ ହେବ ଦ୍ୱାରିକା ଜୁଏଲର୍ସ



ସମ୍ବଲପୁର ପଧାନପଡାସ୍ଥିତ ଦ୍ୱାରିକା ଜୁଏଲର୍ସଠାରେ ନରେଶ କୁମାର ଅଗ୍ରୱାଲ ସୂଚନା ଦେଉଛନ୍ତି।

**ସମ୍ବଲପୁର,୧୭।୭(ବ୍ୟୁରୋ)**

ଅତ୍ୟାଧୁନିକ ଦ୍ୱାରିକା ଜୁଏଲର୍ସ ଚଳିତମାସ ୧୯ ତାରିଖରେ ସମ୍ବଲପୁର ପଧାନପଡାଠାରେ ଉଦ୍‌ଘାଟିତ ହେବ। ଏଠାରେ ଗ୍ରାହକଙ୍କ ପସନ୍ଦ ମୁତାବକ ସୁନା, ରୁପା ଓ ହୀରା ସହ ପ୍ଲାଟିନମ ଅଳଙ୍କାର ଉପଲବ୍ଧ ହେବ। ଏହାକୁ ଦୃଷ୍ଟିରେ ରହି ୪ହଜାର ବର୍ଗଫୁଟରେ ଶୋ'ରୁମ ସୁସଜ୍ଜିତ କରାଯାଇଛି। ଶନିବାର ଶୋ'ରୁମ ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଦ୍ୱାରିକା ଜୁଏଲର୍ସ ପାର୍ଟନର ନରେଶ ଅଗ୍ରୱାଲ ଏହି ସୂଚନା ଦେଇଛନ୍ତି। ସେ କହିଥିଲେ, ଉଦଘାଟନୀ ଦିବସରେ ଗ୍ରାହକଙ୍କ ସକାଶେ ସ୍ୱତନ୍ତ୍ର ରିହାତି ରଖାଯାଇଛି। ସୁନା ଅଳଙ୍କାର ତିଆରି ଉପରେ ଫ୍ଲାଟ ୨୦%, ରୁପା ଅଳଙ୍କାରରେ ୫୦% ଓ ହୀରା ଅଳଙ୍କାରରେ ୨୦% ରିହାତି ରଖାଯାଇଛି। ୨୦୦୬ରୁ ପଶ୍ଚିମ ଓଡିଶାର ପ୍ରାଣକେନ୍ଦ୍ର ସମ୍ବଲପୁର ସହରରେ ସୁନା ବ୍ୟବସାୟ ଆରମ୍ଭ କରିଥିବା ନେଇ ଉପଦେଷ୍ଟା ନିରଞ୍ଜନ ଅଗ୍ରୱାଲ ସୂଚନା ଦେଇଥିଲେ।

# ପଡ଼ାବାସୀଙ୍କ ଉଦ୍ୟମକୁ ଏମ୍‌ପି, ବିଧାୟକଙ୍କ ପ୍ରଶଂସା

## ଶିବ ମନ୍ଦିର ଭିତ୍ତିପ୍ରସ୍ତର ସ୍ଥାପନ

**ବ୍ରଜରାଜନଗର,୧୭।୭(ଡି.ଏନ୍.ଏ.)**

ବ୍ରଜରାଜନଗର ପୌରାଞ୍ଚଳ ହରିଓମ୍ ବିହାରରେ ହରିଶଙ୍କର ମନ୍ଦିର ଓ କଲ୍ୟାଣ ମଣ୍ଡପର ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ବରଗଡ ଏମ୍‌ପି ସୁରେଶ ପୂଜାରୀ ମୁଖ୍ୟଅତିଥି ଓ ବିଧାୟକ କିଶୋର ମହାନ୍ତି, ଏସ୍‌ପି ବିକାଶ ଚନ୍ଦ୍ର ଦାସ, ପୂର୍ବତନ ପୌରାଧ୍ୟକ୍ଷ ନନ୍ଦ କିଶୋର ଅଗ୍ରୱାଲ, ସାମାଜିକ କର୍ମୀ ଦୀଲିପ ଅଗ୍ରୱାଲ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ମନ୍ଦିର କମିଟି ସଭାପତି ସନ୍ତୋଷ ମିଶ୍ରଙ୍କ ଅଧ୍ୟକ୍ଷତାରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ କମିଟି ସମ୍ପାଦକ ଜୟନ୍ତ ଦୀକ୍ଷିତ ପ୍ରସ୍ତାବିତ ମନ୍ଦିର ନିର୍ମାଣ ସମ୍ପର୍କରେ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଅତିଥିମାନେ ସ୍ଥାନୀୟ ପଡାବାସୀଙ୍କ ଏଭଳି ଉଦ୍ୟମକୁ ପ୍ରଶଂସା କରିଥିଲେ। ଏହାସହ ମନ୍ଦିର ନିର୍ମାଣ ପାଇଁ ସାହାଯ୍ୟ ସହଯୋଗ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ସାମାଜିକ କର୍ମୀ ଦୀଲିପ ଅଗ୍ରୱାଲ କମିଟିକୁ ନଗଦ ୨ଲକ୍ଷ ଟଙ୍କା ସହାୟତା ପ୍ରଦାନ କରିଥିଲେ। ସ୍ଥାନୀୟ ଅଞ୍ଚଳର ବରିଷ୍ଠ ନାଗରିକଙ୍କୁ ମଞ୍ଚରେ ଅତିଥିମାନେ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ପରେ ପ୍ରସ୍ତାବିତ ସ୍ଥାନରେ ବିଭିନ୍ନ ପ୍ରକାର ଚାରା ରୋପଣ କରାଯାଇଥିଲା। ଏଥିରେ ମନ୍ଦିର କମିଟି ସଦସ୍ୟ ଦେବ ମିଶ୍ର, ରଞ୍ଜିତ ପ୍ରଧାନ, ଭବାନୀ ଶଙ୍କର ପ୍ରଧାନ, ତୋଫାନ ସେନ୍ ପ୍ରମୁଖ ସହଯୋଗ କରିଥିଲେ।


ଅତିଥିମାନେ ପ୍ରସ୍ତାବିତ ସ୍ଥାନରେ ଚାରା ରୋପଣ କରୁଛନ୍ତି।

# ମହିଳାଙ୍କ ମୃତ୍ୟୁ: ସ୍ୱାମୀଙ୍କ ନାମରେ ହତ୍ୟା ଅଭିଯୋଗ

**ଝାରସୁଗୁଡ଼ା ଅଫିସ,୧୭।୭**

ଝାରସୁଗୁଡ଼ା ଟାଉନ ଥାନା ବିଜୁନଗରରେ ଶନିବାର ଜଣେ ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି। ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ପୋଲିସ ଭଡାଘରୁ ମହିଳାଙ୍କ ମୃତଦେହ ଜବତ କରିଛି। ସେ କମଲେଶ ୱାଡେକରଙ୍କ ସ୍ତ୍ରୀ ପୁନମ(୩୯)। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ମୃତା ମହିଳାଙ୍କ ସାନଭଉଣୀ ପୂଜା ଠକ୍କର ତାଙ୍କ ଭଉଣୀଙ୍କୁ ଭିଣୋଇ ନିର୍ଯାତନ ଦେଇ ମାରିଦେଇଥିବା ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ପୋଲିସ ଝାରସୁଗୁଡା ଟାଉନ ଥାନା କେସ୍ ନଂ(୩୬୫/୨୧)ରେ ଏକ ହତ୍ୟା ମାମଲା ରୁଜୁକରି ତଦନ୍ତ ଚଳାଇଛି ବୋଲି ଏସ୍‌ଡିପିଓ ନିର୍ମଳ ମହାପାତ୍ର କହିଛନ୍ତି। କିଛିବର୍ଷ ତଳେ ଉଭୟ ଭଲପାଇ ବିବାହ କରି ବିଜୁନଗରରେ ଭଡାଘରେ ରହୁଥିଲେ। ବୁଧବାର ଉଭୟ ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। କମଲେଶ ଉତ୍ତ୍ୟକ୍ତ ହୋଇ ସ୍ତ୍ରୀ ପୁନମଙ୍କୁ ମାରପିଟ୍ କରିଥିଲେ। ଏଥିରେ ସେ ମାନସିକ ଭାରସାମ୍ୟ ହରାଇ ବିଷ ପିଇଦେଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଚିକିତ୍ସା ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେ ସୁସ୍ଥହୋଇ ଘରକୁ ଫେରିଥିଲେ। ଶୁକ୍ରବାର ରାତିରେ ତାଙ୍କର ମୃତ୍ୟୁ ହୋଇଥିଲା। ଏହାକୁ ମହିଳାଙ୍କ ପରିବାର ସହଜରେ ଗ୍ରହଣ କରି ନ ପାରି ତାଙ୍କୁ ହତ୍ୟା କରାଯାଇଛି ବୋଲି ଅଭିଯୋଗ ଆଣିଛନ୍ତି।

# ଦେବଗଡ଼ରେ ଦସ୍ତଖତ ସଂଗ୍ରହ ଅଭିଯାନ

**ଦେବଗଡ଼,୧୭।୭(ଡି.ଏନ.ଏ)**

ପେଟ୍ରୋଲ, ଡିଜେଲ ଓ ରନ୍ଧନ ଗ୍ୟାସ ସମେତ ବିଭିନ୍ନ ଅତ୍ୟାବଶ୍ୟକ ସାମଗ୍ରୀର ଅହେତୁକ ଦରବୃଦ୍ଧି ପ୍ରତିବାଦରେ ପ୍ରଦେଶ କଂଗ୍ରେସ କମିଟି ଆହ୍ୱାନ କ୍ରମେ ଗତ ୧୦ ତାରିଖରୁ ୧୭ ତାରିଖ ଶନିବାର ପର୍ଯ୍ୟନ୍ତ ସମଗ୍ର ରାଜ୍ୟରେ ପ୍ରତିବାଦ ସଭା, ବିକ୍ଷୋଭ ପ୍ରର୍ଦଶନ ଓ କେନ୍ଦ୍ର ସରକାରଙ୍କ ବିରୁଦ୍ଧରେ ଦସ୍ତଖତ ଅଭିଯାନ ଚାଲିଛି। ଏହି ପରିପ୍ରେକ୍ଷୀରେ ଦେବଗଡ ଜିଲା କଂଗ୍ରେସ କମିଟି ପକ୍ଷରୁ ଏହି ପରିପ୍ରେକ୍ଷୀରେ ଦେବଗଡ ପୌରାଞ୍ଚଳର ବିଭିନ୍ନ ପେଟ୍ରୋଲ ପମ୍ପକୁ ପେଟ୍ରୋଲ/ଡିଜେଲ ଭର୍ତ୍ତି କରିବାକୁ ଆସୁଥିବା ଜନସାଧାରଣଙ୍କର ମତାମତ ଓ ଦସ୍ତଖତ ସଂଗ୍ରହ କରାଯାଇଥିଲା। ଜିଲା କଂଗ୍ରେସ କମିଟି ସଭାପତି ଉମାଶଙ୍କର ସାହୁଙ୍କ ନେତୃତ୍ୱରେ ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ମଞ୍ଜୁଲତା ନାୟକ, ନଗର କଂଗ୍ରେସ ସଭାପତି ପ୍ରକାଶ ଦେବତା, ଜିଲା କଂଗ୍ରେସ ଏସ୍.ସି.ସେଲ ସଭାପତି ମଂଜୁଳ କୁମାର ନାଏକ, ପୂର୍ବତନ ନଗର କଂଗ୍ରେସ ସଭାପତି ସୁବାସ ଚନ୍ଦ୍ର ଭୋଇ ଓ ଦୀପକ ବେହେରାଙ୍କ ସମେତ ବହୁ କଂଗ୍ରେସ କର୍ମୀ ସହରର ବିଭିନ୍ନ ପେଟ୍ରୋଲ ପମ୍ପକୁ ଯାଇ ଅହେତୁକ ଦରବୃଦ୍ଧି ସମ୍ପର୍କରେ ଇନ୍ଧନ ଭର୍ତ୍ତି ପାଇଁ ଆସୁଥିବା ଜନସାଧାରଣଙ୍କର ମତ ଓ ଦସ୍ତଖତ ସଂଗ୍ରହ କରିଥିଲେ। ଏହି ସବୁ ଦସ୍ତଖତ ସମ୍ବଳିତ ପ୍ରଦେଶ କଂଗ୍ରେସ କମିଟି କର୍ତ୍ତୃପକ୍ଷଙ୍କ ନିକଟକୁ ପଠାଯିବ ବୋଲି ଜିଲା କଂଗ୍ରେସ ସଭାପତି ସାହୁ ସୂଚନା ଦେଇଛନ୍ତି।



ଦେବଗଡ ଜିଲା କଂଗ୍ରେସ କମିଟି ପକ୍ଷରୁ ଦସ୍ତଖତ ସଂଗ୍ରହ କରାଯାଉଛି।

# ଆହତ ନାଗ ସାପକୁ ଜଙ୍ଗଲରେ ଛଡ଼ାଗଲା

**କୁତ୍ରା, ୧୭।୭ (ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ ପଞ୍ଚରା ଗ୍ରାମର ବଳରାମ ରଣାଙ୍କ ଘରେ ଏକ ନାଗ ସାପ ପଶିଥିବାବେଳେ ଘର ଲୋକ ଦେଖି ପ୍ରଥମେ ଭୟଭୀତ ହୋଇଯାଇଥିଲେ। ତାପରେ ସାପ ଧରାଳି ଶ୍ରୀକାନ୍ତ ଲାକଡା, ଦୀନ ରଣା, ପଙ୍କ ରଣା ଓ ବିଜୟ ବାହାଲାଙ୍କୁ ଖବର ଦେଇଥିଲେ। ସେମାନେ ଆସି ମିଳିତ ଭାବେ ନାଗ ସାପକୁ ଉଦ୍ଧାର କରିଥିଲେ। ସାପ ଆହତ ଥିବା ଦେଖିବାକୁ ପାଇଥିଲେ। ତାପରେ ତାକୁ ଚିକିତ୍ସା କରିଥିଲେ। ଏପରିକି ତା ଦେହରେ କ୍ଷତ ଥିବା ଦେଖି ତା ଦେହରେ ମଲମ ଓ ବ୍ୟାଣ୍ଡେଜ କରି ନିକଟସ୍ଥ ଜଙ୍ଗଲରେ ଛାଡି ଦେଇଥିଲେ।

# ପୁସ୍ତକ ଉନ୍ମୋଚିତ


ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

**ସମ୍ବଲପୁର,୧୭।୭(ବ୍ୟୁରୋ)**

ସମ୍ବଲପୁରର ଅତୀତ ଓ ବର୍ତ୍ତମାନ ପୁସ୍ତକ ଶନିବାର ସିଦ୍ଧେଶ୍ୱରୀ ଧର୍ମ ସଂସଦଠାରେ ଉନ୍ମୋଚିତ ହୋଇଛି। ସାହିତ୍ୟିକ ଗୋପୀନାଥ ଷଡ଼ଙ୍ଗୀଙ୍କ ଲିଖିତ ପୁସ୍ତକ ଉନ୍ମୋଚନ ଉତ୍ସବରେ ଜନ୍ମେଜୟ ବାବୁ ସଭାପତିତ୍ୱ କରିଥିଲେ। ଐତିହାସିକ ଦୀପକ କୁମାର ପଣ୍ଡା ମୁଖ୍ୟ ଅତିଥି ଓ ସମ୍ବଲପୁର ପବ୍ଲିକ ଲାଇବ୍ରେରୀର ସମ୍ପାଦକ ରଘୁନାଥ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଭବିଷ୍ୟତ ପାଇଁ ପୁସ୍ତକକୁ ସାଇତି ରଖାଗଲେ, ଉତ୍ତର ପିଢ଼ି ଇତିହାସ ବାବଦରେ ଜ୍ଞାତ ହୋଇପାରିବେ ବୋଲି ଅତିଥିମାନେ କହିଥିଲେ। କାର୍ଯ୍ୟକ୍ରମରେ ସିଦ୍ଧେଶ୍ୱରୀ ଧର୍ମ ସଂସଦର ଦୀଲିପ କୁମାର ପୃଷ୍ଟି, ସମ୍ପାଦକ ସୁଶାନ୍ତ ପଣ୍ଡା, ସହ ସମ୍ପାଦକ ଦୁଷ୍ମନ୍ତ ସାହୁ, ପ୍ରଦୀପ ପାଣିଗ୍ରାହୀ, ଶଙ୍କର୍ଷଣ ଆଚାର୍ଯ୍ୟ, କୈଳାସ ମହାରଣା ପ୍ରମୁଖ ଯୋଗଦେଇଥିଲେ।

# ଗୋରୁ ବୋଝେଇ ଗାଡ଼ି ଜବତ, ୨ ଗିରଫ

**ସମ୍ବଲପୁର,୧୭।୭(ବ୍ୟୁରୋ)**

ସମ୍ବଲପୁର ଜିଲା ବୁର୍ଲା ଥାନା ପୋଲିସ ଗୋରୁ ଚାଲାଣ ଉପରେ ରୋକ ଲଗାଇବାକୁ ଉଦ୍ୟମ ଜାରି ରଖିଛି। ଶୁକ୍ରବାର ଓ ଶନିବାର ପୋଲିସ ଚଢାଉ କରି ୨ ଗୋରୁ ବୋଝେଇ ଗାଡ଼ି ଜବତ କରିଛି। ଏଥିରେ ସମ୍ପୃକ୍ତ ୨ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଅତାବିରା ଅଞ୍ଚଳର ନବୀନ ଛତ୍ରିଆ ଓ ଧନୁପାଲି ଥାନା ମୋତିଝରନର ମହମ୍ମଦ ସାହିଦ। ଏ ନେଇ ବୁର୍ଲା ଥାନାରେ ପୃଥକ୍ ୨ ମାମଲା ରୁଜୁ ହୋଇଛି।



ଧନୁପାଲି ଥାନା ସମ୍ମୁଖରେ ଜବତ ଗୋରୁ ବୋଝେଇ ଗାଡି।

# ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଶୁଭାରମ୍ଭ

## ଦେବଗଡ଼ ଜିଲାରେ ୨୦୨୧ ଖରିଫ ଚାଷ

**ଦେବଗଡ଼,୧୭।୭(ଡି.ଏନ.ଏ)**

ସମସ୍ତ ବର୍ଷ ପରି ଚଳିତ ବର୍ଷ ମଧ ଚାଷୀଙ୍କୁ ପ୍ରାକୃତିକ ବିପର୍ଯ୍ୟୟରୁ ଆଶ୍ୱସ୍ତି ଦେବା ତଥା ଫସଲର କ୍ଷତି ଭରଣା କରିବା ପାଇଁ ଓଡିଶା ସରକାର ଏବଂ ଭାରତ ସରକାରଙ୍କ କୃଷି ବିଭାଗ ଦ୍ୱାରା ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଚଳିତ ଖରିଫ ୨୦୨୧ ପାଇଁ ଜିଲାରେ ଶୁଭାରମ୍ଭ କରାଯାଇଛି। ଏହି ଉପଲକ୍ଷେ ଚାଷୀମାନଙ୍କ ମଧ୍ୟରେ ଯୋଜନା ସମ୍ପର୍କରେ ସଚେତନତା ସୃଷ୍ଟି ନିମନ୍ତେ ଏକ ସଚେତନତା ରଥକୁ ଜିଲାପାଳ ସୁଧାଂଶୁ ମୋହନ ସାମଲ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି। ଏଥିପାଇଁ ଗତ ଜୁଲାଇ ୧୩ ତାରିଖରେ କଲେକ୍ଟୋରେଟଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ମୁଖ୍ୟ କୃଷି ଅଧିକାରୀ ବାଳକୃଷ୍ଣ ଗୌଡ, ଏଲଡିଏମ ଦେବଗଡ ଭୀମଚରଣ ମାଝି, ଡେପୁଟି ଡାଇରେକ୍ଟର (ଡିପିଏମୟୁ) ଦେବଗଡ ରାମ ସେବକ ପ୍ରଧାନ ଏବଂ ଜିଲା ସଂଯୋଜକ ଏଚଡିଏଫ୍‌ସି ଲିମିଟେଡ୍ ବିଳାଶ କୁମାର ପ୍ରମୁଖ ଉପସ୍ଥିତ ଥିଲେ। ଜିଲାର ସମସ୍ତ କ୍ଷୁଦ୍ର, ନାମମାତ୍ର ଏବଂ ବୃହତ୍ତ ଚାଷୀଙ୍କୁ ଏଥିରେ ସାମିଲ ପାଇଁ ଆହ୍ୱାନ କରାଯାଉଛି। ଚଳିତ ବର୍ଷର ଅନିଶ୍ଚିତତା ତଥା ଅନିୟମିତ ବୃଷ୍ଟିପାତକୁ ଦୃଷ୍ଟିରେ ରଖି ଅଧିକରୁ ଅଧିକ ଅଣରଣୀ ଚାଷୀଙ୍କୁ ସାମିଲ କରିବା ପାଇଁ ବିଶେଷ ଭାବରେ ଅନୁରୋଧ କରାଯାଉଛି। ଧାନ ଫସଲରେ ହେକ୍ଟର ପିଛା ୬୦,୭୫୦ ଟଙ୍କାର ଧାର୍ଯ୍ୟକୃତ ବୀମା ରାଶି ପାଇଁ ୨ପ୍ରତିଶତ ହିସାବରେ ଚାଷୀମାନଙ୍କୁ ୧୨୧୫ ଟଙ୍କାର ପ୍ରିମିୟମ ଦାଖଲ କରିବାକୁ ପଡିବ। ଋଣୀ ଚାଷୀମାନେ ଜିଲାର ସମସ୍ତ ପ୍ରାଥମିକ କୃଷି ସମବାୟ ସମିତି ଏବଂ ବ୍ୟାଙ୍କ୍ ମାଧ୍ୟମରେ ଉପଯୁକ୍ତ ପ୍ରିମିୟମ ଦେଇ ଉପକୃତ ହୋଇପାରିବେ କିନ୍ତୁ ଅଣଋଣୀ ଚାଷୀମାନେ ଜନସେବା କେନ୍ଦ୍ର ମାଧ୍ୟମରେ ପଞ୍ଜିକରଣ କରିପାରିବେ। ପଞ୍ଜିକରଣର ଶେଷ ତାରିଖ ଜୁଲାଇ ୩୧ ତାରିଖକୁ ଧାର୍ଯ୍ୟ କରାଯାଇଛି। ଧାନ ବ୍ୟତୀତ ଚିନାବାଦମ, ମକା, ହରଡ ଫସଲ ପାଇଁ ମଧ ଚାଷୀମାନେ ଉପଯୁକ୍ତ ପ୍ରିମିୟମ ଦେଇ ବୀମା ନିମନ୍ତେ ପଞ୍ଜିକରଣ କରିପାରିବେ। ଚିନାବାଦାମ ହେକ୍ଟର ପିଛା ୯୨୪ଟଙ୍କା, ହରଡ ୬୫୪ ଟଙ୍କା ଏବଂ ମକା ୮୦୮ଟଙ୍କା ପ୍ରିମିୟମ ଦାଖଲ କରି ଚାଷୀମାନେ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ପଞ୍ଜିକୃତ ହୋଇପାରିବେ ବୋଲି ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ମିଳିଛି।



ସଚେତନତା ରଥକୁ ଜିଲାପାଳ ସୁଧାଂଶୁ ମୋହନ ସାମଲ ଶୁଭାରମ୍ଭ କରୁଛନ୍ତି।

# ଭର୍ଚୁଆଲ ଟୁର୍‌ରେ ସୁନାବେଡ଼ା ଉପତ୍ୟକା

**ଚୁକ୍‌ଟିଆ ଭୁଞ୍ଜିଆଙ୍କ ଜୀବନଶୈଳୀ ଓ ସଂସ୍କୃତି ବିଷୟରେ ଜାଣିବେ ଦର୍ଶକ**

ଭୁବନେଶ୍ୱର, ୧୭।୭ (ବ୍ୟୁରୋ)

ଓଡ଼ିଶାର ଚୁକ୍‌ଟିଆ ଭୁଞ୍ଜିଆ ଜନଜାତି ମୁଖ୍ୟତଃ ସୁନାବେଡ଼ା ଉପତ୍ୟକାରେ ବସବାସ କରନ୍ତି। କୃଷି ସହିତ ଶିକାର, ଜଙ୍ଗଲ ଦ୍ରବ୍ୟ ସଂଗ୍ରହ ସେମାନଙ୍କ ମୁଖ୍ୟ ପେଶା। ଏହି ଜନଜାତି ସ୍ୱତନ୍ତ୍ର ଗୃହ ଓ ରୋଷେଇଶାଳ ସହିତ ସଂପୃକ୍ତ ପବିତ୍ର ସ୍ଥଳ ନିର୍ମାଣରେ ବେଶ୍ ସିଦ୍ଧହସ୍ତ। ମହିଳାମାନେ ଶାଢ଼ି ପରିଧାନ କରୁଥିବାବେଳେ, ପୁରୁଷମାନେ ଧୋତି ଏବଂ କୁର୍ତ୍ତା ପିନ୍ଧିଥାନ୍ତି। ସୌନ୍ଦର୍ଯ୍ୟ ବଢାଇବା ପାଇଁ ମହିଳାମାନେ ମାଳି ଓ ମୁଦ୍ରାରେ ତିଆରି ହାର, ପିତ୍ତଳ ଓ କାଚର ଚୂଡ଼ି ବ୍ୟବହାର କରିଥାନ୍ତି। ବଳାଗଣ୍ଠି ଓ କାନରେ ଆଲୁମିନିୟମ୍ କିମ୍ବା ରୂପାରେ ତିଆରି ଅଳଙ୍କାର ପିନ୍ଧିଥାନ୍ତି। ସେମାନେ ଅତ୍ୟନ୍ତ ଆକର୍ଷଣୀୟ ଭାବେ ନିଜର କେଶ ବିନ୍ୟାସ କରିଥାନ୍ତି। ମହିଳାଙ୍କ ମୁଣ୍ଡର ପଛପଟେ ଗୋଲାକୃତି କେଶଗୁଚ୍ଛ ଶୋଭା ପାଇଥାଏ ଓ ଏହାକୁ ଠିକ୍ ଭାବେ ରଖିବା ପାଇଁ ବଡ଼ ଟ୍ୟାସିଲ୍‌କୁ ପିନ୍ ସହ ସଂଯୁକ୍ତ କରିଥାନ୍ତି। ଏଥିସହ ସେମାନେ ଚିତାକୁଟାଇ ଶରୀରର ସୌନ୍ଦର୍ଯ୍ୟକୁ ପରିବର୍ଦ୍ଧିତ କରିଥାନ୍ତି। ଚୁକ୍‌ଟିଆ ଭୁଞ୍ଜିଆ ଜନଜାତିମାନେ 'ସୁନାଦେଈ'ଙ୍କୁ ଦେବତା ଭାବେ ମାନିଥାନ୍ତି। 'ସୁନାଦେଈ'ଙ୍କୁ ଗ୍ରାମ ମନ୍ଦିରରେ ପ୍ରତିଷ୍ଠା କରାଯାଇଥାଏ। ପୂଜାରୀ, ଛତ୍ରିଆ ଓ କୋଟାରିଆମାନେ ପୂଜା କରିଥାନ୍ତି। ଦର୍ଶକମାନେ ରବିବାର ଫେସ୍‌ବୁକ୍ ଓ ଟୁଇଟର ପେଜ୍ @st-scdev, @scstrti ପେଜ୍ ଖୋଲି ଏହି ଜନଜାତି ସମ୍ପ୍ରଦାୟ ବିଷୟରେ ଅଧିକ ଜାଣିପାରିବେ ବୋଲି ଏସ୍‌ସିଏସ୍‌ଟିଆର୍‌ଟିଆଇର ନିର୍ଦ୍ଦେଶକ ପ୍ରଫେସର ଡ. ଅଖିଳ ବିହାରୀ ଓତା ପ୍ରକାଶ କରିଛନ୍ତି। କରୋନା ସଂକ୍ରମଣ ଯୋଗୁ ରାଜ୍ୟ ଜନଜାତି ସଂଗ୍ରହାଳୟ ଦର୍ଶକଙ୍କ ନିମନ୍ତେ ବନ୍ଦ ରହିଛି। ଏହି ପରିପ୍ରେକ୍ଷୀରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ପକ୍ଷରୁ ଜନଜାତି ସଂଗ୍ରହାଳୟକୁ ପ୍ରତି ରବିବାର ଭର୍ଚୁଆଲ୍ ଟୁର୍‌ର ବ୍ୟବସ୍ଥା କରାଯାଇଛି।

# ଆହାର କେନ୍ଦ୍ରକୁ ଆଚାର ଯୋଗାଇବେ ଏସ୍‌ଏଚ୍‌ଜି

ଭୁବନେଶ୍ୱର, ୧୭।୭(ବ୍ୟୁରୋ)

ରାଜ୍ୟର ୧୬୬ ଆହାର କେନ୍ଦ୍ର ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍‌ଏଚ୍‌ଜି) ଦ୍ୱାରା ପରିଚାଳିତ ହେଉଛି। ପ୍ରତି ମିଲ୍‌ରେ ୧୦ ଗ୍ରାମର ଆଚାର ହିସାବରେ ପ୍ରତିଦିନ ୧ ମେଟ୍ରିକ୍ ଟନ୍ ଓ ବର୍ଷକୁ ପ୍ରାୟ ୩୦୦ ମେଟ୍ରିକ୍ ଟନ୍ ଆଚାରର ଆବଶ୍ୟକତା ପଡୁଛି। ଏଣିକି ସ୍ୱୟଂ ସହାୟକ ଗୋଷ୍ଠୀମାନେ ଆଉ ଖୋଲାବଜାରରୁ ଆଚାର କିଣିବେ ନାହିଁ। ନିଜେ ଆଚାର ତିଆରି କରି ଏହି ଚାହିଦା ପୂରଣ କରିବେ। ମହିଳା ଉଦ୍ୟୋଗୀ ସୃଷ୍ଟି ସହ ଏହି ଆବଶ୍ୟକତା ପୂରଣ ପାଇଁ ରାଜ୍ୟ ସହରାଞ୍ଚଳ ବିକାଶ କର୍ତ୍ତୃପକ୍ଷ(ସୁଡ଼ା)ଙ୍କ ସହଯୋଗରେ ମିଶନ ଶକ୍ତି ୩ ଅତ୍ୟାଧୁନିକ ଆଚାର ଉଦ୍ୟୋଗ ସ୍ଥାପନ କରୁଛି। ବାରିପଦାର ମା'ଦୁର୍ଗା ସ୍ୱୟଂ ସହାୟକ ଗୋଷ୍ଠୀ, ବ୍ରହ୍ମପୁରର ବିଘ୍ନେଶ୍ୱର-୨ ସ୍ୱୟଂ ସହାୟକ ଗୋଷ୍ଠୀ ଓ ଢେଙ୍କାନାଳର ମହାସଙ୍ଗମ ମିଶନ ଶକ୍ତି ଆଞ୍ଚଳିକ ମହାସଂଘଙ୍କୁ ଏହି ତିନୋଟି ଉଦ୍ୟୋଗ ପରିଚାଳନା ପାଇଁ ଚୟନ କରାଯାଇଛି। ପ୍ରତ୍ୟେକ ୟୁନିଟ୍ ୧୦ଟି ଲେଖାଏ ଜିଲାର ଆହାର କେନ୍ଦ୍ରକୁ ଆଚାର ଯୋଗାଇବ।

ଆଚାର ପ୍ରସ୍ତୁତିର ବିବିଧ କୌଶଳ ଓ ଗୁଣବତ୍ତା ସୁନିଶ୍ଚିତ କରିବା ନିମନ୍ତେ ମିଶନ ଶକ୍ତି ବିଭାଗର ଉଦ୍ୟମରେ ଉକ୍ତ ୩ ଏସ୍‌ଏଚ୍‌ଜି ସହ ମହୀଶୂରସ୍ଥିତ କେନ୍ଦ୍ରୀୟ ଖାଦ୍ୟ ବୈଷୟିକ ଗବେଷଣା ପ୍ରତିଷ୍ଠାନ(ସିଏଫ୍‌ଟିଆର୍‌ଆଇ)ର ବୁଝାମଣାପତ୍ର ସ୍ୱାକ୍ଷର ହୋଇଛି। ଆଚାର ପ୍ରସ୍ତୁତି ପାଇଁ ଆବଶ୍ୟକ ଜ୍ଞାନକୌଶଳ ଏହି ପ୍ରତିଷ୍ଠାନ ଯୋଗାଇ ଦେବ। ପ୍ରତି ଉଦ୍ୟୋଗ ପାଇଁ ଜଣେ ଲେଖାଏ ଖାଦ୍ୟ ସୁରକ୍ଷା ସୁପରଭାଇଜରଙ୍କୁ ନିୟୋଜିତ କରାଯାଇଛି। ଆଚାର ପ୍ରସ୍ତୁତି ପାଇଁ ଆବଶ୍ୟକ ହେଉଥିବା କଞ୍ଚାମାଲ ଯଥା-ଆମ୍ବ, ଲେମ୍ବୁ, ଗାଜର, ଅଦା, କଞ୍ଚାଲଙ୍କା ଏବଂ ଅନ୍ୟାନ୍ୟ ସାମଗ୍ରୀକୁ ଏସ୍‌ଏଚ୍‌ଜିମାନେ ସଂଗ୍ରହ କରି ମହଜୁଦ ରଖିଛନ୍ତି। ଇତି ମଧ୍ୟରେ ସିଏଫ୍‌ଟିଆର୍‌ଆଇଠାରୁ ଆବଶ୍ୟକ ଯନ୍ତ୍ରପାତି ଓ ଅନ୍ୟାନ୍ୟ ଉପକରଣ ଅଣାଯାଇସାରିଛି। ୟୁନିଟ୍‌ଗୁଡ଼ିକ ଅଗଷ୍ଟ ୨୦୨୧ରେ ଉତ୍ପାଦନ ଆରମ୍ଭ କରିବେ। ପ୍ରତି ୧ କେଜି ଆଚାରର ଉତ୍ପାଦନ ଖର୍ଚ୍ଚ ୪୫ ଟଙ୍କା ହୋଇଥିବାବେଳେ କେଜି ପିଛା ୫୧ ଟଙ୍କାରେ ବିକ୍ରି କରିବାକୁ ସ୍ଥିର କରାଯାଇଛି। ଉନ୍ନତ ଜ୍ଞାନକୌଶଳ ପ୍ରୟୋଗରେ ଉତ୍ପାଦନ ବୃଦ୍ଧି ପାଇଲେ ଖୋଲାବଜାରରେ ମଧ୍ୟ ଆଚାର ବିକ୍ରି କରାଯିବ। ଏହାଦ୍ୱାରା ଏସ୍‌ଏଚ୍‌ଜିଙ୍କ ଆୟ ବୃଦ୍ଧି ପାଇବ। ଏହି ବ୍ୟବସାୟିକ ଉଦ୍ୟୋଗକୁ ସଫଳତାର ସହ କାର୍ଯ୍ୟକାରୀ କରିବା ନିମନ୍ତେ ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ ତରଫରୁ ଏକ ବୈଷୟିକ ସହାୟତା ବ୍ୟବସ୍ଥାର ବିକାଶ କରାଯାଇଥିବା ବିଭାଗ ପକ୍ଷରୁ କୁହାଯାଇଛି।

- ୩ ଅତ୍ୟାଧୁନିକ ଆଚାର ଉଦ୍ୟୋଗ ସ୍ଥାପନ
- ଅଗଷ୍ଟରୁ ଆରମ୍ଭ ହେବ ଉତ୍ପାଦନ
- ବାର୍ଷିକ ୩୦୦ ମେଟ୍ରିକ୍ ଟନ୍ ଉତ୍ପାଦନ ଲକ୍ଷ୍ୟ

# ସୀମାନ୍ତରେ ମାଓବାଦୀଙ୍କ ଶହୀଦ ସ୍ତୂପ ଭାଙ୍ଗିଦେଲେ ଯବାନ



ଯବାନମାନେ ଭାଙ୍ଗି ଦେଇଯାଇଥିବା ମାଓବାଦୀଙ୍କ ଶହୀଦ ସ୍ତୁପକୁ ସ୍ଥାନୀୟ ଲୋକେ ଦେଖୁଛନ୍ତି।

ମାଲକାନଗିରି, ୧୭।୭ (ଡି.ଏନ୍.ଏ.)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ର ଆର୍ଲାମପାଲ୍ଲୀ ଗ୍ରାମ ନିକଟ ଜଙ୍ଗଲରେ ଥିବା ମାଓବାଦୀଙ୍କ ଏକ ଶହୀଦ ସ୍ତୁପକୁ ଶନିବାର ଯବାନମାନେ ଭାଙ୍ଗି ଦେଇଛନ୍ତି। ମାଓବାଦୀ ଉପଦ୍ରୁତ ଅଞ୍ଚଳ ଆର୍ଲାମପାଲ୍ଲୀ ସହ ଅନ୍ୟ ଜଙ୍ଗଲରେ ଡିଆର୍‌ଜି ଓ ୨୦୨ କୋବ୍ରା ବାଟାଲିୟନ ପକ୍ଷରୁ ମିଳିତ କୋମ୍ବିଂ ଅପରେଶନ କରାଯାଉଥିଲା। ଏହି ସମୟରେ ଜଙ୍ଗଲରେ ଯବାନମାନେ ମାଓବାଦୀଙ୍କ ଏକ ଶହୀଦ ସ୍ତୁପ ଦେଖିବାକୁ ପାଇଥିଲେ। ପରେ ସେମାନେ ଏହାକୁ ବାରୁଦ ଲଗାଇ ବିସ୍ଫୋରଣ କରି ଭାଙ୍ଗିଦେଇଥିଲେ। ଉକ୍ତ ଅଞ୍ଚଳରେ ମାଓବାଦୀମାନେ ନିଜର ସ୍ଥିତି ଜାହିର କରିବା ପାଇଁ ଏହି ଶହୀଦ ସ୍ତୂପ ନିର୍ମାଣ କରିଥିବା କୁହାଯାଉଛି।

# ୨୧ରେ ଲଘୁଚାପ ସମ୍ଭାବନା

**ଓଡ଼ିଶା ସମେତ ୯ ରାଜ୍ୟରେ ପ୍ରବଳ ବର୍ଷା**

ଭୁବନେଶ୍ୱର, ୧୭।୭(ବ୍ୟୁରୋ)



ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ଆସନ୍ତା ୨୧ ତାରିଖ ବେଳକୁ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏ ନେଇ ଭାରତୀୟ ପାଣିପାଗ ବିଭାଗ ଶନିବାର ସୂଚନା ଦେଇଛି। ଏହାର ପ୍ରଭାବରେ ୧୮ ତାରିଖରୁ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ହେବାର ଆଶଙ୍କା ରହିଛି। ତେଣୁ ପ୍ରବଳ ବର୍ଷା ନେଇ ବିଭିନ୍ନ ଜିଲାକୁ ୟେଲୋ ୱାର୍ନିଂ ଜାରି କରିଛି ଆଞ୍ଚଳିକ ପାଣିପାଗ କେନ୍ଦ୍ର।

୧୮ ତାରିଖରେ ନୂଆପଡ଼ା, ନବରଙ୍ଗପୁର, କେନ୍ଦୁଝର ଓ ମୟୂରଭଞ୍ଜ ଏବଂ ୧୯ରେ କେନ୍ଦୁଝର, ମୟୂରଭଞ୍ଜ, ଢେଙ୍କାନାଳ ଓ କଟକରେ ପ୍ରବଳ ବର୍ଷା ହେବ। ଏହି ଦୁଇଦିନ ବିଭିନ୍ନ ଜିଲାକୁ ବଜ୍ରପାତ ମଧ୍ୟ ହେବ। ତେଣୁ ଏସବୁ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ସେହିପରି ୨୦ ତାରିଖରେ କୋରାପୁଟ, ମାଲାକାନଗିରି, ଗଞ୍ଜାମ, ପୁରୀ, ଖୋର୍ଦ୍ଧା, ଜଗତ୍‌ସିଂହପୁର ଓ କଟକରେ ପ୍ରବଳ ବର୍ଷା ହେବ। ୨୧ରେ କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, କଟକ, ପୁରୀ, ଖୋର୍ଦ୍ଧାରେ ପ୍ରବଳରୁ ଅତି ପ୍ରବଳ ଏବଂ ଯାଜପୁର, ଭଦ୍ରକ, ଢେଙ୍କାନାଳ, ନୟାଗଡ଼, କନ୍ଧମାଳ ଓ କଳାହାଣ୍ଡିରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ସେପଟେ ଶନିବାର କୋରାପୁଟରେ ସର୍ବାଧିକ ୪୦.୮ ମିମି ବର୍ଷା ରେକର୍ଡ କରାଯାଇଛି।

ଅନ୍ୟପକ୍ଷରେ ଘରୋଇ ପାଣିପାଗ ସଂସ୍ଥା ସ୍କାଏମେଟ୍ ମଧ୍ୟ ଏହି ଲଘୁଚାପ ସୃଷ୍ଟି ସମ୍ପର୍କରେ ସ୍ପଷ୍ଟ କରିଛି। ସ୍କାଏମେଟର ସୂଚନାନୁସାରେ, ଆସନ୍ତା ୨୦ ତାରିଖବେଳକୁ ଉତ୍ତର ବଙ୍ଗୋପସାଗର, ନିକଟବର୍ତ୍ତୀ ବାଂଲାଦେଶ ଓ ପଶ୍ଚିମବଙ୍ଗ ଅଞ୍ଚଳରେ ଏକ ସାଇକ୍ଲୋନିକ ସର୍କୁଲେଶନ ସୃଷ୍ଟି ହେବ। ୨୧ ସୁଦ୍ଧା ଏହା ଆହୁରି ଘନୀଭୂତ ହୋଇ ଲଘୁଚାପରେ ପରିଣତ ହେବ। ଏହାର ପ୍ରଭାବରେ ପଶ୍ଚିମବଙ୍ଗ, ଓଡ଼ିଶା ଓ ଝାଡ଼ଖଣ୍ଡରେ ପ୍ରବଳ ବର୍ଷା ହେବ। ପରବର୍ତ୍ତୀ ଦୁଇଦିନରେ ଏହା ପଶ୍ଚିମ ଦିଗରେ ଗତି କରି ଛତିଶଗଡ଼, ମଧ୍ୟପ୍ରଦେଶ ଓ ମହାରାଷ୍ଟ୍ରରେ ପ୍ରବଳ ବର୍ଷା କରାଇବ। ଏହାଦ୍ୱାରା ଦେଶରେ ଦୁର୍ବଳ ହୋଇଯାଇଥିବା ମୌସୁମୀ ପୁଣି ସକ୍ରିୟ ହେବ। ଏହାର ପ୍ରଭାବରେ ଦିଲ୍ଲୀ, ଉତ୍ତରପ୍ରଦେଶ, ହରିୟାଣା ଆଦି ରାଜ୍ୟରେ ବର୍ଷା ହେବ ବୋଲି ସ୍କାଏମେଟ୍ ଆକଳନ କରିଛି।

# ବୋହୂଙ୍କୁ ବଳାତ୍କାର ଅଭିଯୋଗ, ଶ୍ୱଶୁର ଗିରଫ

ଦିଗପହଣ୍ଡି, ୧୭।୭(ଡି.ଏନ.ଏ.)

ଗଞ୍ଜାମ ଜିଲା ଦିଗପହଣ୍ଡି ଥାନା ଅଞ୍ଚଳର ଜଣେ ବିଧବା ବୋହୂଙ୍କୁ ବଳାତ୍କାର ଅଭିଯୋଗରେ ପୋଲିସ ଶ୍ୱଶୁରଙ୍କୁ ଶନିବାର ଗିରଫ କରିଛି। ପୀଡ଼ିତାଙ୍କ ଏତଲା କ୍ରମେ କେ. ନୂଆଗାଁ ପୋଲିସ ନଂ.୧୩୭/୨୧ରେ ମାମଲା ରୁଜୁ କରିଛି। ଅଭିଯୁକ୍ତ ଶ୍ୱଶୁର ଶୁକ୍ରବାର ରାତିରେ ଘରେ ଥିବା ବିଧବା ବୋହୂଙ୍କୁ ବଳାତ୍କାର କରିଥିବା ଏତଲାରେ ଉଲ୍ଲେଖ ରହିଛି। ଶନିବାର ଉଭୟ ପୀଡ଼ିତା ଏବଂ ଅଭିଯୁକ୍ତଙ୍କ ଡାକ୍ତରୀ ମାଇନା କରାଯାଇଛି। ରବିବାର ଅଭିଯୁକ୍ତଙ୍କୁ ବ୍ରହ୍ମପୁର ଜିଲା ଜଜ କୋର୍ଟକୁ ଚାଲାଣ କରାଯିବ ବୋଲି ଜଣାପଡିଛି। ସୂଚନାଯୋଗ୍ୟ, ପୀଡ଼ିତାଙ୍କ ସ୍ୱାମୀ ଟ୍ରାକ୍ଟର ଚଳାଇ ପରିବାର ଚଳାଉଥିଲେ। କୌଣସି କାରଣରୁ ମାନସିକ ଭାରସାମ୍ୟ ହରାଇ ସେ ଆତ୍ମହତ୍ୟା କରିଥିଲେ। ସେହିପରି ଶାଶୁଙ୍କର ମଧ୍ୟ ୨ ବର୍ଷ ପୂର୍ବେ ମୃତ୍ୟୁ ଘଟିଥିବା ଜଣାପଡ଼ିଛି।

# ପୋଲିସ ତାଲିକାରେ ଆଉ ୫

**ରଥଯାତ୍ରା ଗାଇଡ୍‌ଲାଇନ୍ ଉଲ୍ଲଂଘନ ଅଭିଯୋଗ**

ପୁରୀ ଅଫିସ, ୧୭।୭

ରଥଯାତ୍ରା ଗାଇଡ୍‌ଲାଇନ୍ ତଥା କର୍ଫ୍ୟୁ ଉଲ୍ଲଂଘନକାରୀଙ୍କୁ ପୋଲିସ ଖୋଜିବା ଜାରି ରଖିଛି। ପ୍ରଥମ ପର୍ଯ୍ୟାୟରେ ୯ ଓ ଦ୍ୱିତୀୟ ପର୍ଯ୍ୟାୟରେ ୫ଜଣଙ୍କ ନାମ ପୋଲିସ ତାଲିକାରେ ରହିଥିଲା। ଶନିବାର ପ୍ରକାଶିତ ତୃତୀୟ ପର୍ଯ୍ୟାୟ ତାଲିକାରେ ଆଉ ୫ଜଣଙ୍କ ନାମ ସାମିଲ କରାଯାଇଛି। ସେମାନେ ହେଲେ ସୁମନ୍ତ ତ୍ରିପାଠୀ (ଯାଜପୁର), ପ୍ରଫୁଲ୍ଲ ସାହୁ (କଟକ), ମୋନାଲିସା ଆଚାର୍ଯ୍ୟ (ଭୁବନେଶ୍ୱର), ରୋମେଶ ମିଶ୍ର (ପୁରୀ) ଏବଂ ଅମରେଶ ସେନାପତି (ପୁରୀ)। କର୍ଫ୍ୟୁ ସମୟରେ ବାହାରକୁ ଆସି ରଥଯାତ୍ରା ଦେଖିଥିବା ଲୋକଙ୍କୁ ଚିହ୍ନଟ ପ୍ରକ୍ରିୟା ଜାରି ରହିଛି ବୋଲି ସିଟି ଡିଏସ୍‌ପି ଜନାର୍ଦ୍ଦନ ପାଢ଼ୀ କହିଛନ୍ତି। ତେବେ ସମ୍ପୃକ୍ତ ବ୍ୟକ୍ତିମାନଙ୍କୁ ପୋଲିସ ପକ୍ଷରୁ ନୋଟିସ କରାଯାଇ ପ୍ରମାଣ ଦାଖଲ କରିବାକୁ କୁହାଯିବ। ଜଣେ ବ୍ୟକ୍ତି ନିଜକୁ ନିର୍ଦ୍ଦୋଷ ବୋଲି ଦର୍ଶାଇବାକୁ ଚାହିଁଲେ ସ୍ଥାନୀୟ ଥାନାକୁ ଯାଇ ରଥଯାତ୍ରା ପାସ୍ କିମ୍ବା ପରିଚୟପତ୍ର ଦେଖାଇପାରିବେ। ଅଭିଯୋଗ ଓ ପ୍ରାଥମିକ ତଦନ୍ତ ଆଧାରରେ ପୋଲିସ ତାଲିକା ଜାରି କରୁଛି। ନିର୍ଦ୍ଦୋଷ ସାବ୍ୟସ୍ତ ଲାଗି ଥାନାକୁ ଆସି ପ୍ରମାଣ ଦାଖଲ କରିବାର ସୁଯୋଗ ରହିଛି ବୋଲି ସିଟି ଡିଏସ୍‌ପି କହିଛନ୍ତି। ସୂଚନା ଅନୁଯାୟୀ, ରାସ୍ତାକୁ ବାହାରିଥିବା ଓ ବିନା ପାସ୍‌ରେ ରଥଯାତ୍ରାରେ ସାମିଲ ହୋଇଥିବା ଲୋକେ ପୋଲିସର ପ୍ରଥମ ନଜରରେ ରହିଛନ୍ତି।

## ଖେଳ ଖବର

# ଅଲିମ୍ପିକ କ୍ରୀଡ଼ାଗ୍ରାମରେ ସଂକ୍ରମଣ

ଟୋକିଓ, ୧୭।୭




ଅଲିମ୍ପିକ କ୍ରୀଡ଼ାଗ୍ରାମରେ ପ୍ରଥମ କରୋନା ପଜିଟିଭ ବ୍ୟକ୍ତି ଚିହ୍ନଟ ହୋଇଛନ୍ତି। ଏ ନେଇ ଶନିବାର ଟୋକିଓ ଅଲିମ୍ପିକ ଆୟୋଜକ ସୂଚନା ଦେଇଛନ୍ତି। ତେବେ ବ୍ୟକ୍ତି ଜଣକ କୌଣସି ଆଥ୍‌ଲେଟ ନୁହନ୍ତି ବୋଲି ଅଧିକାରୀମାନେ ସ୍ପଷ୍ଟ କରିଛନ୍ତି। ଆଉ ମାତ୍ର ୬ ଦିନ ପରେ ଅଲିମ୍ପିକ୍ସ ଆରମ୍ଭ ହେବ। ଶୁକ୍ରବାର ଏହି ପଜିଟିଭ କେସ୍ ଜଣାପଡିଥିଲା। ବ୍ୟକ୍ତି ଜଣକ ଜାପାନ ନାଗରିକ ନୁହନ୍ତି। ତାଙ୍କୁ ୧୪ ଦିନିଆ କ୍ୱାରାଣ୍ଟାଇନ୍‌ରେ ରଖାଯାଇଛି।

୪ ଦିନ ତଳେ କ୍ରୀଡ଼ାଗ୍ରାମ ଖୋଲାଯାଇଥିଲା। କ୍ରୀଡ଼ାଗ୍ରାମ ପ୍ରସ୍ତୁତି ପାଇଁ ବ୍ୟକ୍ତିଜଣକ କାର୍ଯ୍ୟ କରୁଥିଲେ। ୨ ଦିନ ପୂର୍ବରୁ ଜାପାନରେ ଥିବା ଜଣେ ଖେଳାଳି ଓ ଅନ୍ୟ ୫ଜଣ କର୍ମଚାରୀ କରୋନା ସଂକ୍ରମିତ ବୋଲି ଜଣାପଡିଥିଲା। ବ୍ରାଜିଲର ଜୁଡୋ ଟିମ୍ ଯେଉଁ ହୋଟେଲରେ ରହୁଛନ୍ତି ସେଠାରେ ୮ଜଣ କର୍ମଚାରୀ କରୋନା ସଂକ୍ରମିତ ବୋଲି ପରୀକ୍ଷାରୁ ଜଣାପଡିଥିଲା। ଅଗଷ୍ଟ ୨୨ ପର୍ଯ୍ୟନ୍ତ ଟୋକିଓରେ ଇମର୍ଜେନ୍ସି ଜାରି କରାଯାଇଛି। ଫଳରେ ପାର୍କ, ହୋଟେଲ, ରେଷ୍ଟୁରାଣ୍ଟ, ଥିଏଟରକୁ ରାତି ୮ଟା ପର୍ଯ୍ୟନ୍ତ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି।

# ବିବାଦୀୟ ବ୍ୟାନର ହଟାଇଲା ଦକ୍ଷିଣ କୋରିଆ

ସିଓଲ, ୧୭।୭(ଏପି)

ଅଲିମ୍ପିକ କ୍ରୀଡ଼ାଗ୍ରାମରୁ ଦକ୍ଷିଣ କୋରିଆ ତା'ର ଏକ ବିବାଦୀୟ ବ୍ୟାନର ହଟାଇଛି। ୧୬ ଖ୍ରୀଷ୍ଟାବ୍ଦରେ ଜାପାନ ଓ କୋରିଆ ମଧ୍ୟରେ ଯୁଦ୍ଧ ହୋଇଥିଲା। ବ୍ୟାନରରେ ଏହି ଯୁଦ୍ଧ ସମ୍ପର୍କରେ କିଛି ସୂଚନା ରହିଛି। ତେବେ ଏହା ଉତ୍ତେଜକ ବୋଲି ଅନ୍ତର୍ଜାତୀୟ ଅଲିମ୍ପିକ କମିଟି (ଆଇଓସି) କହିଥିଲା ଓ ଏହାକୁ ହଟାଇବାକୁ ନିର୍ଦ୍ଦେଶ ଦେଇଥିଲା। ଏଥିରେ ଦକ୍ଷିଣ କୋରିଆ ନିଜର ସମ୍ମତି ପ୍ରକାଶ କରି ବ୍ୟାନରକୁ ହଟାଇଛି।

ତେବେ ଉଦୟ ହେଉଥିବା ସୂର୍ଯ୍ୟଙ୍କ ଚିତ୍ର ସହ ଜାପାନ ପତାକା ବିଭିନ୍ନ ଷ୍ଟାଡିୟମ ଓ ଅଲିମ୍ପିକ ଭେନ୍ୟୁରେ ଦେଖିବାକୁ ମିଳିଛି। କୋରିଆ ଏ ନେଇ ଆପତ୍ତି ଉଠାଇଛି। ଆଇଓସି ମଧ୍ୟ ଏହି ପତାକାଗୁଡ଼ିକୁ ବ୍ୟାନ୍ କରିବାକୁ କୋରିଆକୁ ପ୍ରତିଶ୍ରୁତି ଦେଇଛି। ଏହି ପତାକା ଅତୀତରେ ଥିବା ଯୁଦ୍ଧପ୍ରବଣତାକୁ ସୂଚାଉଛି। ପତାକାରେ ଉଦିତ ସୂର୍ଯ୍ୟଙ୍କଠାରୁ ୧୬ଟି ରଶ୍ମି ବାହାରୁଥିବାର ଦେଖାଯାଇଛି। ଏହି ବିବାଦକୁ ଆଗକୁ ନ ବଢାଇବାକୁ ନିଷ୍ପତ୍ତି ନିଆଯାଇଛି। ଏଭଳି ପତାକା ପ୍ରଦର୍ଶନ ଉଭୟ ଦେଶର ରାଜନୈତିକ ତଥା କୂଟନୈତିକ ସମ୍ପର୍କକୁ ଖରାପ କରିବ ବୋଲି କୁହାଯାଇଛି।



# ଟୋକିଓରେ ପହଞ୍ଚିଲା ବିଶାଳ ଅଲିମ୍ପିକ କଣ୍ଢେଇ

**ଟୋକିଓ, ୧୭।୭ (ଏପି):** ଅଲିମ୍ପିକ୍ସ ଆରମ୍ଭ ହେବାକୁ ଆଉ ୬ ଦିନ ବାକିଥିବା ବେଳେ ଏକ ବିଶାଳ ଅଲିମ୍ପିକ କଣ୍ଢେଇ ଟୋକିଓରେ ପହଞ୍ଚିଛି। ଏ ନେଇ ଅଲିମ୍ପିକ୍ ଆୟୋଜକମାନେ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ। କଣ୍ଢେଇଟି ଟୋକିଓ ୨୦୨୦ ନିପନ ଫେଷ୍ଟିଭାଲର ମୁଖ୍ୟ ଆକର୍ଷଣ ଥିଲା। ଏହି ଉତ୍ସବ ୨୦୨୦ ଅଲିମ୍ପିକ୍ସର ଆନୁଷ୍ଠାନିକ ସାଂସ୍କୃତିକ କାର୍ଯ୍ୟକ୍ରମ ଥିଲା। କଣ୍ଢେଇର ନାମ 'ମୋକ୍କୋ' ରଖାଯାଇଛି। ଗତ ମେ ୧୫ ତାରିଖରେ 'ମୋକ୍କୋ' ପ୍ରଥମଥର ପାଇଁ ଦେଖିବାକୁ ମିଳିଥିଲା।

୨୦୧୧ ଭୂମିକମ୍ପ ଓ ସୁନାମୀ ଦ୍ୱାରା ଜାପାନର ଟୋହୋକୁ ଅଞ୍ଚଳ ବେଶ୍ କ୍ଷତିଗ୍ରସ୍ତ ହୋଇଥିଲା ଓ ଏହି ବିପର୍ଯ୍ୟୟର ମାନସ ସନ୍ତାନ ଭାବେ 'ମୋକ୍କୋ' ସୃଷ୍ଟି ହୋଇଥିଲା। ଜାପାନ ବ୍ୟଙ୍ଗକାର ତଥା ଲେଖକ ନାଓକି ମାଟାୟୋଶି ଏକ ଗପ ଲେଖିଥିଲେ। ଏଥିରେ ସେ 'ମୋକ୍କୋ'କୁ ମୁଖ୍ୟ ଚରିତ୍ର ଭାବେ ନେଇଥିଲେ। ଏଥିରୁ ପ୍ରଭାବିତ ହୋଇ ସ୍କ୍ରିନ୍‌ରାଇଟର କାନକୁରୋ କୁଡୋ ଏହି ବିଶାଳ କଣ୍ଢେଇର ନାମ 'ମୋକ୍କୋ' ଦେଇଥିଲେ। ଜାପାନର ୩ଟି ପ୍ରାନ୍ତ ଭ୍ରମଣ କରିବା ପରେ 'ମୋକ୍କୋ' ଟୋକିଓରେ ପହଞ୍ଚିଛି। 'ମୋକ୍କୋ'କୁ ନେଇ ଟୋକିଓରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଛି।

# ଭାରତୀୟ ଶୁଟରଙ୍କ ଲାଗି କ୍ୱାରାଣ୍ଟାଇନ୍‌ର ଆବଶ୍ୟକତା ନାହିଁ

ନୂଆଦିଲ୍ଲୀ, ୧୭।୭(ପି.ଟି.)

ଅଲିମ୍ପିକ୍ ପୂର୍ବରୁ ଭାରତୀୟ ଶୁଟରଙ୍କ ଲାଗି ଟୋକିଓରେ କ୍ୱାରାଣ୍ଟାଇନର ଆବଶ୍ୟକତା ନାହିଁ। ଶନିବାର ବିଳମ୍ବିତ ରାତିରେ ଭାରତୀୟ ଶୁଟରମାନେ ଟୋକିଓରେ ପହଞ୍ଚିଥିଲେ ଓ କ୍ରୀଡ଼ାଗ୍ରାମ୍‌ରେ ସେମାନଙ୍କୁ ରୁମ୍‌ରେ ରହିବାକୁ ଅନୁମତି ମିଳିଯାଇଥିଲା। ଶୁଟରମାନଙ୍କୁ କ୍ୱାରାଣ୍ଟାଇନରେ ରହିବାର ଆବଶ୍ୟକତା ନାହିଁ ବୋଲି କୁହାଯାଇଛି। ଭାରତୀୟ ଶୁଟରମାନେ ୧୯ ତାରିଖରୁ ଟ୍ରେନିଂ ଆରମ୍ଭ କରିବେ। ଶୁଟରମାନେ କ୍ରୋଏସିଆରୁ ଆସି ଟୋକିଓରେ ପହଞ୍ଚିଥିବାରୁ କ୍ୱାରାଣ୍ଟାଇନ୍‌ର ଆବଶ୍ୟକତା ନାହିଁ ବୋଲି ନ୍ୟାଶନାଲ ରାଇଫଲ ଆସୋସିଏଶନ ଅଫ ଇଣ୍ଡିଆ (ଏନ୍‌ଆରଏଆଇ) ସମ୍ପାଦକ ରାଜୀବ ଭାଟିଆ କହିଛନ୍ତି। କ୍ରୋଏସିଆର ଜାଗ୍ରେବ୍‌ରେ ଭାରତୀୟ ଶୁଟରମାନେ ୮୦ ଦିନ ଧରି ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ସହ ଟ୍ରେନିଂ ନେଇଥିଲେ। ଏଥର ଅଲିମ୍ପିକ୍‌ରେ ଭାରତର ୧୫ଜଣ ଶୁଟର ଅଂଶଗ୍ରହଣ କରିବେ। ଅସକା ଶୁଟିଂ ରେଞ୍ଜରେ ଶୁଟିଂ ଇଭେଣ୍ଟଗୁଡିକ ଆୟୋଜନ ହେବ। ଉତ୍ତର ପଶ୍ଚିମ ଟୋକିଓର ସାଇତାମା ପ୍ରାନ୍ତରେ ଏହି ଶୁଟିଂ ରେଞ୍ଜ ଅବସ୍ଥିତ। ୧୯୬୪ ଅଲିମ୍ପିକ୍ସର ଶୁଟିଂ ଇଭେଣ୍ଟଗୁଡିକ ମଧ୍ୟ ଏହି ଭେନ୍ୟୁରେ ଆୟୋଜିତ ହୋଇଥିଲା।






# ଅଲିମ୍ପିକ ବିରୋଧୀଙ୍କ ବିକ୍ଷୋଭ

ଟୋକିଓ, ୧୭।୭ (ଏପି)

ଅଲିମ୍ପିକ୍ସ ଆୟୋଜନକୁ ବିରୋଧ କରି ଜାପାନ ରାଜଧାନୀରେ ଶନିବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏମାନଙ୍କ ସଂଖ୍ୟା ପ୍ରାୟ ଦୁଇ ଡଜନ ହେବ। ସଂଗଠନର କାର୍ଯ୍ୟନିର୍ବାହୀ ବୋର୍ଡ କମିଟି ବୈଠକ ଯେଉଁଠାରେ ଚାଲୁଥିଲା ବିକ୍ଷୋଭକାରୀମାନେ ସେ ଦିଗକୁ ଅଗ୍ରସର ହେଉଥିଲେ। କରୋନା ମହାମାରୀ ସମୟରେ ଗେମ୍ସକୁ ବାତିଲ କରିବା ଉଦ୍ଦେଶ୍ୟରେ ଅନ୍ତର୍ଜାତୀୟ ଅଲିମ୍ପିକ କମିଟି (ଆଇଓସି) ସଭାପତି ଥୋମାସ ବ୍ୟାକ୍‌ଙ୍କୁ ସେମାନେ ଏକ ଦାବିପତ୍ର ଦେଇଥାନ୍ତେ। ମାତ୍ର ସ୍ଥାନୀୟ ପୋଲିସ ବୈଠକରୁ ଭେନ୍ୟୁଠାରୁ ୨୦ ମିଟର ଦୂରରୁ ସେମାନଙ୍କୁ ଘଉଡାଇ ଦେଇଥିଲା। କରୋନା ସଂକ୍ରମଣ ଆଶଙ୍କା ଥିବାରୁ ଏଥର ବିନା ଦର୍ଶକରେ ଅଲିମ୍ପିକ୍ସ ଆୟୋଜନ କରିବାକୁ ନିଷ୍ପତ୍ତି ହୋଇଛି।

# ଡୋପିଂ ପାଇଁ ବଞ୍ଚିତ ହେଲେ ବ୍ରାଜିଲ ଭାରୋତ୍ତୋଳକ

ରିଓ ଡି'ଜେନିରୋ, ୧୭।୭ (ଏପି)

ଡୋପିଂ ପାଇଁ ସସ୍‌ପେଣ୍ଡ ହୋଇଥିବାରୁ ହେଭିୱେଟ ଭାରୋତ୍ତୋଳକ ଫର୍ନାଣ୍ଡୋ ରିଜ୍ ଟୋକିଓ ଅଲିମ୍ପିକ୍ସରେ ଭାଗ ନେଇ ପାରିବେ ନାହିଁ। ବ୍ରାଜିଲ ଅଲିମ୍ପିକ କମିଟି ତରଫରୁ ଏହି ସୂଚନା ଦିଆଯାଇଛି। ୩୧ ବର୍ଷୀୟ ରିଜ୍ ୧୦୫ କିଲୋଗ୍ରାମ୍ କାଟେଗୋରିରେ ଜଣେ ଫେଭରାଇଟ୍ ଥିଲେ। ୱେଟ୍‌ଲିଫ୍ଟରଙ୍କ ପ୍ରତିଯୋଗିତା ବାହାରେ ଜୁନ୍ ୧୧ରେ ହୋଇଥିଲା। ବ୍ରାଜିଲର ଏହି ଆଥ୍‌ଲେଟ ଗତ ଦୁଇ ଅଲିମ୍ପିକ୍ସରେ ଭାଗ ନେଇଥିଲେ। ୨୦୧୨ ଲଣ୍ଡନରେ ସେ ୧୧ତମ ଏବଂ ୨୦୧୬ ରିଓ ଡି' ଜେନିରୋରେ ସେ ୫ମ ହୋଇଥିଲେ। ସୂଚନାଯୋଗ୍ୟ କୌଣସି ପ୍ରମୁଖ ୱେଟ୍‌ଲିଫ୍ଟିଂ ଚାମ୍ପିୟନଶିପ୍‌ରେ ଏକ ପଦକ ଲାଭ କରିବାରେ ରିଜ୍ ହେଉଛନ୍ତି ବ୍ରାଜିଲର ପ୍ରଥମ ବ୍ୟକ୍ତି। ବିଶ୍ୱ ଚାମ୍ପିୟନଶିପ୍‌ର ୨ ବର୍ଷ ପରେ ୨୦୨୦ରେ ତାଙ୍କୁ ଏକ ବ୍ରୋଞ୍ଜ ପଦକ ମିଳିଥିଲା। ସାମ୍ପଲ ଅଦଳ ବଦଳ କରିଥିବା ଅଭିଯୋଗରେ ଉଜ୍‌ବେକିସ୍ତାନର ରୁସ୍ତମ ଜାଙ୍ଗାବାଏଭ୍ ୪ ବର୍ଷ ବାସନ୍ଦ ହେବାପରେ ଅଯୋଗ୍ୟ ଘୋଷିତ ହେବାରୁ ରିଜ୍‌ଙ୍କୁ ଏହି ପଦକ ମିଳିଥିଲା। ସେ ଆହୁରି ମଧ୍ୟ ଗତ ତିନୋଟି ପାନ୍-ଆମେରିକାନ୍ ଗେମ୍ସରେ ସ୍ୱର୍ଣ୍ଣ ପଦକ ବିଜେତା ଅଟନ୍ତି।



## ସଂକ୍ଷେପରେ

### ୬୬ କୋଟି ଟିକା କିଣିବ କେନ୍ଦ୍ର

**ନୂଆଦିଲ୍ଲୀ,୧୭।୭ :** କୋଭିଡ ସଂକ୍ରମଣରୁ ଦେଶବାସୀଙ୍କୁ ସୁରକ୍ଷା ପ୍ରଦାନ ଲାଗି କେନ୍ଦ୍ର ସରକାର ଟିକାକରଣକୁ ଗୁରୁତ୍ୱ ଦେଇଛନ୍ତି। ୨୦୨୨-୨୩ ଆର୍ଥିକ ବର୍ଷ ପୂର୍ବରୁ ଅଧିକାଂଶ ଲୋକଙ୍କୁ ଟିକା ପ୍ରଦାନ ପାଇଁ ଶନିବାର ଉଭୟ ସେରମ ଓ ଭାରତ ବାୟୋଟେକକୁ ଅର୍ଡର ଦେଇଛନ୍ତି। କେନ୍ଦ୍ର ସରକାର ପ୍ରାୟ ୧୪ ହଜାର ୫୦୫ କୋଟି ଟଙ୍କାର ୬୬ କୋଟି ଡୋଜ୍ ଟିକା ପାଇଁ ବରାଦ ଦେଇଛନ୍ତି। ଉଭୟ କୋଭାକ୍ସିନ ଓ କୋଭିସିଲଡ୍ ଟିକା ପାଇଁ ଏହି ଅର୍ଡର ଦିଆଯାଇଛି। ତେବେ ୬୬ କୋଟି ଡୋଜ୍ କ୍ରୟ ପାଇଁ ମୂଲ୍ୟ ସଂଶୋଧନ କରାଯାଇଛି। ଟିକସକୁ ବାଦ ଦେଇ କୋଭିସିଲ୍ଡକୁ ୨୦୫ ଟଙ୍କା ଓ କୋଭାକ୍ସିନକୁ ୨୧୫ ଟଙ୍କାରେ କିଣାଯିବ ବୋଲି ଜଣାପଡିଛି। ସେରମ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆରୁ ୩୭.୫ କୋଟି କୋଭିସିଲ୍ଡ ଡୋଜ ଏବଂ ଭାରତ ବାୟୋଟେକରୁ ୨୮.୫ କୋଟି କୋଭାକ୍ସିନ ଡୋଜ ଅଗଷ୍ଟରୁ ଡିସେମ୍ବର ସୁଦ୍ଧା କ୍ରୟ କରାଯିବ ବୋଲି ସୂଚନା ମିଳିଛି। ଏ ନେଇ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରାଣାଳୟ ଉଭୟ ଡୋଜ ୧୫୦ଟଙ୍କାରେ କ୍ରୟ କରୁଥିବା ବେଳେ ନୂତନ କରୋନା ଟିକା କ୍ରୟ ନୀତି ଜୁନ୍ ୨୧ରୁ ଲାଗୁ ହେବା ପରେ ଏହାର ମୂଲ୍ୟ ସଂଶୋଧନ କରାଯାଇଛି।

### ବଜାରକୁ ଆସୁଛି ଓଏନ୍‌ଡିସି

**ନୂଆଦିଲ୍ଲୀ,୧୭।୭ :** କେନ୍ଦ୍ର ସରକାର ୟୁପିଆଇକୁ ଆଧାରକରି ନିଜର ନେଟ୍‌ୱାର୍କ ଫର୍ ଡିଜିଟାଲ କମର୍ସ ପ୍ଲାଟ୍‌ଫର୍ମ ସେବା ପ୍ରସ୍ତୁତ କରିବାକୁ ଯାଉଛନ୍ତି। ସରକାର ଏହି ପ୍ଲାଟ୍‌ଫର୍ମ ଜରିଆରେ ବିକ୍ରେତା ଏବଂ ଲଜିଷ୍ଟିକ୍ ସେବା ବିଭିନ୍ନ କମ୍ପାନୀଙ୍କ ସହ କିଣୁଥିବା ବ୍ୟକ୍ତିଙ୍କୁ ସଂଯୋଗ କରିବାକୁ ଯୋଜନା ରଖିଥିବା ଜଣାପଡ଼ିଛି। ଯଦି ସରକାରଙ୍କ ଏହି ପ୍ଲାଟ୍‌ଫର୍ମ ଓଏନ୍‌ଡିସି ମଡେଲ ସଫଳ ହୁଏ ତେବେ ଏହା ଆମାଜନ୍ ଏବଂ ଫ୍ଲିପ୍‌କାର୍ଟ ଭଳି ବୃହତ୍ ଇ-କମର୍ସ କମ୍ପାନୀଙ୍କ ସହିତ ପ୍ରତିଦ୍ୱନ୍ଦ୍ୱିତା କରିପାରିବ ବୋଲି କୁହାଯାଉଛି। ୟୁପିଆଇ ଭଳି ବଡ଼ ବଡ଼ ବେସରକାରୀ କମ୍ପାନୀଗୁଡ଼ିକ ଏଥିରେ ଯୋଡ଼ି ହେବା ନେଇ ସରକାର ଆଶା ରଖିଛନ୍ତି। ତେବେ ଏହା ଲଞ୍ଚ୍ ହେବା ପରେ ଏହାର ଲୋକପ୍ରିୟତା କେତେ ରହିବ ସେ ନେଇ ଚର୍ଚ୍ଚା ହେଉଛି।

# ସମ୍ପତ୍ତି ବିକି ୧୩ ହଜାର କୋଟି ଆଦାୟ

**ନୂଆଦିଲ୍ଲୀ,୧୭।୭**




## ମାଲ୍ୟା, ନୀରବ ଓ ଚୋକସିଙ୍କ ବିରୋଧରେ ଇଡି କାର୍ଯ୍ୟାନୁଷ୍ଠାନ

ଦେଶର ପ୍ରମୁଖ ବ୍ୟାଙ୍କଗୁଡ଼ିକଠାରୁ ଋଣ ନେଇ ଦେଶ ଛାଡ଼ି ଚାଲିଯାଇଥିବା ୩ ପଳାତକ ମେହୁଲ ଚୋକ୍‌ସି, ବିଜୟ ମାଲ୍ୟା ଓ ନୀରବ ମୋଦିଙ୍କୁ ଭାରତ ପ୍ରତ୍ୟର୍ପଣ ପାଇଁ ଉଦ୍ୟମ ଜାରି ରହିଛି। ଅପରପକ୍ଷରେ ସେମାନଙ୍କର ଭାରତରେ ଥିବା ସମସ୍ତ ଶେୟାର ଓ ଧନସମ୍ପତ୍ତି ବିକ୍ରି, ନିଲାମ କରାଯାଇ ବିଭିନ୍ନ ବ୍ୟାଙ୍କର ଆର୍ଥିକ କ୍ଷତିର ଭରଣା ପ୍ରକ୍ରିୟା ଜାରି ରହିଛି। ଏହା ମଧ୍ୟରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ ସୂଚନା ଦିଆଯାଇଛି ଯେ, ଦେଶର ସବୁଠୁ ବଡ ଋଣଦାତା ଭାରତୀୟ ଷ୍ଟେଟ୍ ବ୍ୟାଙ୍କ (ଏସବିଆଇ) ନେତୃତ୍ୱରେ ଏକ ସଂଗଠନ ପଳାତକ ବିଜୟ ମାଲ୍ୟା, ନିରବ ମୋଦୀ ଓ ମେହୁଲ ଚୋକସିଙ୍କ ଶେୟାର ବିକି ସେଥିରୁ ୭୯୧.୧୧ କୋଟି ଟଙ୍କା ଆଦାୟ କରିଛନ୍ତି। ସେହିଭଳି କେନ୍ଦ୍ରୀୟ ଏଜେନ୍ସି ପ୍ରିଭେନସନ ଅଫ ମନି ଲଣ୍ଡ୍ରିଂ ଆକ୍ଟ (ପିଏମଏଲଏ) ଆଧାରରେ ଏହି ସବୁ ସମ୍ପତ୍ତି ଜବତ କରାଯାଇଛି। ଇଡି ଏହି ସବୁ ଅର୍ଥ ବିଭିନ୍ନ ବ୍ୟାଙ୍କକୁ ହସ୍ତାନ୍ତର କରିଥିବା ସୂଚନା ମିଳିଛଇ। ଇଡିର ସୂଚନା ଅନୁସାରେ ମାଲ୍ୟା, ମୋଦୀ ଓ ଚୋକସିର ସମ୍ପତ୍ତି ବିକ୍ରି କରି ଏ ପର୍ଯ୍ୟନ୍ତ ସଂସ୍ଥା ମୋଟ୍ ୧୩,୧୦୯.୧୭ କୋଟି ଟଙ୍କା ଆଦାୟ କରିଛି। ସେହିପରି ବନ୍ଦ ପଡିଥିବା କିଙ୍ଗଫିସର ଏୟାରଲାଇନ୍ସର ମାଲିକ ବିଜୟ ମାଲ୍ୟାଙ୍କ ଉପରେ ବିଭିନ୍ନ ବ୍ୟାଙ୍କରେ ୯୦୦୦କୋଟି ଟଙ୍କାରୁ ଅଧିକ ଋଣ ରାଶି ବକେୟା ରହିଛି। ଏହା ବ୍ୟତୀତ ନିରବ ମୋଦୀ ଓ ମେହୁଲ ଚୋକସି ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ (ପିଏନବି)ର ଅର୍ଥ ହେରଫେର ଓ ଜାଲିଆତିର ମୁଖ୍ୟ ଅଭିଯୁକ୍ତ ହୋଇ ମଧ ବିଦେଶକୁ ଲୁଚି ପଳାଇଛନ୍ତି। ଉଭୟ ମୋଦୀ ଓ ଚୋକିସ ପିଏନବିରୁ ୧୩ ହଜାର କୋଟି ଟଙ୍କାରୁ ଉର୍ଦ୍ଧ୍ୱ ଅର୍ଥ ରାଶି ଋଣ ଆକାରରେ ନେଇ ଆଉ ସୁଝିବାର ନା ନେଉନଥିବାର ଅଭିଯୋଗ ରହିଛି। ପିଏନବି ମାମଲାରେ ପଳାତକ ଘୋଷିତ ହୋଇଥିବା ନିରବ ମୋଦୀ ମାମଲାରେ ଆର୍ଥିକ ଅପରାଧ ନ୍ୟାୟାଳୟଙ୍କ ଦ୍ୱାରା ବ୍ୟାଙ୍କକୁ ସମ୍ପତ୍ତି ଜବତ କରିବାକୁ ଅନୁମତି ମିଳିଥିଲା। ଏହି ଆଧାରରେ କିଛି ଦିନ ପୂର୍ବେ ଇଡି ଜବତ କରିଥିବା ପ୍ରାୟ ୩,୭୨୮.୬୪ କୋଟି ଟଙ୍କାର ସମ୍ପତ୍ତି ଏସବିଆଇ ନେତୃତାଧୀନ କନ୍ସୋର୍ଟିୟମ ସଂସ୍ଥାକୁ ହସ୍ତାନ୍ତର କରାଯାଇଛି। ସେହିଭଳି ମାଲ୍ୟା, ନିବର ମୋଦୀ ଓ ମେହୁଲ ଚୋକସି ବିଭିନ୍ନ ସାର୍ବଜନୀନ କ୍ଷେତ୍ରର ବ୍ୟାଙ୍କରୁ ନିଜ କମ୍ପାନୀ ମାଧ୍ୟମରେ ଅର୍ଥ ହେରାଫେରି କରି ବିଦେଶ ଫେରାର ହୋଇଯାଇଛନ୍ତି। ଏହି ୩ ପଳାତକଙ୍କ ଦ୍ୱାରା ୨୨,୫୮୫.୮୩ କୋଟି ଟଙ୍କାର ଋଣ ଜାଲିଆଲି ମାମଲା ରହିଛି।

# ମହାପ୍ରଭୁଙ୍କ ଅଳଙ୍କାର ପୁନଃ ନିର୍ମାଣ କରିବ ଖିମ୍‌ଜୀ

**ଭୁବନେଶ୍ୱର,୧୭।୭**

ଚଳିତ ବର୍ଷର ସୁନାବେଶ ଉପଲକ୍ଷେ ଜଗନ୍ନାଥ, ବଳଭଦ୍ର ଏବଂ ସୁଭଦ୍ରାଙ୍କ ପୁରୁଣା ଅଳଙ୍କାରଗୁଡ଼ିକର ପୁନଃ ନିର୍ମାଣ କରାଯିବ। ପୁଣିଥରେ ଏହି ଦାୟିତ୍ୱ ଓଡ଼ିଶାର ଅଗ୍ରଣୀ ଅଳଙ୍କାର ପ୍ରତିଷ୍ଠାନ ଖିମ୍‌ଜୀ ଜୁଏଲର୍ସକୁ ଶ୍ରୀଜଗନ୍ନାଥ ଟ୍ରଷ୍ଟ ପ୍ରଶାସନ ପକ୍ଷରୁ ପ୍ରଦାନ କରାଯାଇଛି। ଗତ ୧୨ବର୍ଷ ହେବ ଏଭଳି କାର୍ଯ୍ୟ ଖିମ୍‌ଜୀ ଜୁଏଲର୍ସଙ୍କୁ ଟ୍ରଷ୍ଟ ପକ୍ଷରୁ ପ୍ରଦାନ କରାଯାଉଛି। ରଥଯାତ୍ରା ଅବସରରେ ତିନିଠାକୁରଙ୍କ ଅଳଙ୍କାରଗୁଡିକ ପୁନଃ ନିର୍ମାଣ କରିବା ପରି ସମ୍ମାନଜନକ କାର୍ଯ୍ୟ କରିବାର ସୁଯୋଗ ମିଳୁଥିବାରୁ ଆମେ ଗର୍ବ ଅନୁଭବ କରୁଛୁ ବୋଲି ଖିମ୍‌ଜୀ ଜୁଏଲର୍ସର ନିର୍ଦ୍ଦେଶକ ସୁମିତ୍ ଖିମ୍‌ଜୀ କହିଛନ୍ତି। ଚଳିତ ବର୍ଷ ମଧ ମହାପ୍ରଭୁଙ୍କ ସେବା କରିବାର ସୁଯୋଗ ପାଇଥିବାରୁ ଏବଂ ମନ୍ଦିର କର୍ତ୍ତୃପକ୍ଷ ଠାକୁରଙ୍କ ଏଭଳି କାର୍ଯ୍ୟ ପାଇଁ ଆମ ଉପରେ ବିଶ୍ୱାସ ରଖିଥିବାରୁ ଆମେ ନିଜକୁ ଭାଗ୍ୟବାନ୍ ଏବଂ ପ୍ରଭୁଙ୍କ ଆଶୀର୍ବାଦ ବୋଲି ସୁମିତ ମତବ୍ୟକ୍ତ କରିଛନ୍ତି। ଠାକୁରଙ୍କ ଏହି ମହତ କାର୍ଯ୍ୟ କରିବାପାଇଁ ଖିମ୍‌ଜୀ ଜୁଏଲର୍ସ ପକ୍ଷରୁ ଅଭିଜ୍ଞ ସୁନା କାରିଗରମାନଙ୍କ ଏକ ଟିମ୍ ଶ୍ରୀମନ୍ଦିର ପରିସରରେ ଦୃଢ଼ ପର୍ଯ୍ୟବେକ୍ଷଣରେ ନିୟୋଜିତ ହୋଇଛନ୍ତି।

KHIMJI®
Jewellers since 1936

# ମିଶନ ଶକ୍ତି ସହ ହାତ ମିଳାଇଲା ଏଚ୍‌ଡିଏଫ୍‌ସି

**ଭୁବନେଶ୍ୱର,୧୭।୭**



ଓଡ଼ିଶାର ସ୍ୱୟଂସହାୟକ ଗୋଷ୍ଠୀଙ୍କୁ ସମର୍ଥନ କରିବା ପାଇଁ ଏଚ୍‌ଡିଏଫ୍‌ସି ବ୍ୟାଙ୍କ ମିଶନ ଶକ୍ତି ସହ ହାତ ମିଳାଇଛି। ଓଡ଼ିଶାରେ ମହିଳା ସଶକ୍ତୀକରଣ ପାଇଁ ଋଣ ଦେବାର ଏକ ବଡ଼ ପଦକ୍ଷେପ ବ୍ୟାଙ୍କ ପକ୍ଷରୁ ନିଆଯାଇଛି। ମିଶନ ଶକ୍ତି ଦ୍ୱାରା ପରିଚାଳିତ ସ୍ୱୟଂ ସହାୟତା ଗୋଷ୍ଠୀ ପାଇଁ ବ୍ୟାଙ୍କ ଗଞ୍ଜାମ, ଢେଙ୍କାନାଳ ଓ ମୟୁରଭଞ୍ଜ ଭଳି ଜିଲାର ୩ଟି ଆଚାର ପ୍ରସ୍ତୁତ କାରଖାନା ପାଇଁ ଆବଶ୍ୟକ ଅର୍ଥ ପ୍ରଦାନ କରିଛି। ଏକ ଭର୍ଚ୍ଚୁଆଲ କାର୍ଯ୍ୟକ୍ରମ ଜରିଆରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସ୍ୱୟଂ ସହାୟତା ଗୋଷ୍ଠୀର ସମସ୍ତ କାର୍ଯ୍ୟକୁ ପ୍ରଶଂସା କରିବା ସହ ଆଚାର ପ୍ରସ୍ତୁତି ୟୁନିଟ ପ୍ରତିଷ୍ଠା କରିବାରେ ସେମାନଙ୍କର ସଫଳ ଉଦ୍ୟମ ପାଇଁ ବିଭିନ୍ନ ଗୋଷ୍ଠୀଙ୍କୁ ମୁଖ୍ୟମନ୍ତ୍ରୀ ଉତ୍ସାହିତ କରିଥିଲେ। ଏହି ୟୁନିଟ କାର୍ଯ୍ୟକ୍ଷମ ପାଇଁ ଋଣ ଯୋଗାଇ ଦେଇଥିବା ଏଚଡିଏଫସି ବ୍ୟାଙ୍କର ଉଦ୍ୟମକୁ ମଧ ପ୍ରଶଂସା କରି ବ୍ୟାଙ୍କ କର୍ତ୍ତୃପକ୍ଷକୁ ଧନ୍ୟବାଦ ଜଣାଇଥିଲେ। ଏହି ପରିପ୍ରେକ୍ଷୀରେ ମିଶନ ଶକ୍ତି କମିଶନର ସୁଜାତା କାର୍ତ୍ତିକେୟନ ମଧ ଯୋଗ ଦେଇ ସମସ୍ତ ଗୋଷ୍ଠୀଙ୍କ ଉଦ୍ୟମ କୁ ପ୍ରଶଂସା କରିବା ସହ ଆଗକୁ ଯିବା ପାଇଁ ଉତ୍ସାହିତ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ୩ ଜିଲାର ଜିଲାପାଳଙ୍କ ବହୁ ବରିଷ୍ଠ ଅଧିକାରୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏହି ଅବସରରେ ଏଚଡିଏଫସିର ବରିଷ୍ଠ ଉପସଭାପତି ତଥା ରାଜ୍ୟ ମୁଖ୍ୟ ଦିପକ କୁମାର ସିଂ କହିଛନ୍ତି ଯେ ଓଡିଶାର ମିଶନ ଶକ୍ତି ସହ ଭାଗୀଦାରୀ କରି ବ୍ୟାଙ୍କ ସର୍ବଦା ଏହି ମହିଳା ଗୋଷ୍ଠୀ ମାନଙ୍କୁ ଆବଶ୍ୟକ ସହାୟତା ଓ ସହଯୋଗ ପ୍ରଦାନ କରିବ। ବ୍ୟାଙ୍କ ସାରା ଦେଶରେ ମହିଳାଙ୍କ ବିକାଶ ଦିଗରେ କାର୍ଯ୍ୟ କରୁଛି ଯାହା ଆଗାମୀ ଦିନରେ ମଧ ଜାରି ରହିବ ବୋଲି ସେ ମତବ୍ୟକ୍ତ କରିଛନ୍ତି ।

# ପୋଷ୍ଟ ଅଫିସ୍‌ରେ ହେବ ଆୟକର ରିଟର୍ନ

**ଭୁବନେଶ୍ୱର,୧୭।୭**

ଦେଶର ସମସ୍ତ କରଦାତାଙ୍କ ପାଇଁ ରିଟର୍ନ ଦାଖଲ କରିବା ପ୍ରକ୍ରିୟାକୁ ଆହୁରି ସରଳ କରିଛି ଆୟକର ବିଭାଗ। ବର୍ତ୍ତମାନ କରଦାତା ନିକଟରେ ଥିବା ଡାକଘରେ ସେମାନଙ୍କର ଆୟକର ରିଟର୍ନ (ଆଇଟିଆର୍) ଦାଖଲ କରିପାରିବେ ବୋଲି କୁହାଯାଇଛି। ଏହା ପୂର୍ବରୁ ୧୪ ଜୁଲାଇରେ ଇଣ୍ଡିଆ ପୋଷ୍ଟ ପକ୍ଷରୁ ଟୁଇଟ୍ କରି ଏନେଇ ମଧ ସୂଚନା ଦିଆଯାଇଥିଲା। ଦେଶବ୍ୟାପୀ ଥିବା ଡାକଘରର ସିଏସ୍‌ସି କାଉଣ୍ଟରରେ ଲୋମାନଙ୍କୁ ଡାକ, ବ୍ୟାଙ୍କିଙ୍ଗ୍ ଏବଂ ବୀମା ଭଳି ସେବା ମିଳିପାରୁଛି। ଏହା ସହ ସରକାର ଡିଜିଟାଲ ଇଣ୍ଡିଆ କାର୍ଯ୍ୟକ୍ରମ ମାଧ୍ୟମରେ ଲୋକମାନଙ୍କୁ ଅନ୍ୟ ଇଲେକ୍‌ଟ୍ରୋନିକ୍ସ ସେବା ମଧ ପ୍ରଦାନ କରୁଛନ୍ତି। କରଦାତା ନୂଆ ଆୟକର ୱେବ୍‌ସାଇଟ୍ ବ୍ୟତୀତ ଡାକଘର ସିଏସ୍‌ସିର ବ୍ୟବହାର କରିପାରିବେ ବୋଲି ବିଭାଗ କହିଛି। କିଛି ଟ୍ୟାକ୍ସ ପେୟର ଇଣ୍ଟରନେଟ୍ ବ୍ୟବହାର କରିବାକୁ ଇଚ୍ଛା ପ୍ରକାଶ କରୁ ନ ଥିବାରୁ ସେମାନଙ୍କ ପାଇଁ ପୋଷ୍ଟ ଅଫିସ୍ ସିଏସ୍‌ସି ସେବା ବେଶ୍ ସହାୟକ ହେବ। ଏହା ପୂର୍ବରୁ ୭ ଜୁନ୍‌ରେ ନୂଆ ଆୟକର ପୋର୍ଟାଲ ମଧ ଲଞ୍ଚ ହୋଇଛି।

# ଅଗଷ୍ଟ ୧ରୁ ଜେ.ପି. ହୃଦୟାମିତ୍ର

**ରାଉରକେଲା,୧୭।୭**

## ଜେପି ହସ୍ପିଟାଲର ସିଏସ୍‌ଆର୍ କାର୍ଯ୍ୟକ୍ରମ

ରାଉରକେଲାର ଅଗ୍ରଣୀ ଘରୋଇ ଚିକିତ୍ସାଳୟ ଜୟପ୍ରକାଶ ହସ୍ପିଟାଲ ଆଣ୍ଡ ରିସର୍ଚ୍ଚ ସେଣ୍ଟର ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ଅଗଷ୍ଟ ୧ରୁ ଜେ.ପି. ହୃଦୟାମିତ୍ର ନାମକ ଏକ ପ୍ରକଳ୍ପର ଶୁଭାରମ୍ଭ କରାଯାଉଛି। ଏହି ପ୍ରକଳ୍ପ ଜରିଆରେ ସମସ୍ତ ଗରିବ ଶ୍ରେଣୀର ଲୋକଙ୍କୁ ମାଗଣାରେ କାର୍ଡିଆକ୍ ସର୍ଜରି ଯୋଗାଇବା ପାଇଁ ଜେ.ପି. ହସ୍ପିଟାଲ ପକ୍ଷରୁ ଏଭଳି ଏକ ଅଭିନବ ପ୍ରୟାସ ଏବଂ କର୍ପୋରେଟ ସାମାଜିକ ଦାୟିତ୍ୱବୋଧ (ସିଏସ୍‌ଆର୍) କାର୍ଯ୍ୟକ୍ରମର ଏକ ପଦକ୍ଷେପ ଗ୍ରହଣ କରାଯାଇଛି। କୌଣସି ଆର୍ଥିକ ସହାୟତା ପାଉ ନ ଥିବା ଲୋକ ଯେଉଁମାନେ କି ଅତି ଗୁରୁତର ହୃଦ୍‌ରୋଗରେ ପୀଡ଼ିତ, ସେମାନଙ୍କୁ ସାହାଯ୍ୟ କରିବା ପାଇଁ ଜେପି ହସ୍ପିଟାଲର ସିଏସ୍‌ଆର୍ ପ୍ରୋଜେକ୍ଟ ଜେପି ହୃଦୟାମିତ୍ରର ଶୁଭାରମ୍ଭ ବୋଲି ମେଡିକାଲ କର୍ତ୍ତୃପକ୍ଷଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଏହା ଜରିଆରେ ଓଡ଼ିଶାର ଲୋକମାନଙ୍କ ପାଇଁ କାର୍ଡିଆକ୍ ସୁପର ସ୍ପେଶାଲିଷ୍ଟ ଡା.ଜାଭେଦ୍ ଭି. ସାଡିକ୍ ଏବଂ ଏ ସମ୍ପର୍କରେ ଜେପି ହସ୍ପିଟାଲର ଚେୟାରମ୍ୟାନ୍ ସଞ୍ଜୟ ବଂଶାଲ କହିଛନ୍ତି, ଆମେ ଏକମାତ୍ର ସ୍ୱଳ୍ପ ମୂଲ୍ୟର ମଲ୍ଟି ସ୍ପେଶାଲିଟି ହସ୍ପିଟାଲ ଏବଂ ସମସ୍ତଙ୍କୁ ସୁଲଭ ମୂଲ୍ୟରେ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଯୋଗାଇଦେବା ସହ ସିଏସ୍‌ଆର୍ ଜରିଆରେ ଅନେକ କାର୍ଯ୍ୟ ଜାରି ରଖିଛୁ । ସେହିଭଳି ପରିଚାଳନା ନିର୍ଦ୍ଦେଶକ ଡା. ଚନ୍ଦନ ବଂଶାଲ କହିଛନ୍ତି, ରାଉରକେଲାରେ ଏକ ଓପନହାର୍ଟ ସର୍ଜରି ଅନେକଙ୍କ ପାଇଁ ସ୍ୱପ୍ନ ଥିଲା, କିନ୍ତୁ ଆମେ ତାହାକୁ ସମ୍ଭବ କରିଛୁ ଏବଂ ସମୟକ୍ରମେ ଆମେ ଜେପି ହସ୍ପିଟାଲକୁ ଗୁଣାତ୍ମକ ଚିକିତ୍ସା ସହ ଏକ ହବ୍ କରିବା ଦିଗରେ ପ୍ରତିବଦ୍ଧ ରହିଛୁ। ସେହିଭଳି ଗରିବ ରୋଗୀଙ୍କ ପାଇଁ ହସ୍ପିଟାଲ ପକ୍ଷରୁ ଅନେକ ସୁବିଧା ପ୍ରଦାନ କରାଯାଉଛି।

## ଫୁରସତ୍

# ଦାରିଦ୍ର୍ୟ ମୁକାବିଲା ପାଇଁ ଏକାଠି ହେବା




## ଆଜି ନେଲ୍‌ସନ ମଣ୍ଡେଲା ଦିବସ

**ନୂଆଦିଲ୍ଲୀ:** ସମଗ୍ର ବିଶ୍ୱରେ ଦାରିଦ୍ର୍ୟ ସହ ମୁକାବିଲା, ସାଂସ୍କୃତିକ ବିବିଧତା ଓ ସାମାଜିକ ନ୍ୟାୟକୁ ପ୍ରୋତ୍ସାହିତ କରିବା ସହ ସମାଜରେ ଶାନ୍ତି ପ୍ରତିଷ୍ଠା ପାଇଁ ଲୋକେ ଏକାଠି ହେବା ଆବଶ୍ୟକ। ଜନସାଧାରଣଙ୍କ ମନରେ ଏହି ଧାରଣା ଉଦ୍ରେକ ଓ ଉତ୍ସାହ ଭରିବା ପ୍ରୟାସରେ ଉତ୍ସର୍ଗୀକୃତ ଦିନଟିଏ। ପ୍ରତିବର୍ଷ ଜୁଲାଇ ୧୮ରେ ପାଳନ ହେଉଥିବା ଏହି ଦିନଟି ଅନ୍ତର୍ଜାତୀୟ ନେଲ୍‌ସନ ମଣ୍ଡେଲା ବା ମାଣ୍ଡେଲା ଦିବସ ଭାବେ ଜଣାଶୁଣା। ଏହାକୁ ୬୭ ମିନିଟ୍ ମଣ୍ଡେଲା ଦିବସ ମଧ କୁହାଯାଇଥାଏ। ସାମାଜିକ ନ୍ୟାୟ ପାଇଁ ଦକ୍ଷିଣ ଆଫ୍ରିକାର ପୂର୍ବତନ ରାଷ୍ଟ୍ରପତି ତଥା ସ୍ୱାଧୀନତା ସଂଗ୍ରାମୀ ମଣ୍ଡେଲାଙ୍କ ଦୀର୍ଘ ୬୭ ବର୍ଷର ଅବିରତ ସଂଗ୍ରାମକୁ ଏହା ଦର୍ଶାଇଥାଏ। ମଣ୍ଡେଲାଙ୍କ ଜନ୍ମଦିନରେ ପ୍ରତ୍ୟେକ ଲୋକଙ୍କୁ ଦିନକୁ ଅତି କମ୍‌ରେ ୧ ମିନିଟ୍ ଭାବେ ମୋଟ ୬୭ ମିନିଟ୍ ନିଜ ଦେଶ ପାଇଁ କିଛି ଭଲ କାମ କରିବାକୁ ଏହି ଦିବସରେ ପ୍ରୋତ୍ସାହିତ କରାଯାଇଥାଏ।

୨୦୦୯ ନଭେମ୍ବରରେ ଜାତିସଂଘ ମଣ୍ଡେଲାଙ୍କ ଜନ୍ମଦିନକୁ ପାଳନ ପାଇଁ ଘୋଷଣା କରିଥିଲା। ୨୦୧୦ ଜୁଲାଇ ୧୮ରେ ପ୍ରଥମ କରି ନେଲ୍‌ସନ ମାଣ୍ଡେଲା ଦିବସ ପାଳନ କରାଯାଇଥିଲା। ନୂଆ ହାତଗୁଡ଼ିକ ଏବେ ଭାର ଉଠାଇବାର ସମୟ ଆସିଛି ବୋଲି ୯୦ ତମ ଜନ୍ମଦିନ ଅବସରରେ ମଣ୍ଡେଲା କହିଥିଲେ। ମାନବ ସେବାରେ ଜୀବନ ଉତ୍ସର୍ଗ କରିଥିବା ଲୋକଙ୍କୁ ପୁରସ୍କୃତ କରିବାକୁ ୨୦୧୪ରେ ଜାତିସଂଘ ସାଧାରଣ ସଭାରେ ନେଲ୍‌ସନ ମଣ୍ଡେଲା ପୁରସ୍କାର ପ୍ରଦାନ ପାଇଁ ଘୋଷଣା କରାଯାଇଥିଲା। 'ଗୋଟିଏ ହାତ ଅନ୍ୟକୁ ଖାଦ୍ୟ ଯୋଗାଇପାରିବ' ବୋଲି ଚଳିତ ବର୍ଷ ଏହି ଦିବସର ଥିମ୍ ରହିଛି। ଦୁନିଆରେ କେହି ଜଣେ ବି ଭୋକରେ ଜୀବନ ନ ହାରନ୍ତୁ ବୋଲି ଶପଥ ନେଇ ପ୍ରତ୍ୟେକ ବ୍ୟକ୍ତି ପ୍ରୟାସ କରିବାକୁ ଚଳିତ ବର୍ଷ ମଣ୍ଡେଲା ଦିବସର ଲକ୍ଷ୍ୟ ରହୁ ବୋଲି ଆହ୍ୱାନ ଦିଆଯାଇଛି।

# ପ୍ରେମରେ ହାତ କାଟିଥିଲେ ସୈଫ



**ବମ୍ବେ:** ଅଭିନେତା ସୈଫ ଅଲ୍ଲୀ ଖାନ-କରିନା କପୁର ବଲିଉଡ଼ର ଚର୍ଚ୍ଚିତ ଯୋଡ଼ି ମଧ୍ୟରୁ ଅନ୍ୟତମ। ପଟୌଦୀ ପରିବାରର ଦଶମ ନବାବ ସୈଫ ୧୯୯୨ରେ ଫିଲ୍ମ 'ବେଖୁଦି'ରୁ ନିଜ ଅଭିନୟ ଜୀବନ ଆରମ୍ଭ କରିଥିଲେ। ୨୦୧୨ରେ କରିନା କପୁରଙ୍କୁ ଦ୍ୱିତୀୟ ବିବାହ କରିବାକୁ ନେଇ ସେ ଚର୍ଚ୍ଚାକୁ ଆସିଥିଲେ। 'ଟଶନ' ଫିଲ୍ମ ଶୁଟିଂ ବେଳେ ଉଭୟଙ୍କ ଲଭ୍‌ଷ୍ଟୋରି ଆରମ୍ଭ ହୋଇଥିଲା। ଗ୍ରୀସ୍‌ରେ ଶୁଟିଂ ଚାଲୁଥିବା ସମୟରେ ସୈଫଙ୍କ ଜଣେ ବନ୍ଧୁ କରିନାଙ୍କ ପାଇଁ କ'ଣ କରିପାରିବ ବୋଲି ପ୍ରଶ୍ନ କରିଥିଲେ। ଏହାର ଜବାବରେ ସୈଫ ହାତ କାଟି ଦେଇଥିଲେ। ଏହା ଦେଖି ବନ୍ଧୁ ଚିନ୍ତାରେ ପଡ଼ିଯାଇଥିଲେ। ଏବେ ସଫଳ ବୈବାହିକ ଜୀବନ କାଟୁଛନ୍ତି ସୈଫ। କରିନା ପୁଣି ଥରେ ମା' ହୋଇଛନ୍ତି। ସେ ପୁଣି ଥରେ ପୁତ୍ର ସନ୍ତାନକୁ ଜନ୍ମ ଦେଇଛନ୍ତି। ନିକଟରେ ତାଙ୍କ ନାମ ଭାଇରାଲ ହୋଇଥିଲା। ତୈମୁର ପରେ ଦ୍ୱିତୀୟ ପୁଅର ନାମ ଜେହ ରଖିଛନ୍ତି।



ଧ-୨୧୧୦୨

# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

## ମନେ ପଡ଼ନ୍ତି



Dear ANKITA
Gods best gift to us was you, its been 12 years since u left us, life is not the same now. Miss you...
Babal and Mumma and all your Loved ones.
ଧ-୨୧୧୦୬

ଚତୁର୍ଦ୍ଦଶ ଶ୍ରାଦ୍ଧବାର୍ଷିକ



ସ୍ୱର୍ଗତ କୃଷ୍ଣଚନ୍ଦ୍ର ସାହୁ
ଗୌଡ଼ବାଡ଼ ସାହି, ପୁରୀ
ଆବିର୍ଭାବ: ତା୦୫।୦୬।୧୯୭୪
ତିରୋଧାନ: ତା୧୮।୦୭।୨୦୦୭
ଚାହୁଁ ଚାହୁଁ ୧୪ବର୍ଷ ବିତିଗଲା। ଆପଣଙ୍କ ଜୀବନ୍ତ ସ୍ମୃତି ଆଜି ବି ଆମ ମନରେ ଅପାସୋରା, ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣରେ ଭକ୍ତିପୂତ ପ୍ରାର୍ଥନା।
ଶୋକସନ୍ତପ୍ତ:
ଧର୍ମପତ୍ନୀ, ଝିଅ: ଗୁଡ୍‌ଲି, ଲାଡ୍‌ଲୀ, ବନ୍ଧୁ ଓ ପରିବାରବର୍ଗ
ଧ-୬୮୮୭୩

ଷୋଡ଼ଶ ଶ୍ରାଦ୍ଧବାର୍ଷିକୀ



ଁ ଇଂ. ରବୀନ୍ଦ୍ରନାଥ ଜଗଦେବ
କଳ୍ପନା ଏରିଆ, ଭୁବନେଶ୍ୱର-୬
ତିରୋଧାନ: ୧୭।୦୭।୨୦୦୫
(ନବମୀ ତିଥି)
ଆପଣଙ୍କ ପ୍ରେରଣା, ଭଲପାଇବା, ଆଶୀର୍ବାଦ, ସଦିଚ୍ଛା ସଦାସର୍ବଦା ଆମ ଜୀବନର ପଥ ପ୍ରଦର୍ଶକ ହେଉ।
ଶୋକସନ୍ତପ୍ତ:
ପରିବାରବର୍ଗ ଓ ଆତ୍ମୀୟ ସ୍ୱଜନ
ଧ-୨୧୦୮୯

# ଆଖି ୪, ଓଠ ୫

**ନୂଆଦିଲ୍ଲୀ:** ଗୋଟିଏ ମୁହଁରେ ୪ଟି ଆଖି ଏବଂ ୫ଟି ଓଠ। ଏକଥା ଶୁଣିଲେ ଯେ କେହି ବି ଆଶ୍ଚର୍ଯ୍ୟ ହୋଇଯିବ। ଏନ୍‌ବିଏ (ନ୍ୟାଶନାଲ୍ ବାସ୍କେଟବଲ୍ ଆସୋସିଏଶନ୍)ର ପୂର୍ବତନ ଖେଳାଳି ରେକ୍ସ ଚାପମ୍ୟାନ୍ ଟୁଇଟରରେ ଏକ ଭିଜୁଆଲ ଶେୟାର କରିଛନ୍ତି, ଯେଉଁଥିରେ ଏଭଳି ଏକ ଅଜବ ଭିଡିଓ ଦେଖିବାକୁ ମିଳିଛି। ମିମି ଚୋଇ ନାମକ ମେକ୍‌ଅପ୍ ଆର୍ଟିଷ୍ଟ ଜଣେ ଯୁବତୀଙ୍କ ମୁହଁରେ ଏଭଳି ଏକ ଫେସ୍ ଆର୍ଟ କରିଛନ୍ତି, ଯାହା ଦେଖିଲେ ଆଶ୍ଚର୍ଯ୍ୟ ଲାଗୁଛି। ଆର୍ଟିଷ୍ଟ ଜଣକ ଯୁବତୀଙ୍କ ମୁହଁରେ ଏକ ସ୍ୱତନ୍ତ୍ର ଷ୍ଟାଇଲ୍‌ରେ କସ୍‌ମେଟିକ୍ ମାଧ୍ୟମରେ ଏକାଧିକ ଆଖି

## ଅଜବ ଫେସ୍ ଆର୍ଟ



ଓ ଓଠ କରିଛନ୍ତି। ଗୋଟିଏ ମୁହଁରେ ଅତି ସୁନ୍ଦର ଭାବରେ ଏତେଗୁଡ଼ିଏ ଆଖି ଓ ଓଠ କରିଛନ୍ତି। ସେ ଏପରି ଭାବରେ ଓଠ ଏବଂ ଆଖିର ପେଣ୍ଟିଂ କରିଛନ୍ତି ଯେ ଦେଖିବା ଲୋକେ ଅସଲି ଆଖି ଏବଂ ଅସଲି ଓଠକୁ ମଧ ସହଜରେ ଚିହ୍ନିପାରିବେ ନାହିଁ। ତେଣୁ ଏହି ଭିଡିଓଟିକୁ ଦେଖିବା ପାଇଁ ଏବେ ଲୋକଙ୍କର ଆକର୍ଷଣ ବଢ଼ିବାରେ ଲାଗିଛି। ସୋସିଆଲ ମିଡିଆରେ ଭିଡିଓକୁ ଲକ୍ଷ ଲକ୍ଷ ଲୋକ ଦେଖି ସାରିଲେଣି।

GALAXY TOWER COMPANY



ଭାରତ ସରକାର ଦ୍ୱାରା ସ୍ୱୀକୃତିପ୍ରାପ୍ତ ନିଜ ଛାତ, ଜମି, କ୍ଷେତ ଏବଂ ଖାଲି ସ୍ଥାନ ମାନଙ୍କରେ 4G/5G ର Digital Mobile Network ଲଗାନ୍ତୁ।
ଧୋକାବାଜ କମ୍ପାନୀ ରୁ ସାବଧାନ ରୁହନ୍ତୁ
Advance : 60 Lakh
ଭଡା : ୪୫,୦୦୦/- ମାସିକ, ଚାକିରି, ଦରମା : ୨୦,୦୦୦/- (PF+ESI) +ଏକ ବାଇକ
7589604782
8004034927

ମୋବାଇଲ ଟାୱାର
ସେଣ୍ଟ୍ରାଲ ଟାୱାର
ଭାରତର ନଂ.1 କମ୍ପାନୀ
ଦ୍ୱାରା ନିଜର ଖାଲି ଜମି, ଛାତ, ପ୍ଲଟ୍, ଖେତରେ 4G-5G ମୋବାଇଲ ଟାୱାର୍ ଲଗାନ୍ତୁ
ଅଗ୍ରିମ 60 ଲକ୍ଷ
ଭଡ଼ା 25,000
ଅନ୍ୟାନ୍ୟ ଦେୟ 25,000 + ବାଇକ୍
07307631518
07307623889

ଲୋନ୍ ଧମାକା
2% ସୁଧ, 50% ଛାଡ
ମହିଳାଙ୍କ ନିମନ୍ତେ ବିଶେଷ ଛାଡ
COVID-19 ମହାମାରୀ ସମୟରେ ସମସ୍ତଙ୍କୁ ୧ଲକ୍ଷ ରୁ ୯୦ଲକ୍ଷ ପର୍ଯ୍ୟନ୍ତ ଲୋନ୍ ଯୋଗାଇ ଦିଆଯାଉଛି। ପର୍ସନାଲ୍ ଲୋନ୍, ସମ୍ପତ୍ତି ଲୋନ୍, ହୋମ୍ ଲୋନ୍, ଏଗ୍ରିକଲ୍‌ଚରାଲ୍ କିମ୍ବା ପଶୁପାଳନ ନିମନ୍ତେ ସବୁ ପ୍ରକାରର ଲୋନ୍ ଉପଲବ୍ଧ। ଘରେ ବସି Online ମାଧ୍ୟମରେ ସୁବିଧାରେ ଲୋନ୍ ର ଲାଭ ଉଠାନ୍ତୁ।
ମୁଦ୍ରା ଫାଇନାନ୍ସ
9999268493
7310635591

ବାବା ଅମିଲ୍ ସୁଫି
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସମ୍ପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୂଠକଣି



A To Z Problem Solution
କଳାଯାଦୁର ଅଧିକାରୀ
9911436726
8800979262

BANSAL TOWER COMPANY
GOVT APPROVED COMPANY
ଦ୍ୱାରା ମାନ୍ୟତା ପ୍ରାପ୍ତ ନିଜର ଖାଲି ଥିବା ଜମି, କ୍ଷେତ, ଛାତ ଏବଂ ଖାଲି ସ୍ଥାନ ମାନଙ୍କରେ 4G/5G ଟାୱାର ଲଗାନ୍ତୁ।
FAKE COMPANY ଠାରୁ ସାବଧାନ ରୁହନ୍ତୁ।
Advance: 60 Lakhs
ମାସିକ ଭଡା: ୪୫୦୦୦
ଏବଂ ଜଣଙ୍କୁ ଚାକିରି ଦିଆଯିବ।
Contact-
7376459854 / 9518817448

ALL EDITION - B/W (Everyday)
for Booking Contact:
0674-2580385
8637280816, 9338757574
7894447167, 9338226625

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ପର୍ସନାଲିଟି ଗ୍ରୁମିଂ



ଅଭୀପ୍ସା



ବିଶ୍ୱଜିତ୍



ବର୍ତ୍ତମାନ ଅଧିକାଂଶ କ୍ଷେତ୍ରରେ ଆଗକୁ ବଢ଼ିବା ଲାଗି ପର୍ସନାଲିଟି ଗ୍ରୁମିଂର ଆବଶ୍ୟକତା ରହିଛି। କାରଣ ଏକ ଭଲ ପର୍ସନାଲିଟି ବିନା ଜବ୍ କ୍ଷେତ୍ରରେ ପଦୋନ୍ନତି ବି କଷ୍ଟକର ହୋଇପଡୁଛି। ତେଣୁ ପ୍ରତ୍ୟେକଙ୍କୁ ବିଶେଷକରି ଯୁବପିଢ଼ିଙ୍କୁ ଏ ଦିଗରେ ସଚେତନ ହେବା ଆବଶ୍ୟକ। ଜାଣିରଖନ୍ତୁ ଏ ସମ୍ପର୍କରେ...

**ବ୍ୟକ୍ତିତ୍ୱର ବିକାଶ କରନ୍ତୁ :** ଅନେକଙ୍କ ମନରେ ଏକ ଧାରଣା, ସୁନ୍ଦର ଏବଂ ଆକର୍ଷଣୀୟ ଚେହେରା, ଭଲ ମେକ୍ଅପ୍ କିମ୍ବା ଭଲ ପୋଷାକ ଥିଲେ ପର୍ସନାଲିଟି ଭଲ ହୋଇଥାଏ। ହେଲେ ବାସ୍ତବରେ ଅତି ସାଧାରଣ ଦେଖାଯାଉଥିବା ମଣିଷ ମଧ୍ୟ ଅସାଧାରଣ ବ୍ୟକ୍ତିତ୍ୱର ଅଧିକାରୀ ହୋଇପାରନ୍ତି, ଯାହାଙ୍କ ପର୍ସନାଲିଟିକୁ ସଭିଏଁ ସମ୍ମାନ ଦେଇଥା'ନ୍ତି ଏବଂ ତାଙ୍କୁ ଅନୁକରଣ ମଧ୍ୟ କରିଥା'ନ୍ତି। ଉଦାହରଣ ସ୍ୱରୂପ ଆମ ପୂର୍ବତନ ରାଷ୍ଟ୍ରପତି ଡକ୍ଟର ଏ.ପି.ଜେ. ଅବ୍ଦୁଲ କଲାମଙ୍କୁ ନେଇପାରିବା, ଯିଏକି ଅନନ୍ୟ କାର୍ଯ୍ୟକଳାପ ଦ୍ୱାରା ନିଜର ପର୍ସନାଲିଟିର ଛାପ ଛାଡ଼ିଯାଇଛନ୍ତି। କହିବାର ତାତ୍ପର୍ଯ୍ୟ, ପ୍ରତିଟି ମଣିଷ ପାଖରେ କିଛି ନା କିଛି ଖାସ୍ ଗୁଣ ଲୁଚି ରହିଥାଏ, ଯାହାକି ତାକୁ ଅନ୍ୟଠୁ ସ୍ୱତନ୍ତ୍ର କରିଥାଏ। ତେଣୁ ପର୍ସନାଲିଟିକୁ ବିକଶିତ କରିବାକୁ ହେଲେ ନିଜ ପାଖରେ ଥିବା ସେହି ସ୍ୱତନ୍ତ୍ର ଗୁଣକୁ ଚିହ୍ନି ଏହାକୁ ବୃଦ୍ଧି କରିବାକୁ ଚେଷ୍ଟା କରନ୍ତୁ। ନିଜର କାର୍ଯ୍ୟଦକ୍ଷତା ସହ ଆଚାର ବ୍ୟବହାରକୁ ମଧ୍ୟ ସୁନ୍ଦର ଏବଂ ମାର୍ଜିତ କରନ୍ତୁ।

**ରଖନ୍ତୁ ଡ୍ରେସିଂ ସେନ୍ସ:** ପର୍ସନାଲିଟି ବଢ଼ାଇବା ଲାଗି ନିଜ ପ୍ରଫେସନ୍ ଅନୁଯାୟୀ ପୋଷାକ ଚୟନ କରିବା ଏବଂ ମେକ୍ଅପ୍ ନେବା ଏକ ଗୁରୁତ୍ୱପୂର୍ଣ୍ଣ କଥା। କାରଣ ପ୍ରତ୍ୟେକ କ୍ଷେତ୍ରରେ ଭିନ୍ନଭିନ୍ନ ପରିବେଶ, ପରିପାଟୀ ରହିଛି; ଯାହା ସହିତ ତାଳ ଦେଇ ଚାଲିବା ଜଣେ ଦକ୍ଷ କର୍ମଚାରୀର ପରିଚୟ। ନଚେତ୍ ପୋଷାକକୁ ନେଇ ଆପଣଙ୍କୁ ନା କେବଳ ପରିହାସ ହେବାକୁ ପଡ଼ିବ ବରଂ ବ୍ୟକ୍ତିତ୍ୱ ଉପରେ ଆଞ୍ଚ ମଧ୍ୟ ଆସିବ। ଠିକ୍ ସେହିପରି ନିଜ ପ୍ରଫେସନ୍‌ର ଆବଶ୍ୟକତା ଅନୁଯାୟୀ ଲାଇଟ୍ କିମ୍ବା ହେଭି ମେକ୍ଅପ୍ ନିଅନ୍ତୁ। ମନେରଖନ୍ତୁ, ଅଫିସିଆଲ୍ ଗେଟ୍ଅପ୍‌ରେ ହାଲୁକା ମେକ୍ଅପ୍ ସୋଭର ଲୁକ୍ ଦେଇଥାଏ ଏବଂ ପର୍ସନାଲିଟିକୁ ଆକର୍ଷଣୀୟ କରାଇଥାଏ।

**ବଡି ଲାଙ୍ଗୁଏଜ୍‌ର ଭୂମିକା ଗୁରୁତ୍ୱପୂର୍ଣ୍ଣ:** ବ୍ୟବହାର ଏବଂ କଥାବାର୍ତ୍ତା ମଧ୍ୟ ମଣିଷ ପର୍ସନାଲିଟିର ପରିଚୟ ଦେଇଥାଏ। ତେଣୁ କିଛି କହିବା ପୂର୍ବରୁ ପ୍ରଥମେ ସ୍ଥାନ, କାଳ, ପାତ୍ର ଉପରେ ଧ୍ୟାନ ଦିଅନ୍ତୁ। କୌଣସି ବି ପରିସ୍ଥିତିରେ ଏଭଳି କିଛି କଥା କୁହନ୍ତୁ ନାହିଁ, ଯାହା ଆପଣଙ୍କ ବ୍ୟକ୍ତିତ୍ୱ ଉପରେ ଆଞ୍ଚ ଆଣିବ। ତେଣୁ ନିଜ କହିବା ଶୈଳୀ ଏପରି ରଖନ୍ତୁ, ଯାହାକି ଅନ୍ୟମାନଙ୍କୁ ଆପଣଙ୍କ ପର୍ସନାଲିଟି ଆଡ଼କୁ ଆକର୍ଷିତ କରିବ। କିଭଳି ଠିଆ ହେବା, ଚାଲିବା, ବସିବା, କଥା ହେବା ବେଳେ ଲାଜ କରିବା କିମ୍ବା ନର୍ଭସ ହେବା, ନଖ କାମୁଡ଼ିବା ଆଦି ପରିବର୍ତ୍ତେ ନ ଡରି ଭଦ୍ରାମିର ସହ ଆଇ କଣ୍ଟାକ୍ଟ ରଖି କଥା ହେବା, ବାରମ୍ବାର ହାତ କିମ୍ବା ଗୋଡ଼ ନ ହଲାଇବା ଆଦି ବିଭିନ୍ନ ଶିଷ୍ଟାଚାର ରକ୍ଷାକରିବା ପ୍ରତି ଗୁରୁତ୍ୱ ଦିଅନ୍ତୁ।

**ପର୍ସନାଲ୍ ହାଇଜିନ୍ ମଧ୍ୟ ଆବଶ୍ୟକ:** ପରିଷ୍କାର ପରିଚ୍ଛନ୍ନ ରହିବା ମଧ୍ୟ ଜଣଙ୍କ ଉତ୍ତମ ବ୍ୟକ୍ତିତ୍ୱର ମାପକାଠି ହୋଇଥାଏ। ତେଣୁ ପୋଷାକ, ଜୋତା, ବ୍ୟାଗ୍ ଆଦି ଠାରୁ ଆରମ୍ଭ କରି ନିଜ ନଖ, କେଶ ପ୍ରଭୃତି ଶରୀର ପର୍ଯ୍ୟନ୍ତ ପରିଷ୍କାର ରଖିବା ଆବଶ୍ୟକ।

**–ପୌର୍ଣ୍ଣମାସୀ**

**ଆକର୍ଷଣୀୟ ବ୍ୟକ୍ତିତ୍ୱ ନା କେବଳ ଅନ୍ୟମାନଙ୍କ ମନରେ ଏକ ସକାରାତ୍ମକ ପ୍ରଭାବ ପକାଇଥାଏ, ବରଂ କ୍ୟାରିୟରରେ ସଫଳ ହେବାର ମାର୍ଗ ସୁଗମ କରିଥାଏ। ତେଣୁ ବିଶେଷକରି ଯୁବପିଢ଼ିଙ୍କ ଠାରେ ପର୍ସନାଲିଟି ଗ୍ରୁମିଂର ଆବଶ୍ୟକତା ଢେର ଅଧିକ...**



## ସଫଳତାର ମାର୍ଗ ସରଳ କରେ



ମଣିଷର ପର୍ସନାଲ ହେଉ ଅବା ପ୍ରଫେସନାଲ୍ ଲାଇଫ୍‌ରେ ପର୍ସନାଲ୍ ଗ୍ରୁମିଂର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ। କାରଣ ଏହା ଅନ୍ୟମାନଙ୍କ ସମ୍ମୁଖରେ ଜଣଙ୍କ ବ୍ୟକ୍ତିତ୍ୱର ପରିଚୟ ଦେଇଥାଏ ଏବଂ ଆଗକୁ ବଢ଼ିବାର ମାର୍ଗ ସରଳ କରିଥାଏ। ତେବେ ପ୍ରଥମେ ଜାଣିବା ଦରକାର ପର୍ସନାଲ ଗ୍ରୁମିଂ କ'ଣ? ଅନେକେ ଭାବନ୍ତି, ପର୍ସନାଲ୍ ଗ୍ରୁମିଂର ଅର୍ଥ ଭଲ ଡ୍ରେସ୍ ପିନ୍ଧିବା ଅବା ମେକ୍ଅପ୍ ନେବା। ହେଲେ ଏହା କେବଳ ଏକ ଅଂଶ ମାତ୍ର। ବାସ୍ତବରେ ନିଜ ପ୍ରଫେସନ୍‌ର ଡିମାଣ୍ଡ ଅନୁଯାୟୀ ଡ୍ରେସ୍ ପିନ୍ଧିବା, ମେକ୍ଅପ୍ ନେବାଠାରୁ ଆରମ୍ଭ କରି କଥା କହିବା, ବସିବା, ଠିଆ ହେବା ଆଦିର ଶୈଳୀ ଠିକ୍ ରଖିବା ସହ ବ୍ୟବହାରକୁ ମାର୍ଜିତ କରିବା ଆବଶ୍ୟକ। ନିଜ ଭିତରେ ଆତ୍ମବିଶ୍ୱାସ ରଖିବା, ସକାରାତ୍ମକ ଭାବନା ରଖିବା, ଉଚ୍ଚାଭିଳାଷୀ ହେବା, କାର୍ଯ୍ୟଦକ୍ଷତା ବୃଦ୍ଧି କରିବା, ସଚ୍ଚୋଟତାର ସହ କାର୍ଯ୍ୟ କରିବା, ଅନ୍ୟମାନଙ୍କ ଦୋଷ ତ୍ରୁଟି ବିଚାର ନ କରି କିମ୍ବା ସେ ସମ୍ପର୍କରେ ଅଯଥାରେ ଆଲୋଚନା ନ କରିବା ଆଦି ମଧ୍ୟ ଏଥିରେ ଅନ୍ତର୍ଭୁକ୍ତ। ଜୀବନରେ ସଫଳତାର ସ୍ୱାଦ ଚାଖିବାକୁ ଏସବୁ ନିହାତି ଆବଶ୍ୟକ। ଯାହାକି ଅନେକଙ୍କଠାରେ ଆରମ୍ଭରୁ ରହି ଆସିଥିବା ବେଳେ ଆଉ ଅନ୍ୟମାନଙ୍କୁ ସମୟ ସହ ଧୀରେ ଧୀରେ ଶିଖିବାକୁ ହୋଇଥାଏ। ବର୍ତ୍ତମାନ ସରକାରୀ ହେଉ ଅବା ବେସରକାରୀ ବିଭିନ୍ନ ସେକ୍ଟରରେ ବିଶେଷକରି ଗ୍ଲାମର ସହ ଜଡ଼ିତ ଥିବା ପ୍ରଫେସନ୍‌ରେ ପର୍ସନାଲ୍ ଗ୍ରୁମିଂକୁ ବେଶ୍ ଗୁରୁତ୍ୱ ଦିଆଯାଉଛି। ତେଣୁ ପର୍ସନାଲ୍ ଗ୍ରୁମିଂ ଏବଂ ପର୍ସନାଲିଟି ଡେଭେଲପ୍‌ମେଣ୍ଟ ଶିକ୍ଷା ଦେବାକୁ ଅନେକ ଇନ୍‌ଷ୍ଟିଚ୍ୟୁଟ୍ ମଧ୍ୟ ରହିଛି, ଯାହାର ସୁବିଧା ଯୁବପିଢ଼ି ନେଇପାରିବେ। ଏଠାରେ ଆଉ ଏକ ପ୍ରଶ୍ନ ଉଠିପାରେ ଯେ, କେବେ ଅବା କେଉଁ ବୟସରେ ପର୍ସନାଲ୍ ଗ୍ରୁମିଂ ସମ୍ପର୍କରେ ଶିଖିବା ଦରକାର? ବାସ୍ତବରେ ଏହାର କୌଣସି ବୟସ ସୀମା ନାହିଁ। ଯେତେ ଶୀଘ୍ର ଜଣେ ଏହାକୁ ଆପଣେଇବ ତା'ର ଭବିଷ୍ୟତ ଲାଗି ସେତେ ଉତ୍ତମ। ପିଲାବେଳୁ ଅଭିଭାବକମାନେ ପିଲାଙ୍କୁ ବିଭିନ୍ନ ଶିଷ୍ଟାଚାର ଶିଖାଇବା ଆବଶ୍ୟକ। ଆଉ ସ୍କୁଲ୍, କଲେଜ୍‌ରେ ମଧ୍ୟ ଛାତ୍ରୀଛାତ୍ରଙ୍କୁ ଏସବୁ ଶିକ୍ଷା ଦିଆଯିବା ଜରୁରୀ। ବିଶେଷକରି ଜବ୍ ବା କ୍ୟାରିୟର୍ ଆରମ୍ଭ କରିବାକୁ ଯାଉଥିବା ଯୁବପିଢ଼ି ଆରମ୍ଭରୁ ଏଥିପ୍ରତି ସଚେତନ ହେବା ଦରକାର। ବର୍ତ୍ତମାନ କରୋନା ସମୟରେ ବିଭିନ୍ନ ଇନ୍‌ଷ୍ଟିଚ୍ୟୁଟ୍ ପକ୍ଷରୁ ଅନ୍‌ଲାଇନ୍‌ରେ ମଧ୍ୟ କ୍ଲାସ୍ ହେଉଛି। ଏହାର ଫାଇଦା ନେଇପାରିବେ। ଏହାଦ୍ୱାରା ସେମାନଙ୍କ କମ୍ୟୁନିକେଶନ୍ ସ୍କିଲ୍ ବଢ଼ିବ ଏବଂ ମନରେ ଥିବା ଡର ଦୂର ହୋଇ ଆତ୍ମବିଶ୍ୱାସ ବୃଦ୍ଧି ହେବ। ଆଉ କର୍ମକ୍ଷେତ୍ରରେ ସେମାନଙ୍କ ଆକର୍ଷଣୀୟ ବ୍ୟକ୍ତିତ୍ୱ ନା କେବଳ ଅନ୍ୟମାନଙ୍କ ମନରେ ଏକ ଭଲ ପ୍ରଭାବ ପକାଇବ ବରଂ ସେମାନଙ୍କୁ ସଫଳତାର ଶୀର୍ଷରେ ମଧ୍ୟ ପହଞ୍ଚାଇବାର ମାର୍ଗ ସୁଗମ କରିଦେବ।

– *ସିନ୍ଧୁ ବ୍ରାଉନ୍*, ପର୍ସନାଲିଟି ଡେଭେଲପ୍‌ମେଣ୍ଟ ଆଣ୍ଡ କମ୍ୟୁନିକେଶନ୍ ସ୍କିଲ୍ ଟ୍ରେନର୍, ପଳାଶୁଣୀ, ଭୁବନେଶ୍ୱର

### କ'ଣ କରନ୍ତି ଏମାନେ...

**ଆତ୍ମବିଶ୍ୱାସ ବୃଦ୍ଧି କରେ**

ପର୍ସନାଲିଟି ଗ୍ରୁମିଂ ସମସ୍ତଙ୍କ ପାଇଁ ନିହାତି ଆବଶ୍ୟକ। ଏହାଦ୍ୱାରା ଆତ୍ମବିଶ୍ୱାସ ବୃଦ୍ଧି ହୋଇଥାଏ। ଏହା ଉଭୟ ଭିତରୁ ଏବଂ ବାହାରୁ ମଣିଷର ବ୍ୟକ୍ତିତ୍ୱକୁ ବିକଶିତ କରିବାରେ ସାହାଯ୍ୟ କରେ। ନିଜ କଥା କହିବି, ଏଥିପ୍ରତି ମୁଁ ସବୁବେଳେ ସଜାଗ ରହିଥାଏ। ମେକ୍ଅପ୍ ଓ ଡ୍ରେସ୍ଅପ୍‌ଠୁ ଆରମ୍ଭ କରି, ବଡିଲାଙ୍ଗୁଏଜ୍ ଏବଂ କେଉଁ ସ୍ଥାନରେ କାହା ସହ କିଭଳି କଥା ହେବା ଦରକାର ଆଦି ପର୍ଯ୍ୟନ୍ତ ବେଶ୍ ଧ୍ୟାନରେ ରଖିଥାଏ। ସର୍ବୋପରି ନିଜ ଚାଲିଚଳଣ ଏବଂ ବ୍ୟବହାରରେ ଏଭଳି କୌଣସି ତ୍ରୁଟି କରେନି ଯାହାକି ପରବର୍ତ୍ତୀ ସମୟରେ ମୋ ବ୍ୟକ୍ତିତ୍ୱ ଉପରେ ଆଞ୍ଚ ଆଣିବ।

– ***ଅଭୀପ୍ସା ବିଶୋଇ*** *(ପ୍ରଡକ୍ଟ ମ୍ୟାନେଜମେଣ୍ଟ ଆନାଲିଷ୍ଟ, ଏସ୍ ଆଣ୍ଡ ପି ଗ୍ଲୋବାଲ୍)*

**ବ୍ୟକ୍ତିତ୍ୱ ମଣିଷର ପ୍ରଥମ ପରିଚୟ**

ସର୍ବଦା ନିଜ ୱାର୍କ ଏଫିସିଏନ୍ସି ସହିତ ପର୍ସନାଲିଟି ଡେଭେଲପ୍‌ମେଣ୍ଟ ଉପରେ ଗୁରୁତ୍ୱ ଦେଇଥାଏ। ପରିବେଶ ଏବଂ ପରିସ୍ଥିତିର ଡିମାଣ୍ଡ ଅନୁଯାୟୀ ନିଜ ଗେଟ୍ଅପ୍ ବାଛିଥାଏ। ସେହିପରି ନିଜ ବଡିଲାଙ୍ଗୁଏଜ୍ ଏବଂ ଉତ୍ତମ ବ୍ୟବହାର ପ୍ରତି ଧ୍ୟାନ ଦେଇଥାଏ। କାରଣ ମଣିଷର ବ୍ୟକ୍ତିତ୍ୱ ହିଁ ତା'ର ପ୍ରଥମ ପରିଚୟ। ତେଣୁ ସର୍ବପ୍ରଥମେ ଏହାକୁ ବିକଶିତ କରିବା ଦରକାର ବୋଲି ମୁଁ ଭାବିଥାଏ।

– ***ବିଶ୍ୱଜିତ୍ ଦାଶ*** *(ସଫ୍ଟୱେର ଇଞ୍ଜିନିୟର, ବାଙ୍ଗାଲୋର)*

## ଏ ସପ୍ତାହର ପ୍ରଶ୍ନ

୧– ୨୦୨୦–୨୧ ମସିହାର ବାର୍ଷିକ ରିପୋର୍ଟ ମୁତାବକ ଭାରତର............ ରାଜ୍ୟରେ ସର୍ବାଧିକ ବଜ୍ରାଘାତଜନିତ ମୃତ୍ୟୁ ଘଟିଛି?

୨– ନ୍ୟାଶନାଲ ଫରେନ୍‌ସିକ୍ ସାଇନ୍ସ ୟୁନିଭର୍ସିଟି ଭାରତର........ଠାରେ ଅବସ୍ଥିତ?

୩– ୱାର୍ଲ୍ଡ ମାଲାଲା ଡେ' ............... ତାରିଖରେ ପାଳନ କରାଯାଏ?

୪– ଜିଆଣ୍ଟ ପାଣ୍ଡା ପ୍ରକୃତରେ.............. ଦେଶର ଜୀବ?

୫– ସ୍ୱୟଂ ଶ୍ରୀନିବାସନ୍ ପୁନର୍ବାର ............. ବ୍ୟାଙ୍କର ମ୍ୟାନେଜିଂ ଡାଇରେକ୍ଟର ଏବଂ ଚିଫ୍ ଏକ୍‌ଜିକ୍ୟୁଟିଭ୍ ଅଫିସର ଭାବେ ଯୋଗ ଦେଇଛନ୍ତି?

## ଗତ ଥରର ଉତ୍ତର

୧ ଚାଇନା

୨ ମଣିପୁରସ୍ଥିତ କେଇବୁଲ୍ ଲାମ୍‌ଜାଓ ନ୍ୟାଶନାଲ୍ ପାର୍କ

୩ ଟ୍ରାଞ୍ଜିଟିଂ ଏକ୍ସୋପ୍ଲାନେଟ୍ ସର୍ଭେ ସାଟେଲାଇଟ୍

୪ ଷ୍ଟିଭ୍ ସାସନ୍

୫ ଅଗଷ୍ଟ ୧୩

## ଉତ୍ତରଦାତା



ଅନସୂୟା ବେହେରା, ଭଦ୍ରକ



ମୀନକେତନ ଶତପଥୀ, ଭୁବନେଶ୍ୱର

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ–ମେଲ୍ ଠିକଣା: dharitriagamiasha @gmail.com

**ଯୁବ ପ୍ରତିଭା**

## ମିସ୍ ୟୁନିଭର୍ସ ଟାଇଟଲ ଜିତିବା ନିଶା

ସକାରାତ୍ମକ ଚିନ୍ତାଧାରା ନେଇ ସେ ଆଗକୁ ପାଦ କାଢ଼ିଛନ୍ତି। ଆଉ ଦୃଢ଼ ଇଚ୍ଛାଶକ୍ତି ଓ କଠିନ ପରିଶ୍ରମ ଦ୍ୱାରା ଚଳିତବର୍ଷ ଅପେରା ମିସ୍ ଇଣ୍ଡିଆ ପ୍ରତିଯୋଗିତାରେ ପ୍ରଥମ ରନର୍ସ ଅପ୍ ଟାଇଟଲ ହାସଲ କରି ସେ ସମଗ୍ର ରାଜ୍ୟରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ସେ ହେଉଛନ୍ତି କଳା ଓ ସଂସ୍କୃତି ମାଟି ମୟୂରଭଞ୍ଜର ଜିଲା ବାରିପଦାରେ ରହୁଥିବା ମାଆ ସ୍ୱରଚିତା ଏବଂ ବାପା ଅଶୋକ ପୃଷ୍ଟିଙ୍କ ଝିଅ ପ୍ରିୟଙ୍କା। ଆଦିବାସୀଙ୍କ ଚାଲିଚଳଣି, ବେଶଭୂଷା, ନୃତ୍ୟ ଓ ସଂସ୍କୃତି, ମୟୂରଭଞ୍ଜର ଛଉ ନୃତ୍ୟରେ ନିଜର କଳା ପ୍ରଦର୍ଶନ କରି ଜାତୀୟ ସୁନ୍ଦରୀ ହେବାର ସୌଭାଗ୍ୟ ଅର୍ଜନ କରିପାରିଛନ୍ତି। ଆଗକୁ ହେବାକୁ ଥିବା ମିସ୍ ୟୁନିଭର୍ସ ପ୍ରତିଯୋଗିତା ପାଇଁ ତାଙ୍କୁ ସୁଯୋଗ ମିଳିଥିବାରୁ ବିଜୟିନୀ ହେବା ଲକ୍ଷ୍ୟରେ ସେ ପ୍ରସ୍ତୁତି ଚଳାଇଛନ୍ତି। ପାଠପଢ଼ା ସମୟରୁ ହିଁ କଳା ପ୍ରତି ଆଗ୍ରହ ଓ ରୁଚି ରହିଥିଲା। ସ୍କୁଲ୍, କଲେଜର ବାର୍ଷିକ ଉତ୍ସବଠାରୁ ଆରମ୍ଭ କରି ଟେଲିଭିଜନ୍‌ରେ ପ୍ରସାରିତ ବିଭିନ୍ନ ରିଆଲିଟି ଶୋ'ରେ ନିଜର ନୃତ୍ୟ ପ୍ରତିଭାର ପରିଚୟ ଦେଇ ଆସିଛନ୍ତି। ଏହା ବ୍ୟତୀତ ଅନେକ ଆଲବମ୍‌ରେ ମଧ୍ୟ ସେ ଅଭିନୟ କରିସାରିଥିବା ପ୍ରିୟଙ୍କା ଗ୍ରାଜୁଏଶନ୍ ପରେ ଭୁବନେଶ୍ୱରରେ ରହି ମଡେଲିଂ ଇନ୍‌ଷ୍ଟିଚ୍ୟୁଟ୍ କ୍ଲାସ୍ କରିବା ସହ ସୁନ୍ଦରୀ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ନିଜକୁ ପ୍ରସ୍ତୁତ କରୁଥିଲେ। ପ୍ରଥମେ ଫେମିନା ପକ୍ଷରୁ ଚାଲିଥିବା ମିସ୍ ଓଡ଼ିଶା ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ ହେଁ ସେମିଫାଇନାଲରୁ ଓହରି ଆସି ମିସ୍ ଇଣ୍ଡିଆ ଫାଇନାଲରେ ପ୍ରବେଶ କରିଥିଲେ। ଅପେରା ମିସ୍ ଇଣ୍ଡିଆ ସିଜନ–୨ ଅନ୍‌ଲାଇନ ଭର୍ଚୁଆଲ ପ୍ରତିଯୋଗିତାରେ ବିଭିନ୍ନ ରାଜ୍ୟରୁ ଅଂଶଗ୍ରହଣ କରିଥିବା ୨୦୦ ପ୍ରତିଯୋଗୀଙ୍କୁ ପଛରେ ପକାଇ ସେ ପ୍ରଥମ ରନର୍ସଅପ୍ ମୁକୁଟ ଓ ଟ୍ରଫି ହାସଲ କରିଛନ୍ତି। ତେବେ ମାତ୍ର ଅଳ୍ପ ବ୍ୟବଧାନରେ ମିସ୍ ଇଣ୍ଡିଆ ଟାଇଟଲ ହାସଲ କରିବାରୁ ବଞ୍ଚିତ ହୋଇଥିବାରୁ ଦୁଃଖିତ ଥିବାବେଳେ ଲକ୍‌ଡାଉନ୍ ପାଇଁ ଆବଶ୍ୟକ ସାମଗ୍ରୀ ଯୋଗାଡ଼ କରି ନ ପାରିବାରୁ ଏପରି ହେଲା ବୋଲି ସେ ପ୍ରକାଶ କରନ୍ତି। ଆଜିର ଦିନରେ ଅବହେଳିତ ଓ ନିଷ୍ପେଷିତ ନାରୀମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ଲାଗି କାର୍ଯ୍ୟ କରିବାକୁ ତାଙ୍କର ଇଚ୍ଛା। ସେ କୁହନ୍ତି, ''ପିଲାବେଳୁ ମୋର ଡ୍ୟାନ୍ସିଂ, ଅ । କ୍ଟି ଂ, ମଡେଲିଂ ଆଦିରେ ବିଶେଷ ରୁଚି ରହିଥିଲା। ହେଲେ ପୂର୍ବତନ ମିସ୍ ୟୁନିଭର୍ସ ତଥା ସଫଳ ବଲିଉଡ୍ ଅଭିନେତ୍ରୀ ସୁସ୍ମିତା ସେନ୍‌ଙ୍କୁ ଦେଖି ମଡେଲିଂ ପ୍ରତି ଆଗ୍ରହ ହୋଇଥିଲା। ସେବେଠୁ ଏ ଦିଗରେ ଆଗକୁ ବଢ଼ିବାକୁ ଉଦ୍ୟମ ଜାରି ରଖିଛି।'' ତେବେ ଭବିଷ୍ୟତରେ ଜଣେ ସଫଳ ମଡେଲ ହେବା ସହ ଓଲିଉଡ୍ ଏବଂ ବଲିଉଡ୍‌ରେ କାର୍ଯ୍ୟ କରିବାକୁ ଲକ୍ଷ୍ୟ ରଖିଛନ୍ତି ପ୍ରିୟଙ୍କା।

**– ନୀଳାଦ୍ରି ଦଣ୍ଡପାଟ**



ପ୍ରିୟଙ୍କା

**ଯୁଥ୍ ଆଲର୍ଟ**

## ଶପିଂ ଲାଗି ଯାଉଥିଲେ

**ବର୍ତ୍ତମାନ ଲକ୍‌ଡାଉନ୍ କୋହଳ ହୋଇଛି। ସମସ୍ତ ଦୋକାନ ବଜାର ବି ନିର୍ଦ୍ଦିଷ୍ଟ ସମୟ ଲାଗି ଖୋଲା ରହୁଛି। ଆଉ ସବୁଠି ଗ୍ରାହକଙ୍କ ଭିଡ଼ ମଧ୍ୟ ଜମୁଛି। ହେଲେ ଏଯାଏ କରୋନା ସଙ୍କଟ ସମ୍ପୂର୍ଣ୍ଣ ଦୂର ହୋଇ ନାହିଁ। ତେଣୁ ଶପିଂ ଲାଗି ବାହାରକୁ ଯାଉଥିଲେ ସୁରକ୍ଷା ଦୃଷ୍ଟିରୁ କେତେକ ଦିଗ ପ୍ରତି ସତର୍କ ରହିବା ନିହାତି ଆବଶ୍ୟକ...**

➤ ଶପିଂ ଲାଗି ବାହାରକୁ ଯିବାବେଳେ ମାସ୍କ ପିନ୍ଧିବାକୁ ଆଦୌ ଭୁଲନ୍ତୁ ନାହିଁ। ନିହାତି ଆବଶ୍ୟକ ନ ଥିଲେ ବାହାରେ କାହା ସହ କଥା ହୁଅନ୍ତୁ ନାହିଁ, କଥା ହେଲେ ଅତିକମ୍‌ରେ ୪–୬ ଫୁଟ୍ ଦୂରତ୍ୱ ରକ୍ଷା କରନ୍ତୁ। ଶପିଂ ସାରିବାମାତ୍ରେ ତୁରନ୍ତ ହାତକୁ ସାନିଟାଇଜ୍ କରନ୍ତୁ। ଶପିଂ କରିଥିବା ସାମଗ୍ରୀକୁ ମଧ୍ୟ ସାନିଟାଇଜ୍ ନ କରି ବ୍ୟବହାର କରନ୍ତୁ ନାହିଁ।

➤ କେବଳ ସ୍ପର୍ଶ ଦ୍ୱାରା ନୁହେଁ, କରୋନା ଭୂତାଣୁ ମଧ୍ୟ ବାୟୁବାହିତ ହୋଇଥିବାରୁ ସଂକ୍ରମଣ ରୋକିବା ଲାଗି ସୋସିଆଲ୍ ଡିଷ୍ଟାନ୍ସିଂ ସବୁଠୁ ଗୁରୁତ୍ୱପୂର୍ଣ୍ଣ। ତେଣୁ ସୁରକ୍ଷା ଦୃଷ୍ଟିରୁ କୌଣସି ଗହଳି ଥିବା ମାର୍କେଟ୍ ବା ଦୋକାନକୁ ଆଦୌ ଯାଆନ୍ତୁ ନାହିଁ। ଶପିଂ ମଲ୍ ଯାଉଥିଲେ ସମସ୍ତ ଗାଇଡ୍‌ଲାଇନ୍ ମାନନ୍ତୁ। ଭିତରେ ଥିବା ଅନ୍ୟ ଗ୍ରାହକ ଏବଂ ସେଲ୍ସ ପର୍ସନଙ୍କଠାରୁ ଦୂରତା ରକ୍ଷା କରନ୍ତୁ।

➤ ବର୍ତ୍ତମାନ ଶପିଂ କରିବା ସମୟରେ ବିଭିନ୍ନ ଦିଗକୁ ଆଖିଆଗରେ ରଖି କ୍ୟାଶ୍‌ଲେସ୍ ବ୍ୟବସ୍ଥା ଆପଣେଇବା ସବୁଠୁ ଭଲ। ପ୍ରଥମ କଥା ହେଉଛି, କୌଣସି ଟଙ୍କା କେତେ କାହା ହାତ ଦେଇ ଆପଣଙ୍କ ପାଖକୁ ଆସିଛି ତାହା କହିବା କଷ୍ଟକର। ତେଣୁ ତାହା ରୋଗ ସଂକ୍ରମଣର ମାଧ୍ୟମ ବି ସାଜିପାରେ। ଏମିତିରେ କ୍ୟାଶ୍‌ଲେସ୍ ବ୍ୟବସ୍ଥା ନିରାପଦ।

➤ ପାସେଞ୍ଜର ଅଟୋରିକ୍ସା ଏବଂ ବସ୍ ଚଳାଚଳ ମଧ୍ୟ ଆରମ୍ଭ ହୋଇଯାଇଛି। ହେଲେ ଏଭଳି ପବ୍ଲିକ୍ ଟ୍ରାନ୍ସପୋର୍ଟ ସମସ୍ତେ ବ୍ୟବହାର କରୁଥିବାରୁ ସଂକ୍ରମଣର ଆଶଙ୍କା ବେଶି। ତେଣୁ ଯଥାସମ୍ଭବ ଶପିଂ ଲାଗି ଯିବାବେଳେ ପର୍ସନାଲ ଗାଡ଼ି ବ୍ୟବହାର କରନ୍ତୁ।





# ଭାରତ-ଶ୍ରୀଲଙ୍କା ଦିନକିଆ ସିରିଜ ଆଜିଠାରୁ

**କଲମ୍ବୋ,୧୭।୭ (ପି.ଟି.)**

ଶ୍ରୀଲଙ୍କା ଓ ଭ୍ରମଣକାରୀ ଭାରତ ମଧ୍ୟରେ ରବିବାରଠାରୁ ଆରମ୍ଭ ହେବାକୁ ଯାଉଛି ବହୁଚର୍ଚ୍ଚିତ ସୀମିତ ଓଭର ସିରିଜ। ଏହି ଗସ୍ତରେ ଭାରତ ମୋଟ ୬ଟି ମ୍ୟାଚ୍ ଖେଳିବ। ପ୍ରଥମେ ଦୁଇ ଦେଶ ମଧ୍ୟରେ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ ଖେଳାଯିବ। ଏହାପରେ ଦୁଇ ଦଳ ମଧ୍ୟରେ ଆୟୋଜନ ହେବ ୩ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜ। ଟେଷ୍ଟ ସିରିଜ ଖେଳିବାକୁ ବିରାଟ କୋହଲିଙ୍କ ନେତୃତ୍ୱରେ ଭାରତର ମୁଖ୍ୟ ଦଳ ଇଂଲଣ୍ଡ ଗସ୍ତ କରିଛି। ଫଳରେ ଏହି ସୀମିତ ଓଭର ସିରିଜ ଖେଳିବାକୁ ଅଭିଜ୍ଞ ଓପନର ଶିଖର ଧାୱନଙ୍କ ନେତୃତ୍ୱରେ ଭାରତର ଅନ୍ୟ ଏକ ଯୁବ ଦଳ ଶ୍ରୀଲଙ୍କା ଗସ୍ତ କରିଛି। ରବିବାର ଆର. ପ୍ରେମଦାସା ଷ୍ଟାଡିୟମରେ ପ୍ରଥମ ଦିନିକିଆ ମ୍ୟାଚ୍ ଖେଳାଯିବ। ତାରକା ଖେଳାଳିଙ୍କ ଅନୁପସ୍ଥିତିରେ ଦ୍ୱିତୀୟ ଶ୍ରେଣୀର ଏହି ଭାରତୀୟ ଦଳ କିଭଳି ପ୍ରଦର୍ଶନ କରୁଛି ତାହା ଉପରେ ସମସ୍ତଙ୍କ ନଜର ରହିଛି। ଏହି ସିରିଜରେ ଭଲ ପ୍ରଦର୍ଶନ କରି କେତେକ ଖେଳାଳି ଆଗକୁ ଆୟୋଜନ ହେବାକୁଥିବା ଟି୨୦ ବିଶ୍ୱକପ୍ ପାଇଁ ଦଳରେ ସ୍ଥାନ ହାସଲ କରିବା ଲକ୍ଷ୍ୟରେ ରହିଛନ୍ତି।

ଶ୍ରୀଲଙ୍କା ଶିବିରରେ କୋଭିଡ୍-୧୯ ସଂକ୍ରମଣ ଚିହ୍ନଟ ହେବାରୁ ଏହି ସିରିଜକୁ ୫ ଦିନ ଘୁଞ୍ଚାଇ ଦିଆଯାଇଥିଲା। ଅଲରାଉଣ୍ଡର ଦସୁନ ସନକାଙ୍କ ନେତୃତ୍ୱରେ ଘରୋଇ ପରିବେଶରେ ଶ୍ରୀଲଙ୍କା ପଡିଆକୁ ଓହ୍ଲାଇବ। ଗତ ୪ ବର୍ଷ ମଧ୍ୟରେ ଶ୍ରୀଲଙ୍କାର ନେତୃତ୍ୱ ବହୁବାର ବଦଳିଛି ଓ ଦଶମ ଅଧିନାୟକ ଭାବେ ସନକା ଦଳର ମଙ୍ଗ ଧରିବେ। ଉଭୟ ବ୍ୟାଟିଂ ଓ ବୋଲିଂରେ ସେ ନିଜର ଦକ୍ଷତା ଓ ପ୍ରତିଭା ପ୍ରମାଣ କରିଛନ୍ତି। ତେବେ ଭାରତ ବିପକ୍ଷରେ ଶ୍ରୀଲଙ୍କା କିଭଳି ପ୍ରଦର୍ଶନ କରୁଛି ତାହା ଉପରେ ସମସ୍ତଙ୍କ ନଜର ରହିଛି। ଶ୍ରୀଲଙ୍କା ଦଳରୁ ୩ଜଣ କ୍ୱାଲିଟି ଖେଳାଳି ବାଦ୍ ପଡିଛନ୍ତି। ଇଂଲଣ୍ଡ ଗସ୍ତରେ ଥିବାବେଳେ କୁଶଲ ମେଣ୍ଡିସ୍ ଓ ନିରୋଶାନ ଡିକ୍‌ୱେଲା ବାସନ୍ଦ ହୋଇଛନ୍ତି। ସେହିପରି ଇଞ୍ଜୁରି କାରଣରୁ ପୂର୍ବତନ ଅଧିନାୟକ କୁଶଲ ପେରେରା ମଧ୍ୟ ଦଳରେ ସ୍ଥାନ ପାଇନାହାନ୍ତି। ତେଣୁ ଦଳ ପାଇଁ ଏକାଧିକ ଚ୍ୟାଲେଞ୍ଜ ରହିଛି। ଗତ ଇଂଲଣ୍ଡ ଗସ୍ତରେ ମଧ୍ୟ ଶ୍ରୀଲଙ୍କା ମାମୁଲି ପ୍ରଦର୍ଶନ କରି ବେଶ୍ ସମାଲୋଚିତ ହୋଇଥିଲା।

ବିଜୟ ହଜାରେ ଟ୍ରଫିରେ ଟପ୍ ସ୍କୋରର ସାବ୍ୟସ୍ତ ହୋଇଥିବା ଯୁବ ଓପନର ପୃଥ୍ୱୀ ଶ ଅଭିଜ୍ଞ ଧାୱନଙ୍କ ସହ ଇନିଂସ ଓପନ କରିବା ଆଶା କରାଯାଉଛି। ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ଓ ଭୁବନେଶ୍ୱର କୁମାର ଦଳରେ ସ୍ଥାନ ପାଇବା ନିଶ୍ଚିତ। ତେବେ ଅନ୍ୟ ସ୍ଥାନ ପାଇଁ ଏକାଧିକ ଖେଳାଳିଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେବ। ୩ ନମ୍ବର ସ୍ଥାନରେ ବ୍ୟାଟିଂ କରିବାକୁ ଦେବଦତ୍ତ ପଡିକାଲ ଓ ଋତୁରାଜ ଗାଏକ୍ୱାଡ ମଧ୍ୟରେ ମୁକାବିଲା ହେବ। ସେହିପରି ଚାରିଆଡକୁ ଶଟ୍ ଖେଳିବାର ଦକ୍ଷତା ରଖୁଥିବା ସୂର୍ଯ୍ୟକୁମାର ଯାଦବ ଓ ମନୀଷ ପାଣ୍ଡେ ମଧ୍ୟ ପ୍ରଦର୍ଶନରେ ସ୍ଥିରତା ଆଣିବା ପାଇଁ ପ୍ରୟାସ କରି ଦଳରେ ସ୍ଥାନ ହାସଲ କରିବାକୁ ପ୍ରତିଦ୍ୱନ୍ଦ୍ୱିତାରେ ଅବତୀର୍ଣ୍ଣ ହେବେ। ସେହିପରି କ୍ରିଷ୍ଣାପ୍ପା ଗୋଥାମ କ୍ୱାଲିଟି ଅଫ୍ ସ୍ପିନ୍ ସହିତ ଲମ୍ବା ଶଟ୍ ମାରିବାର ଦକ୍ଷତା ରଖିଥାନ୍ତି। ଅନ୍ୟପଟେ କ୍ରୁନାଲ ପାଣ୍ଡ୍ୟା ମଧ୍ୟ ଜଣେ ଉଚ୍ଚକୋଟୀର ଅଲରାଉଣ୍ଡର ବିବେଚିତ ହେଉଛନ୍ତି। ତେଣୁ ଦଳରେ ସ୍ଥାନ ପାଇବାକୁ ଉଭୟ ଖେଳାଳି ହକ୍ ରଖୁଛନ୍ତି। ସେହିପରି ଫର୍ମରେ ନ ଥିବା ଯୁଜବେନ୍ଦ୍ର ଚହଲ ଓ ରାହୁଲ ଚହର ମଧ୍ୟ ଗୋଟିଏ ସ୍ଥାନ ପାଇଁ କୋଚ୍ ରାହୁଲ ଦ୍ରାବିଡ ଓ ଅଧିନାୟକ ଧାୱନଙ୍କୁ ଚିନ୍ତାରେ ପକାଇବେ। ସେହିପରି ଉଇକେଟକିପର ସ୍ଥାନ ପାଇଁ ଇଶାନ କିଷନ ଓ ସଞ୍ଜୁ ସାମ୍‌ସନଙ୍କ ମଧ୍ୟରୁ ଜଣକୁ ବାଛିବାକୁ ହେବ। ତେଣୁ ଟିମ୍ ମ୍ୟାନେଜମେଣ୍ଟ ଏ ନେଇ ଆଗାମୀ ୧୧ ଦିନରେ ପରୀକ୍ଷାର ସମ୍ମୁଖୀନ ହେବ।

ଦୁଇଟି ଭିନ୍ନ ସିରିଜ ପାଇଁ ଭାରତ ଦୁଇଟି ଦଳ ପଠାଇଛି। ଏଥିରୁ ଭାରତର ବେଞ୍ଚ୍ ଷ୍ଟ୍ରେନ୍ଥ ଜବରଦସ୍ତ ରହିଛି ବୋଲି ଧରିବାକୁ ହେବ। କୋଚ୍ ରାହୁଲ ଦ୍ରାବିଡ୍‌ଙ୍କ ତତ୍ତ୍ୱାବଧାନରେ ଭାରତ ଏହି ସିରିଜ ପୂରା ଦମ୍‌ରେ ଖେଳିବାକୁ ପ୍ରୟାସ କରିବ ଓ ଏହାକୁ ଆଦୌ ହାଲୁକା ଭାବେ ନେବନାହିଁ ବୋଲି ଆଶା କରାଯାଉଛି। ଦ୍ରାବିଡ୍‌ଙ୍କ କାରଣରୁ ଭାରତର ବେଞ୍ଚ୍ ଷ୍ଟ୍ରେନ୍ଥ ଏତେ ଦୃଢ ହୋଇପାରିଛି। ଯେଉଁ ଦଳରେ ଧାୱନ ଓ ପୃଥ୍ୱୀଙ୍କ ସମେତ ପାଣ୍ଡେ, ସୂର୍ଯ୍ୟକୁମାର, ପାଣ୍ଡ୍ୟା ଭ୍ରାତା, ଅଭିଜ୍ଞ ଭୁବନେଶ୍ୱର କୁମାର, ଦୀପକ ଚହର ଓ ସ୍ପିନ୍‌ଯୋଡି ଯୁଜବେନ୍ଦ୍ର ଚହଲ ଓ କୁଲଦୀପ ଯାଦବଙ୍କ ଭଳି ଖେଳାଳି ରହିଛନ୍ତି ସେ ଦଳକୁ ଦ୍ୱିତୀୟ ଶ୍ରେଣୀର ଦଳ କୁହାଯାଇପାରିବ ନାହିଁ। ତେଣୁ ଶ୍ରୀଲଙ୍କ ଭାରତ ବିପକ୍ଷରେ ପୂରା ଶକ୍ତି ଓ ସାମର୍ଥ୍ୟ ସହିତ ପଡିଆକୁ ଓହ୍ଲାଇବ। ଭାରତୀୟ ଦଳରେ ଅଧିକାଂଶ ଖେଳାଳି ଟି୨୦ରେ ନିୟମିତ ଖେଳି ଆସୁଛନ୍ତି। ଆଗକୁ ଟି୨୦ ବିଶ୍ୱକପ୍ ରହିଛି। ତେଣୁ ଆଗାମୀ ୩ ମାସରେ ଦିନିକିଆ ଫର୍ମାଟକୁ ସେତେଟା ଗୁରୁତ୍ୱ ଦିଆ ନ ଯିବା ନିଶ୍ଚିତ ହୋଇଛି। ତେଣୁ ଦ୍ରାବିଡ ଓ ଧାୱନ ଏହି ସିରିଜର ଗୁରୁତ୍ୱ ନେଇ ଭଲଭାବେ ଅବଗତ ଥିବେ। ଭାରତୀୟ ଦଳରେ ୬ ଜଣ ନବାଗତ ରହିଛନ୍ତି। ସବୁ ଖେଳାଳିଙ୍କୁ ସୁଯୋଗ ଦିଆଯିବା ସମ୍ଭବ ନୁହେଁ ବୋଲି ଦ୍ରାବିଡ ସ୍ପଷ୍ଟ କରିଛନ୍ତି। ତେଣୁ ରବି ଶାସ୍ତ୍ରୀ ଓ ନିୟମିତ ଅଧିନାୟକ ବିରାଟ କୋହଲିଙ୍କ ସହ ଏ ନେଇ ଦ୍ରାବିଡ୍ ଓ ଧାୱନ ପରାମର୍ଶ ନିଶ୍ଚିତ ଭାବେ କରିଥିବେ। ନବାଗତ ବରୁଣ ଚକ୍ରବର୍ତ୍ତୀ, ବାମହାତୀ ଦ୍ରୁତ ବୋଲର ଚେତନ ସାକାରିୟା, ଚହଲ, କୁଲଦୀପଙ୍କ ସମେତ ଅଧିନାୟକ ଧାୱନ ଓ ଅନ୍ୟ ଖେଳାଳିଙ୍କ ପାଇଁ ମଧ୍ୟ ଏହି ସିରିଜରେ ଦକ୍ଷତା ପ୍ରମାଣ କରିବାର ଆବଶ୍ୟକତା ରହିଛି।



କୋଚ୍ ରାହୁଲ ଦ୍ରାବିଡ୍‌ଙ୍କ ସହ ଶିଖର ଧାୱନ।

**ଭାରତୀୟ ଦଳ:** ଶିଖର ଧାୱନ (ଅଧିନାୟକ), ପୃଥ୍ୱୀ ଶ, ଦେବଦତ୍ତ ପଡିକାଲ, ଋତୁରାଜ ଗାଏକ୍ୱାଡ, ସୂର୍ଯ୍ୟକୁମାର ଯାଦବ, ମନୀଷ ପାଣ୍ଡେ, ନୀତୀଶ ରାଣା, ଇଶାନ କିଷନ (ଉଇକେଟକିପର), ସଞ୍ଜୁ ସାମସନ (ଉଇକେଟକିପର), ହାର୍ଦ୍ଦିକ ପାଣ୍ଡ୍ୟା, କ୍ରୁନାଲ ପାଣ୍ଡ୍ୟା, କ୍ରିଷ୍ଣାପ୍ପା ଗୋଥାମ, ଯୁଜବେନ୍ଦ୍ର ଚହଲ, କୁଲଦୀପ ଯାଦବ, ବରୁଣ ଚକ୍ରବର୍ତ୍ତୀ, ରାହୁଲ ଚହର, ଦୀପକ ଚହର, ଭୁବନେଶ୍ୱର କୁମାର, ଚେତନ ସାକାରିୟା ଓ ନବଦୀପ ସଇନି।

**ଶ୍ରୀଲଙ୍କା ଦଳ:** ଦସୁନ ସନକା (ଅଧିନାୟକ), ଧନଞ୍ଜୟ ଡି ସିଲଭା, ଅଭିଷ୍କା ଫର୍ନାଣ୍ଡୋ, ଭାନୁକା ରାଜପାକସା, ପଥୁମ ନିଶାଙ୍କା, ଚରିଥ ଅସଲଙ୍କା, ୱାନିଣ୍ଡୁ ହାସରଙ୍ଗା, ଆଶେନ ବନ୍ଦାରା, ମିଣ୍ଡୋ ଭାନୁକା, ଲାହିରୁ ଉଡାରା, ରମେଶ ମେଣ୍ଡିସ୍, ଚମିକା କରୁଣାରତ୍ନେ, ଦୁଷ୍ମନ୍ତ ଚାମିରା, ଲକ୍ଷନ ଫର୍ଣ୍ଣାଣ୍ଡୋ, ଧନଞ୍ଜୟ ଲକ୍ଷନ, ଇଶାନ ଜୟରତ୍ନେ, ପ୍ରବୀଣ ଜୟବିକ୍ରମା, ଅସିଥା ଫର୍ନାଣ୍ଡୋ, କସୁନ ରଜିଥା, ଲାହିରୁ କୁମାରରା ଓ ଇସୁରୁ ଉଡାନା।

**ମ୍ୟାଚ୍ ଆରମ୍ଭ: ଅପରାହ୍ଣ ୩ଟା, ସ୍ଥାନ: କଲମ୍ବୋ**
**ପ୍ରସାରଣ: ସୋନୀ ସ୍ପୋର୍ଟ୍ସ ନେଟ୍‌ୱର୍କ**

# ଇଂଲଣ୍ଡକୁ ହରାଇଲା ପାକିସ୍ତାନ

**ନଟିଂହାମ୍, ୧୭।୭ (ଏପି):** ବାବର ଆଜାମ ଓ ମହମ୍ମଦ ରିଜୱାନ ପ୍ରଥମ ଉଇକେଟରେ ୧୫ ଓଭରରେ ୧୫୦ ରନ ଯୋଗ କରିବାରୁ ସ୍ଥାନୀୟ ଟେଣ୍ଟବ୍ରିଜ୍‌ଠାରେ ଅନୁଷ୍ଠିତ ପ୍ରଥମ ଟି୨୦ କ୍ରିକେଟ ମ୍ୟାଚରେ ପାକିସ୍ତାନ ୩୧ ରନରେ ଇଂଲଣ୍ଡକୁ ପରାସ୍ତ କରିଛି। ଅଧିନାୟକ ଆଜାମ ୪୯ ବଲ୍‌ରୁ ୮୫ ଏବଂ ରିଜୱାନ ୪୧ ବଲ୍‌ରୁ ୬୩ରନ କରିଥିଲେ। ପାକିସ୍ତାନ ନିର୍ଦ୍ଧାରିତ ଓଭରରେ ରେକର୍ଡ ୨୩୨/୬ ସ୍କୋର କରିଥିଲା। ଜବାବରେ ବ୍ୟାଟିଂ କରିବାକୁ ଯାଇ ଇଂଲଣ୍ଡ ପ୍ରଥମ ୭ ଓଭରରେ ୪ଉଇକେଟ ହରାଇ ସଂକଟରେ ପଡ଼ିଥିଲା। ଲିଆମ ଲିଭିଂଷ୍ଟୋନ୍ ତାଙ୍କ କ୍ୟାରିୟରର ଶ୍ରେଷ୍ଠ ୧୦୩ ରନ ସଂଗ୍ରହ କରି ଦଳ ପାଇଁ ସମ୍ଭାବନା ସୃଷ୍ଟି କରିଥିଲେ। ତେବେ ୧୭ତମ ଓଭରରେ ସେ ୭ମ ବ୍ୟାଟ୍ସମ୍ୟାନ ଭାବେ ଆଉଟ ହେବାପରେ ଇଂଲଣ୍ଡ ୪ ବଲ୍ ବାକିଥାଇ ୨୦୧ରନରେ ଅଲଆଉଟ ହୋଇଯାଇଥିଲା।

**ସଂକ୍ଷିପ୍ତ ସ୍କୋର**

ପାକିସ୍ତାନ : ୨୦ ଓଭରରେ ୨୩୨/୬ (ବାବର ଆଜାମ-୮୫, ରିଜୱାନ-୬୩, ଟମ୍ କୁରାନ-୨/୪୭)। ଇଂଲଣ୍ଡ: ୧୯.୨ ଓଭରରେ ୨୦୧/ଅଲଆଉଟ (ଲିଭିଂଷ୍ଟୋନ୍-୧୦୩, ଜାସନ ରୟ-୩୨ ; ସାହିନ ଆଫ୍ରିଦୀ-୩/୩୦, ସାଦାବ ଖାଁ-୩/୫୨)।

# ଏସି ମିଲାନରେ ଯୋଗଦେଲେ ଗିରୋଡ

**ମିଲାନ, ୧୭।୭ (ଏପି):** ଫ୍ରାନ୍ସର ଭେଟେରାନ ଷ୍ଟ୍ରାଇକର ଅଲିଭର ଗିରୋଡ ଚାମ୍ପିୟନ୍ସ ଲିଗ୍ ବିଜେତା ଚେଲ୍‌ସି ଦଳ ପରିତ୍ୟାଗ କରି ୟୁରୋପିଆନ କପ୍ ବିଜେତା ଏସି ମିଲାନରେ ଯୋଗଦେଇଛନ୍ତି। ଗିରୋଡ ଏହି କ୍ଲବ ତରଫରୁ ଖେଳିବା ବେଳେ ୯ ନମ୍ବର ଜର୍ସି ବ୍ୟବହାର କରିବେ। ୩୪ ବର୍ଷୀୟ ଗିରୋଡ୍ ୯ ବର୍ଷ ହେଲା ଇଂଲିଶ ଫୁଟ୍‌ବଲ ସହ ସମ୍ପୃକ୍ତ ଅଛନ୍ତି। ଆର୍ସେନାଲ ତରଫରୁ ଖେଳି ସେ ୧୦୫ ଗୋଲ ସ୍କୋର କରିଥିବାବେଳେ ଚେଲ୍‌ସି ପକ୍ଷରୁ ସେ ୩୯ ଗୋଲ ଦେଇଛନ୍ତି। ୪୬ ଗୋଲ୍ ସହ ସେ ଫ୍ରାନ୍ସର ମଧ୍ୟ ଦ୍ୱିତୀୟ ସର୍ବାଧିକ ସ୍କୋରର ବିବେଚିତ ହେଉଛନ୍ତି। ଆର୍ସେନାଲର ପୂର୍ବତନ ଷ୍ଟାର ଖେଳାଳି ଥିଏରୀ ହେନ୍‌ରୀଙ୍କଠାରୁ ମାତ୍ର ୫ ଗୋଲ ପଛରେ ରହିଛନ୍ତି। ୨୦୧୯-୨୦ ସିଜନରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଗୋଲ ସହାୟତାରେ ଚେଲ୍‌ସି ଗତ ସିଜନରେ ଚାମ୍ପିୟନ୍ସ ଲିଗ୍ ପାଇଁ ଯୋଗ୍ୟତା ଅର୍ଜନ କରିଥିଲା। ପ୍ରତିଯୋଗିତାରେ ତାଙ୍କ ୬ଟି ଗୋଲ୍ ସହାୟତାରେ ଲଣ୍ଡନ କ୍ଲବ ଦ୍ୱିତୀୟ ଥର ପାଇଁ ଟାଇଟଲ ବିଜୟୀ ହୋଇଥିଲା। ଗିରୋଡ ଆହୁରିମଧ୍ୟ ୨୦୧୯ରେ ଚେଲ୍‌ସିର ବିଜୟରେ ୟୁରୋପା ଲିଗ୍‌ର ଟପ୍ ସ୍କୋରର ଥିଲେ।



# ଅନ୍ତିମ ଟି୨୦ ଜିତିଲା ୱେଷ୍ଟଇଣ୍ଡିଜ

**ଗ୍ରସ୍‌ଆଇଲେଟ୍ (ସେଣ୍ଟ ଲୁସିଆ), ୧୭।୭ (ଏପି)**

ଅଷ୍ଟ୍ରେଲିଆ ବିପକ୍ଷ ୫ମ ତଥା ଅନ୍ତିମ ଅନ୍ତର୍ଜାତୀୟ ଟି୨୦ରେ ୱେଷ୍ଟଇଣ୍ଡିଜ ୧୬ ରନରେ ବିଜୟ ହାସଲ କରିଛି। ଏଥିସହ ଦଳ ୫ ମ୍ୟାଚ ବିଶିଷ୍ଟ ସିରିଜ ୪-୧ରେ ବିଜୟ ହାସଲ କରିଛି। ଦଳକୁ ଜିତାଇବାରେ ଏର୍ଭିନ ଲୁଇସ୍ ପ୍ରମୁଖ ଭୂମିକା ଗ୍ରହଣ କରି ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ହେଡେନ ୱାଲ୍ସ ପ୍ଲେୟର ଅଫ୍ ଦି ସିରିଜ ହୋଇଥିଲେ। ୱେଷ୍ଟଇଣ୍ଡିଜର କାମଚଳା ଅଧିନାୟକ ନିକୋଲାସ ପୁରାନ ସିରିଜରେ ପ୍ରଥମଥର ଟସ୍ ଜିତି ବ୍ୟାଟିଂ ନେଇଥିଲେ। ଦଳ ନିର୍ଦ୍ଧାରିତ ଓଭରରେ ୮ ଉଇକେଟ ବିନିମୟରେ ୧୯୯ରନ କରିଥିଲା। ଟପ୍ ସ୍କୋର ଲୁଇସ୍ ୩୪ ବଲରୁ ୯ ଛକା ସମେତ ୭୯ରନ କରିଥିଲେ। ପୁରାନ ୩୧ ରନ କରିଥିଲେ। ଅଷ୍ଟ୍ରେଲିଆ ତରଫରୁ ଆଣ୍ଡ୍ର୍ୟୁ ଟାଇ ୩ ଏବଂ ଆଡାମ ଜାମ୍ପା ଓ ମିଚେଲ ମାର୍ଶ ୨ଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ ଅଷ୍ଟ୍ରେଲିଆ ନିର୍ଦ୍ଧାରିତ ଓଭରରେ ୯ ଉଇକେଟ ବିନିମୟରେ ୧୮୩ ରନ କରିଥିଲା ଏବଂ ବିଜୟଠାରୁ ୧୬ରନ ପଛରେ ରହିଯାଇଥିଲା। ଦଳର ଟପ୍ ସ୍କୋରର ଆରୋନ ଫିଞ୍ଚ୍ ୩୪, ମିଚେଲ ମାର୍ଶ ୩୦ ଏବଂ ଉଇକେଟକିପର ମାଥ୍ୟୁ ୱେଡ୍ ୨୬ରନ କରିଥିଲେ। ଘରୋଇ ଦଳ ପକ୍ଷରୁ ଶେଲଡନ କଟ୍ରେଲ ଓ ଆନ୍ଦ୍ରେ ରସେଲ ୩ଟି ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ୱେଷ୍ଟଇଣ୍ଡିଜ: ୨୦ ଓଭରରେ ୧୯୯/୮ (ଲୁଇସ୍-୭୯, ପୁରାନ-୩୧ ; ଆଣ୍ଡ୍ର୍ୟୁ ଟାଇ-୩/୩୭, ମିଚେଲ ମାର୍ଶ-୨/୧୨, ଜାମ୍ପା-୨/୩୦)।

ଅଷ୍ଟ୍ରେଲିଆ: ୨୦ ଓଭରରେ ୧୮୩/୯ (ଫିଞ୍ଚ୍-୩୪, ମିଚେଲ ମାର୍ଶ-୩୦ ; କଟ୍ରେଲ-୩/୨୮, ରସେଲ-୩/୪୩)।



ଟି୨୦ ସିରିଜ୍ ବିଜୟୀ ୱେଷ୍ଟଇଣ୍ଡିଜ୍ ଦଳ।

# କ୍ରିକେଟରଙ୍କ ପରଲୋକ



**ଭୁବନେଶ୍ୱର,୧୭।୭(ସ୍ପୋର୍ଟ୍ସ ବ୍ୟୁରୋ):** ପୂର୍ବତନ କ୍ରିକେଟର ତଥା କ୍ରୀଡ଼ା ଖବରଦାତା ଶ୍ୟାମକାନ୍ତ ପଟ୍ଟନାୟକଙ୍କ ପରଲୋକ ହୋଇଛି। ଶନିବାର ସକାଳେ ୮୪ ବର୍ଷ ବୟସରେ ତାଙ୍କ ଦେହାନ୍ତ ହୋଇଛି। ସେ ଓଡ଼ିଶା ପାଇଁ ୨ଟି ପ୍ରଥମଶ୍ରେଣୀ ମ୍ୟାଚ୍ ଖେଳିଥିଲେ। ସେ ମଧ୍ୟ କ୍ରୀଡ଼ା ଖବରଦାତା ଭାବେ ନିଜର କ୍ୟାରିୟର ଗଢ଼ିଥିଲେ। ତାଙ୍କ ଦେହାନ୍ତରେ ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ତରଫରୁ ଶୋକ ପ୍ରକାଶ କରାଯାଇଛି। ଓସିଏର ପଦାଧିକାରୀ ଓ ସମସ୍ତ ସଭ୍ୟ ଶୋକ ପ୍ରକାଶ କରିଛନ୍ତି। ଓଡ଼ିଶା କ୍ରିକେଟ ପ୍ରତି ତାଙ୍କ ଅବଦାନ ମନେରହିବ। ତାଙ୍କ ଆତ୍ମାର ସଦ୍‌ଗତି ହେଉ ବୋଲି ଓସିଏ ତରଫରୁ କୁହାଯାଇଛି। ତାଙ୍କ ପରିବାର ପ୍ରତି ଆସୋସିଏଶନ ତରଫରୁ ସମବେଦନା ଜଣାଯାଇଛି।

# ବେଞ୍ଚ୍ ଷ୍ଟ୍ରେନ୍ଥ୍ ପରୀକ୍ଷା

**ଭିଭିଏସ୍ ଲକ୍ଷ୍ମଣ**

ଗତ କିଛି ମାସ ହେଲା ଭାରତୀୟ କ୍ରିକେଟର ବେଞ୍ଚ୍ ଷ୍ଟ୍ରେନ୍ଥ ଯଥେଷ୍ଟ ବୃଦ୍ଧି ପାଇଛି। ହେଲେ ଏହାର କେତେଦୂର ସଫଳ ଉପଯୋଗ ହୋଇପାରୁଛି ସେ ନେଇ ଖୁବ୍ ଚର୍ଚ୍ଚା ଚାଲିଛି। ଏକ ଟେଷ୍ଟ ସିରିଜ ଖେଳିବା ପାଇଁ ଏବେ ୨୪ଜଣ ଖେଳାଳି ଇଂଲଣ୍ଡ ଟୁର୍‌ରେ ରହିଥିବା ବେଳେ ରବିବାରଠାରୁ ଶ୍ରୀଲଙ୍କାରେ ଭାରତର ଅନ୍ୟ ଏକ ଦଳ ସୀମିତ ଓଭର ସିରିଜ ଖେଳିବାକୁ ଯାଉଛି। ବହୁ ସୀମିତ ଓଭର ସ୍ପେଶାଲିଷ୍ଟଙ୍କ ଅନୁପସ୍ଥିତିରେ ଶିଖର ଧାୱନ ଏହି ଦଳର ଅଧିନାୟକତ୍ୱ କରିବେ। ତାଙ୍କର ଯଥେଷ୍ଟ ଅଭିଜ୍ଞତା ରହିଛି। ସେ ସ୍ଥିର ପ୍ରଦର୍ଶନ ମଧ୍ୟ କରିଥାନ୍ତି। ତାଙ୍କୁ ଦଳର ନେତୃତ୍ୱ ଦିଆଯାଇଥିବାରୁ ବିଶେଷ କରି ମୁଁ ଖୁବ୍ ଖୁସି। ଧାୱନଙ୍କୁ ଏଥିରେ ତାଙ୍କର ବ୍ୟାଟିଂ ଓ ଲିଡରଶିପ୍ ଦକ୍ଷତାକୁ ଦେଖାଇବାକୁ ପଡ଼ିବ। ଆଗକୁ ଟି୨୦ ବିଶ୍ୱକପ୍ ରହିଥିବାରୁ ଟପ୍ ବ୍ୟାଟିଂ ଅର୍ଡରରେ ସ୍ଥାନ ପାଇଁ ତାଙ୍କୁ ପ୍ରତିଯୋଗିତାର ସମ୍ମୁଖୀନ ହେବାକୁ ପଡ଼ିବ। ଉଦୀୟମାନ ପ୍ରତିଭା ପୃଥ୍ୱୀ ଶ', ସଞ୍ଜୁ ସାମସନ, ଇଶାନ କିଷାନ ଏବଂ ତୁଳନାତ୍ମକ ଭାବେ ଅଭିଜ୍ଞ ମନୀଷ ପାଣ୍ଡେ ଓ ସୂର୍ଯ୍ୟକୁମାର ଯାଦବଙ୍କ ଖେଳକୁ ଦେଖିବା ଲାଗି ମୋର ଅପେକ୍ଷା ରହିଛି। ଟି୨୦ ବିଶ୍ୱକପ୍ ପୂର୍ବରୁ ବିଦେଶରେ ଭାରତର ଏହା ଏକମାତ୍ର ସୀମିତ ଓଭର ସିରିଜ। ଏହି ସିରିଜରେ ରାହୁଲ ଦ୍ରାବିଡ ପ୍ରଥମ ଥର ପାଇଁ ଭାରତ ସିନିୟର ଦଳର କୋଚ ଦାୟିତ୍ୱ ତୁଲାଇବେ। ଦଳର ଅଧିକାଂଶ ଖେଳାଳି ରାହୁଲଙ୍କ ଅଧୀନରେ ଭାରତ 'ଏ' ଓ ୧୯ ବର୍ଷରୁ କମ୍ ଅବା ଏନ୍‌ସିଏରେ କାର୍ଯ୍ୟ କରିଛନ୍ତି। କିଛିଦିନ ହେଲା ସ୍ପିନରମାନଙ୍କ ବୋଲିଂ ସେତେଟା ପ୍ରଭାବଶାଳୀ ମନେ ହେଉନାହିଁ। ଯେପରିକି ୫୦ ଓଭର ଫର୍ମାଟରେ ଯୁଜବେନ୍ଦ୍ର ଚହଲ ଓ କୁଲଦୀପ ଯାଦବ ଏବଂ ଟି୨୦ ଫର୍ମାଟରେ ବରୁଣ ଚକ୍ରବର୍ତ୍ତୀ। ଯଦି ସେମାନଙ୍କୁ ନିୟମିତ ଖେଳିବାକୁ ଦିଆଯାଏ ଏବଂ ସେମାନେ ଉଇକେଟ ନେବାରେ ସମର୍ଥ ହୁଅନ୍ତି ତେବେ ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ମିଡିୟମ ପେସ୍ ବୋଲର ତଥା ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ଏଥିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ ବୋଲି ଆଶା କରାଯାଉଛି। ଆଗକୁ ବ୍ୟସ୍ତବହୁଳ ସିଜନ ଥିବାରୁ ସିରିଜରେ ପ୍ରଭାବୀ ପ୍ରଦର୍ଶନ କରିବା ଲାଗି ହାର୍ଦ୍ଦିକଙ୍କ ଭାଇ କ୍ରୁନାଲ ମଧ୍ୟ ତାଙ୍କ ପ୍ରତିଭା ଦେଖାଇବାକୁ ଚାହିଁବେ। ଉପ ଅଧିନାୟକ ଭୁବନେଶ୍ୱର କୁମାର ପେସ୍ ଆଟାକ୍‌ର ନେତୃତ୍ୱ ନେବେ। ଦୀପକ ଚହର ତାଙ୍କ ସୁଇଂ ବୋଲିଂରେ ଶ୍ରୀଲଙ୍କା ବ୍ୟାଟିଂ ୟୁନିଟ୍‌କୁ ଯଦି ଅଡୁଆରେ ପକାନ୍ତି ଏଥିରେ ମୁଁ ଆଶ୍ଚର୍ଯ୍ୟ ପ୍ରକାଶ କରିବି ନାହିଁ। ଶ୍ରୀଲଙ୍କାକୁ ତା' ଦେଶରେ ପରାସ୍ତ କରିବା ସହଜ ନୁହେଁ। -(ଗେମ୍‌ପ୍ଲାନ୍)


SEAGRAM'S ROYAL STAG PACKAGED DRINKING WATER






Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

## ଏକଦିବସୀୟ କ୍ରିକେଟ: କର୍ଲିପାଟ ବିଜୟୀ

ଲୋଇସିଂହା,(ଡି.ଏନ.ଏ): ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଆଗଲପାଲି କ୍ରିକେଟ କ୍ଲବ ଆନୁକୂଲ୍ୟରେ ସ୍ଥାନୀୟ ଖେଳପଡିଆଠାରେ ଚାଲିଥିବା ଏକଦିବସୀୟ କ୍ରିକେଟ ପ୍ରତିଯୋଗିତା ଶନିବାର ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗିତାର ଫାଇନାଲ ଖେଳ ଆୟୋଜକ ଅଗଲାପାଲି ଏବଂ କର୍ଲିପାଟ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ କର୍ଲିପାଟ ବିଜୟୀ ହୋଇଥିଲା। ପ୍ରତିଯୋଗୀତାକୁ ରିଲୁ ପଣ୍ଡା, ସାନନ୍ଦ ମୁଦୁଲି, ରବି ମୁଦୁଲି ପ୍ରମୁଖ ପ୍ରତିଯୋଗିତା ଆୟୋଜନ କରିବାରେ ସହଯୋଗ କରିଥିଲେ।

## ସଂକ୍ଷେପରେ

### କଂଗ୍ରେସର ଦସ୍ତଖତ ଅଭିଯାନ

ଲୋଇସିଂହା,୧୭।୭(ଡି.ଏନ.ଏ): ନିୟମିତ ଭାବେ ତୈଳଦର ବୃଦ୍ଧି ସାଧାରଣ ଜନତାଙ୍କୁ ଅତତିଷ୍ଠ କରି ପକାଇଛି। ଏହାର ପ୍ରତିବାଦରେ ଲୋଇସିଂହା ବ୍ଲକ କଂଗ୍ରେସ ପକ୍ଷରୁ ସ୍ଥାନୀୟ ପେଟ୍ରୋଲ ପମ୍ପଠାରେ ଉପଭୋକ୍ତାଙ୍କଠାରୁ ଦସ୍ତଖତ ଅଭିଯାନ ଶନିବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଭାପତି ଅରବିନ୍ଦ ସାହୁଙ୍କ ନେତୃତ୍ୱରେ ସରୋଜ ବିଶ୍ୱାଳ, ଭାଗବତିଆ ଭୋଇ, ଶିବ କୁମାର ଅଗ୍ରୱାଲ, ଗୋପାଳ ସା. ପଞ୍ଚୁ ସାଙ୍କ ସମେତ ବହୁ କର୍ମୀ ସାମିଲ ହୋଇଥିଲେ।

### ଟିକାକରଣ ସଚେତନତା କାର୍ଯ୍ୟକ୍ରମ

ଲୋଇସିଂହା,୧୭।୭(ଡି.ଏନ.ଏ.): ବଲାଙ୍ଗୀର ଜିଲା ନଅଗାଁ(ଖ) ପଲ୍ଲୀ ଆଲୋକ ପାଠାଗାର ଏବଂ ବିକ୍ସ କଟାବାଞ୍ଜି ମିଳିତ ଆନୁକୂଲ୍ୟରେ ଆଗଲପୁର ବ୍ଲକର ୨ଟି ପଞ୍ଚାୟତରେ କୋଭିଡ ଟିକାକରଣ ଉପରେ ଶନିବାର ଜନ ଜାଗରଣ ସୃଷ୍ଟି କରାଯାଇଛି। ପଲ୍ଲୀ ଆଲୋକ ପାଠାଗାରରୁ ବାହାରିଥିବା ରଥ ନଅଗାଁ(ଖ), ବଡତିକା, ଖରଣିପାଲି ଓ ଉରସୁଡା ପଞ୍ଚାୟତରେ ବିଭିନ୍ନ ଗାଁ ବୁଲି ଗୀତ ମାଧ୍ୟମରେ ଟିକା ନେବାକୁ ସଚେତନ କରିଥିଲେ।

### ଗାଡ଼ି ଧକ୍କାରେ ଯୁବକଙ୍କ ମୃତ୍ୟୁ

ବୌଦ୍ଧ,୧୭।୭(ସ୍ୱ.ପ୍ର.): ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ବାରିଙ୍ଗଠାରେ ଏକ ଅଜଣା ଗାଡି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବାରିଙ୍ଗ ଗ୍ରାମର ବୀରମିତ୍ର କହଁର (୨୨)। ଶୁକ୍ରବାର ରାତି ୯ ଟାରେ ସେ ବଦଲା ଠାରୁ ନିଜ ବାଇକ ଯୋଗେ ଘରକୁ ଫେରୁଥିଲେ। ଏହି ସମୟରେ ଖୋର୍ଦ୍ଧା-ବଲାଙ୍ଗୀର ଜାତୀୟ ରାଜପଥର ବାରିଙ୍ଗଠାରେ ଏକ ଅଜଣା ଗାଡି ତାଙ୍କୁ ଧକ୍କା ଦେଇ ଫେରାର ହୋଇଯାଇଥିଲା। ପରିବାର ଲୋକେ ତାଙ୍କୁ ପୁରୁଣାକଟକ ମେଡିକାଲ ନେଇଥିଲେ। ସେଠାରେ ଡାକ୍ତର ବୀରମିତ୍ରଙ୍କୁ ମୃତ ଘୋଷଣା କରିଥିଲେ। ପୁରୁଣାକଟକ ଥାନା ପୋଲିସ ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଛି। ପୋଲିସ ବାଇକ ଜବତ କରିଛି।

### ଆନ୍ଦୋଳନକୁ ଓହ୍ଲାଇବ କେନ୍ଦୁପତ୍ର କର୍ମଚାରୀ ସଂଘ

ପାଟଣାଗଡ/ଖପ୍ରାଖୋଲ,୧୭।୭(ଡି.ଏନ.ଏ) ପାଟଣାଗଡ ବନଖଣ୍ଡର କେନ୍ଦୁପତ୍ର ସାରା ଏସିଆ ମହାଦେଶରେ ଉତ୍କୃଷ୍ଟ କେନ୍ଦୁପତ୍ରଭାବେ ଜଣା। ହେଲେ ଏହି କେନ୍ଦୁପତ୍ରକୁ ସଂଗ୍ରହ କରି ତୋଳାଳିମାନେ ଫଡିରେ ବିକ୍ରି କରିଥାନ୍ତି। ତୋଳାଳିଙ୍କୁ ଦିଆଯାଇଥିବା ପାସ୍ ବହିରେ କେଉଁ ଦିନ କେତେ ବିକ୍ରି କରିଛନ୍ତି ତାର ହିସାବ ଲେଖାଯାଇଥାଏ। କେନ୍ଦୁପତ୍ର ବିଭାଗ ତରଫରୁ ମାଗଣାରେ ଏହି ପାସ୍‌ବହି ତୋଳାଳିଙ୍କୁ ଦିଆଯିବା ନିୟମ ରହିଛି। ହେଲେ ପାଟଣାଗଡ କେନ୍ଦୁପତ୍ର ବନଖଣ୍ଡ ଘସିଏନ୍ ଦକ୍ଷିଣ ରେଞ୍ଜରେ ପାସ୍‌ବହି ପାଇଁ ୨୦୦ ରୁ ୧୦୦୦ ଟଙ୍କା ଲେଖାଏଁ କେତେକ ଅଧିକାରୀ ଅସୁଲ କରିଥିବା ଅଭିଯୋଗ ହୋଇଛି। ଏ ନେଇ କେନ୍ଦୁପତ୍ର କର୍ମଚାରୀ ସଂଘ ତରଫରୁ ଜଙ୍ଗଲ ବିଭାଗ ପ୍ରମୁଖ ଶାସନ ସଚିବଙ୍କୁ ଜଣାଇ ଦିଆଯାଇଛି। ତୁରନ୍ତ ଦୋଷୀ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ କେନ୍ଦୁପତ୍ର କର୍ମଚାରୀ ସଂଘ ଦାବି କରଛି। ନ ହେଲେ ସଂଘ ଆନ୍ଦଳନ କରିବ ବୋଲି କେନ୍ଦୁପତ୍ର କର୍ମଚାରୀ ସଂଘ ପାଟଣାଗଡ ଡିଭିଜନ ସମ୍ପାଦକ ଶିବାନନ୍ଦ ପରିଛା କହିଛନ୍ତି।

### ଏସ୍‌ପିଙ୍କୁ ଭେଟିଲା ବରିଷ୍ଠ ନାଗରିକ ସଂଘ

ବରଗଡ଼ ଅଫିସ୍,୧୭।୭: ବରଗଡ଼ ଜିଲା ବରିଷ୍ଠ ନାଗରିକ ସଂଘର ଏକ ପ୍ରତିନିଧି ଦଳ ଶୁକ୍ରବାର ଏସ୍‌ପି ରାହୁଲ ଜୈନଙ୍କୁ ଭେଟିଥିଲେ। ଜିଲାରେ ଆଇନ ଶୃଙ୍ଖଳା ଉପରେ ଦୃଷ୍ଟି ଦେବା ସହିତ ବରିଷ୍ଠ ନାଗରିକଙ୍କୁ ପରିଚୟପତ୍ର ପ୍ରଦାନ କରିବାକୁ ସେମାନେ ଅନୁରୋଧ କରିଥିଲେ। ସଂଘ ସଭାପତି ଅମରେନ୍ଦ୍ର ନାରାୟଣ ଯାଦବଙ୍କ ନେତୃତ୍ୱରେ ଉପଦେଷ୍ଟା ରକ୍ଷାକାରୀ ବିଶି, ସମ୍ପାଦକ ପ୍ରହଲ୍ଲାଦ ମହାପାତ୍ର, କେଦାର ମିଶ୍ର, ସୁରେନ୍ଦ୍ର ମୋହନ ଚାନ୍ଦ, ପ୍ରସନ୍ନ ପ୍ରଧାନ, ଦୁଃଖୁ ମିଶ୍ର, ପ୍ରଦୀପ ସାହୁ ପ୍ରମୁଖ ଏହି ପ୍ରତିନିଧି ଦଳରେ ସାମିଲ ହୋଇଥିଲେ।

### ବ୍ଲକ କଂଗ୍ରେସ କମିଟି ଗଠିତ

ବୌଦ୍ଧ,୧୭।୭(ସ୍ୱ.ପ୍ର.): ହରଭଙ୍ଗା ବ୍ଲକ କଂଗ୍ରେସ କମିଟି ଘୋଷିତ ହୋଇଛି। ସଭାପତି ପଙ୍କଜ କୁମାର କଣ୍ଡ, ଉପସଭାପତି ପ୍ରଶାନ୍ତ କର୍ଣ୍ଣ, କୃଷ୍ଣଚନ୍ଦ୍ର ପ୍ରଧାନ ଓ ବେଣୁଧର ମେହେର, କୋଷାଧକ୍ଷଭାବେ ପୋଲସ୍ତି ପ୍ରଧାନଙ୍କୁ ନିଯୁକ୍ତି ମିଳିଛି। ସାଧାରଣ ସମ୍ପାଦକଭାବେ କାହ୍ନୁ ଚରଣ ନାଥ, ଗଣ୍ଡାଧର ମେଣ୍ଡିଲି, ବିଚିତ୍ର ମାଝି, ପ୍ରଦୀପ ଯୋଷୀ ଓ ଚିତ୍ରସେନ ମଲ୍ଲିକ, ସମ୍ପାଦକ ଭାବେ ପ୍ରଦୀପ ବେହେରା,ପ୍ରମୋଦ କୁମ୍ଭାର, ସିଦ୍ଧେଶ୍ୱର ବେହେରା, ପ୍ରମିଳା ନାଏକ, ଶୈଳେନ୍ଦ୍ର ଦେହୁରୀ, ନିରାକାର ବେହେରା, ବିଶାଲ ହାତୀଙ୍କୁ ନିଯୁକ୍ତି ଦିଆଯାଇଛି।

# ଜମି ଶୁଖିଲା, ଚାଷକାର୍ଯ୍ୟ ବାଧାପ୍ରାପ୍ତ

## ସୁବର୍ଣ୍ଣପୁର ଜିଲାରେ ଗଜାମରୁଡି ଆଶଙ୍କା

ସୋନପୁର,୧୭।୭(ନି.ପ୍ର.)


ବୀରମହାରାଜପୁର ବ୍ଲକ ସୁବଳୟାରେ  ଜମି ଫାଟି ଆଁ କରିଛି।

ଆଷାଢ ମାସ ସରିବାକୁ ବସିଲାଣି। ସୁବର୍ଣ୍ଣପୁର ଜିଲାର ଚାଷ ଜମି ଶୁଖିଲା ପଡିଛି। ବର୍ଷାଋତୁରେ ଏବେ ମୁଣ୍ଡଫଟା ଖରା। ଯେଉଁ ସମୟରେ ନଦୀ, ନାଳ, ପୁଷ୍କରଣୀ ଫୁଲି ଉଠିବା କଥା ସେହି ସମୟରେ ସବୁ ଶୁଖିଲା ପଡିଛି। ଜିଲାର ଡୁଙ୍ଗୁରିପାଲି ଓ ବିନିକା ବ୍ଲକର ଚାଷ ଜମି ହୀରାକୁଦ୍ କେନାଲ ଦ୍ୱାରା ଜଳସେଚିତ ହୋଇପାରୁଛି। କିନ୍ତୁ ସୋନପୁର, ତରଭା, ଉଲୁଣ୍ଡା ଓ ବୀରମହାରାଜପୁର ବ୍ଲକର ଚାଷୀଙ୍କୁ ଏକମାତ୍ର ଭରସା ମୌସୁମୀ ବର୍ଷା। ଜିଲାରେ ଜୁନ୍ ମାସରେ ହାରାହାରି ୨୧୨ମିଲିମିଟର ବର୍ଷା ହୋଇଥାଏ କିନ୍ତୁ ଚଳିତ ଥର ୮୩ମିଲିମିଟର କମ୍ ବର୍ଷା ହୋଇଛି। ଜୁଲାଇ ମାସରେ ୩୧୯.୯ମିଲିମିଟର ବର୍ଷା ହେବା କଥା। କିନ୍ତୁ ୧୭ ତାରିଖ ସୁଦ୍ଧା ମାତ୍ର ୮୦ମିଲିମିଟର ବର୍ଷା ହୋଇଛି। ସ୍ୱାଭାବିକଠାରୁ ଯଥେଷ୍ଟ କମ୍ ବର୍ଷା କାରଣରୁ ଚାଷ କାମ ଆଗେଇ ପାରୁନି। ମୌସୁମୀ ଉଭାନ ହୋଇଥିବା ବେଳେ ୪ଟି ଅଣଜଳସେଚିତ ବ୍ଲକର ଚାଷୀ ପାଣି ଟୋପାଏ ପାଇଁ ହନ୍ତସନ୍ତ ହେଉଛନ୍ତି। ନିରାଶ ହୋଇ ଚାଷୀ ଏବେ ଅପେକ୍ଷା କରିଛି ଲଘୁଚାପ ବର୍ଷାକୁ। ୧ ସପ୍ତାହ ମଧ୍ୟରେ ବର୍ଷା ନ ହେଲେ ସ୍ଥିତି ଗମ୍ଭୀର ହେବ ବୋଲି ଚାଷୀ ଆଶଙ୍କା କରୁଛନ୍ତି। ସ୍ୱଳ୍ପ ବୃଷ୍ଟିପାତ ହେତୁ ଅଧିକାଂଶ ଅଣଜଳସେଚିତ ଅଞ୍ଚଳରେ ଚାଷ କାର୍ଯ୍ୟ ଆରମ୍ଭ ହୋଇ ନାହିଁ। ଅନେକ ସ୍ଥାନରେ ତଳି ପକା ଯାଇଥିବା ଓ ବୁଣା ହୋଇଥିବା ଧାନ ମରିବାକୁ ବସିଲାଣି। ବୀରମହାରାଜପୁର ବ୍ଲକ ଆମ୍ଭସରଭଟା ଗ୍ରାମର ଚାଷୀ ସୁରେଶ କର୍ଣ୍ଣ କୁହନ୍ତି, ୧୦ଏକର ଜମିରେ ସେ ଚାଷ କରିବାକୁ ପ୍ରସ୍ତୁତି କରିଥିଲେ। ସୁବଳୟା ପ୍ୟାକ୍ସରୁ ୨୦ହଜାର ଟଙ୍କାର ଧାନ ବିହନ କଣି ତଳି ପକାଇଥିଲ। ୨ ସପ୍ତାହ ଧରି ବର୍ଷା ନାହିଁ। ଜମି ଫାଟି ଆଁ କଲାଣି। ଗଜା ମରୁଡି ଆଶଙ୍କାରେ ସେ ଚିନ୍ତିତ ଅଛନ୍ତି। ଚଳିତ ଖରିଫ ଋତୁରେ ଜିଲାର ୯୭ହଜାର ୫୦୦ହେକ୍ଟର ଜମିରେ ଧାନ ଚାଷ କରାଯିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ହେଲେ ଚାଷ ଆରମ୍ଭରୁ ସ୍ୱଳ୍ପ ବୃଷ୍ଟିପାତ ଯୋଗୁଁ ସବୁ କାର୍ଯ୍ୟ ପଛେଇ ଯାଇଛି। କରୋନା ଭଳି ମହାମାରୀ ସମୟରେ ପରିବାର ପ୍ରତିପୋଷଣ ନେଇ ଚାଷୀ ଚିନ୍ତିତ ଅଛନ୍ତି। ଚାଷ ପାଇଁ ଜୁଲାଇ ମାସ ବେଶ ଗୁରୁତ୍ୱପୂର୍ଣ୍ଣ। ଏହି ମାସରେ କମ୍ ବୃଷ୍ଟିପାତ ହେବା ଚିନ୍ତାର କାରଣ ହୋଇଛି। କିଛି ଅଞ୍ଚଳରେ ଜଳାଶୟରୁ ପାଣି ପମ୍ପ ଦ୍ୱାରା ଜଳ ଉତ୍ତୋଳନ କରି ଚାଷୀ ତଳି ଧାନ ଗଛ ବଞ୍ଚାଇ ରଖିବାକୁ ଚେଷ୍ଟା କରୁଛନ୍ତି। ଶତାଧିକ ହେକ୍ଟର ଚାଷ ଜମି ଚଳିତ ବର୍ଷ ପଡିଆ ପଡିବାର ଆଶଙ୍କା ସୃଷ୍ଟି ହୋଇଛି। ସ୍ୱଳ୍ପ ବୃଷ୍ଟିପାତ ଜନିତ ମରୁଡ଼ିକୁ ଦୃଷ୍ଟିରେ ରଖି କୃଷି ସହ ଜଡିତ ସମସ୍ତ ବିଭାଗ ଜିଲାର ଚାଷୀଙ୍କ ପାଇଁ ତୁରନ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି। ଏ ସମ୍ପର୍କରେ ଜିଲା ମୁଖ୍ୟ କୃଷି ଅଧିକାରୀ ପ୍ରଶାନ୍ତ କୁମାର ପଜ୍ଜନାୟକ କୁହନ୍ତି, ଜୁଲାଇ ମାସରେ ବହୁତ କମ୍ ବର୍ଷା ହୋଇଛି। ଅଣଜଳସେଚିତ ସୋନପୁର, ତରଭା ବ୍ଲକ ଓ ବୀରମହାରାଜପୁର ଉପଖଣ୍ଡରେ ସମସ୍ୟା ଦେଖାଦେଇଛି। ଆସନ୍ତା ୭ ଦିନ ମଧ୍ୟରେ ବର୍ଷା ନ ହେଲେ ଚାଷୀ କ୍ଷତି ସହିବେ ବୋଲି ସେ କହିଛନ୍ତି।

# ଆଶୀର୍ବାଦ ଖୋଲୁଛି ମୃତ୍ୟୁ ଗୁମର

ବଲାଙ୍ଗୀର ଅଫିସ,୧୭।୭

ଓଡ଼ିଶା କୋଭିଡ୍ ଡାସ୍‌ବୋର୍ଡ ତଥ୍ୟ ଅନୁସାରେ ଏଯାବତ୍ ବଲାଙ୍ଗୀର ଜିଲାରେ କୋଭିଡ୍ ସଂକ୍ରମିତ ହୋଇ ୮୭ଜଣଙ୍କ ମୃତ୍ୟୁ ଘଟିଛି। ୨୦୨୦ ମେ' ମାସରୁ ଜିଲାରେ କୋଭିଡ୍ ସଂକ୍ରମିତ ଚିହ୍ନଟ ହୋଇଥିଲା। ଅନେକଙ୍କ କୋଭିଡ୍ କାରଣରୁ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲେ ମଧ୍ୟ ସେମାନଙ୍କ ମଧ୍ୟରୁ ଅନେକଙ୍କ ମୃତ୍ୟୁକୁ କୋଭିଡ୍ ଜନିତ ଦର୍ଶାଯାଇନାହିଁ। ଏଭଳିକି କୋଭିଡ୍ ମୃତ୍ୟୁ ସଂଖ୍ୟାକୁ ଲୁଚାଯାଉଥିବା ଅଭିଯୋଗ ହୋଇଆସୁଛି। ଏତିକି ବେଳେ ଆଶୀର୍ବାଦ ଯୋଜନାର କାର୍ଯ୍ୟକାରିତାକୁ ନେଇ ଯେଉଁ ତଥ୍ୟ ଲୋକଲୋଚନକୁ ଆସିଛି ତାହା ଚମକାଇ ଦେଇଛି। ଜିଲାରେ କୋଭିଡ୍ ମହାମାରୀ ସମୟରେ ବାସ୍ତବରେ କେତେ ଲୋକ ମୃତ୍ୟୁବରଣ କରିଛନ୍ତି ସେ ହିସାବ କାହାରି ପାଖରେ ନାହିଁ। ତେବେ ଆଶୀର୍ବାଦ ଯୋଜନାରେ ହିତାଧିକାରୀ ଚିହ୍ନଟ ପରେ କରୋନା ମୃତ୍ୟୁ ସଂକ୍ରାନ୍ତରେ ସିଧାସଳଖ ତଥ୍ୟ ମିଳିପାରି ନ ଥିଲେ ମଧ୍ୟ କୋଭିଡ୍ କାଳର ମୃତ୍ୟୁ ଭୟାବହତାର ଏକ ତଥ୍ୟ ଲୋକଲୋଚନକୁ ଆସିଛି। କେବଳ ବଲାଙ୍ଗୀର ଜିଲାରେ ଆର୍ଶୀବାଦ ଯୋଜନାରେ ୨୭୩୩ ଜଣ ଶିଶୁ ଆବେଦନ କରିଛନ୍ତି। ଆବେଦନକାରୀଙ୍କ ମାତାପିତା, ମାତା କିମ୍ବା ପିତା ମୃତ୍ୟୁବରଣ କରିଥିବା ଅନୁମାନ କରାଯାଉଛି। ସେମାନଙ୍କ ସଂଖ୍ୟା କେତେ ସେ ସଂକ୍ରାନ୍ତରେ ସୂଚନା ଦିଆଯାଇନାହିଁ। ରାଜ୍ୟ ସରକାର ଆଶୀର୍ବାଦ ଯୋଜନା କାର୍ଯ୍ୟକାରୀ କରିବା ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କୋଭିଡ୍‌ରେ ମୃତ୍ୟୁବରଣ କରିଥିବା ମାତାପିତାଙ୍କ ଅନାଥ ଶିଶୁଙ୍କୁ ସହାୟତା କରିବାକୁ ଘୋଷଣା କରିଥିଲେ। ତେବେ କୋଭିଡ୍ ମୃତ୍ୟୁଜନିତ ପ୍ରମାଣପତ୍ର ଅଭାବରୁ ଏହି ଯୋଜନାରେ ସୁଫଳ ପାଇବାରୁ ଅନେକେ ବଞ୍ଚିତ ହୋଇଥିବା ଚର୍ଚ୍ଚାର ବିଷୟ ହୋଇଥିଲା। ରାଜ୍ୟ ସରକାର ଏପ୍ରିଲ ୨୦୨୦ ମସିହାରୁ ଯେକୌଣସି କାରଣରୁ ମୃତ୍ୟୁବରଣ କରିଥିବା ମାତାପିତାଙ୍କ ଶିଶୁଙ୍କୁ ସହାୟତା ଘୋଷଣା ପରେ ଏବେ ବାସ୍ତବରେ କେତେ ଶିଶୁ ସେମାନଙ୍କ ମାତାପିତାଙ୍କୁ ହରାଇଛନ୍ତି ତାହା ଜଣାପଡୁଛି।

# ବିଧାୟକ ପାଣ୍ଠିରୁ ଡିଜିଟାଲ ଷ୍ଟଡିବୋର୍ଡ ଦିଆଯିବ


ନରସିଂହ ମିଶ୍ର ଆୟୁର୍ବେଦ କଲେଜ ଛାତ୍ରୀଛାତ୍ର, ଅଧକ୍ଷ ଓ ଅଧାପକଙ୍କ ସହ ଆଲୋଚନା କରୁଛନ୍ତି।

## ବଲାଙ୍ଗୀର ଆୟୁର୍ବେଦ ମହାବିଦ୍ୟାଳୟ ପରିଦର୍ଶନ କଲେ ବିଧାୟକ

ବଲାଙ୍ଗୀର ଅଫିସ,୧୭।୭

ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର ଶନିବାର ସରକାରୀ ଆୟୁର୍ବେଦ ମହାବିଦ୍ୟାଳୟ ପରିଦର୍ଶନ କରିଥିଲେ। ମହାବିଦ୍ୟାଳୟ ପରିସରରେ ଅଧକ୍ଷ ପ୍ରଫେସର ଅରୁଣ କୁମାର ଦାଶ, ଆୟୁର୍ବେଦ ଷ୍ଟୁଡେଣ୍ଟ ୟୁନିୟନ ସମ୍ପାଦକ ରୋଶନ ଦାଶ କଲେଜର ବିଭିନ୍ନ ସମସ୍ୟା ସମ୍ପର୍କରେ ବିଧାୟକଙ୍କୁ ଅବଗତ କରିଥିଲେ। ନର୍ସିଂଷ୍ଟାଫ୍ ଅଭାବ ଯୋଗୁଁ ଆଗାମୀ ଦିନରେ କଲେଜରେ ଶିକ୍ଷା ତଥା ଚିକିତ୍ସା ଅସମ୍ଭବ ହୋଇପଡିବ ବୋଲି କହିଥିଲେ। ଏପରିକି ଆଗାମୀ ବର୍ଷ ନାମଲେଖା ମଧ୍ୟ ବାଧାପ୍ରାପ୍ତ ହୋଇପାରେ ବୋଲି କହିଥିଲେ। କଲେଜରେ ଛାତ୍ର ସଂଖ୍ୟା ବଢିଥିବାରୁ କ୍ଲାସରୁମ ଜରୁରୀ ହୋଇପଡିଛି। ଏ ନେଇ ଛାତ୍ର ସଂସଦ ପକ୍ଷରୁ ବିଧାୟକ ମିଶ୍ରଙ୍କୁ ୧୧ଦଫା ଦାବିପତ୍ର ଦିଆଯାଇଥିଲା। ଏଥିରେ ଛାତ୍ରୀଛାତ୍ରଙ୍କ ପାଇଁ ଖେଳପଡିଆ, ପିଇବା ପାଣି ପାଇଁ ଓଭରହେଡ୍ ଟ୍ୟାଙ୍କ, ୬ଟି ଡିଜିଟାଲ ଷ୍ଟଡିବୋର୍ଡ, ଏକ ଅଡିଟରିୟମ, ଛାତ୍ରୀଛାତ୍ରଙ୍କ ପାଇଁ ହଷ୍ଟେଲ ଏବଂ ଏକ ଇ-ଲାଇବ୍ରେରୀ କଲେଜ ପାଇଁ କୁହାଯାଇଥିଲା। ଖୁବ୍‌ଶୀଘ୍ର ପିଇବା ପାଣି ସମସ୍ୟା ସମାଧାନ କରିବା ପାଇଁ ଜନସ୍ୱାସ୍ଥ୍ୟ ବିଭାଗକୁ ବିଧାୟକ ମିଶ୍ର କହିଥିଲେ। ଛାତ୍ରୀଛାତ୍ରଙ୍କ କ୍ଲାସ ରୁମରେ ପାଠପଢା ପାଇଁ ନିହାତି ଆବଶ୍ୟକ ଥିବା ୬ଟି ଡିଜିଟାଲ ଷ୍ଟଡି ବୋର୍ଡ ନିଜସ୍ୱ ବିଧାୟକ ପାଣ୍ଠିରୁ ପ୍ରଦାନ କରିବେ ବୋଲି ବିଧାୟକ ଘୋଷଣା କରିଥିଲେ। ଇ-ଲାଇବ୍ରେରୀର ରୂପରେଖ କଣ ହେବ ସେ ଉପରେ ସେ ଆଲୋଚନା କରି ନିଷ୍ପତ୍ତି ନେବେ ବୋଲି କହିଥିଲେ। ଏହା ସହ କଲେଜ ଆଲୋକୀକରଣ ମଧ୍ୟ ନିଜ ପାଣ୍ଠିରୁ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଛାତ୍ରମାନେ ଦାବିକରିଥିବା ସୋଲାର ଲାଇଟ ସିଷ୍ଟମ, ଷ୍ଟାଫ କ୍ୱାର୍ଟର୍ସ, ଓଭରହେଡ୍ ଟ୍ୟାଙ୍କ, ନୂତନ କ୍ଲାସରୁମ୍ ପାଇଁ ସରକାରଙ୍କ ପାଖକୁ ବିଧିବଦ୍ଧ ପ୍ରସ୍ତାବ ପଠାଯିବ। ଆଗାମୀ ଦିନରେ କଲେଜର ଯାହା କିଛି ସମସ୍ୟା ଅଛି ତାର ଏକ ବିବରଣୀ ତାଙ୍କୁ ପ୍ରଦାନ କରିବାକୁ କଲେଜ ଅଧକ୍ଷଙ୍କୁ କହିଥିଲେ। ବୈଠକରେ ଅଧକ୍ଷ ଦାଶ, ଡ. ସୀମାଦ୍ରୀ ଭୂଷଣ ନାୟକ, ନବକୃଷ୍ଣ ମାଝି, ଛାତ୍ର ସଂଘ ସଭାପତି ଅଶ୍ୱିନୀ ରେଡ୍ଡି, ସାଧାରଣ ସମ୍ପାଦକ ଡ. ରୋଶନ ଦାଶ, ଉପସଭାପତି ସନ୍ତୋଷ କୁମାର ଧଳ ଏବଂ ବିଧାୟକଙ୍କ ପ୍ରତିନିଧି ଡ. ପ୍ରକାଶ ଚନ୍ଦ୍ର ଦାଶ ଉପସ୍ଥିତ ଥିଲେ।

# ଗାଡ଼ିରେ ପ୍ରେସ୍ ଲେଖି ଗଞ୍ଜେଇ ଚାଲାଣ

ବରଗଡ଼ ଅଫିସ୍,୧୭।୭


ଜବତ ୨କାର୍ ଏବଂ ଗଞ୍ଜେଇ।

- ୪ ଅଭିଯୁକ୍ତଙ୍କୁ ଗିରଫ କଲା ପୋଲିସ
- ୨୩୩ କି.ଗ୍ରା ଗଞ୍ଜେଇ, ୨ଗାଡ଼ି ଜବତ
- ସୋନପୁର ପଟୁ ଛତିଶଗଡ଼କୁ ହେଉଥିଲା ଚାଲାଣ

ସୋନପୁର ପଟୁ ଛତିଶଗଡ଼ ଅଭିମୁଖେ ଚାଲାଣ ହେଉଥିବାବେଳେ ୨ଟି ଗଞ୍ଜେଇ ବୋଝେଇ କାର୍‌କୁ ବରଗଡ଼ ଜିଲା ସୋହେଲା ପୋଲିସ ଜବତ କରିଛି। ଜବତ ପରିମାଣ ୨୩୩ କି.ଗ୍ରା ହେବ ଏବଂ ଏଥିରେ ସମ୍ପୃକ୍ତ ୪ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଛତିଶଗଡ଼ ରାଜ୍ୟ ଧନ୍ତରୀ ଜଲା କୁରୁଡ଼ ଥାନା ଡର୍ବା ଗ୍ରାମର ହେମରାଜ ନିଶାଦ(୨୩), କଙ୍କେର ଜିଲା ଚାର୍ମା ଗ୍ରାମର ସଞ୍ଜୟ ତ୍ରିପାଠୀ(୨୪), ଅଜୟ ତ୍ରିପାଠୀ(୩୦) ଏବଂ ଗୌରବ ଖପାର୍ଡ଼େ(୨୬)। ସେମାନଙ୍କ ପାଖରୁ ଗଞ୍ଜେଇ ବୋଝେଇ ୨ଟି କାର୍ (ନଂ.ସିଜି୦୪ଏନଏଚ/୯୯୯୮ ଏବଂ ନଂ.ସିଜି୦୪ଏଲଡି/୫୬୬୫) ସମେତ ୬ଟି ମୋବାଇଲ, ନଗଦ ୧୩ହଜାର ୧୨୦ଟଙ୍କା, ଆଧାର କାର୍ଡ଼ ଆଦି ଜବତ ହୋଇଛି। ଏ ନେଇ ସୋହେଲା ଥାନାରେ ଏକ ମାମଲା (ନଂ.୧୨୪/୨୧) ରୁଜୁ ହୋଇଛି। ଗିରଫ ଅଭିଯୁକ୍ତମାନଙ୍କୁ ଶନିବାର ସୋହେଲା କୋର୍ଟକୁ ଚାଲାଣ କରାଯାଇଛି। ଅଭିଯୁକ୍ତମାନେ କାର୍ ସମ୍ମୁଖ କାଚରେ ପ୍ରେସ୍ ଲେଖି ଗଞ୍ଜେଇ ଚାଲାଣ କରୁଥିଲେ ବୋଲି ଶନିବାର ଜିଲା ପୋଲିସ ମୁଖ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏସ୍‌ପି ରାହୁଲ ଜୈନ ସୂଚନା ଦେଇଛନ୍ତି ।

ଏସ୍‌ପି ଜୈନ କହିଥିଲେ, ଶୁକ୍ରବାର ସୋନପୁର ପଟୁ ବରଗଡ଼ ଦେଇ ଛତିଶଗଡ଼ ଅଞ୍ଚଳକୁ ବିପୁଳ ପରିମାଣରେ ଗଞ୍ଜେଇ ଚାଲାଣ ହେଉଥିବା ନେଇ ସୋହେଲା ପୋଲିସକୁ ସୂଚନା ମିଳିଥିଲା। ଏହି ସୂଚନାକୁ ଆଧାର କରି ସୋହେଲା ଥାନାଧିକାରୀ ଏଚ.ବି ଗଡ଼ତିଆଙ୍କ ନେତୃତ୍ୱରେ ଏକ ପୋଲିସ ଟିମ୍ ସୋହେଲା ବ୍ଲକ ଅଫିସ ଛକକୁ ନାକାବନ୍ଦୀ କରିଥିଲେ। ସେତେବେଳେ ଉକ୍ତ ଦୁଇଟି କାର୍ ଯୋଗେ ଅଭିଯୁକ୍ତମାନେ ଗଞ୍ଜେଇ ଚାଲାଣ କରୁଥିବା ବେଳେ ଧରାପଡ଼ିଥିଲେ। ଖବରଦାତା ସମ୍ମିଳନୀରେ ପଦ୍ମପୁର ଏସ୍‌ଡ଼ିପିଓ ପ୍ରଦୀପ କୁମାର ସାହୁ ଉପସ୍ଥିତ ଥିଲେ ।

# ବୀରମହାରାଜପୁର ବ୍ଲକରେ ଶୁଭାରମ୍ଭ ହେଲା 'ପରିବର୍ତ୍ତନ'

ଅମରପାଲି,୧୭।୭(ଡିଏନଏ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ଶାନ୍ତନୁ କୁମ୍ଭକାରଙ୍କ ଅଧକ୍ଷତାରେ ଭାରଟୁଏଲ ମୋଡରେ ବ୍ଲକ ଶିକ୍ଷାରେ ଉନ୍ନତି ଆଣିବା ପାଇଁ ଏକ ନୂତନ କାର୍ଯ୍ୟକ୍ରମ ପରିବର୍ତ୍ତନର ଶୁଭାରମ୍ଭ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ୟୁଟୁବରେ ଚାଲିଥିବା ଶିକ୍ଷାଦାନରେ ପିଲାମାନଙ୍କର ଶତ ପ୍ରତିଶତ ଯୋଗଦାନ, ଶିକ୍ଷକମାନଙ୍କର ଗୃହ ପରିଦର୍ଶନ ଓ ଛୋଟ ପାଠଶାଳାରେ ଶିକ୍ଷାଦାନ, ମୋ ସ୍କୁଲ ଅଭିଯାନରେ ବିଦ୍ୟାଳୟ ସାମଗ୍ରୀକୁ ଉନ୍ନତିର ଯୋଜନା, ବୃକ୍ଷରୋପଣ, ପୋଷଣ ବଗିଚା, ବିଦ୍ୟାଳୟ ପରିବେଶ ଉପରେ ଗୁରୁତ୍ୱ, ସ୍ମାର୍ଟ କ୍ଲାସ, ଲାଇବ୍ରେରୀ ପଠନ ଇତ୍ୟାଦି ବିଷୟରେ ପ୍ରାଧାନ୍ୟ ଦେବାକୁ ଗୋଷ୍ଠୀ ଶିକ୍ଷା ଅଧିକାରୀ ସମସ୍ତଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଗୋଷ୍ଠୀ ସହ ଶିକ୍ଷାଧିକାରୀ ଚମ୍ପେଶ୍ୱର ଦାଶ, ଲକ୍ଷ୍ମଣ କୁମାର ରଥ, ବାରାନା ଡୁଙ୍ଗଡୁଙ୍ଗ ସମସ୍ତ ସିଆରସିସି, ସମସ୍ତ ହାଇସ୍କୁଲର ପ୍ରଧାନଶିକ୍ଷକ ଏବଂ ବ୍ଲକର ମନୋନୀତ ୩୨ଟି ଶ୍ରେଷ୍ଠ ବିଦ୍ୟାଳୟର ପ୍ରଧାନଶିକ୍ଷକ ଯୋଗ ଦେଇଥିଲେ।

# ଆଶୀର୍ବାଦ ଯୋଜନାରେ ୧୩୧୩ ଜଣଙ୍କୁ ମିଳିଲା ଅର୍ଥରାଶି

ବଲାଙ୍ଗୀର ଅଫିସ,୧୭।୭

ବଲାଙ୍ଗୀର ଜିଲା ପ୍ରଶାସନ, ଜିଲା ଶିଶୁ ସୁରକ୍ଷା ୟୁନିଟ୍ ଏବଂ ମହିଳା ଓ ଶିଶୁ ବିକାଶ ଆନୁକୂଲ୍ୟରେ ଜିଲାପାଳ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଆଶୀର୍ବାଦ ଯୋଜନାର ହିତାଧିକାରୀଙ୍କୁ ଅର୍ଥରାଶି ବିତରଣ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ଜିଲାର ୧୩୧୩ ଜଣ ହିତାଧିକାରୀଙ୍କୁ ପ୍ରଥମ ମାସ ପାଇଁ ୧୯ ଲକ୍ଷ ୮୭୨ ହଜାର ଟଙ୍କା ବିତରଣ କରାଯାଇଛି। ଭିଡିଓ କନ୍‌ଫରେନ୍ସିଂ ଜରିଆରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଟୁକୁନି ସାହୁ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିକାଶ ବିଭାଗ ନିର୍ଦ୍ଦେଶକ ଅରବିନ୍ଦ ଅଗ୍ରୱାଲ, ଜିଲାପାଳ ଚଞ୍ଚଳ ରାଣା, ଜିଲା ଶିଶୁ ସୁରକ୍ଷା ୟୁନିଟ୍ ଅଧିକାରୀ ଲକ୍ଷ୍ମୀ ସିଂ ଯୋଗ ଦେଇଥିଲେ। ଜିଲାପାଳ ରାଣା ଆର୍ଶୀବାଦ ଯୋଜନାର ରୂପରେଖ ସମ୍ପର୍କରେ ସୂଚନା ଦେଇ ହିତାଧିକାରୀମାନେ ଯେଭଳି ଅଧିକରୁ ଅଧିକ ଲାଭବାନ ପାଇବେ ସେ ଦିଗରେ ବିଶେଷ ଧ୍ୟାନ ଦିଆଯିବ ବୋଲି କହିଥିଲେ। ବର୍ତ୍ତମାନ ସୁଦ୍ଧା ଜିଲାର ସମସ୍ତ ପଞ୍ଚାୟତ ସମିତିରୁ ସମୁଦାୟ ୨୭୩୩ଟି ଆବେଦନ ପତ୍ର ଗ୍ରହଣ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ସେମାନଙ୍କ ମଧ୍ୟରୁ ୧୩୧୩ ଜଣ ଶିଶୁଙ୍କ ନିମନ୍ତେ ପ୍ରଥମ ମାସର ସହାୟତା ରାଶି ୧୯ ଲକ୍ଷ ୮୭୨ ହଜାର ଟଙ୍କା ପ୍ରଦାନ କରାଯାଇଛି। ୧୪ଜଣ ଶିଶୁ ଉଭୟ ମାତାପିତାଙ୍କୁ ହରାଇ ସେମାନଙ୍କ ଘରେ, ୩ ଜଣ ଶିଶୁ ଯତ୍ନ କେନ୍ଦ୍ରରେ ରହିଛନ୍ତି। ଅବଶିଷ୍ଟ ୧୨୯୬ ଜଣ ଶିଶୁ ସେମାନଙ୍କ ରୋଜଗାରକ୍ଷମ ମାତାପିତାଙ୍କ ମଧ୍ୟରୁ ଜଣକୁ ହରାଇଛନ୍ତି।


ଜିଲାପାଳ ଚଞ୍ଚଳ ରାଣା ଆଶୀର୍ବାଦ ଯୋଜନାର ହିତାଧିକାରୀଙ୍କୁ ସହାୟତା ବଣ୍ଟନ କରୁଛନ୍ତି।

# ଫୁଲମୁଠୀରୁ ଗିରଫ ହେଲେ ଅଭିଯୁକ୍ତ

ବିନିକା,୧୭।୭(ଡି.ଏନ୍.ଏ.)

## ଆନ୍ଧ୍ରାଡେରା ହତ୍ୟା ଘଟଣା

- ବିବାଦର ସମାଧାନ କରିବାକୁ ଆସିଥିବା ଭଦ୍ରବ୍ୟକ୍ତିଙ୍କ ଉପରେ ଅଭିଯୁକ୍ତ ଟ୍ରାକ୍ଟର ଚଢ଼ାଇଥିବା ଅଭିଯୋଗ
- ଟ୍ରାକ୍ଟର ଜବତ କଲା ପୋଲିସ


ହତ୍ୟାକାଣ୍ଡସ୍ଥଳରେ ଅତିରିକ୍ତ ଆରକ୍ଷୀ ଅଧିକାରୀ ସାଇଣ୍ଟିଫିକ୍ ଟିମ୍ ସହ ତଦନ୍ତ କରୁଛନ୍ତି। (ଇନ୍‌ସେଟ୍‌ରେ) ଗିରଫ ଅଭିଯୁକ୍ତ।

ସୁବର୍ଣ୍ଣପୁର ଜିଲା ବିନିକା ଥାନା ବାଙ୍କିର୍ଘଡି ରାମନଗର ଆନ୍ଧ୍ରାଡେରାରେ ଶୁକ୍ରବାର ରାତି ୯ଟାରେ ଏକ ହତ୍ୟାକାଣ୍ଡ ଘଟିଥିବା ଅଭିଯୋଗ ହୋଇଥିଲା। ମୃତ୍ୟୁର ଶିକାର ହୋଇଥିଲେ ବରଗଡ ଜିଲା ଅତାବିରା ଥାନା ପରମାନପୁରର ଡି. କାଶୀନାଥ(୫୨)। ଅଭିଯୁକ୍ତ ଏକ ଟ୍ରାକ୍ଟର କାଜୁଆଲ(ଲଙ୍ଗଳ)ସେମାନଙ୍କ ଉପରେ ଚଢାଇ ଦେବାର ଉଦ୍ୟମ କରିବାରୁ କାଶୀନାଥଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ୮ଜଣ ଆହତ ହୋଇଥିଲେ। ମୃତ ଓ ଆହତମାନେ ଏକ ପାରିବାରିକ ମନୋମାଳିନ୍ୟ ଘଟଣାର ସମାଧାନ କରିବାକୁ ଆନ୍ଧ୍ରଡେରା ଆସିଥିବା ବେଳେ ଏହି ଘଟଣା ଘଟିଥିଲା। ପୋଲିସ ଏକ ମାମଲା(ନଂ.୧୨୩/୨୧) ରୁଜୁ କରି ତନାଘନା ଚଳାଇଥିଲା। ଶନିବାର ବିନିକା ଥାନା ପୋଲିସ ଅଭିଯୁକ୍ତ ଆଲ୍ଲା ସତ୍ୟନାରାୟଣ ରାଓ (୪୪)ଙ୍କୁ ଫୁଲମୁଠିରୁ ଗିରଫ କରିଛି। ଦଫା ୨୯୪/, ୩୦୨, ୩୦୭, ୩୪ରେ ମାମଲା ରୁଜୁ କରି ପୋଲିସ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି।

ବିନିକା ଥାନାରେ ଅତାବିରା ପରମାନପୁରର ଡି.ରାମବାବୁଙ୍କ ଲିଖିତ ଏତଲା ଅନୁଯାୟୀ ଆଲ୍ଲା ସତ୍ୟନାରାୟଣଙ୍କ ପ୍ରଥମ ସ୍ତ୍ରୀଙ୍କ ମୃତ୍ୟୁ କିଛିବର୍ଷ ତଳେ ଘଟିଥିଲା। ତାଙ୍କର ଦୁଇଟି ପିଲା ଥିଲେ। ପ୍ରଥମ ସ୍ତ୍ରୀ ମୃତ୍ୟୁ ପରେ ସତ୍ୟନାରାୟଣ ୨୦୧୭ ମସିହାରେ ଆନ୍ଧ୍ରପ୍ରଦେଶ ପୂର୍ବ ଗୋଦାବରୀ ଜିଲା ରାହୁପାଲମ ଥାନା ଅନ୍ତର୍ଗତ ଜନାଡା ଗାଁର ଆଲ୍ଲା ପାର୍ବତୀଙ୍କୁ ବିବାହ କରିଥିଲେ। ତାଙ୍କର ଏକ ଝିଅ ଜନ୍ମ ହୋଇଥିଲା। ପରେ କୌଣସି କାରଣକୁ ନେଇ ସ୍ତ୍ରୀସ୍ୱାମୀଙ୍କ ମଧ୍ୟରେ ତିକ୍ତତା ଦେଖାଦେବା ପରେ ପାର୍ବତୀ ଝିଅକୁ ଧରି ବାପଘର ଆନ୍ଧ୍ରକୁ ଚାଲି ଯାଇଥିଲେ। ସେଠାକୁ ଯିବାର କିଛିଦିନ ପରେ ପାର୍ବତୀ ଏକ ପୁତ୍ର ସନ୍ତାନ ଜନ୍ମଦେବା ପରେ ବିବାଦ ସୃଷ୍ଟି ହୋଇଥିଲା। ସତ୍ୟନାରାୟଣ ସ୍ତ୍ରୀଙ୍କ ଚରିତ୍ର ଉପରେ ସନ୍ଦେହ କରି ତାଙ୍କୁ ଘରକୁ ଆଣିବାକୁ ମନା କରିଦେଲେ। ୧୦ଦିନ ତଳେ ପାର୍ବତୀ ବରଗଡ ଆସି ସତ୍ୟନାରାୟଣଙ୍କୁ ଫୋନ କରି ଘରକୁ ନେବାପାଇଁ କହିଥିଲେ। ହେଲେ ସତ୍ୟନାରାୟଣ ତାଙ୍କୁ ଗ୍ରହଣ କରିବାକୁ ରୋକ୍‌ଠୋକ ମନା କରିଦେଲେ। ଫଳରେ ପାର୍ବତୀ ଦୁଇ ସନ୍ତାନକୁ ଧରି ବାପଘର ଆନ୍ଧ୍ରକୁ ଫେରି ଯାଇଥିଲେ। ପରେ ସମସ୍ୟାର ସମାଧାନ ପାଇଁ କେତେକ ଭଦ୍ରବ୍ୟକ୍ତି ପାର୍ବତୀ ଓ ତାଙ୍କ ଦୁଇ ପିଲାଙ୍କୁ ଧରି ଏକ ଗାଡିରେ ବରଗଡ ଆସିଥିଲେ। ସେମାନଙ୍କ ସହ ବରଗଡ ଜିଲା ଅତାବିରା ପରମାନପୁରର ଡି.ରାମବାବୁ ଓ ଡି.କାଶୀନାଥ ଏହିପରି ମୋଟ ୯ଜଣ ଶୁକ୍ରବାର ସନ୍ଧ୍ୟାରେ ବାଙ୍କିର୍ଘଡି ଆନ୍ଧ୍ରାଡେରାରେ ପହଞ୍ଚିଥିଲେ । ଏଠାରେ ପହଞ୍ଚିବା ପରେ ସେମାନେ ସତ୍ୟନାରାୟଣଙ୍କ ସହ ଆଲୋଚନା କରିଥିଲେ। ରାତି ପ୍ରାୟ ୯ଟାରେ କୌଣସି କାରଣକୁ ନେଇ ଉତ୍ତ୍ୟକ୍ତ ହୋଇପଡିଥିବା ସତ୍ୟନାରାୟଣ ପାଖରେ ଥିବା ଟ୍ରାକ୍ଟର କାଜୁଆଲ ଭଦ୍ରବ୍ୟକ୍ତିଙ୍କ ଉପରେ ଚଢାଇ ଦେଇ ଫେରାର ହୋଇଯାଇଥିଲେ। ଶନିବାର ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ବିଭିନ୍ନ ସ୍ଥାନରେ ଚଢାଉ କରିଥିଲା। ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ପୋଲିସ ସତ୍ୟନାରାୟଣଙ୍କୁ ଫୁଲମୁଠିରୁ ଧରିଥିଲା। ପୂର୍ବାହ୍ନ ୧୧ଟାରେ ସୁବର୍ଣ୍ଣପୁର ଜିଲା ଅତିରିକ୍ତ ଆରକ୍ଷୀ ଅଧିକାରୀ ଉତ୍କଳ କେଶରୀ ଦାସ, ବିନିକା ଥାନା ଆଇଆଇସି ପବିତ୍ର କୁମାର ସାହୁ ସାଇଣ୍ଟିଫିକ୍ ଟିମ୍ ସହ ବାଙ୍କିର୍ଘଡି ଆନ୍ଧ୍ରାଡେରାର ପହଞ୍ଚି ହତ୍ୟାକାଣ୍ଡସ୍ଥଳରେ ଛାନଭିନ କରିଥିଲା। ଏକ ଖଣ୍ଡ ବିଖଣ୍ଡିତ ସ୍କୁଟି ଓ ପାଖରେ ଥିବା ଏକ ବୁଦାରେ ପଡିଥିବା ରକ୍ତ ନମୁନା ସଂଗ୍ରହ କରିଥିଲା। ହତ୍ୟାକାଣ୍ଡ ସ୍ଥଳରେ ଥିବା ଟ୍ରାକ୍ଟର(ନଂ. ଓଡି-୧୭ଜେ-୦୯୬୭) ଓ ଖଣ୍ଡ ବିଖଣ୍ଡିତ ଆକ୍ଟିଭା (ନଂ.ଓଡି-୧୭ଏମ୍-୮୬୭୭)କୁ ପୋଲିସ ଜବତ କରିଛି।

## ଭାଲୁ ଆକ୍ରମଣରେ ଜଣେ ଗୁରୁତର

**କୋକସରା,(ଡି.ଏନ.ଏ.):** କୋକସରା ବ୍ଲକ ମହିମା ଗ୍ରାମର ଭଗବାନ ନାଏକ (୫୦) ଭାଲୁ ଆକ୍ରମଣରେ ଗୁରୁତର ହୋଇଛନ୍ତି। ଶନିବାର ଭୋର ଭଗବାନ ଶୌଚ ପାଇଁ ନଦୀକୁ ଯାଉଥିବା ସମୟରେ ଏକ ଭାଲୁ ତାଙ୍କୁ ଆକ୍ରମଣ କରିଥିଲା। ସେ ଭାଲୁ ହାବୁଡରୁ ଖସି ଆସିଥିଲେ। ତାଙ୍କ କହୁଣି ଓ ହାତରେ କ୍ଷତ ହୋଇଛି। ପରିବାର ଲୋକେ ତାଙ୍କୁ ପ୍ରଥମେ କୋକସରା ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଖବରପାଇ ଘଣ୍ଟିଗୁଡା ବିଟ ଫରେଷ୍ଟ ଗାର୍ଡ ଗିରିଧାରୀ ଗଉଡ ଆହତ ଭଗବାନଙ୍କୁ ଧର୍ମଗଡ ହସ୍ପିଟାଲରେ ଭର୍ତ୍ତି କରିବା ବ୍ୟବସ୍ଥା କରିଥିଲେ। ସରକାରୀ ନିୟମ ମୁତାବକ ଆହତଙ୍କୁ ସହାୟତା ଯୋଗାଇ ଦିଆଯିବା ପାଇଁ ବିଭାଗକୁ ଜଣାଇ ଦିଆଯିବ ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ପେ ଆଣ୍ଡ ପ୍ଲେ ଇନ୍‌ଡୋର ହଲ୍ ଲୋକାର୍ପିତ

**ନୂଆପଡା ଅଫିସ, ୧୭।୭:** ନୂଆପଡା ଜିଲା ସଦର ମହକୁମା ପୋଲିସ ପଡିଆଠାରେ ନବନିର୍ମିତ ପେ ଏଣ୍ଡ ପ୍ଲେ ଇନ୍‌ଡୋର ହଲ୍ ଲୋକାର୍ପିତ ହୋଇଯାଇଛି। ଏହି ଅବସରରେ ଜିଲାପାଳ ସ୍ୱାଧାଦେବ ସିଂଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ କଳାହାଣ୍ଡି ଏମ୍‌ପି ବସନ୍ତ ପଣ୍ଡା, ନୂଆପଡା ବିଧାୟକ ରାଜେନ୍ଦ୍ର ଢୋଲକିଆ, ଜିଲା କ୍ରିକେଟ ସଂଘ ସମ୍ପାଦକ ସରୋଜ କୁମାର ସାହୁ, ଜିଲା ପରିଷଦ ଉପାଧକ୍ଷ ଭାନୁ ପ୍ରତାପ ସିଂ ମାଝି, ଜିଲା ବିଜେଡି ସମ୍ପାଦକ ସୁଧିର ମିଶ୍ର, ଭାଜପା ରାଜ୍ୟ ଉପସଭାପତି ପ୍ରସନ୍ନ ପାଢୀ ସମେତ ନୂଆପଡା ଏନଏସି ନିର୍ବାହୀ ଅଧିକାରୀ କର୍ଣ୍ଣ ସୁନା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ପେ ଏଣ୍ଡ ପ୍ଲେ ଇଣ୍ଡୋର ହଲରେ ଜିମ୍‌ର ଉପକରଣ ସାମଗ୍ରୀ ରହିଥିବାବେଳେ ବେଟ ମିନଟନ ଓ ଅନ୍ୟାନ ସୁବିଧା ରହିଛି।

### ବଧୂହତ୍ୟା ମାମଲା: ୪ ଗିରଫ

**ବରଗଡ଼ ଅଫିସ୍/ପଦ୍ମପୁର,୧୭।୭:** ବରଗଡ଼ ଜିଲା ପଦ୍ମପୁର ଥାନା ସିଂହନପୁର ଗ୍ରାମରେ ବଧୂହତ୍ୟା ଅଭିଯୋଗରେ ପୋଲିସ ୪ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ମୃତା ମହିଳାଙ୍କ ସ୍ୱାମୀ ରମେଶ ମେହେର, ଶ୍ୱଶୁର ସୁଶୀଲ, ଶାଶୁ ଚୂଡ଼ ଏବଂ ଦିଅର ପିଙ୍କୁ। ସେମାନଙ୍କୁ ଶନିବାର କୋର୍ଟଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ପଦ୍ମପୁର ସବ୍‌ଜେଲକୁ ପଠାଇ ଦିଆଯାଇଛି। ପ୍ରକାଶଥାଉକି, ଗତ ଶୁକ୍ରବାର ରମେଶଙ୍କ ସ୍ତ୍ରୀ ନୀତୁଙ୍କ ନିଆଁରେ ପୋଡ଼ି ମୃତ୍ୟୁ ହୋଇଥିଲା। ଶ୍ୱଶୁର ଘର ଲୋକେ ତାଙ୍କୁ ନିଆଁରେ ପୋଡ଼ି ମାରି ଦେଇଥିବା ମୃତା ମହିଳାଙ୍କ ବାପଘର ଲୋକେ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ଏକ ମାମଲା ରୁଜୁ ସହିତ ନୀତୁଙ୍କ ସ୍ୱାମୀ, ଶାଶୁ, ଶ୍ୱଶୁର ଏବଂ ଦିଅରଙ୍କୁ ପୋଲିସ ଗିରଫ କରିଥିଲା।

### ଗଞ୍ଜେଇ ଚାଲାଣ, ଯୁବକ ଗିରଫ

**ବରଗଡ଼ ଅଫିସ୍,୧୭।୭:** ବାଇକ୍ ଯୋଗେ ଗଞ୍ଜେଇ ଚାଲାଣ କରୁଥିବାବେଳେ ଶୁକ୍ରବାର ବରଗଡ଼ ଜିଲା ସୋହେଲା ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ମଧ୍ୟପ୍ରଦେଶ ରାଜ୍ୟ ଉମାରିୟା ଜିଲା ମାନପୁର ଥାନା ଦୁଲହରା ଗ୍ରାମର ଅଶୋକ କୁମାର ସାହୁ(୨୩)। ଗାଇସିଲେଟ ଥାନା ଶରଧାପାଲି ଅଞ୍ଚଳରୁ ବାଇକ୍ ଯୋଗେ ଦ୍ରୁତବେଗରେ ଆସୁଥିବାରୁ ପୋଲିସ ତାଙ୍କୁ ପିଛା କରି କଲଙ୍ଗାପାଲିରେ ଧରିଥିଲା। ତାଙ୍କ ପାଖରୁ ୨୧କି.ଗ୍ରା ଶହେ ଗ୍ରାମ ଗଞ୍ଜେଇ ଏବଂ ଏକ ବାଇକ୍ (ନଂ.ଏମ୍‌ପି୫୪ଏମ/୩୩୦୮) ଜବତ ହୋଇଛି। ଶନିବାର ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ଏ ନେଇ ଗାଇସିଲେଟ ଥାନାରେ ଏକ ମାମଲା (ନଂ.୧୨୩/୨୧) ରୁଜୁ ହୋଇଛି।

### ନିଖୋଜ ଯୁବକଙ୍କ ମୃତଦେହ ଜବତ

**ଆରଡ଼ି, ୧୭।୭ (ଡି.ଏନ.ଏ.):** ଭଦ୍ରକ ଜିଲା ଧୂଷୁରୀ ଥାନା ଅଧୀନ କାକୁଡିଗଡ଼ିଆ ନିକଟ ବିଲରୁ ଶୁକ୍ରବାର ସନ୍ଧ୍ୟାରେ ଜଣେ ଯୁବକଙ୍କ ଖଣ୍ଡବିଖଣ୍ଡିତ ମୃତଦେହ ପୋଲିସ ଜବତ କରିଛି। ମୃତଦେହଠାରୁ ପ୍ରାୟ ୬୦ ମିଟର ଦୂରରୁ ମୁଣ୍ଡ ଓ ହାତ ମିଳିଛି। ଗତ ୬ ତାରିଖରୁ ନିଖୋଜ ଥିବା ସ୍ଥାନୀୟ ଉଚ୍ଚପଦା ଗ୍ରାମର ଜିତେନ୍ଦ୍ର ସେନ(୩୩)ଙ୍କ ମୃତଦେହ ବୋଲି ଜଣାପଡ଼ିଛି। ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚି ଜିତେନ୍ଦ୍ରଙ୍କ ମୋବାଇଲ ସହ ମୃତଦେହ ଚିହ୍ନଟ କରିଛନ୍ତି। ଶୁକ୍ରବାର ସନ୍ଧ୍ୟାରେ ବିଲକୁ ତାଳ ଗୋଟାଇବାକୁ ଯାଇଥିବା ସ୍ଥାନୀୟ ଲୋକେ ଏକ ମୃତଦେହ ପଡ଼ିଥିବା ଦେଖି ଗ୍ରାମବାସୀଙ୍କୁ ଜଣାଇଥିଲେ। ଖବର ପାଇ ଜିତେନ୍ଦ୍ରଙ୍କ ପରିବାର ଲୋକେ ମୃତଦେହ ଚିହ୍ନଟ କରିଥିଲେ। ଶନିବାର ସାଇଣ୍ଟିଫିକ ଟିମ୍ ପହଞ୍ଚି ତଦନ୍ତ କରିଛି। ପରେ ମୃତଦେହ ବ୍ୟବଚ୍ଛେଦ ପାଇଁ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ମୃତ ଜିତେନ୍ଦ୍ରଙ୍କ ପରିବାର ଲୋକଙ୍କ ଅଭିଯୋଗକ୍ରମେ ଧୂଷୁରୀ ଥାନାରେ ହତ୍ୟା ମାମଲା(ନଂ.୧୬୪/୨୧) ରୁଜୁ କରାଯାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଏହା ହତ୍ୟାକାଣ୍ଡ କି ନୁହେଁ ଜଣାପଡ଼ିବ ବୋଲି ପୋଲିସ କହିଛି।

# ଆଦିବାସୀଙ୍କୁ ଆକ୍ରମଣ ଅଭିଯୋଗ ଭିତ୍ତିହୀନ

## ସାହାଜଖୋଲ ଜଙ୍ଗଲ ସୁରକ୍ଷା କମିଟିର ବୈଠକ

**କୋକସରା,୧୭।୭(ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକର ଗୋଟୋମୁଣ୍ଡା ପଞ୍ଚାୟତ ଅଧୀନରେ ଥିବା ସାହାଜଖୋଲ ସଂରକ୍ଷିତ ଜଙ୍ଗଲ ମଧ୍ୟରେ ଅନାଧିକୃତ ଭାବେ ବସତି କରି ରହୁଥିବା ଡୁମେରପାଣି ଓ ଭଟାପାଣିର ୩୫ ଆଦିବାସୀ ପରିବାରଙ୍କୁ ନିକଟରେ ବିତାଡିତ କରାଯାଇଛି। ଏହି ଘଟଣାକୁ ନେଇ ସମ୍ପୃକ୍ତ ଆଦିବାସୀ ପରିବାର ସ୍ଥାନୀୟ ଆମପାଣି ଥାନାରେ ସେମାନଙ୍କୁ ମରଣାନ୍ତକ ଆକ୍ରମଣ କରିବା ସହ ନିର୍ଯାତନା ଦେଇ ତଡ଼ି ଦିଆଯାଇଥିବା ନେଇ ଅଭିଯୋଗ କରିଥିଲେ। ଆଦିବାସୀଙ୍କୁ ବିତାଡିତ କରିବା ଘଟଣାରେ ସାହାଜଖୋଲ ଜଙ୍ଗଲ ସୁରକ୍ଷା କମିଟିର କେତେଜଣ ସଦସ୍ୟଙ୍କ ନାମରେ ପୋଲିସ ମାମଲା ରୁଜୁ କରିଛି। ତେବେ ଏଭଳି ଅଭିଯୋଗ ଭିତ୍ତିହୀନ ଓ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି ଜଙ୍ଗଲ ସୁରକ୍ଷା କମିଟିର କର୍ମକର୍ତ୍ତା ପ୍ରକାଶ କରିଛନ୍ତି।


ସାହାଜଖୋଲ ଜଙ୍ଗଲ ସୁରକ୍ଷା କମିଟି ବୈଠକରେ ଯୋଗ ଦେଇଥିବା କର୍ମକର୍ତ୍ତା।

ଶୁକ୍ରବାର କୋକସରା ବ୍ଲକର ଗୋଟୋମୁଣ୍ଡାଠାରେ ସାହାଜଖୋଲ ଜଙ୍ଗଲ ସୁରକ୍ଷା କମିଟି ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଆମପାଣି, ମହିମା, ଡୁଡୁକାଠେଙ୍ଗା, ପୋଡ଼ାଗୁଡା, ଗୋଟୋମୁଣ୍ଡା, ଧଅରପୁର, ଛାଞ୍ଚନବାହିଲି ଓ ଦଣ୍ଡପାଟ ଅଞ୍ଚଳ ଜଙ୍ଗଲ ସୁରକ୍ଷା କମିଟିର ସଦସ୍ୟ ଉପସ୍ଥିତ ଥିଲେ। ବିତାଡ଼ିତ ଆଦିବାସୀ ପରିବାର ଓ ବିଭିନ୍ନ ସଂଗଠନ ପକ୍ଷରୁ ଜଙ୍ଗଲ ସୁରକ୍ଷା କମିଟିର ସଦସ୍ୟମାନଙ୍କ ବିରୋଧରେ ହୋଇଥିବା ଆରୋପ ମିଥ୍ୟା ଓ ଭିତ୍ତିହୀନ ବୋଲି ମତ ପ୍ରକାଶ ପାଇଥିଲା। ଆଦିବାସୀଙ୍କୁ ବିତାଡିତ କରାଯିବା ଦିନ ଆଖପାଖ ଗ୍ରାମବାସୀ ଓ ଜଙ୍ଗଲ ବିଭାଗ କର୍ମଚାରୀଙ୍କ ସହ କମିଟିର କେତେଜଣ ସଦସ୍ୟ ଯାଇଥିଲେ। ତେବେ ସେମାନେ ଆକ୍ରମଣ କରିବା ନେଇ ହୋଇଥିବା ଅଭିଯୋଗ ପଛରେ ପଡୋଶୀ ଜିଲାର ମକା ବ୍ୟବସାୟୀ ଓ ଅନ୍ୟ କେତେଜଣ ବ୍ୟକ୍ତିଙ୍କ ପ୍ରଚ୍ଛନ୍ନ ହାତ ରହିଥିବା ବୈଠକରେ ଆଲୋଚନା ହୋଇଥିଲା। ସାହାଜଖୋଲ ଜଙ୍ଗଲ ସୁରକ୍ଷା ପାଇଁ ଜୀବନ ଥିବା ପର୍ଯ୍ୟନ୍ତ ସଂଗ୍ରାମ କରିବୁ ବୋଲି ସାହାଜଖୋଲ ଜଙ୍ଗଲ ସୁରକ୍ଷା କମିଟିର ସଭାପତି ଭଜମନ ନାଏକ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ତୁଳସୀ ବିହାରୀ, ଆମପାଣି ଜୋନ ଜିଲା ପରିଷଦ ସଭ୍ୟା ହେମାଙ୍ଗିନୀ ହଂସ, ଗୋଟୋମୁଣ୍ଡା ସରପଞ୍ଚ ଜବାହାର ଗୋପାଳ, ପରୀକ୍ଷିତ ବେଶ୍ରା, ଚନ୍ଦ୍ରଭାନୁ ନାଏକ, ଭୁଜବଲ ଝାଙ୍କର, ଭବେଶ ଗଇଁତା, ତ୍ରିଲୋକନାଥ ସିଂ, ଭୁପେନ୍ଦ୍ର ସେଠିଆ, ବଳରାମ ମାଝି, ମଧୁବନ ପାତ୍ର, ଅର୍ଜୁନ ଭାଟି, ତୁଳାରାମ ଗୋପାଳ , ଉଦ୍ଧବ ନାଏକଙ୍କ ସମେତ ବେହେରା ଜଙ୍ଗଲ ସେକ୍ସନ ଅଧୀନରେ ଥିବା ଭିଏସଏସ କମିଟିର ଶତାଧିକ ସଦସ୍ୟ ଉପସ୍ଥିତ ରହିଥିଲେ।

# ଯୁବକଙ୍କୁ ହତ୍ୟା ଘଟଣା: ୮ ଗିରଫ

**ନୂଆପଡା ଅଫିସ,୧୭।୭**

ନୂଆପଡ଼ା ସଦର ବ୍ଲକ ଧରମବନ୍ଧା ଥାନା ମଖାପଦର ଗାଁ ନିକଟରେ ଘଟିଥିବା ହତ୍ୟା ଘଟଣାରେ ପୋଲିସ ଜଣେ ନାବାଳକ ସହ ୮ଜଣଙ୍କୁ ଶନିବାର ଗିରଫ କରିଛି। ସେମାନେ ହେଲେ ବେଦରାମ ମାଝି(୪୧), ଅନୁ କୁମାର ମାଝି(୩୬), ପିତମ ରାଉତ(୨୧), ନପୋଲ ମାଝି(୨୫), ରାଜ କୁମାର ମାଝି(୨୯), ପଞ୍ଚୁ ମାଝି(୨୭), ଜିତେନ ମାଝି(୩୮) ଓ ଜଣେ ୧୬ ବର୍ଷର ନାବାଳକ। ସେମାନଙ୍କ ପାଖରୁ ୩ ବାଇକ୍, ୪ ମୋବାଇଲ, ୪ ଠେଙ୍ଗା, ୪ ବାଡିର ଟୁକୁଡା ଇତ୍ୟାଦି ଜବତ କରାଯାଇଛି। ୭ଜଣଙ୍କୁ କୋର୍ଟ ଚାଲାଣ କରାଯାଇଥିବାବେଳେ ନାବାଳକଙ୍କୁ ବାଳସୁଧାର ଗୃହକୁ ପଠାଯାଇଛି। ଏନେଇ ନୂଆପଡ଼ା ଥାନାରେ ଏକ ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ପ୍ରଶାନ୍ତ କୁମାର ପଟ୍ଟନାୟକ ସୂଚନା ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ନୂଆପଡା ଆଇଆଇସି ନିର୍ମଳ ଚନ୍ଦ୍ର ପାଣିଗ୍ରାହୀ ଓ ଧରମବନ୍ଧା ଆଇଆଇସି ସଞ୍ଜୁକ୍ତା ବାର୍ଲା ଉପସ୍ଥିତ ଥିଲେ।

ପୋଲିସ ସୂତ୍ରରୁ ପ୍ରକାଶ ଯେ, ବୂଙ୍ଗାଭାଟ ପଞ୍ଚାୟତ ଭଇଷାଦରା ଗାଁରୁ ଫେରୁଥିବାବେଳେ ୧୦ତାରିଖ ସନ୍ଧ୍ୟା ସାଢେ ଛଅଟାରେ ସଂଘବଦ୍ଧ ଆକ୍ରମଣରେ ବିକମ ରାଉତ (୪୮) ନାମକ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିଲା। ବିକମ ଦର୍ଲିପଡା ଗାଁରୁ ଭଇଷାଦରା ଗାଁକୁ ଯାଇଥିଲେ। ସେଠାରେ ସନ୍ଧ୍ୟା ହୋଇଯିବାରୁ ଭଣଜା ମେଘନାଦ ରାଉତଙ୍କୁ ବାଇକ୍ ଆଣି ଆସିବା ପାଇଁ ଫୋନକରି ଡାକିଥିଲେ। ମେଘନାଥ ସହ ରାଜୁ ରାଉତ ଓ ହୋମ ମାଝି ଯାଇ ବିକମଙ୍କୁ ବାଇକ୍‌ରେ ଧରି ଫେରୁଥିଲେ। ୪ଜଣ ଗୋଟିଏ ବାଇକ୍‌ରେ ଆସୁଥିବାବେଳେ ମଖାପଦର ଗାଁ ନିକଟରେ କେତେଜଣ ଯୁବକ ଅଟକାଇ ହଠାତ ଠେଙ୍ଗାବାଡିରେ ପ୍ରହାର କରି ଲହୁଲୁହାଣ କରି ଦେଇଥିଲେ। ସେମାନଙ୍କ ମଧ୍ୟରୁ ମେଘନାଦ ଓ ହୋମ ଖସି ପଳାଇବାରେ ସକ୍ଷମ ହୋଇଥିଲେ। ବିକମ ଓ ରାଜୁ ଯାଇ ପାରି ନ ଥିଲେ। ସେ ଦୁଇ ଜଣଙ୍କୁ ଠେଙ୍ଗାବାଡିରେ ପିଟି ଗାଁପାଖ ଏକ ନାଳରେ ଫିଙ୍ଗି ଦେଇଥିଲେ। ମେଘନାଥ ଓ ହୋମ ଯାଇ କହିବାରୁ ପରିବାର ଲୋକେ ବହୁତ ଖୋଜା ଖୋଜି କରି ଏକ ନାଳରୁ ଦୁଇ ଜଣଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପାଇଥିଲେ। ସେମାନଙ୍କୁ ଉଦ୍ଧାର କରି ପ୍ରଥମେ ଧରମବନ୍ଧା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ବିକମଙ୍କ ମୃତ୍ୟୁ ଘଟିଥିଲା। ଏନେଇ ପୋଲିସ ଏକ ସ୍ୱତନ୍ତ୍ର ଦଳ ଗଠନ କରି ତଦନ୍ତ ଚଳାଇଥିଲା।



ଖବରଦାତା ସମ୍ମିଳନୀରେ ପୋଲିସ ସହ ଅଭିଯୁକ୍ତମାନେ।

# ଗଛ ଲଗାଇ ପରିବେଶ ସନ୍ତୁଳନର ବାର୍ତ୍ତା


ବିଦ୍ୟାପୀଠ ପରିସରରେ ବୃକ୍ଷରୋପଣ ଅବସରରେ ଟ୍ରଷ୍ଟର କର୍ମକର୍ତ୍ତା।

**ଜୁନାଗଡ,୧୭।୭(ଡି.ଏନ୍.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଗୌଡଛେଣ୍ଡିଆ ରାଧାକୃଷ୍ଣ ଉଚ୍ଚ ବିଦ୍ୟାପୀଠରେ ବୃକ୍ଷ ଲଗାଇ ପରିବେଶ ସନ୍ତୁଳନର ବାର୍ତ୍ତା ଦେଇଛି ଲଙ୍କେଶ୍ୱରୀ ଓମେନ ଏମ୍ ପାୱାରମେଣ୍ଟ ଟ୍ରଷ୍ଟ। ଏହି ଟ୍ରଷ୍ଟ ପକ୍ଷରୁ ଶନିବାର ପୂର୍ବାହ୍ନରେ ବିଦ୍ୟାପୀଠ ପରିସରରେ ଦେଢ ଶହ ଗଛ ଲଗାଯାଇଥିଲା। ଏଥିରେ ଟ୍ରଷ୍ଟର ସଭାନେତ୍ରୀ ମନିଷା ସାହୁ, ସମ୍ପାଦିକା କଲ୍ୟାଣୀ ନାଏକ, ଉପ ସଭାନେତ୍ରୀ ବିଜୟାଲକ୍ଷ୍ମୀ କନ୍ଦପାନ, ସ୍ଥାନୀୟ ହାଇସ୍କୁଲର ପ୍ରଧାନଶିକ୍ଷକ ବୈଦନାଥ ବେହେରା, ସାମାଜିକ କର୍ମୀ ଶିବ ହାତୀ, ଦୁର୍ଯ୍ୟୋଧନ ପଟେଲ, ମଞ୍ଜୁ ଭଞ୍ଜ, ସ୍ଥାନୀୟ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଉପସ୍ଥିତ ରହି ବୃକ୍ଷରୋପଣ କରିଥିଲେ। କାର୍ଯ୍ୟକ୍ରମକୁ ଟ୍ରଷ୍ଟର କୋଷାଧ୍ୟକ୍ଷ ଉତ୍ତମ କୁମାର ଦାଶ ଓ ସାମାଜିକ କର୍ମୀ ସଜିତ କୁମାର ସାହୁ ପରିଚାଳନା କରିଥିଲେ।

# ୨ ମାସ ହେବ ଅନ୍ଧାରରେ ଶବରପଡ଼ା ଗ୍ରାମବାସୀ

## ଟ୍ରାନ୍ସଫର୍ମର ଅଚଳ

**କୋକସରା,୧୭।୭(ଡି.ଏନ.ଏ.)**

କୋକସରା ବ୍ଲକ ଡୁଡୁକାଠେଙ୍ଗା ପଞ୍ଚାୟତର ଶବରପଡା ଗାଁରେ ଥିବା ବିଦ୍ୟୁତ୍ ଟ୍ରାନ୍ସଫର୍ମର ଗତ ୨ମାସ ହେବ ଅଚଳ ହୋଇପଡିଛି। ଫଳରେ ଗ୍ରାମବାସୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଜଙ୍ଗଲ ନିକଟବର୍ତ୍ତୀ ଗାଁ ହୋଇଥିବାରୁ ରାତି ହେଲେ ବନ୍ୟ ଜନ୍ତୁଙ୍କ ଭୟ ରହିଛି। ତେଣୁ ସନ୍ଧ୍ୟା ପୂର୍ବରୁ ଗାଁ ଲୋକଙ୍କୁ କବାଟ, ଝର୍କା ବନ୍ଦ କରିବାକୁ ପଡୁଛି। ନୂତନ ଟ୍ରାନ୍ସଫର୍ମର ପାଇଁ ଗ୍ରାମବାସୀ ବାରମ୍ବାର ଜଣାଇ ଆସୁଥିଲେ ହେଁ କୌଣସି ସୁଫଳ ମିଳିନାହିଁ। ଯଥାଶୀଘ୍ର ବିହିତ ପ୍ରତିକାର ବ୍ୟବସ୍ଥା କରିବାକୁ ଗ୍ରାମର କୃଷମଣି ଶବର, ଜିତେନ୍ଦ୍ର ଶବର, ମିତ ବେମାଲ, ପଦ୍ମନୀ ଶବର, ଈଶ୍ୱର ଶବର ପ୍ରମୁଖ ଦାବି କରିଛନ୍ତି। ଶବରପଡା ଗ୍ରାମ ଦୀନ ଦୟାଲ ଉପାଧ୍ୟାୟ ଯୋଜନାରେ ବିଦ୍ୟୁତ୍‌କରଣ ହୋଇଛି। ବର୍ଷେ ପର୍ଯ୍ୟନ୍ତ ରକ୍ଷଣାବେକ୍ଷଣ ପାଇଁ ଠିକାସଂସ୍ଥାର ଦାୟିତ୍ୱ ରହିଛି। ଏହି ସମସ୍ୟାର ସମାଧାନ ହେବ ବୋଲି ବିଭାଗୀୟ କନିଷ୍ଠ ଯନ୍ତ୍ରୀ ସୁଶାନ୍ତ ବରିକ କହିଛନ୍ତି।

## ଟ୍ରାକ୍ଟର ଓଲଟି ୨ ଶ୍ରମିକ ମୃତ

**ଗଞ୍ଜାମ,୧୭।୭(ଡି.ଏନ.ଏ.)**

ଗଞ୍ଜାମ ଜିଲା ଗଞ୍ଜାମ ବ୍ଲକ ନୂଆପଲି ମଶାଣି ବନ୍ଧଠାରେ ଏକ ଟ୍ରାକ୍ଟର ଓଲଟି ପଡ଼ିବାରୁ ଶନିବାର ୨ ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ଅନ୍ୟ ୨ ଜଣ ଶ୍ରମିକ ଗୁରୁତର ହୋଇଛନ୍ତି। ମୃତକମାନେ ହେଲେ ଖଣ୍ଡଦେଉଳି ଗ୍ରାମର ରମେଶ ସୀମା ଓ ଔବୁଲ ସୀମା। ଗୁରୁତରଙ୍କ ପରିଚୟ ମିଳିପାରିନାହିଁ। ୪ ଜଣ ଶ୍ରମିକ ଛୋଟାବସା ଅଞ୍ଚଳରୁ ଟ୍ରାକ୍ଟରରେ ଇଟା ଅନଲୋଡ୍ କରି ବଳରାମପୁର ଅଭିମୁଖେ ଯାଉଥିବା ବେଳେ କୌଣସି କାରଣବଶତଃ ଗାଡ଼ିଟି ବିରୁଳି ନୂଆଁପଲ୍ଲୀ ମଶାଣି ବନ୍ଧ ନିକଟରେ ଓଲଟି ପଡ଼ିଥିଲା।

# କଂଗ୍ରେସର ଦସ୍ତଖତ ଅଭିଯାନ

## ପେଟ୍ରୋଲ, ଡିଜେଲ, ରନ୍ଧନ ଗ୍ୟାସ୍ ଦରବୃଦ୍ଧି ପ୍ରତିବାଦ

**ନୂଆପଡା ଅଫିସ,୧୭।୭**

ଓଡିଶା ପ୍ରଦେଶ କଂଗ୍ରେସ କମିଟିର ନିର୍ଦ୍ଦେଶକ୍ରମେ ଓ ନୂଆପଡା ଜିଲା କଂଗ୍ରେସ କମିଟି ସଭାପତି ଘାସିରାମ ମାଝିଙ୍କ ଆହ୍ୱାନ କ୍ରମେ ଶନିବାର ଜିଲାର ୮ ପେଟ୍ରୋଲ ପମ୍ପଠାରେ ଶୃଙ୍ଖଳିତ ଭାବେ ଦସ୍ତଖତ ଅଭିଯାନ ଅନୁଷ୍ଠିତ ହୋଇଥିଲା। ପେଟ୍ରୋଲ, ଡିଜେଲ, ରନ୍ଧନ ଗ୍ୟାସ ଓ ଅତ୍ୟାବଶ୍ୟକ ସାମଗ୍ରୀର ଦରବୃଦ୍ଧି ପ୍ରତ୍ୟେକ ଗରିବ, ଅସହାୟ ଓ ମଧ୍ୟବିତ ଶ୍ରେଣୀର ଲୋକଙ୍କୁ ମହଙ୍ଗା ମାଡ ହୋଇଛି। ଫଳରେ କରୋନା ମହାମାରୀ ଭଳି ଜଟିଳ ପରିସ୍ଥିତି ବହୁ ଲୋକଙ୍କ ଜୀବନ ଜୀବିକା ଉପରେ ଘୋର ପ୍ରଭାବ ପକାଉଚି। କେନ୍ଦ୍ର ସରକାର କେନ୍ଦ୍ରୀୟ ଶୁଳ୍କ ବା ଭାଟ ବୃଦ୍ଧି କରି ଦେଶର ଜନତାଙ୍କୁ ଟ୍ୟାକ୍ସ ନାଁରେ ଶୋଷଣ କରିବାରେ ଲାଗିଛନ୍ତି। ଏହାକୁ ବିରୋଧ କରି ଜିଲାର ୫ ବ୍ଲକରେ ୮ ଟି ପେଟ୍ରୋଲ ପମ୍ପ ଠାରେ ଦସ୍ତଖତ ଅଭିଯାନ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଜିଲା କଂଗ୍ରେସ ସଭାପତି ମାଝି ସମେତ ଜଗଦିଶ ସାହୁ, ଦେବ କୁମାର ସାହୁ, ଗୌପତ ରାଉତ, ବାଦଲ ଠାକୁର, ହରି ମାଝି, କୁଲଦୀପ ସୁରଜ, ଅଖିଲ ପଟେଲ, ଖାମ ସିଂ ମାଝି, ଶାହରୁଖ ଖାନ, କୈଳାସ ବାଗ, ଜୟଦେବ ମାଝି, ପାଶା ମହାନନ୍ଦ, କ୍ଷେତ୍ର ମୋହନ ମାଝି ପ୍ରମୁଖ ଉପସ୍ଥିତ ରହି ରାଷ୍ଟ୍ରପତିଙ୍କୁ ସ୍ମାରକପତ୍ର ପ୍ରଦାନ ନିମନ୍ତେ ସମସ୍ତଙ୍କ ଠାରୁ ଦସ୍ତଖତ ସଂଗ୍ରହ କରାଯାଉଥିଲା।

## ୫–ଟିରେ ସାମିଲ ହେଲା ପାଇକମାଳ ଉଚ୍ଚ ବିଦ୍ୟାଳୟ

**ପାଇକମାଳ, ୧୭।୭(ଡି.ଏନ.ଏ.)**

ବରଗଡ଼ ଜିଲା ପାଇକମାଳ ଗୋଷ୍ଠୀ ଶିକ୍ଷାଧିକାରୀ ଚୂଡ଼ାମଣି ବାରିକଙ୍କ ଅଧକ୍ଷତାରେ ଶନିବାର ୫ଟି ହାଇସ୍କୁଲ ଟ୍ରାନ୍ସଫର୍ମେଶନ ପ୍ରୋଗ୍ରାମିଂର ପ୍ରଥମ ପ୍ରସ୍ତୁତି ବୈଠକ ପାଇକମାଳ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ୬୦ଲକ୍ଷ ଟଙ୍କାରେ ବିଦ୍ୟାଳୟର ଆଧୁନିକୀକରଣ ପାଇଁ ଏକ ଯୋଜନା ପ୍ରସ୍ତୁତ କରାଯାଇଥିଲା। ପାଇକମାଳ ସରପଞ୍ଚ ଧବଳେଶ୍ୱର ସାହୁ, ଏବିଇଓ ଭୀଷ୍ମଦେବ ମାଝୀ, ପ୍ରଫୁଲ୍ଲ କୁମାର ପାଣିଗ୍ରାହୀ, ଅନୀଲ କୁମାର କାଳିଆ, ବିନୋଦ କାଳିଆ, ମହାଦେବ ବେହେରା, ଜିପିଇଓ ଅନିଲ କୁମାର ପାଣିଗ୍ରାହୀ, ତ୍ରିଲୋଚନ ନାୟକ, ବବିତା ବେହେରା, ସୁଦାମ ପାଣ୍ଡେ, ମନୋଜ ସାହୁ, ଜଗବନ୍ଧୁ ସୱାଧୀନ, ଇପ୍‌ସିତା ଖୁଣ୍ଟିଆ, ପ୍ରଭାତ ବେହେରା ଅଂଶଗ୍ରହଣ କରିଥିଲେ। ଶେଷରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋତିର୍ମୟୀ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

# ଇଣ୍ଡିଆ ବୁକ୍ ଅଫ୍ ରେକର୍ଡରେ ଜଗନ୍ନାଥ ମୂର୍ତ୍ତି

**ବ୍ରହ୍ମପୁର ଅଫିସ୍,୧୭।୭**

ବାଲୁକା ଶିଳ୍ପୀ ସତ୍ୟ ନାରାୟଣ ମହାରଣା ନିର୍ମାଣ କରିଥିବା କ୍ଷୁଦ୍ରତମ ଜଗନ୍ନାଥ ପ୍ରତିମୂର୍ତ୍ତି ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସରେ ସ୍ଥାନ ପାଇଛି। ଶିଳ୍ପୀ ସତ୍ୟ ୨ ଏମ୍‌ଏମ୍ (ମିଲିମିଟିର) ଉଚ୍ଚତା ବିଶିଷ୍ଟ କ୍ଷୁଦ୍ରତମ ଜଗନ୍ନାଥ ପ୍ରତିମୂର୍ତ୍ତି କାଠରେ ନିର୍ମାଣ କରିଥିଲେ। ଏହାକୁ ସେ ଜୁନ୍ ୨୫ରେ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସ ନିମନ୍ତେ ଆବେଦନ କରିଥିଲେ। ଏ ନେଇ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସ ପକ୍ଷରୁ ଶନିବାର ସତ୍ୟଙ୍କ କଳାକୃତିକୁ ସବୁଠାରୁ କ୍ଷୁଦ୍ରତମ ପ୍ରତିମୂର୍ତ୍ତି ଦର୍ଶାଇବା ସହ ରେକର୍ଡ ବୁକ୍‌ରେ ସ୍ଥାନିତ କରାଯାଇଛି।


ସତ୍ୟଙ୍କ କ୍ଷୁଦ୍ରତମ ଜଗନ୍ନାଥ ପ୍ରତିମୂର୍ତ୍ତି।

# ନୂଆପଡ଼ା ସେଲ୍‌ଫି ସ୍ପଟ୍ ଉଦ୍‌ଘାଟିତ

**ନୂଆପଡ଼ା ଅଫିସ୍,୧୭।୭**

ନୂଆପଡ଼ା ଜିଲା ସଦର ମହକୁମା ଏକତା ଛକରେ ନିର୍ମାଣ ହୋଇଥିବା ମୋର ନୂଆପଡା ସେଲ୍‌ଫି ସ୍ପଟର ଉଦ୍‌ଘାଟନ ହୋଇଯାଇଛି। ନୂଆପଡ଼ା ଜିଲାପାଳ ସ୍ୱାଧାଦେବ ସିଂଙ୍କ ଅଧ୍ୟତାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଏମ୍‌ପି ବସନ୍ତ କୁମାର ପଣ୍ଡା ଓ ନୂଆପଡା ବିଧାୟକ ରାଜେନ୍ଦ୍ର କୁମାର ଢୋଲକିଆ ଯୋଗଦାନ କରି ଶୁଭ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ କ୍ରୀଡାବିତ ଭୌରବ ସାହୁ, ଭାଜପା ରାଜ୍ୟ ଉପସଭାପତି ପ୍ରସନ୍ନ କୁମାର ପାଢୀ, ଜିଲା ପରିଷଦ ସଭ୍ୟ ଅବନୀ ରଞ୍ଜନ ଯୋଶୀ, ଜିଲା ପରିଷଦ ଉପାଧ୍ୟକ୍ଷ ଭାନୁ ପ୍ରତାପ ସିଂ ମାଝି, ବିଜେଡି ଜିଲା ସାଧାରଣ ସମ୍ପାଦକ ସୁଧିର ମିଶ୍ର, ଯୁବ ବିଜେଡି ଜିଲା ସଭାପତି ହରିଶ୍ଚନ୍ଦ୍ର ପଣ୍ଡା, ତୁଳସୀ ପଟେଲ, ମନିଜର ଆର୍ଯ୍ୟ, ରାମଲାଲ ହଂସ ଓ ମହିଳା ନେତ୍ରୀମାନେ ଉପସ୍ଥିତ ରହିଥିଲେ। ନୂଆପଡା ଏକତା ଛକଠାରେ ନିର୍ମାଣ ହୋଇଥିବା ଆଇଲଭ ନୂଆପଡା ସେଲ୍‌ଫି ସ୍ପଟ ଜିଲାର ବିକାଶ କ୍ଷେତ୍ରରେ ସୌନ୍ଦର୍ଯ୍ୟକରଣ ବାର୍ତ୍ତା ଦେବ ଓ ନୂଆପଡ଼ାର ଗୌରବକୁ ବଢାଇବ। ଏହା ଗୋଟିଏ ସ୍ୱତନ୍ତ୍ର ପରିଚୟ ବୋଲି ଅତିଥିମାନେ ପ୍ରକାଶ କରିଥିଲେ ।


ସେଲ୍‌ଫି ସ୍ପଟ୍‌ର ଉଦ୍‌ଘାଟନୀ ମୁହୂର୍ତ୍ତ।

# ଅବହେଳିତ ଅବସ୍ଥାରେ ମାଣିକେଶ୍ୱରୀ ମନ୍ଦିର

## ବକ୍ସି ତୁଳସୀପାଲି

**ଜୁନାଗଡ,୧୭।୭(ଡି.ଏନ୍.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ବକ୍ସି ତୁଳସୀପାଲିଠାରେ ଥିବା ମା’ ମାଣିକେଶ୍ୱରୀ ମନ୍ଦିର ଏବେ ଅବହେଳିତ ଅବସ୍ଥାରେ ରହିଛି। ପ୍ରାୟ ଶହେ ବର୍ଷ ତଳର ଏହି ମନ୍ଦିରର ଅବସ୍ଥା ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ଜରାଜୀର୍ଣ୍ଣ ହୋଇପଡିଛି। ଏଥିପ୍ରତି ସ୍ଥାନୀୟ ପ୍ରଶାସନ କିମ୍ବା ରାଜନେତା ଦୃଷ୍ଟି ଦେଉ ନ ଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ପ୍ରାୟ ଶହେ ବର୍ଷ ତଳେ ଏଠାରେ ମା’ ମାଣିକେଶ୍ୱରୀଙ୍କ ମନ୍ଦିର ସ୍ଥାପନ ହୋଇଥିବା ବେଳେ ବର୍ତ୍ତମାନ ସୁଦ୍ଧା ଏହାର କୋଠା ନିର୍ମାଣ ହୋଇପାରିନାହିଁ। ଛପର ଘରେ ମା’ଙ୍କ ପୂଜା ଚାଲିଛି। ଏହାର ମରାମତି କରା ନ ଯିବାରୁ ବର୍ଷା ହେଲେ ମନ୍ଦିର ଭିତରେ ପାଣି ଗଳିବା ସହ କାନ୍ଥ ଭଙ୍ଗା ଦଦରା ଅବସ୍ଥାରେ ରହିଛି । ଗ୍ରାମବାସୀ ମନ୍ଦିରଟିଏ ନିର୍ମାଣ କରିବା ପାଇଁ ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ରଙ୍କୁ ଜଣାଇଥିଲେ। ମନ୍ତ୍ରୀ ମିଶ୍ର ମଧ୍ୟ ଗ୍ରାମ ପରିଦର୍ଶନ ସମୟରେ ମନ୍ଦିର ନିର୍ମାଣ କରାଯିବ ବୋଲି ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ହେଲେ ଅଦ୍ୟାବଧି ନୂତନ ମନ୍ଦିର ନିର୍ମାଣ ତ ଦୂରର କଥା ମରାମତି ମଧ୍ୟ ହୋଇ ପାରିନାହିଁ। ଫଳରେ ଗ୍ରାମବାସୀ ନିଜ ନିଜ ଭିତରେ ଚାନ୍ଦା ଆଦାୟ କରି ମନ୍ଦିରର କିଛି ଅଂଶ ମରାମତି କରିଥିବା ପ୍ରକାଶ କରିଛନ୍ତି । ଦୈନିକ ମା’ଙ୍କ ପୂଜା ଚାଲିଥିବା ବେଳେ ଦଶହରା, ନୂଆଁଖାଇ, ଚୈତ୍ର ମାସରେ ଏଠାରେ ଶ୍ରଦ୍ଧାଳୁଙ୍କ ଭିଡ ପରିଲକ୍ଷିତ ହୋଇଥାଏ। ବିଶେଷ କରି ଦଶହରା ସମୟରେ ଏଠାରେ ମା’ଙ୍କ ପର୍ବ ଧୁମ୍‌ଧାମରେ ପାଳିତ ହୋଇଥାଏ। ଏହି ସମୟରେ ବିଭିନ୍ନ ପ୍ରତିଯୋଗିତା, ଘୁମୁରା ନାଚ, ନାଟକ ଆଦି ପରିବେଷଣ ହୋଇଥାଏ। ଜିଲାର ବିଭିନ୍ନ ସ୍ଥାନରୁ ଶ୍ରଦ୍ଧାଳୁମାନେ ମା’ଙ୍କ ଦର୍ଶନ ପାଇଁ ଆସିଥାନ୍ତି । ଏଠାରେ ମା’ ମାଣିକେଶ୍ୱରୀଙ୍କ ମସ୍ତକ ରହିଥିବା ସ୍ଥାନୀୟ ପୂଜକ ଚୈତନ୍ୟ ପାତ୍ର ପ୍ରକାଶ କରନ୍ତି। ଯଥାଶୀଘ୍ର ମା’ଙ୍କ ମନ୍ଦିର ନିର୍ମାଣ ଦିଗରେ ବିହିତ ପଦକ୍ଷେପ ନିଆଯିବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହୋଇଛି ।


ମା’ ମଣିକେଶ୍ୱରୀଙ୍କ ମନ୍ଦିର।

# ଶ୍ରେଣୀଗୃହ ପାଠପଢ଼ା ପ୍ରଭାବୀ ହେବ

କରୋନା ମହାମାରୀ ପାଇଁ ରାଜ୍ୟରେ ସମସ୍ତ ବିଦ୍ୟାଳୟ ଗତ ପ୍ରାୟ ଦେଢ଼ବର୍ଷ ହେଲା ବନ୍ଦ ରହିଛି। ଛାତ୍ରୀଛାତ୍ରଙ୍କ ପାଠପଢ଼ାରେ ବ୍ୟାଘାତ ନ ହେବା ପାଇଁ ସରକାର ଅନ୍‌ଲାଇନ୍ କ୍ଲାସ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ଅନ୍‌ଲାଇନ୍ ମାଧ୍ୟମରେ କେବଳ ୪୦ପ୍ରତିଶତ ପିଲା ପାଠ ପଢ଼ିବାକୁ ସକ୍ଷମ ହେଉଥିବାବେଳେ ବାକି ୬୦ପ୍ରତିଶତ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସବୁ ସ୍ଥାନରେ ନେଟ୍‌ୱର୍କ ବ୍ୟବସ୍ଥା ଉପଲବ୍ଧ ହୋଇପାରୁ ନ ଥିବାରୁ ପିଲାମାନେ ପାଠପଢ଼ାରୁ ବଞ୍ଚିତ ହେଉଛନ୍ତି। ଏବେ କରୋନା ସଂକ୍ରମଣ ହ୍ରାସ ପାଇବା ସହ ସ୍ଥିତି ନିୟନ୍ତ୍ରଣାଧୀନ ଥିବାରୁ ରାଜ୍ୟ ସରକାର ପିଲାଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ଶ୍ରେଣୀ ଗୃହ ଶିକ୍ଷାଦାନକୁ ବିକଳ୍ପ ଭାବେ ଗ୍ରହଣ କରିଛନ୍ତି। ଆସନ୍ତା ୨୬ ତାରିଖରୁ ରାଜ୍ୟର ସମସ୍ତ ସରକାରୀ ଓ ବେସରକାରୀ ସ୍କୁଲ ଖୋଲିବାକୁ ନିଷ୍ପତ୍ତି ନିଆଯାଇଛି। ପ୍ରଥମ ପର୍ଯ୍ୟାୟରେ ୨୬ରୁ ଦଶମ ଓ ଦ୍ୱାଦଶ ଶ୍ରେଣୀ ପିଲାଙ୍କ ପାଇଁ ସ୍କୁଲ ଖୋଲାଯିବାକୁ ଥିବାବେଳେ ଅଗଷ୍ଟ ୧୬ରୁ ନବମ ଶ୍ରେଣୀ ପିଲାଙ୍କ ପାଇଁ ସ୍କୁଲ ଖୋଲିବ। ସରକାରଙ୍କ ଏହି ନିଷ୍ପତ୍ତି ପରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି। କରୋନା ସଂକ୍ରମଣକୁ ଦେଖି ଅଭିଭାବକମାନେ ସାମାନ୍ୟ ଚିନ୍ତାରେ ଥିଲେ ସୁଦ୍ଧା ପିଲାଙ୍କ ଭବିଷ୍ୟତକୁ ଦେଖି ଏଭଳି ପଦକ୍ଷେପକୁ ସ୍ୱାଗତ କରିଛନ୍ତି। ସ୍କୁଲ ଖୋଲିବା ପ୍ରସଙ୍ଗରେ ରାଜ୍ୟର ବିଭିନ୍ନ ସ୍ଥାନରୁ ଛାତ୍ରୀଛାତ୍ର, ଅଭିଭାବକ ଏବଂ ଶିକ୍ଷୟିତ୍ରୀଶିକ୍ଷକଙ୍କ ମତକୁ ନେଇ ସ୍ୱତନ୍ତ୍ର ଉପସ୍ଥାପନା...

### ଦିନ ଗଣୁଥିଲି



ସ୍କୁଲ ନ ଯାଇ ଘରେ ପାଠ ପଢ଼ିବାକୁ ସେତେଟା ଆଗ୍ରହ ସୃଷ୍ଟି ହେଉନାହିଁ ଗତ କିଛିଦିନ ହେବ ଅନଲାଇନ୍‌ରେ ପାଠପଢ଼ା ଆରମ୍ଭ ହୋଇଛି। ଅନେକ ସମୟରେ ନେଟ୍‌ୱର୍କ ସମସ୍ୟା ଯୋଗୁ ପାଠପଢ଼ାରେ ବହୁ ଅସୁବିଧା ଭୋଗିବାକୁ ପଡ଼ୁଛି। ବେଳେ ବେଳେ ବିରକ୍ତ ଲାଗୁଛି। କେବେ ସ୍କୁଲ ଖୋଲିବ ବୋଲି ଦିନ ଗଣି ଆସୁଥିଲି। ଯାହା ହେଉ ସରକାର ବିଦ୍ୟାଳୟ ଖୋଲିବାକୁ ନିଷ୍ପତ୍ତି ନେଲେ, ତାହାକୁ ସ୍ୱାଗତ ଜଣାଉଛି। ସ୍କୁଲରେ ପାଠ ପଢ଼ା ବେଳେ ମାସ୍କ ପିନ୍ଧିବା ସହ ସାମାଜିକ ଦୂରତା ଉପରେ ଗୁରୁତ୍ୱ ଦେବାକୁ ପଡ଼ିବ।

- ଅର୍ମିଷ୍ଟା ପ୍ରଧାନ, ୧୦ମ ଶ୍ରେଣୀ ଛାତ୍ରୀ, ଚିନ୍ତାମଣି ହାଇସ୍କୁଲ, ଦହପଡ଼ା, ବାଲେଶ୍ୱର

### ପାଠ ବୁଝିବାକୁ ସହଜ ହେବ



ସରକାର ଆମ ପାଇଁ ଅନ୍‌ଲାଇନ୍ ଶିକ୍ଷା ବ୍ୟବସ୍ଥା କାର୍ଯ୍ୟକାରୀ କରିଥିଲେ ସୁଦ୍ଧା ନେଟ୍‌ୱର୍କ ସମସ୍ୟା ଯୋଗୁ ପାଠପଢ଼ା ଠିକ୍ ଭାବେ ହୋଇପାରୁ ନାହିଁ। କେତେକ ବିଷୟ ଅନ୍‌ଲାଇନ୍ କ୍ଲାସ୍‌ରେ ମଧ୍ୟ ବୁଝିବାରେ କଷ୍ଟ ହେଉଥିଲା। ସ୍କୁଲ ଖୋଲିବା ନିଷ୍ପତ୍ତି ନିଆଯାଇଥିବାରୁ ଆମକୁ ସବୁ ବିଷୟ ଶ୍ରେଣୀରେ ଠିକ୍ ଭାବେ ବୁଝିବାରେ ସହଜ ହେବ।

- ସରିତା ବାରିକ, ଦଶମ ଶ୍ରେଣୀ ଛାତ୍ରୀ, ପୌରପାଳିକା ବାଳିକା ଉଚ୍ଚ ବିଦ୍ୟାଳୟ, ବ୍ରହ୍ମପୁର

### ସନ୍ଦେହ ଦୂର ହେବ



ଆସନ୍ତା ୨୬ ତାରିଖରୁ ସ୍କୁଲ ଖୋଲିବ ବୋଲି ରାଜ୍ୟ ସରକାର ଘୋଷଣା କରିଛନ୍ତି। ଏହା ଶୁଣି ବହୁତ ଖୁସି ଲାଗୁଛି। କରୋନା କଟକଣା ଯୋଗୁ ସ୍କୁଲ ବନ୍ଦ ରହିଥିବାରୁ ବର୍ତ୍ତମାନ ଆମେ ଅନ୍‌ଲାଇନ କ୍ଲାସରେ ପଢୁଛୁ। ଏଥିରେ ବିଭିନ୍ନ ବିଷୟରେ ସନ୍ଦେହ ରହୁଥିଲା। ଠିକ୍ ଭାବେ ଆମେ ସନ୍ଦେହ ମୋଚନ କରିପାରୁ ନ ଥିଲୁ। ଏଣିକି ସ୍କୁଲକୁ ଗଲେ ଶିକ୍ଷୟିତ୍ରୀ ଶିକ୍ଷକ ଆମକୁ ସିଧାସଳଖ ବିଭିନ୍ନ ପାଠ୍ୟ ବିଷୟ ପଢ଼ାଇବେ। ଅନ୍‌ଲାଇନ କ୍ଲାସରେ ଥିବା ସନ୍ଦେହ ଉପରେ ସେମାନଙ୍କଠାରୁ ସ୍କୁଲରେ ବୁଝି ଦୂର କରିପାରିବୁ। ସେହିପରି ସ୍କୁଲ ବନ୍ଦ ଥିବାରୁ ଦୀର୍ଘଦିନ ହେଲା ସହପାଠୀଙ୍କ ସହିତ ଭେଟ ହୋଇ ପାରିନାହିଁ। ସ୍କୁଲରେ ସମସ୍ତଙ୍କୁ ଭେଟି ପାଠପଢ଼ା ଉପରେ ଆଲୋଚନା କରିବାର ସୁଯୋଗ ମିଳିବ।

- ବିଶ୍ୱଜିତ ପଣ୍ଡା, ଦଶମ ଶ୍ରେଣୀ, ରାଣାପ୍ରତାପ ହାଇସ୍କୁଲ, ବରଗଡ଼

### ସ୍ୱାଗତଯୋଗ୍ୟ



ରାଜ୍ୟ ସରକାର ଆସନ୍ତା ୨୬ରୁ ଦଶମ ଓ ଦ୍ୱାଦଶ ଶ୍ରେଣୀ ଖୋଲିବାକୁ ଶନିବାର ନେଇଥିବା ନିଷ୍ପତ୍ତି ସ୍ୱାଗତଯୋଗ୍ୟ। ଦୀର୍ଘଦିନ ଧରି ବିଦ୍ୟାଳୟଗୁଡ଼ିକ ବନ୍ଦ ଥିବାରୁ ଛାତ୍ରୀଛାତ୍ରଙ୍କ ପ୍ରତ୍ୟକ୍ଷ ଶିକ୍ଷା ଗ୍ରହଣ ବାଧାପ୍ରାପ୍ତ ହୋଇଛି। ଅନ୍‌ଲାଇନ ଶିକ୍ଷାଦାନ ବିଶେଷ ଫଳପ୍ରଦ ହେଉନାହିଁ। ଏଥିରୁ ସବୁ ଛାତ୍ରୀଛାତ୍ର ଉପକୃତ ହୋଇପାରୁନାହାନ୍ତି। ଏହି ପରିପ୍ରେକ୍ଷୀରେ କୋଭିଡ୍ ନିୟମକୁ କଡ଼ାକଡ଼ି ଭାବେ ପାଳନ କରି ବିଦ୍ୟାଳୟଗୁଡ଼ିକରେ ଶିକ୍ଷାଦାନ ଚାଲୁ ରହିଲେ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଉଜ୍ଜ୍ୱଳ ହେବ। ଏଥିପ୍ରତି ଶିକ୍ଷା ବିଭାଗ, ବିଦ୍ୟାଳୟ ଓ ପ୍ରଧାନ ଶିକ୍ଷକମାନଙ୍କ ଗୁରୁଦାୟିତ୍ୱ ରହିଛି।

- ରବୀନ୍ଦ୍ର କୁମାର ମହାରଣା, ଅଭିଭାବକ, ମାଲକାନଗିରି

### ଉପକୃତ ହେବୁ



ସରକାରଙ୍କ ନିଷ୍ପତ୍ତି ସ୍ୱାଗତଯୋଗ୍ୟ। କରୋନା ପାଇଁ ଆମେ ପ୍ରଥମ ବର୍ଷ ପାଠରୁ ବଞ୍ଚିତ ହୋଇଥିଲୁ। ଅନ୍‌ଲାଇନ୍‌ରେ ପଢ଼ା ଯାଉଥିଲା, କିନ୍ତୁ ସମ୍ପୂର୍ଣ୍ଣ ଭାବେ ପାଠ ପଢ଼ିବା ସମ୍ଭବ ହେଉ ନ ଥିଲା। କଟକଣାକୁ ମାନି ଅଫଲାଇନ୍‌ରେ ପାଠପଢ଼ା ଗଲେ ଉପକୃତ ହେବୁ।

- ପ୍ରିୟାଂଶୁ ପଣ୍ଡା, ଅନୁଗୋଳ ସରକାରୀ କଲେଜ ବାଣିଜ୍ୟ ଦ୍ୱିତୀୟ ବର୍ଷ ଛାତ୍ର

### ଭୟ, ଆଶଙ୍କାରେ ରହିଛୁ



କରୋନାକୁ ନେଇ ଏବେ ବି ଭୟ ଓ ଆଶଙ୍କାରେ ରହିଛୁ। ଗୋଟିଏ ପଟେ ଆମ ଭବିଷ୍ୟତ ଏବଂ ଅନ୍ୟପଟେ ଜୀବନ ସୁରକ୍ଷା କଥା ଭାବିବାକୁ ପଡୁଛି। ଉଭୟ ଗୁରୁତ୍ୱପୂର୍ଣ୍ଣ। ସମସ୍ତ ସତର୍କତା ମୂଳକ ପଦକ୍ଷେପ ନେଇ ଶିକ୍ଷାଦାନ ଆରମ୍ଭ ହେଉ।

- ବର୍ଷା ପ୍ରିୟଦର୍ଶିନୀ, ଦଶମ ଶ୍ରେଣୀ ଛାତ୍ରୀ ଅନୁଗୋଳ

### ଖୁସି ଲାଗୁଛି



ଏତେ ଦିନ ପରେ ସ୍କୁଲ ଯିବାକୁ ସୁଯୋଗ ମିଳୁଥିବାରୁ ବହୁତ ଖୁସି ଲାଗୁଛି। ରୋଗର ଭୟ ମନରେ ଥିଲେ ମଧ ଦଶମ ଶ୍ରେଣୀ ଛାତ୍ର ହିସାବରେ ଭବିଷ୍ୟତ ପାଇଁ ଏହା ସ୍ୱାଗତଯୋଗ୍ୟ ପଦକ୍ଷେପ। ବିଦ୍ୟାଳୟଗୁଡ଼ିକ ପିଲାଙ୍କ ଭବିଷ୍ୟତକୁ ଉଚିତ୍ ନ୍ୟାୟ ଦେଇପାରିବେ ବୋଲି ଆଶା କରୁଛି।

- ଅନୁରାଗ ମିଶ୍ର, ସେଣ୍ଟ ଜାଭିୟର୍ସ ହାଇସ୍କୁଲ, ଯାଜପୁର ରୋଡ୍

### ପିଲାଙ୍କୁ ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଉ



କରୋନା ପାଇଁ ଦୀର୍ଘ ଦେଢ଼ବର୍ଷ ହେବ ପିଲାମାନଙ୍କ ପାଠପଢ଼ା ବାଧାପ୍ରାପ୍ତ ହୋଇଛି। ସ୍କୁଲକୁ ଯାଇ ପାଠପଢ଼ିବା ଆଉ ଅନ୍‌ଲାଇନ୍ କ୍ଲାସ୍ କରିବା ଭିତରେ ବହୁତ ଫରକ ରହିଛି। ସରକାରଙ୍କ ଏହି ନିଷ୍ପତ୍ତି ସ୍ୱାଗତଯୋଗ୍ୟ, ମାତ୍ର ସଂକ୍ରମଣ ପାଇଁ ଟିକେ ଚିନ୍ତା ଲାଗୁଛି। ସ୍କୁଲ କର୍ତ୍ତୃପକ୍ଷ ସମସ୍ତ ଗାଇଡ୍‌ଲାଇନ୍ ମାନିବା ସହ ପିଲାଙ୍କ ଉପରେ ସ୍ୱତନ୍ତ୍ର ଦୃଷ୍ଟି ଦେବା ଆବଶ୍ୟକ।

- ସୁଶାନ୍ତ ବେହେରା, ଅଭିଭାବକ, ଭୁବନେଶ୍ୱର

### ସ୍କୁଲରେ ପାଠପଢ଼ା ସ୍ୱତନ୍ତ୍ର



ସ୍କୁଲ ଖୋଲିବ ଶୁଣି ବହୁତ ଖୁସି ଲାଗୁଛି। ଅନ୍‌ଲାଇନ୍ ପାଠ ପଢ଼ାରେ ସେତେ ମଜା ନାହିଁ, ଯାହା ସ୍କୁଲରେ ପଢ଼ିବାରେ ଅଛି। ଶିକ୍ଷୟିତ୍ରୀଶିକ୍ଷକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପାଠ ପଢ଼ିବା, ପ୍ରଶ୍ନ କରିବା, ସାଙ୍ଗମାନଙ୍କ ସହ ମିଶିବାକୁ ମୁଁ ବହୁତ ମିସ୍ କରୁଥିଲି।

- ଦେବେନ୍ଦ୍ର ପ୍ରସାଦ ସେଠୀ, ଦ୍ୱାଦଶ ଶ୍ରେଣୀ ଛାତ୍ର, ଭୁବନେଶ୍ୱର

### ଅଫ୍‌ଲାଇନ ପଢ଼ା ସବୁଠୁ ଭଲ



ସରକାରଙ୍କ ନିଷ୍ପତ୍ତିରେ ମୁଁ ଖୁସି ଅଛି। ଦେଢ଼ବର୍ଷ ହେବ ଭଲ ଭାବେ ପାଠପଢ଼ା ହୋଇପାରୁ ନାହିଁ। ଏବେ ସ୍କୁଲ ଖୋଲିଲେ ସବୁ ଠିକ୍ ହେବ। ଅଫ୍‌ଲାଇନ କ୍ଲାସ୍ ହିଁ ସବୁଠାରୁ ଭଲ। କାରଣ ଏଥିରେ ଛାତ୍ରୀଛାତ୍ର ଓ ଶିକ୍ଷକଙ୍କ ମଧ୍ୟରେ ସମନ୍ୱୟ ରହିଥାଏ। ତେବେ ଆମ ସମସ୍ତଙ୍କୁ କୋଭିଡ୍ ଗାଇଡ୍‌ଲାଇନକୁ କଡ଼ାକଡ଼ି ପାଳନ କରିବାକୁ ପଡ଼ିବ।

- ରତ୍ନମ୍ବରା ମହାନ୍ତି, ଦଶମ ଶ୍ରେଣୀ ଛାତ୍ରୀ, ଭୁବନେଶ୍ୱର

### କୋଭିଡ୍ ଗାଇଡ୍‌ଲାଇନ୍ ମାନିବା ଜରୁରୀ



ସ୍କୁଲ ଖୋଲିବା ନିଷ୍ପତ୍ତିକୁ ସ୍ୱାଗତ କରୁଛି। ସ୍କୁଲ ହେଉଛି ପିଲମାନଙ୍କ ଗୁରୁକୁଳ। ତେଣୁ ଗୁରୁକୁଳକୁ ଆସି ପଢ଼ିବା ଓ ପଢ଼ାଇବାରେ ଯେତିକି ଆନନ୍ଦ ମିଳେ, ତାହା ଇ-ଲର୍ନିଂରେ ସମ୍ଭବ ନୁହେଁ। ଶ୍ରେଣୀଗୃହରେ ପାଠପଢ଼ା ଅଧିକ ପ୍ରଭାବୀ। ତେବେ ଉଭୟ ଶିକ୍ଷକ ଓ ପିଲାମାନଙ୍କୁ ସରକାରଙ୍କ କୋଭିଡ୍ ଗାଇଡ୍ ଲାଇନ୍ ମାନିବା ସହ ମାସ୍କ ପିନ୍ଧିବା, ସାନିଟାଇଜର ବ୍ୟବହାର କରିବା ଆଦି ବିଭିନ୍ନ ଦିଗ ପ୍ରତି ଗୁରୁତ୍ୱ ଦେବାକୁ ପଡ଼ିବ। ଏହାଦ୍ୱାରା ଆମେ ସୁରକ୍ଷିତ ରହିବା ସହ ଶିକ୍ଷା ଗ୍ରହଣ କରିପାରିବା।

- ମିନତୀ ଜେନା, ଶିକ୍ଷୟିତ୍ରୀ, ଭୁବନେଶ୍ୱର

### ସତର୍କତାମୂଳକ ପଦକ୍ଷେପ ନେବାକୁ ଅନୁରୋଧ



ଦଶମ ଓ ଦ୍ୱାଦଶ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପାଠପଢ଼ା ପାଇଁ ଜୁଲାଇ ୨୬ ତାରିଖରୁ ସ୍କୁଲ ଖୋଲିବ ବୋଲି ରାଜ୍ୟ ସରକାର ଘୋଷଣା କରିଛନ୍ତି। ସରକାରଙ୍କ ଏହି ନିଷ୍ପତ୍ତିକୁ ମୁ ସ୍ୱାଗତ କରୁଛି। ଏହା ଆମ ପାଠପଢ଼ାରେ ସହାୟକ ହେବ। ପୂର୍ବରୁ ଅନ୍‌ଲାଇନ ପାଠପଢ଼ା ହେଉଥିଲେ ମଧ ନେଟୱର୍କ ସମସ୍ୟା ରହୁଥିଲା। ଏବେ ସେହି ସମସ୍ୟା ରହିବନି। ତେବେ ଆଗକୁ କୋଭିଡ୍ ତୃତୀୟ ଲହର ଆସିବା ନେଇ ସୂଚନା ମିଳୁଥିବାରୁ ଏହାର ମୁକାବିଲା ପାଇଁ ସତର୍କତାମୂଳକ ପଦକ୍ଷେପ ନେବା ଜରୁରୀ।

- ରାଜ ଅଭିଷେକ ନାୟକ, ଯୁକ୍ତଦୁଇ ଛାତ୍ର, ସମଲେଶ୍ୱରୀ କଲେଜ, ସମ୍ବଲପୁର

### ଦ୍ୱନ୍ଦ୍ୱ ସହଜରେ ଦୂର ହେବ



ଏବେ ସ୍କୁଲ ଖୋଲିବା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି। ଏଥିପାଇଁ ବହୁତ ଉତ୍ସାହିତ। କରୋନାର ଭୟ ରହିଛି, ହେଲେ ଅନ୍‌ଲାଇନ ପାଠପଢ଼ା ଶ୍ରେଣୀଗୃହ ପାଠପଢ଼ାଠାରୁ ସମ୍ପୂର୍ଣ୍ଣ ଭିନ୍ନ। ଶ୍ରେଣୀଗୃହରେ ଶିକ୍ଷକଙ୍କ ସହିତ ସିଧାସଳଖ ପାଠ ସମ୍ବନ୍ଧୀୟ ଆଲୋଚନା କରିହେବ। ଏଥିସହ ପାଠ ସମ୍ବନ୍ଧୀୟ ଦ୍ୱନ୍ଦ୍ୱ ସହଜରେ ଦୂର ହୋଇପାରିବ। ସେଥିଲାଗି ସ୍କୁଲ ଖୋଲିବା ନିଷ୍ପତ୍ତିରେ ମୁଁ ଖୁସି।

- ଅର୍ପିତା ପ୍ରିୟଦର୍ଶିନୀ, ଦଶମ ଛାତ୍ରୀ, କଟକ

### ସରକାର ଠିକ୍ ନିଷ୍ପତ୍ତି ନେଇଛନ୍ତି



ମହାମାରୀ ସମୟରେ ସ୍କୁଲ ଖୋଲିବା ନିଷ୍ପତ୍ତି ସରକାରଙ୍କ ପାଇଁ କଷ୍ଟସାଧ୍ୟ ହେଲେ ଏହା ଠିକ୍ ନିଷ୍ପତ୍ତି। ମହାମାରୀ କାରଣରୁ ଛାତ୍ରୀଛାତ୍ରମାନେ ମାନସିକ ସ୍ତରରେ ଦୁର୍ବଳ ହୋଇପଡ଼ିଛନ୍ତି। ସେମାନଙ୍କ ମନରୁ କିଭଳି ଭାବେ କରୋନା ଭୟ ଦୂର କରାଯାଇପାରିବ ଏବଂ ପୂର୍ବଭଳି ସ୍କୁଲରେ ସୁଚାରୁରୂପେ ଶିକ୍ଷାଦାନ କରାଯାଇପାରିବ, ତାହା ଶିକ୍ଷକଙ୍କ ଉପରେ ନିର୍ଭର କରେ।

- ମହେଶ୍ୱର ଦାସ, ଶିକ୍ଷକ, କଟକ

## ଅଙ୍ଗନୱାଡି କେନ୍ଦ୍ରରୁ ଜବରଦଖଲ ହଟାଇଲା ପ୍ରଶାସନ

**ଖପ୍ରାଖୋଲ, ୧୭।୭(ଡି.ଏନ.ଏ):** ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଘୁନସର ପଞ୍ଚାୟତ ଅନ୍ତର୍ଗତ ଚଚରାଭଟା କେନ୍ଦୁପଡ଼ାଠାରେ ଥିବା ଅଙ୍ଗନୱାଡି କେନ୍ଦ୍ରକୁ ଗାଁର ଜନୈକ ବ୍ୟକ୍ତି ୪ବର୍ଷ ହେଲା ନିଜ ଜମିରେ ଥିବା ଦର୍ଶାଇ ଜବରଦଖଲ କରି ରଖିଥିଲେ। ଫଳରେ ଅଙ୍ଗନୱାଡି କେନ୍ଦ୍ର ଜଣଙ୍କ ଘର ବାରଣ୍ଡାରେ ଚାଲିଥିଲା। ଶୁକ୍ରବାର ବିଡିଓ ପ୍ରଭାତ କୁମାର ସାହୁ, ତହସିଲଦାର ଧୃରୋଜ କୁମାର ପାତ୍ର, ସହକାରୀ ଯନ୍ତ୍ରୀ ସୋମ୍ୟ କିଶୋର ଜଏପୁରିୟା, ସିଡିପିଓ ସୁଜାତା ଦୋରା, ସୁପରଭାଇଜର ପଙ୍କଜିନି ମିଶ୍ର ପ୍ରମୁଖ କେନ୍ଦୁପଡା ଯାଇ ସମ୍ପୃକ୍ତ ବ୍ୟକ୍ତିଙ୍କ ସହ ଆଲୋଚନା କରିଥିଲେ। ଜମି ମାପ ପରେ ତାହା ଜବର ଦଖଲକାରୀଙ୍କର ନୁହେଁ ବୋଲି ଜଣା ପଡିଥିଲା। ଏହାପରେ ବିଡିଓ ତାଲା ଭାଙ୍ଗି ଅଙ୍ଗନୱାଡି କେନ୍ଦ୍ରକୁ ନିଜ ଦଖଲକୁ ଆଣିଥିଲେ। ଏହି ଅବସରରେ ପିଇଓ ବାହୁବଳେନ୍ଦ୍ର ପୁରୋହିତ, ଅଙ୍ଗନୱାଡି କର୍ମୀ ଓ ଗ୍ରାମବାସୀ ଉପସ୍ଥିତ ଥିଲେ।

## ଦେଢ଼ କୁଇଣ୍ଟାଲ ମହୁଲପୋଚ ଜବତ, ଜଣେ ଗିରଫ

**ଲୋଇସିଂହା,୧୭।୭(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଲୋଇସିଂହା ଥାନା ମାହାରପାଲି ଗ୍ରାମରେ ଶନିବାର ଲୋଇସିଂହା ପୋଲିସ ଚଢ଼ାଉ କରି ବିପୁଳ ପରିମାଣରେ ମହୁଲପୋଚ ଓ ରନ୍ଧା ମଦ ଜବତ କରିଛି। ଏହି ଘଟଣାରେ ପବିତ୍ର ରାଉତଙ୍କୁ ଗିରଫ କରାଯାଇଛି। ରବିବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯିବ। ପୋଲିସ ସୂଚନାମତେ, ଯୋଗୀସର୍ଡା ପଞ୍ଚାୟତ ଅଧୀନ ମାହାରପାଲିରେ ବ୍ୟାପକ ମଦ ପ୍ରସ୍ତୁତ କରି ବିଭିନ୍ନ ସ୍ଥାନକୁ ଚାଲାଣ ହେଉଥିବା ତାଲିମପ୍ରାପ୍ତ ଡିଏସ୍‌ପି ଅମୃତ କୁମାର ପଣ୍ଡାଙ୍କୁ ସୂଚନା ମିଳିଥିଲା। ଶନିବାର ସକାଳେ ଡିଏସପି ପଣ୍ଡାଙ୍କ ନେତୃତ୍ୱରେ ଆଇଆଇସି ରମାକାନ୍ତି ଜେନା,ଏସଆଇ ନବୀନ ଭୋଇ ଓ ଷ୍ଟାଫ ମାହାରପାଲିରେ ଚଢ଼ାଉ କରିଥିଲେ। ଚଢ଼ାଉ ବେଳେ ପବିତ୍ରଙ୍କ ଘରେ ମଦ ପ୍ରସ୍ତୁତି ପାଇଁ ଦେଢ଼ କୁଇଣ୍ଟାଲ ମହୁଲ ପୋଚ ଡ୍ରମରେ ଗଚ୍ଛିତ ଥିବା ଦେଖିବାକୁ ମିଳିଥିଲା। ସେଠାରେ ମହୁଲ ପୋଚକୁ ନଷ୍ଟ କରିବା ସହ ଘରେ ଥିବା ୧୫ଲିଟର ରନ୍ଧା ମଦ ଏବଂ ମଦ ପ୍ରସ୍ତୁତି ସାମଗ୍ରୀ ଜବତ କରାଯାଇଥିବା ଡିଏସପି ପଣ୍ଡା ପ୍ରକାଶ କରିଛନ୍ତି।

## ଦାବି ମାନିଲା ପ୍ରଶାସନ

# ବାହୁଡ଼ାରୁ ଗଡ଼ିବ ବସ୍

**ବରଗଡ଼ ଅଫିସ୍,୧୭।୭**

ବରଗଡ଼ର ନୂଆ ଘରୋଇ ବସ୍‌ଷ୍ଟାଣ୍ଡକୁ ନେଇ ଦେଖାଦେଇଥିବା ବିବାଦର ଅବସାନ ଘଟିଛି। ଘରୋଇ ବସ୍ ମାଲିକ ସଂଘର ବିଭିନ୍ନ ପ୍ରସ୍ତାବ, ଦାବି ଉପରେ ପୌର ପରିଷଦ ମୋହର ମାରିଛି। ଫଳରେ ଦୀର୍ଘ ଅଢ଼େଇବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଅବ୍ୟବହୃତ ହୋଇପଡ଼ିଥିବା ନୂଆ ବସ୍‌ଷ୍ଟାଣ୍ଡ କାର୍ଯ୍ୟକ୍ଷମ ହେବା ନେଇ ସ୍ପଷ୍ଟ ହୋଇଛି। ଆସନ୍ତା ୨୦ତାରିଖରେ ବାହୁଡ଼ାଯାତ୍ରାରୁ ଏହି ବସ୍‌ଷ୍ଟାଣ୍ଡ ଦେଇ ଯାତ୍ରୀବାହୀ ବସ୍ ଚଳାଚଳ କରିବ ବୋଲି ବରଗଡ଼ ଘରୋଇ ବସ୍ ମାଲିକ ସଂଘର ମୁଖ୍ୟ ଉପଦେଷ୍ଟା ଇଂ. ଦେବବ୍ରତ ମିଶ୍ର ଶନିବାର ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ସ୍ଥାନୀୟ ଏକ ହୋଟେଲ ସମ୍ମିଳନୀ କକ୍ଷରେ ସୂଚନା ଦେଇ ଇଂ. ମିଶ୍ର କହିଥିଲେ, ନୂଆ ବସ୍‌ଷ୍ଟାଣ୍ଡ ନିର୍ମାଣରେ କିଛି ତ୍ରୁଟି ରହିଥିଲା। ଫଳରେ ସେହି ବସ୍‌ଷ୍ଟାଣ୍ଡ ଦେଇ ଘରୋଇ ବସ୍ ଚଳାଚଳ ବିପଦପୂର୍ଣ୍ଣ ଥିଲା। ବସ୍ ଡିପୋ, ଘରୋଇ ବସ୍ ମାଲିକ ସଂଘ ଅଫିସ୍, ଡ୍ରାଇଭର, ହେଲପରଙ୍କ ବିଶ୍ରାମାଗାର, ଶୌଚାଳୟ, ସୁରକ୍ଷା ବ୍ୟବସ୍ଥା ଆଦି ଦାବି ନେଇ ଘରୋଇ ବସ୍ ମାଲିକ ସଂଘ ବହୁପୂର୍ବରୁ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲା। ଏହି ଦାବି ନେଇ ସଂଘ ଆନ୍ଦୋଳନକୁ ଓହ୍ଲାଇଥିଲା। ତଥାପି ପ୍ରଶାସନିକସ୍ତରରେ କିଛି ପଦକ୍ଷେପ ନିଆଯାଇ ନ ଥିଲା। ଫଳରେ ଘରୋଇ ବସ୍ ମାଲିକ ସଂଘ ନୂଆ ବସ୍‌ଷ୍ଟାଣ୍ଡକୁ ବିରୋଧ କରିବା ସହିତ ସେଠାରୁ ବସ୍ ଚଳାଚଳ ପାଇଁ ରାଜି ହୋଇ ନ ଥିଲା।

ଅନ୍ୟପକ୍ଷେ ଗତ ୧୦ତାରିଖରେ ପୌର ପରିଷଦ କାର୍ଯ୍ୟାଳୟ ପରିସରରେ ଜିଲାପାଳ ମୋନିଷା ବାନାର୍ଜୀଙ୍କ ଆଦେଶକ୍ରମେ ପୌର ନିର୍ବାହୀ ଅଧିକାରୀ ନାରାୟଣ ଡନସନାଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ବସିଥିଲା। ବୈଠକରେ ସ୍ଥାନୀୟ ବିଧାୟକ ଦେବେଶ ଆଚାର୍ଯ୍ୟ ଉପସ୍ଥିତ ଥିଲେ। ସେଥିରେ ନୂଆ ଘରୋଇ ବସ୍‌ଷ୍ଟାଣ୍ଡ ନେଇ ଆଲୋଚନା ହୋଇ ସଂଘର ଦାବି, ପ୍ରସ୍ତାବ ଗୃହୀତ ହୋଇଥିଲା। ବସ୍ ରହିବା ପାଇଁ ଆହୁରି ୪ଟି ନୂତନ ରେ ନିର୍ମାଣ, ବସ୍ ମାଲିକ ସଂଘ ଅଫିସ୍ ନିର୍ମାଣ, ସଭାଗୃହ, ବସ୍‌ଷ୍ଟାଣ୍ଡ ସମ୍ମୁଖରୁ ମାଂସ ଦୋକାନ ଉଚ୍ଛେଦ, ପୁରୁଣା ବସ୍‌ଷ୍ଟାଣ୍ଡକୁ ବସ୍ ଡିପୋ କରାଯିବା ଆଦି ପ୍ରସ୍ତାବକୁ କାର୍ଯ୍ୟକାରୀ କରିବା ପାଇଁ ବିଭାଗୀୟ ଅଧିକାରୀମାନେ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ନୂଆ ବସ୍‌ଷ୍ଟାଣ୍ଡ ଦେଇ ଗାଡ଼ି ଚଲାଇବାକୁ ସଂଘ ସହମତି ପ୍ରକାଶ କରିଥିବା ସଂଘର ମୁଖ୍ୟ ଉପଦେଷ୍ଟା ଇଂ. ମିଶ୍ର ସୂଚନା ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ସଂଘ ସଭାପତି ଭୀଷ୍ମଦେବ ଦୋରା, ଉପସଭାପତି ମହମ୍ମଦ ଇଦ୍ରିସ, ସାଧାରଣ ସମ୍ପାଦକ ଶେଖ ନଜିମୁଦ୍ଦିନ, ସହ ସମ୍ପାଦକ ସୁଶାନ୍ତ ମିଶ୍ର, କାର୍ଯ୍ୟକାରୀ ସଭାପତି ସରୋଜ ମହାପାତ୍ର, ଉପଦେଷ୍ଟା ପୂରନ ଶର୍ମା ଏବଂ ଅନ୍ୟ ସଭ୍ୟମାନେ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ମଞ୍ଚାସୀନ ଘରୋଇ ବସ୍ ମାଲିକ ସଂଘର କର୍ମକର୍ତ୍ତାବୃନ୍ଦ।

## ଫସର ଫାଟିଲା ଆନ୍ଦୋଳନ, ଚାଷୀଙ୍କୁ ଉଠାଇନେଲା ପୋଲିସ

**ଅତାବିରା/ସରଣ୍ଡା,୧୭।୭(ଡି.ଏନ.ଏ)**

ରବି ଧାନ ବିକ୍ରି ଦାବିରେ ବରଗଡ଼ ଜିଲା ଅତାବିରାରେ ଚାଲିଥିବା ଚାଷୀ ଆନ୍ଦୋଳନ ଶନିବାର ୧୮ଦିନରେ ପହଞ୍ଚିଥିଲା। ଚାଷୀମାନେ ସ୍ଥାନୀୟ ବ୍ଲକ, ତହସିଲ ସମେତ ବିଭିନ୍ନ ସରକାରୀ ଅଫିସ ଆଗରେ ଧାନ ଗଦା କରିବା ସହିତ ବ୍ଲକ ଅଫିସ ଆଗରେ ଧାରଣାରେ ବସି ଆସୁଥିଲେ। ମାତ୍ର କିଛି ସୁଫଳ ମିଳି ନ ଥିଲା। ଅନ୍ୟପଟେ ଶନିବାର ଅପରାହ୍ଣ ପ୍ରାୟ ଦେଢ଼ଟା ସମୟରେ ଉପଜିଲାପାଳ ଶୁଭେନ୍ଦ୍ର କୁମାର ସାମଲ, ଏସ୍‌ଡ଼ିପିଓ ଦୀପକ କୁମାର ଗୋଚ୍ଛାୟତ, ତହସିଲଦାର ଦୁର୍ଯ୍ୟୋଧନ ଭୋଇ, ଥାନାଧିକାରୀ ଦିଲୀପ କୁମାର ବେହେରା ପ୍ରମୁଖ ଧାରଣାସ୍ଥଳକୁ ପହଞ୍ଚି ଚାଷୀଙ୍କ ସହିତ ଆଲୋଚନା କରିଥିଲେ। ଗତ ଜୁନ ୩୦ରୁ ଧାନ ସଂଗ୍ରହ ପ୍ରକ୍ରିୟା ସରିଯାଇ ଥିବାରୁ ଧାନ ଉଠାଣ ଆଉ ସମ୍ଭବ ନୁହେଁ ଏବଂ ଆନ୍ଦୋଳନ ଯୋଗୁ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବୋଲି ଅଧିକାରୀମାନେ କହିଥିଲେ। ତେବେ ଧାନ ନ ଉଠିବା ପର୍ଯ୍ୟନ୍ତ ସେମାନେ ଧାରଣାରୁ ଉଠିବେ ନାହିଁ ବୋଲି ଚାଷୀମାନେ ରୋକ୍‌ଠୋକ୍ ଶୁଣାଇ ଦେଇଥିଲେ। ଏହାପରେ ପୋଲିସ ବଳପୂର୍ବରୁ ଧାରଣାରେ ସାମିଲ ଥିବା ଚାଷୀନେତା ବିରେନ କର, ଟିକେଲାଲ ମିଶ୍ର, କୌସ୍ତୁଭ ପ୍ରଧାନ, ସୁବାଷ ବିଶ୍ୱାଳ, ପାପାରାଓ, ସୁରେଶ କର୍ଣ୍ଣଙ୍କ ସମେତ ୧୫ଜଣଙ୍କୁ ଥାନାକୁ ଉଠାଇ ନେଇଥିଲା। ଏ ନେଇ ଥାନାଧିକାରୀ ବେହେରା କହିଛନ୍ତି, ସମ୍ପୃକ୍ତ ଚାଷୀମାନଙ୍କ ବିରୋଧରେ ଏକ ମାମଲା (ନଂ.୧୮୯/୨୧) ରୁଜୁ ସହିତ ସେମାନଙ୍କୁ ଗିରଫ କରାଯାଇଥିଲା। ପରେ ଧାରା ୪୧ରେ ସେମାନଙ୍କୁ ଛାଡ଼ି ଦିଆଯାଇଥିବା ସେ କହିଥିଲେ। ଅପରପକ୍ଷେ ଚାଷୀଙ୍କୁ ପୋଲିସର ଏଭଳି ବଳପୂର୍ବକ ଉଠାଇନେବା ଘଟଣାରେ ସ୍ଥାନୀୟ ଜନ ପ୍ରତିନିଧିଙ୍କ ନିରବତାକୁ ଖବରଦାତା ସମ୍ମିଳନୀରେ ନିନ୍ଦା କରାଯାଇଛି।


ଧାରଣାସ୍ଥଳରେ ଚାଷୀଙ୍କ ସହିତ ପୋଲିସ, ପ୍ରଶାସନିକ ଅଧିକାରୀ ଆଲୋଚନା କରୁଛନ୍ତି।

## ୨୫ କେଜି ଶମ୍ବର ମାଂସ ଓ କାଠ ପଟା ଜବତ, ଶିକାରି ଗିରଫ

**ବୌଦ୍ଧ/ପୁରୁଣାକଟକ,୧୭।୭ (ସ୍ୱ.ପ୍ର./ଡି.ଏନ.ଏ.)**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ପୁରୁଣାକଟକ ରେଞ୍ଜ ବନ କର୍ମଚାରୀ ଶନିବାର ଚଢ଼ାଉ କରି ୨୫ କେଜି ଶମ୍ବର ମାଂସ ଓ ୨୦ଟି କାଠ ପଟା ଜବତ କରିଛି। ଏହି ଘଟଣାରେ ହରଭଙ୍ଗା ବ୍ଲକ ଝାରଖମଣ ଗାଁର ସନ୍ତୋଷ କୁମାର ସାହୁଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ଏକ ଶମ୍ବର ଶିକାର କରି ସନ୍ତୋଷ ମାଂସ ବିକ୍ରି କରୁଥିଲେ। ଖବର ପାଇ ପୁରୁଣାକଟକ ରେଞ୍ଜ କର୍ମଚାରୀ ତାଙ୍କ ଘର ଉପରେ ଚଢ଼ାଉ କରିଥିଲେ। ଚଢ଼ାଉ ସମୟରେ ତାଙ୍କ ନିକଟରୁ ଶମ୍ବର ମାଂସ ଓ କାଠ ପଟା ଜବତ ହୋଇଥିଲା। ଚଢ଼ାଉରେ ସହକାରୀ ବନ ସଂରକ୍ଷକ ଜିତେନ୍ଦ୍ର କୁମାର ବେହେରା, ଡେପୁଟି ରେଞ୍ଜର ପ୍ରଦୋଷ କୁମାର ମହରଣା, ପୁରୁଣାକଟକ ରେଞ୍ଜର ନିହାର ରଞ୍ଜନ କହଁର ସାମିଲ ଥିଲେ।

## ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟକୁ ମିଳିନାହିଁ ୟୁଜିସି ସ୍ୱୀକୃତି

**ବଲାଙ୍ଗୀର ଅଫିସ, ୧୭।୭**

ଓଡ଼ିଶା ବିଶ୍ୱବିଦ୍ୟାଳୟ ଆଇନ ୧୯୮୯ର ସେକ୍ସନ ୩୨ ଅନୁଯାୟୀ ରାଜ୍ୟ ସରକାର ୧ ଜୁନ୍ ୨୦୨୦ରେ ବଲାଙ୍ଗୀରରେ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିଥିଲେ। ତେବେ ନିୟମାନୁଯାୟୀ ଏହି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହୋଇନାହିଁ ବୋଲି ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ଏହି ବିଶ୍ୱବିଦ୍ୟାଳୟକୁ ସ୍ୱୀକୃତି ଦେବାକୁ ମନା କରିଦେଇଛି। ୟୁଜିସି ଉପସଚିବ ଡ ନରେଶ କୁମାର ଶର୍ମା ୨୮ ଡିସେମ୍ବର ୨୦୨୦ରେ ଚିଠି କରିଥିଲେ। ଏହି ଚିଠି ଉପରେ ଉଚ୍ଚଶିକ୍ଷା ସଚିବ ଶାଶ୍ୱତ ମିଶ୍ର ୟୁଜିସି ସଚିବଙ୍କୁ ଶୁକ୍ରବାର ଚିଠି ଲେଖିବା ପରେ ପ୍ରସଙ୍ଗ ଲୋକଲୋଚନକୁ ଆସିଛି। ୟୁଜିସି ପକ୍ଷରୁ ଦର୍ଶାଯାଇଛି ଯେ, ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ନିୟମାନୁଯାୟୀ ପ୍ରତିଷ୍ଠା ହୋଇ ନ ଥିବାରୁ ୟୁଜିସି ଆଇନ ୧୯୫୬ର ସେକ୍ସନ ୨ ଏଫ୍‌ରେ ସାମିଲ କରାଯାଇପାରିବ ନାହିଁ। ୟୁଜିସିର ଏଭଳି ଚିଠିକୁ ଯୁକ୍ତିସଙ୍ଗତ ନୁହେଁ ବୋଲି ଉଚ୍ଚଶିକ୍ଷା ସଚିବ ଦର୍ଶାଇଛନ୍ତି। ଓଡ଼ିଶା ବିଶ୍ୱବିଦ୍ୟାଳୟ ଆଇନ ଅନୁଯାୟୀ ରାଜ୍ୟ ସରକାର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିଛନ୍ତି।

### ଉପଯୁକ୍ତ ପଦକ୍ଷେପ ନିଆଯିବ: କୁଳପତି

ଉକ୍ତ ନିୟମାନୁଯାୟୀ ରାଜ୍ୟ ସରକାର ପୂର୍ବରୁ ବାଲେଶ୍ୱରରେ ଫକୀର ମୋହନ ବିଶ୍ୱବିଦ୍ୟାଳୟ, ବାରିପଦାରେ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ, କଳାହାଣ୍ଡି ବିଶ୍ୱବିଦ୍ୟାଳୟ, ବଲାଙ୍ଗୀରରେ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରାଯାଇଛି। ଏମାନଙ୍କ ମଧ୍ୟରୁ ଅନେକ ବିଶ୍ୱବିଦ୍ୟାଳୟ ୟୁଜିସି ସ୍ୱୀକୃତି ମଧ ମିଳିସାରିଛି। ଏଣୁ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ସ୍ୱୀକୃତି ପାଇଁ ଉପରୋକ୍ତ ନିୟମ କଥା ଉଠାଇବା ଯୁକ୍ତିସଙ୍ଗତ ନୁହେଁ ବୋଲି ସଚିବ ମିଶ୍ର ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି। ଏନେଇ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ କୁଳପତି ଉମାବଲ୍ଲଭ ମହାପାତ୍ରଙ୍କୁ ପଚରାଯିବାରୁ ଏହାପରେ ଉଚ୍ଚଶିକ୍ଷା ସଚିବ ଉପଯୁକ୍ତ ପଦକ୍ଷେପ ନେବେ। ୟୁଜିସିର ସ୍ୱୀକୃତି ମନା ପ୍ରସଙ୍ଗର ଖୁବ୍ ଶୀଘ୍ର ସମାଧାନ ହୋଇଯିବ ବୋଲି ସେ ଆଶା କରିଛନ୍ତି।

## ଏବିଭିପିର ବିକ୍ଷୋଭ ପ୍ରଦର୍ଶନ


ଏବିଭିପି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇ କୁଶପୁତ୍ତଳିକା ଦାହ କରାଯାଉଛି।

**ବଲାଙ୍ଗୀର ଅଫିସ, ୧୭।୭**

ୟୁଜିସି ପକ୍ଷରୁ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟକୁ ସ୍ୱୀକୃତି ମିଳିନାହିଁ ବୋଲି ଜଣାପଡିବା ପରେ ଶନିବାର ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ(ଏବିଭିପି) ପକ୍ଷରୁ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ରାଜ୍ୟ ସରକାରଙ୍କୁ ସମାଲୋଚନା କରାଯାଇଥିଲା। ନାମକୁ ମାତ୍ର ବିଜ୍ଞପ୍ତିଟିଏ ପ୍ରକାଶ କରିଦେଇ ଏବଂ ନୀତିନିୟମନାଯାୟୀ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରାଯାଇନଥିବା ଅଭିଯୋଗ କରି ଏବିଭିପି ପକ୍ଷରୁ ପ୍ଲାଟିନମ୍ ଜୁବୁଲି ଗେଟ୍ ସମ୍ମୁଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। ରାଜ୍ୟ ସହସମ୍ପାଦକ ବିଜୟ କଲତା ଓ ନଗର ସମ୍ପାଦକ ରାହୁଲ ପାଣିଗ୍ରାହୀଙ୍କ ନେତୃତ୍ୱରେ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ କୁଳପତି ଉମାବଲ୍ଲଭ ମହାପାତ୍ରଙ୍କୁ ଭେଟି ସମସ୍ୟା ସମାଧାନ କରିବା ଦିଗରେ ପଦକ୍ଷେପ ନେବାକୁ ଦାବି କରିଥିଲେ।